

ପ୍ରସିଦ୍ଧ କଣ୍ଠଶିଳ୍ପୀ ସୁମନ କଲ୍ୟାଣପୁରଙ୍କ ପରଲୋକ ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 71 ଭାଗ ୩୪ | ସଂଖ୍ୟା ୭୧ | Tuesday 2 June 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର, ୨ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ୧୧ରେ ନୀତି ଆୟୋଗ ପରିଚାଳନା ପରିଷଦ ବୈଠକ

## ଆକ୍ସନ ଟେକେନ୍ ରିପୋର୍ଟ ମାଗିଲେ ସରକାର

### ଯୋଗଦେବେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ସଚିବ



ଭୁବନେଶ୍ୱର,୧।୬(ସଂଚାର ବ୍ୟୁରୋ): ଆସନ୍ତା ୧୧ତାରିଖରେ ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ନିତି ଆୟୋଗର ଗଭର୍ଣ୍ଣିଂ କାଉନସିଲ୍ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମୁଖ୍ୟ ସଚିବ ଅନୁ ଗର୍ଗ ଯୋଗଦେବେ। ଚଳିତବର୍ଷ ବୈଠକର ମୁଖ୍ୟ ଏଜେଣ୍ଡା 'ବିକଶିତ ଭାରତ ପାଇଁ ମାନବ ସମ୍ବଳ' ରଖାଯାଇଥିବାବେଳେ ଗତବର୍ଷ ପରିଚାଳନା ପରିଷଦରେ ନିଆଯାଇଥିବା ନିଷ୍ପତ୍ତି ଉପରେ ତୁରନ୍ତ ଆକ୍ସନ ଟେକେନ୍ ରିପୋର୍ଟ ଦାଖଲ ନିମନ୍ତେ ସବୁ ବିଭାଗକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି।

ନିତି ଆୟୋଗଙ୍କ ନିଷ୍ପତ୍ତି ସମ୍ପର୍କରେ ରାଜ୍ୟ ସରକାର ୨୦୨୫ ସେପ୍ଟେମ୍ବର ମାସରେ ନିଜର ବିଭାଗଗୁଡ଼ିକୁ ଅବଗତ କରିଥିଲେ। ଗତବର୍ଷର ଏହି ନିଷ୍ପତ୍ତି ଉପରେ ହୋଇଥିବା ଅଗ୍ରଗତିକୁ ଆଧାର କରି ୧୧ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ନିତି ଆୟୋଗ ବୈଠକ ନିମନ୍ତେ ଓଡ଼ିଶାର ରୋଡମ୍ୟାପ୍ ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି। ରାଜ୍ୟ ଉନ୍ନୟନ କମିଶନର ଦେଓରଞ୍ଜନ ସିଂ ଏନେଇ ସବୁ ବିଭାଗର ସଚିବଙ୍କୁ ଚିଠି ଲେଖି ଗତ ୨୦୨୫ ମେ' ୨୪ତାରିଖରେ ନିତି ଆୟୋଗର ଦଶମ ପରିଚାଳନା ପରିଷଦ ବୈଠକର ନିଷ୍ପତ୍ତିକୁ ଅନୁପାଳନ ଦିଗରେ ବିଭିନ୍ନ ବିଭାଗ ନେଇଥିବା ପଦକ୍ଷେପ ସମ୍ପର୍କରେ ଚୂଡ଼ାନ୍ତ ତଥ୍ୟ ଦାଖଲ ପାଇଁ କହିଛନ୍ତି।

ସୂଚନା ଅନୁସାରେ, ଗତବର୍ଷ ନିତି ଆୟୋଗ ପରିଚାଳନା ପରିଷଦ ବୈଠକରେ ପ୍ରାୟ ୨୫ରୁ ଅଧିକ ନିଷ୍ପତ୍ତି ନିଆଯାଇଥିଲା। ଏସବୁ ନିଷ୍ପତ୍ତିକୁ ଅନୁପାଳନ ଦିଗରେ ବିଭିନ୍ନ ବିଭାଗ ନେଇଥିବା ପଦକ୍ଷେପ ସମ୍ପର୍କରେ ଚୂଡ଼ାନ୍ତ ତଥ୍ୟ ଦାଖଲ ପାଇଁ କୁହାଯାଇଛି। ଯେଉଁଥିରେ ଶିଳ୍ପ ଓ ନଗର ଉନ୍ନୟନ ବିଭାଗକୁ ରାଜ୍ୟରେ ପୃଷ୍ଠା-୬

### ଅଭିଯୋଗ ଶୁଣାଣି ପ୍ରଶାସନିକ ବ୍ୟବସ୍ଥାର ଅଭିନ୍ନ ଅଙ୍ଗ

# ସରକାର ଉପରେ ବଢ଼ୁଛି ଲୋକଙ୍କ ଆସ୍ଥା

- ଖରା କମିଲେ ବିଭିନ୍ନ ଜିଲ୍ଲାରେ ଅଭିଯୋଗ ଶୁଣିବେ ମୁଖ୍ୟମନ୍ତ୍ରୀ
- ସିଙ୍ଗିଲ ୱିଣ୍ଡୋରେ ୧୩ ଜଣଙ୍କୁ ମିଳିଲା ୩.୬୦ ଲକ୍ଷ ଚିକିତ୍ସା ସହାୟତା
- ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୯୬%ର ସମାଧାନ
- ଜିଲ୍ଲାସ୍ତରରେ ୨.୪୦ ଲକ୍ଷ ଆବେଦନର ଶୁଣାଣି, ୯୨% ସମାଧାନ ହୋଇଛି
- ଶୁଣାଣିରେ ମୁଖ୍ୟମନ୍ତ୍ରୀଙ୍କ ସହ ୧୩ ମନ୍ତ୍ରୀ, ଏସିଏସ ଓ ସଚିବ ସାମିଲ୍



ଭୁବନେଶ୍ୱର,୧।୬ (ସଂଚାର ବ୍ୟୁରୋ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୮ତମ ପାଳିରେ ତାଙ୍କ ସହ ମନ୍ତ୍ରୀମଣ୍ଡଳର ୧୩ଜଣ ବରିଷ୍ଠ ମନ୍ତ୍ରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଅଭିଯୋଗ ଶୁଣାଣି ପ୍ରକ୍ରିୟା ରାଜ୍ୟ ପ୍ରଶାସନିକ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ପାଲଟି ଯାଇଛି।

ରାଜ୍ୟ ସରକାର ୨ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହୋଇଛି ଏବଂ ମୁଖ୍ୟମନ୍ତ୍ରୀ ଆଜିକୁ ମିଶାଇ ୧୮ ଥର ଶୁଣାଣି କରିସାରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କୁ ଭେଟି ତାଙ୍କ ଅଭିଯୋଗ ଗ୍ରହଣ କରିଥାନ୍ତି। ଅଭିଯୋଗ ଶୁଣାଣି ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ ଯୋଗୁ ପ୍ରଶାସନର ବିଭିନ୍ନ ସ୍ତରରେ ଏହାର ସୁପ୍ରଭାବ ପଡ଼ିଛି। ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଭାବେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ଚାଲିଛି। ଜିଲ୍ଲାସ୍ତରରେ ଏପ୍ରିଲ ମାସ ସୁଦ୍ଧା ୨.୪୦ ଲକ୍ଷ ଅଭିଯୋଗ ଶୁଣାଣି ହୋଇ ୯୨ ପ୍ରତିଶତ ସମାଧାନ ହୋଇଛି। ଏହାଦ୍ୱାରା ସାଧାରଣ ଲୋକମାନେ ସେମାନଙ୍କ ଆପତ୍ତି ପୃଷ୍ଠା-୬

## ନୂଆ ଦଳ ଗଢ଼ିବେ ଆନ୍ନାମଲାଇ

ଚେନ୍ନାଇ,୧।୬: ତାମିଲନାଡୁ ରାଜନୀତିରେ ଏବେ ଏକ ବଡ଼ ଧରଣର ହଲଚଲ ଦେଖିବାକୁ ମିଳିଛି। ରାଜ୍ୟ ବିଜେପିର ପୂର୍ବତନ ସଭାପତି କେ. ଆନ୍ନାମଲାଇ ଦଳ ଛାଡ଼ି ଏକ ନୂଆ ରାଜନୈତିକ ଦଳ ଗଠନ କରିବାକୁ ଯାଉଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ସୋସିଆଲ ମିଡିଆରେ ତାଙ୍କ ସମର୍ଥକମାନେ ଏହି ଦାବି କରୁଥିବା ବେଳେ, ଏହା ବିଜେପି ପାଇଁ ଏକ ଶକ୍ତ ଝଟକା ହୋଇପାରେ। ତାମିଲନାଡୁରେ ଟିଭିକେ ସରକାର ଗଠନ କରିବା ପରେ ଆନ୍ନାମଲାଇଙ୍କୁ ନେଇ କଳ୍ପନା ଜଳ୍ପନା ଲାଗି ରହିଛି। ସୋସିଆଲ ମିଡିଆରେ ତାଙ୍କର ସମର୍ଥକମାନେ ସମ୍ଭାବ୍ୟ ନୂଆ ପାର୍ଟିର ନାମ ଏବଂ ପତାକାର ଡିଜାଇନ୍ ସଂପର୍କରେ ପରାମର୍ଶ ଦେଉଥିବା ଦେଖିବାକୁ ମିଳିଛି। ରାଜନୈତିକ ସମୀକ୍ଷକଙ୍କ ଅନୁଯାୟୀ, ତାମିଲନାଡୁର ସୁପରଷ୍ଟାର୍ ବିଜୟ ଯେଉଁଭଳି ନିଜର ନୂଆ ଦଳ ଗଠନ କରି ରାଜନୀତିରେ ସଫଳତା ପାଇଛନ୍ତି, ଆନ୍ନାମଲାଇ ମଧ୍ୟ ସେହିଭଳି କିଛି ବଡ଼ ଯୋଜନା କରୁଥାଇପାରନ୍ତି। ଚଳିତ ମାସରେ ହିଁ ସେ ନିଜର ନୂଆ ଦଳ ବିଷୟରେ ଆନୁଷ୍ଠାନିକ ଘୋଷଣା କରିପାରନ୍ତି।

## ପୂରଣ ହେବ ୫ହଜାର ନର୍ସିଂ ପଦବୀ

ଭୁବନେଶ୍ୱର,୧।୬(ସଂଚାର ବ୍ୟୁରୋ): ତିନି ମାସ ଭିତରେ ପୂରଣ ହେବ ୫ହଜାର ନର୍ସିଂ ପଦବୀ। ଏନେଇ ଖୁବ୍ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ଏଥିସହ ମେଡିକାଲ କ୍ଷେତ୍ରରେ ଅନ୍ୟ ୫ହଜାର ପଦବୀ ପ୍ରକାଶ ପାଇବ। ମେଡିକାଲ କ୍ଷେତ୍ରକୁ ବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଆହୁରିମଧ୍ୟ ଇଣ୍ଟେଲ ଆସନ୍ତା ୫ ବର୍ଷ ଭିତରେ ଓଡ଼ିଶାରେ ୨୮ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରିବ ବୋଲି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଯାହା ଫଳରେ ଓଡ଼ିଶାର ଯୁବକଯୁବତୀଙ୍କୁ ଅଧିକ ନିଯକ୍ତି ମିଳିବ ବୋଲି କହିଛନ୍ତି ମନ୍ତ୍ରୀ ।

## ୧୧୪ ରାଫେଲ୍ କ୍ରୟ ଲାଗି ପ୍ରକ୍ରିୟା ଆରମ୍ଭ

ନୂଆଦିଲ୍ଲୀ,୧।୬: ଭାରତ ଫ୍ରାନ୍ସରୁ ୧୧୪ଟି ରାଫେଲ ଯୁଦ୍ଧବିମାନ କିଣିବ।ଏହି କ୍ରୟ ଲାଗି ଔପଚାରିକ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିରେ ପାଖାପାଖି ୩.୨୫ଲକ୍ଷ କୋଟି ଟଙ୍କାର କାରବାର ବୋଲି କୁହାଯାଉଛି। ଏହା ଦେଶରେ ଏ ପର୍ଯ୍ୟନ୍ତ ହୋଇଥିବା ସବୁଠୁ ବଡ଼ ପ୍ରତିରକ୍ଷା କ୍ରୟ ହେବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ସୂତ୍ର ଅନୁସାରେ, ମନ୍ତ୍ରଣାଳୟର ଅଧିଗ୍ରହଣ ଶାଖା ଗତ ସପ୍ତାହରେ ଫରାସୀ ସରକାରଙ୍କୁ ଲେଟର ଅଫ ରିକ୍ୱେଷ୍ଟ (ଏଲଓଆର) ପଠାଇ ଥିଲା।

## ଶାନ୍ତି ଆଲୋଚନାରୁ ଓହରିଲା ଇରାନ୍!

### ଟ୍ରମ୍ପ୍ କହିଲେ, କିଛି ଚୂଡ଼ାନ୍ତ ହୋଇନି



ତେହେରାନ୍,୧।୬: ଆମେରିକା ଓ ଇରାନ୍ ମଧ୍ୟରେ ଜାରି ରହିଥିବା ଶାନ୍ତି ଆଲୋଚନାକୁ ଏକ ଜବରଦସ୍ତ ଝଟ୍କା ଲାଗିଛି। ଦୁଇଦେଶ ମଧ୍ୟରେ ଯୁଦ୍ଧ ବିରତି ବୃଦ୍ଧି କରିବାକୁ ନେଇ କିଛିଦିନ ଧରି ଜାରି ରହିଥିବା ଶାନ୍ତି ଆଲୋଚନାକୁ ଇରାନ ସ୍ଥଗିତ ରଖିଛି। ଲେବାନନ୍‌ର ହିଜବୁଲା ଉପରେ ଆକ୍ରମଣକୁ ଜୋର କରିବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଦେଶର ସେନାବାହିନୀକୁ ନିର୍ଦ୍ଦେଶ ଦେବା ପରେ ଇରାନ୍ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଆରାଘ୍‌ଚି କହିଛନ୍ତି ଯେ, ଆମେରିକା ସହିତ ଯେଉଁ ଯୁଦ୍ଧବିରତି ଲାଗି ଆଲୋଚନା ଜାରି ରହିଛି ଏବଂ ଉଭୟ ପକ୍ଷ ପ୍ରାୟତଃ ପ୍ରସ୍ତାବିତ ରାଜିନାମା (ଏମଓୟୁ)ର ପାଖାପାଖି ଅଛନ୍ତି ବୋଲି କୁହାଯାଉଛି, ସେଥିରେ ଇରାନ୍ ଲେବାନନକୁ ବି ସାମିଲ୍ କରିଛି। ଏଭଳିସ୍ଥିତିରେ ଆମେରିକା ସହିତ ଆଉ ଯୁଦ୍ଧବିରତି ବୃଦ୍ଧି ଲାଗି ଆଲୋଚନା କରିବାର କୌଣସି ଅର୍ଥନାହିଁ ବୋଲି ଆରାଘ୍‌ଚି ସ୍ପଷ୍ଟ କରିଦେଇଛନ୍ତି। ଇରାନ୍‌ର ଏଭଳି ଘୋଷଣା ଦୁଇଦେଶ ମଧ୍ୟରେ ଜାରି ରହିଥିବା ଶାନ୍ତି ପ୍ରକ୍ରିୟାର ଅଗ୍ରଗତି ଦିଗରେ ପ୍ରତିବନ୍ଧକ ସାଜିବ ବୋଲି ଆଶଙ୍କା କରାଯାଉଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି ଯେ, ଶାନ୍ତି ପ୍ରକ୍ରିୟାକୁ ମଝିରେ ରଖି ଇରାନ୍ ଓହରିଯିବା କଥା ସେ ଜାଣିନାହାନ୍ତି। ସେ କହିଛନ୍ତି ଯେ, ଇରାନ୍ ଏଯାଏ ଶାନ୍ତି ପ୍ରକ୍ରିୟାରୁ ଓହରିବ ବୋଲି ନିଶ୍ଚିତ କରିନାହିଁ।

### ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବିରୋଧରେ ଅପପ୍ରଚାରକୁ କଡ଼ା ନିନ୍ଦା

## ସୋସିଆଲ ମିଡ଼ିଆ 'ଟୁଲକିଟ୍'ରେ ହେଉଛି ମିଛ ପ୍ରଚାର

- କଂଗ୍ରେସ ଓ କିଛି ନ୍ୟସ୍ତ ସ୍ୱାର୍ଥ ବିରୋଧୀଙ୍କ ହୀନ ଚକ୍ରାନ୍ତ
- ବିନା ସତ୍ୟତାରେ ମିଥ୍ୟା ପ୍ରଚାର କରାଯାଉଛି: ଆଇନ ମନ୍ତ୍ରୀ
- ସ୍ପଷ୍ଟତା ବିନା ଚର୍ଚ୍ଚା କରୁଥିବା ଅସହିଷ୍ଣୁଙ୍କୁ ଚେତାବନୀ
- କେନ୍ଦ୍ରମନ୍ତ୍ରୀଙ୍କ ସହ ନିଟ୍ ଅଭିଯୁକ୍ତ ମହିଳାଙ୍କ ଫଟୋ ମିଛ ପ୍ରମାଣିତ
- ଆମେରିକାରେ ଥିବା ଘର ସହ କେନ୍ଦ୍ରମନ୍ତ୍ରୀଙ୍କ ସମ୍ପର୍କ ଚର୍ଚ୍ଚା ଭିତ୍ତିହୀନ



ଭୁବନେଶ୍ୱର,୧।୬(ସଂଚାର ବ୍ୟୁରୋ): ବିଗତ କିଛି ଦିନ ହେବ ସାମାଜିକ ଗଣମାଧ୍ୟମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବଢ଼ୁଥିବା ସୁନାମ ଓ ସ୍ୱଚ୍ଛ ଭାବମୂର୍ତ୍ତିକୁ ନଷ୍ଟ କରିବା ପାଇଁ କିଛି ନିର୍ଦ୍ଦିଷ୍ଟ ନ୍ୟସ୍ତ ସ୍ୱାର୍ଥ ରଖିଥିବା ବିରୋଧୀ ଗୋଷ୍ଠୀ ଓ ସୋସିଆଲ ମିଡିଆ ମାଫିଆଙ୍କ ଦ୍ୱାରା ଏକ ଯୋଜନାବଦ୍ଧ ଅପପ୍ରଚାର କରାଯାଉଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ ଏବଂ ସାମାଜିକ ପ୍ରତିଷ୍ଠାକୁ କ୍ଷୁର୍ଣ୍ଣ କରିବା ଉଦ୍ଦେଶ୍ୟରେ ସମ୍ପୂର୍ଣ୍ଣ ମନଗଢ଼ା ଓ ଭିତ୍ତିହୀନ ତଥ୍ୟ ସାଧାରଣରେ ପ୍ରସାର କରାଯାଉଛି, ଯାହା ପ୍ରକୃତ ଅନୁସନ୍ଧାନ ଓ ତଥ୍ୟ ଆଧାରରେ ସମ୍ପୂର୍ଣ୍ଣ ମିଥ୍ୟା ପ୍ରମାଣିତ ହୋଇଛି। ଓଡ଼ିଶାର ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖିବା ସହ ଘଟଣାର ପ୍ରକୃତ ସତ୍ୟାସତ୍ୟ ଖୁବ୍ ଶୀଘ୍ର ପଦାକୁ ଆସିବ ବୋଲି କହିଛନ୍ତି। ସେହିପରି ରାଜ୍ୟ ବିଜେପି ମୁଖପାତ୍ର ଅନିଲ ବିଶ୍ୱାଲ ମଧ୍ୟ ଏ ସମ୍ପର୍କରେ ନିଜ ସୋସିଆଲ ମିଡିଆ ଆଇଡିରେ ଅପପ୍ରଚାରର ସବୁ ତଥ୍ୟ ଓ ପ୍ରମାଣ ରଖିବା ସହ ଅପପ୍ରଚାର ଠାରୁ ଦୂରେଇ ରହି ସତ୍ୟକୁ ବିଶ୍ୱାସ କରିବା ପାଇଁ କହିଛନ୍ତି ।

ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗ ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ହେଉଥିବା ଅପପ୍ରଚାର ଉପରେ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ବିରୋଧୀଙ୍କୁ କଡ଼ା ପୃଷ୍ଠା-୬

### କବିସୂର୍ଯ୍ୟନଗର ଥାନାରେ ଥାର୍ଡ ଡିଗ୍ରୀ

## ପିଟିପିଟି ମାରିଦେଲା ପୁଲିସ୍!

- ୨୫ରୁ ଥାନାରେ ଅଟକ ଥିଲା ସୁଶାନ୍ତ
- ପତ୍ନୀଙ୍କ ଅଭିଯୋଗ: ଢଳା ଯାଇଛି ଗରମ ପାଣି, କ୍ଷତରେ ଦିଆଯାଇଛି ଲଙ୍କା ଗୁଣ୍ଡ




କବିସୂର୍ଯ୍ୟନଗର,୧।୬(ସଂଚାର ବ୍ୟୁରୋ): ବିବାଦ ଓଡିଶା ପୁଲିସର ପିଛା ଛାଡୁନି। ବାଲିଅନ୍ତା ଓ ବାରଙ୍ଗ ଥାନା ଘଟଣା ପରେ କବିସୂର୍ଯ୍ୟନଗର ଥାନାରେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ମୃତ୍ୟୁ ନେଇ ଅଡୁଆରେ ପୁଲିସ ପ୍ରଶାସନ। ପୋଲିସର ନିର୍ଦ୍ଧୂମ ମାଡ଼ରେ ୩୨ ବର୍ଷୀୟ ସୁଶାନ୍ତ ସାହୁଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଛନ୍ତି ସୁଶାନ୍ତ। କବିସୂର୍ଯ୍ୟନଗର ଥାନାରେ ୩୨ ବର୍ଷୀୟ ଯୁବକ ସୁଶାନ୍ତ ସାହୁଙ୍କୁ ମାଡ ମାରି ଜୀବନରୁ ମାରି ଦେଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ମୃତ ସୁଶାନ୍ତଙ୍କ ଘର ସୁବୁଳିଆ ଗାଁରେ। ତାଙ୍କୁ ଗତ ୨୫ ତାରିଖରୁ ପୁଲିସ ଥାନାରେ ରଖିଥିଲା। ଆଉ ଏବେ ତାଙ୍କର ପୃଷ୍ଠା-୬

### ୪ଟି ମାମଲାର ତଦନ୍ତ କରିବ ଏଚଆରପିସି



ଭୁବନେଶ୍ୱର,୧।୬(ସଂଚାର ବ୍ୟୁରୋ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିବାଦରେ ଥିବା ପୁଲିସ ଏବେ ହାଜତରେ ଥାର୍ଡ ଡିଗ୍ରୀ ଓ ମୃତ୍ୟୁ ମାମଲାକୁ ନେଇ ପୁଣିଥରେ ବିବାଦୀୟ ହୋଇପଡ଼ିଛି। ରାଜ୍ୟ ସରକାରଙ୍କ କଡ଼ା ଆଭିମୁଖ୍ୟ ପରେ ପୁଲିସ ଡିଜି ୱାଇବି ଖୁରାନିଆ ଆଜି ହାଜତ ମୃତ୍ୟୁ ଓ ଥାର୍ଡ ଡିଗ୍ରୀର ୪ଟି ମାମଲାର ତଦନ୍ତ ଦାୟିତ୍ୱ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠ (ଏଚଆରପିସି)କୁ ନ୍ୟସ୍ତ କରିଛନ୍ତି। ଏହାସହିତ କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ ହୋଇଛି। ସେଠାରେ ଥିବା ପୃଷ୍ଠା-୬

## ସ୍ନାନଯାତ୍ରାରୁ ବାହୁଡ଼ା ଯାତ୍ରା ପାଇ ନୀତିନିର୍ଘଣ୍ଟ ଚୂଡ଼ାନ୍ତ

- ଶୃଙ୍ଖଳିତ ପହଣ୍ଡି ଓ ରଥଟଣା ଉପରେ ଗୁରୁତ୍ୱ
- ସାଢ଼େ ୯ଟାରେ ପହଣ୍ଡି, ୪ଟାରେ ରଥଟଣା



ପୁରୀ,୧।୬(ସଂଚାର ବ୍ୟୁରୋ): ମହାପ୍ରଭୁଙ୍କ ଆଗାମୀ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ା ଯାତ୍ରାକୁ ନେଇ ଛତିଶାନିଯୋଗ ବୈଠକରେ ନୀତି ନିର୍ଘଣ୍ଟ ଚୁଡାନ୍ତ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜେନ୍ଦ୍ରଭିଷେକ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତିନିର୍ଘଣ୍ଟ ଅନୁମୋଦିତ ହୋଇଛି। ସଅଳ ଦ୍ୱାରଫିଟା ଓ ଭୋରରୁ ମଙ୍ଗଳ ଆଳତି ଉପରେ ଗୁରୁତ୍ୱ ଦିଆଯାଇଛି।

ଗତବର୍ଷର ଅଘଟଣ ଯେଭଳି ପୁନରାବୃତ୍ତି ନ ହେବ, ତା' ଉପରେ ଗୁରୁତ୍ୱ ଦିଆଯାଇଛି। ଏଥର ଭୋରରୁ ମହାପ୍ରଭୁଙ୍କ ମଙ୍ଗଳ ଆଳତି ହେବ। ସ୍ନାନଯାତ୍ରାରେ ପହଣ୍ଡି ବିଜେ, ପୃଷ୍ଠା-୬






### ଭକ୍ତଙ୍କୁ ବରିଷ୍ଠଙ୍କ ନିଶାଣ

## ଖୋଲାଖୋଲି ଅସନ୍ତୋଷ ଝାଡ଼ିଲେ ନିରଞ୍ଜନ



### ତାଳି ପକାଇଲେ ସାଲୁଜା

ଭୁବନେଶ୍ୱର,୧।୬(ସଂଚାର ବ୍ୟୁରୋ): ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କୁ ନିଶାଣ କରିଛନ୍ତି ଦଳର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ। ଜୟଦେବଙ୍କ ପରେ ନିରଞ୍ଜନଙ୍କ ନିଶାଣ ଏବେ ରାଜ୍ୟ କଂଗ୍ରେସରେ ହଇଚଇ ସୃଷ୍ଟି କରିଛି। ତେବେ ଅନ୍ୟତମ ବରିଷ୍ଠ ନେତା ସନ୍ତୋଷ ସିଂହ ସାଲୁଜା ଭକ୍ତଙ୍କ ସପକ୍ଷରେ ବାହାରି ତାଳିପକା କାମ କରିଛନ୍ତି।

ଭଣ୍ଡାରୀପୋଖରୀରେ ଏକ କାର୍ଯ୍ୟକ୍ରମରେ ନିରଞ୍ଜନ କହିଛନ୍ତି କଂଗ୍ରେସରେ ନିଜ ନିଜ ଭିତରେ ଦ୍ୱନ୍ଦ ବଢୁଛି। ଦ୍ୱନ୍ଦ ରହିଲେ ଦଳ କେବେ ଆଗକୁ ବଢ଼ିବ ନାହିଁ। ଦଳକୁ ଭାଙ୍ଗିବା ପାଇଁ ନୁହେଁ ତିଆରି କରିବା ମନବୃତ୍ତି ରହିବା ଆବଶ୍ୟକ। ବ୍ୟକ୍ତିଗତ ଅହଂକାର ଓ ହାକିମାତି ପାଇଁ ଦଳରେ ଦ୍ୱନ୍ଦ କରାଯାଉଛି। ଜୟଦେବଙ୍କ ପରେ ନିରଞ୍ଜନଙ୍କ ଏଭଳି ମନ୍ତବ୍ୟ କଂଗ୍ରେସରେ କମ୍ପନ ସୃଷ୍ଟି କରିଥିବାବେଳେ ସାଜୁଲା କହିଛନ୍ତି ଭକ୍ତଙ୍କ ନେତୃତ୍ୱରେ ପଂଚାୟତ ନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ।

ନିରଞ୍ଜନଙ୍କର ଏଇ କେଇପଦ କଥା ରାଜ୍ୟ କଂଗ୍ରେସର ଗହନ କଥାକୁ ପଦାକୁ ଆଣିଛି। ଯାହାକୁ ନେଇ କଂଗ୍ରେସ ରାଜନୀତି ହଲଚଲ। ପରୋକ୍ଷରେ ନେତୃତ୍ୱକୁ ଇସାରେ କରି ନିରଜଂନ କହିଛନ୍ତି ଆଦେଶ ଦେଲେ କଂଗ୍ରେସ ସଂଗଠନ ବଢ଼ିବ ନାହିଁ। ଯିଏ ରାଜନୀତି କରିବ ସେ ସବୁ କଥାକୁ ସହିବାକୁ ଧର୍ଯ୍ୟ ରଖିବା ଦରକାର। ଭାଷଣବାଜି କି ହାଓ୍ୱାରେ ନୁହେଁ, ଲୋକଙ୍କ ସହ ସମ୍ପର୍କ ବଢ଼ାଇଲେ କଂଗ୍ରେସ ସ୍ଥିତିରେ ପରିବର୍ତ୍ତନ ଆସିବ।

ପିସିସି ସଭାପତିଙ୍କୁ ନିଶାନା କରି ପୂର୍ବତନ ପିସିସି ସଭାପତିଙ୍କ ଭାଷଣ ସଂକ୍ରାନ୍ତରେ ରାଜନୈତିକ ସମୀକ୍ଷକ କହିଛନ୍ତି ରାଜ୍ୟ କଂଗ୍ରେସ ସଂଗଠନରେ ଯେ ସବୁକିଛି ଠିକ ନାହିଁ ତାହା ଜଣକ ପରେ ଜଣେ ବରିଷ୍ଠ ନେତା ମୁହଁ ଖୋଲିବା ପ୍ରମାଣିତ କରିଛି। ନିକଟରେ ବରିଷ୍ଠ ନେତା ଜୟଦେବ ଜେନା, ବିଧାୟକ ତାରା ପ୍ରସାଦ ବାହିନୀପତି ଦଳର ସାଂଗଠନିକ ସ୍ଥିତିକୁ ନେଇ ମୁହଁ ଖୋଲିସାରିଛନ୍ତି। ଏହାରି ଭିତରେ ନିରଞ୍ଜନଙ୍କ ଖୋଲା ଚେତାବନୀ ରାଜ୍ୟ ପୃଷ୍ଠା-୬

# ମହାନଦୀ କୂଳରେ ବେନାମୀ ଚିଙ୍ଗୁଡ଼ି ଘେରି

## ପ୍ରଶାସନର ନୀରବତାକୁ ନେଇ ପ୍ରଶ୍ନ



ମହାକାଳପଡ଼ା,୧।୬ (ସଂଚାର ବ୍ୟୁରୋ): ମହାକାଳପଡ଼ା ତହସିଲ ଅନ୍ତର୍ଗତ ପାଟୁଲିପଙ୍କ ପଞ୍ଚାୟତର ନୀଳାଚଳ ଛକରୁ ରୋମିତ ଯିବା ରାସ୍ତା କଡ଼ରେ ମହାନଦୀ କୂଳକୁ ଲାଗି ବହୁ ସଂଖ୍ୟକ ବେନାମୀ ଚିଙ୍ଗୁଡ଼ି ଘେରି ଗଢ଼ି ଉଠିଥିବା ଅଭିଯୋଗ ହୋଇଛି। ସରକାରଙ୍କ ଦ୍ୱାରା ବେନାମୀ ଚିଙ୍ଗୁଡ଼ି ଚାଷ ଉପରେ କଟକଣା ଥିବା ସତ୍ତ୍ୱେ ଏହି ଅଞ୍ଚଳରେ ବେଆଇନ ଭାବେ ଘେରି ପରିଚାଳନା ହେଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ଚିଙ୍ଗୁଡ଼ି ଘେରିଗୁଡ଼ିକରେ ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ବ୍ୟବହାର କରାଯାଉଛି। ପରେ ସେହି ଦୂଷିତ ପାଣିକୁ ସିଧାସଳଖ ମହାନଦୀକୁ ଛାଡ଼ି ଦିଆଯାଉଥିବାରୁ ନଦୀର ଜଳ ଦୂଷିତ ହେଉଛି। ଏହା ଜଳଜୀବ, ପରିବେଶ ଓ ସାଧାରଣ ଲୋକଙ୍କ ଜୀବନ ପ୍ରତି ବଡ଼ ବିପଦ ସୃଷ୍ଟି କରୁଥିବା ମତ ପ୍ରକାଶ ପାଇଛି।

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏତେ ବଡ଼ ଧରଣର ବେଆଇନ ଘେରି ଚାଷ ଚାଲିଥିବା ସତ୍ତ୍ୱେ ମହାକାଳପଡ଼ା ତହସିଲଦାର ଓ ସମ୍ପୃକ୍ତ ରେଭେନ୍ୟୁ ଇନ୍ସପେକ୍ଟର ଏ ସମ୍ପର୍କରେ କିପରି ଅବଗତ ନୁହଁନ୍ତି? ନା ଜାଣିଶୁଣି ଚୁପ୍ ବସି ରହିଛନ୍ତି? ଏହାକୁ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନ ଉଠୁଛି।ପରିବେଶ ଦୂଷଣ ସହିତ ସରକାରୀ ଜମି ଦଖଲ ଏବଂ ରାଜସ୍ୱ କ୍ଷତି ହେଉଥିବା ଅଭିଯୋଗ ମଧ୍ୟ ହେଉଛି। ତୁରନ୍ତ ଏହାର ତଦନ୍ତ କରି ବେଆଇନ ଘେରି ଉଚ୍ଛେଦ ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

### ବାପାଙ୍କ ଶୁଦ୍ଧିକ୍ରିୟା ପାଇଁ ଭିକ୍ଷା ମାଗିବା ଘଟଣା

## କେନ୍ଦ୍ରାପଡ଼ା ସାଂସଦ ଓ ପ୍ରଶାସନ ପକ୍ଷରୁ ସହାୟତା




ଡେରାବିଶ,୧।୬(ସଂଚାର ବ୍ୟୁରୋ): ୬ମାସ ପୂର୍ବରୁ ମା ଓ ୯ଦିନ ତଳେ ପିତାଙ୍କ ଅକାଳ ବିୟୋଗ ପରେ ଏକ ପ୍ରକାରର ଅସହାୟ ହୋଇପଡିଥିବା ଦୁଇ ନାବାଳିକା ଝିଅ ନିଜ ବାପାଙ୍କ ଶୁଦ୍ଧିକ୍ରିୟା ପାଇଁ ଘର ଘର ବୁଲି ଭିକ୍ଷା ମାଗିବା ଘଟଣାଟି ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ଦୁଃଖର ବିଷୟ ପାଲଟିଛି । ଡେରାବିଶ ବ୍ଲକ ଅନ୍ତର୍ଗତ ଇନ୍ଦାଳ ପଂଚାୟତ ଅଢ଼ଙ୍ଗା ଗାଁର ମୃତ ଗୌତମ ଜେନାଙ୍କ ମୃତ୍ୟୁ ଘଟିଯାଇଥିବା ବେଳେ ଗୋଟିକ ପରେ ଗୋଟିଏ ଏଭଳି ଅଘଟଣ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିଲା । ମାଆ ପରେ ବାପାଙ୍କ ଶୁଦ୍ଧକ୍ରିୟା ପାଇଁ ୧୩ବର୍ଷ ନାବାଳିକା କନ୍ୟା ରୁପାଲୀ ଓ ୯ବର୍ଷର ସାନ ଝିଅ ପ୍ରଭାସିନୀ ଘର ଘର ବୁଲି ଭିକ୍ଷା ମାଗିବା ଘଟଣା ଦୈନିକ 'ସଂଚାର' ପ୍ରକାଶିତ ହେବା ପରେ ଖବର ପହଞ୍ଚିଥିଲା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପାଖରେ। ଶ୍ରୀ ପଣ୍ଡା ଏହି ଖବର ପାଇବା ମାତ୍ରେ ଜିଲ୍ଲା ପ୍ରସାଶନ ଓ ବ୍ଲକ୍ ପ୍ରଶାସନକୁ ଅବଗତ କରାଇବା ପରେ ଅନାଥ ଦୁଇ କନ୍ୟାଙ୍କ ଘରେ ଆଜି ପହଞ୍ଚିଛି ପ୍ରଶାସନ । ଡେରାବିଶ ବ୍ଲକ ବିଡିଓ ନମିତ ବାରିକ୍ ଓ ତହସିଲଦାର ସରୋଜ କୁମାର ସାହୁ ଦୁଇ ନାବାଳିକାଙ୍କୁ ଜିଲ୍ଲା ରେଡ୍ କ୍ରସ୍ ପକ୍ଷରୁ ୧୦ହଜାର ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିବା ବେଳେ ଆଗାମୀ ଦିନରେ ଅନ୍ତର୍ଦ୍ଦ୍ୟ ଗୃହ ସହିତ ଦୁହିଁଙ୍କୁ ବିପିଲ୍ ରେ ଅନ୍ତର୍ଭୁକ୍ତ କରାଯାଇ ମାସିକ ୩୫କିଲୋ ଚାଉଳ ଯୋଗାଇ ଦେବାକୁ ବିଡ଼ିଓ ଶ୍ରୀମତୀ ବାରିକ୍ ପ୍ରତିଶ୍ରୁତି ଦେଇଥିଲେ। ଏହା ସହିତ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପକ୍ଷରୁ ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯିବା ସହ ଦୁଇ ନାବାଳିକାଙ୍କ ଶିକ୍ଷା କ୍ଷେତ୍ରରେ ଶ୍ରୀ ପଣ୍ଡା ସବୁ ପ୍ରକାରର ସହଯୋଗର ହାତ ବଢ଼ାଇବା ନେଇ ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି ପ୍ରଜେଶ୍ ନାୟକଙ୍କ ପକ୍ଷରୁ ସୂଚନା ମିଳିଥିଲା।

### ଯୁବକଙ୍କୁ ହାତ ଗୋଡ଼ ବାନ୍ଧି ମରଣାନ୍ତକ ଆକ୍ରମଣ ସହ ଅପହରଣ ଅଭିଯୋଗ

## ଥାନା ଘେରାଉ କଲେ ପରିବାର ଲୋକ




ଆଳି,୧।୬(ସଂଚାର ବ୍ୟୁରୋ): ଆଳି ଥାନା ଅନ୍ତର୍ଗତ ମହାଦେଇ ପାଟଣା ଗ୍ରାମର ଅରୁଣ ସେଠୀଙ୍କ ପୁଅ ଗୌରାଙ୍ଗ ସେଠୀଙ୍କୁ କିଛି ବ୍ୟକ୍ତି ହାତ ଗୋଡ଼ ବାନ୍ଧି ମାଡ଼ ମାରି ଅପହରଣ କରିବା ଘଟଣାକୁ ପାଞ୍ଚ ଦିନ ବିତି ଯାଇଥିବା ବେଳେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନଥିବାରୁ ଆଳି ଥାନା ଘେରାଉ କରିଛନ୍ତି ପରିବାର ଲୋକ । ସୂଚନା ମୁତାବକ ଆଳି ଥାନା ଅନ୍ତର୍ଗତ ମହାଦେଇପାଟଣା ଗ୍ରାମର ଗୌରାଙ୍ଗ ସେଠୀ ଗ୍ରାମର କିଛି ବ୍ୟକ୍ତିଙ୍କ ଗାଡିର କାଚ ଭାଙ୍ଗି ଦେଇଥିଲେ। ଏହି ଘଟଣା ପରେ ଗୌରାଙ୍ଗଙ୍କ ହାତ ଗୋଡ଼ ବାନ୍ଧି ୬ ଜଣରୁ ଉର୍ଦ୍ଧ ବ୍ୟକ୍ତି ନିସ୍ଠୁକ ମାଡ଼ ମାରି ଅପହରଣ କରି ନେଇଥିବା ନେଇ ପରିବାର ଲୋକ ଆଳି ଥାନାରେ ଅଭିଯୋଗ କରିଥିଲେ । ପରିବାର ପକ୍ଷରୁ ଆଳି ଥାନାରେ ପାଞ୍ଚ ଦିନ ହେବ ଅଭିଯୋଗ ହୋଇଥିବା ବେଳେ ପୋଲିସ କିଛି କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ କରି ସୋମବାର ଅପରାହ୍ନରେ ଆଳି ଥାନା ଘେରାଉ କରିଥିଲେ । ସ୍ପଷ୍ଟ ଦିବାଲୋକରେ ଗୌରାଙ୍ଗଙ୍କୁ ବିଚ ରାସ୍ତାରେ ହାତ ଗୋଡ଼ ବାନ୍ଧି ମାଡ଼ ମରାଯିବା ସହ ଅପହରଣ କରା ଯାଇଥିବା ବେଳେ ପୋଲିସ ଗୌରାଙ୍ଗର ଠିକଣା ପାଉଛି ନା ଅପହରଣ କାରୀଙ୍କ ନିକଟରେ ପହଞ୍ଚି ପାରୁଛି । ପୋଲିସ ଅନ୍ଧାରରେ ବାଡ଼ି ବୁଲାଉଥିବା ବେଳେ ଘଟଣାରେ ସାମିଲ ଥିବା ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ତେବେ ଘଟଣାକୁ ପାଞ୍ଚ ଦିନ ବିତି ଯାଇଥିବା ବେଳେ ଗୌରାଙ୍ଗ ଏବେ ଜୀବିତ କି ମୃତ ତାହା ସ୍ପଷ୍ଟ ଜଣା ପଡ଼ିନାହିଁ । ଅପର ପକ୍ଷରେ ନିଖୋଜ ଗୌରାଙ୍ଗଙ୍କୁ ବିଚ ରାସ୍ତାରେ ହାତଗୋଡ଼ ବାନ୍ଧି ମାଡ଼ ମରାଯିବା ଓ ନଦୀ ପଠାରେ ଗୋଡ଼ ହାତ ବନ୍ଧା ଅବସ୍ଥାରେ ପଡି ପାଣି ମାଗିବା ଭିଡିଓ ଭାଇରଲ ହେବା ପରେ ଆଳି ପୋଲିସର ପାରିବା ପଣିଆ ଉପରେ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି ।

## ଶ୍ରୀବଳଦେବଜୀଉ ମନ୍ଦିର ବାଇପାସ ରାସ୍ତା ଜବରଦଖଲ ମୁକ୍ତ ଦାବି



କେନ୍ଦ୍ରାପଡ଼ା,୧।୬ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିରକୁ ଯିବା ପାଇଁ ଥିବା ବାଇପାସ ରାସ୍ତାକୁ ଜବରଦଖଲମୁକ୍ତ କରାଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି । କେନ୍ଦ୍ରାପଡା ସହର ମଧ୍ୟ ଦେଇ ଯାଇଥିବା ତିନିମୁହାଣୀ- ଅଙ୍ଗୁଳେଇ ରାସ୍ତାର କେଶପୁର ବଜାର, ବଡମଙ୍ଗଳା, ସାନମଙ୍ଗଳା ପ୍ରଭୃତି ଦେଇ ଶ୍ରୀଜୀଉଙ୍କ ମନ୍ଦିର ନିକଟକୁ ମୁଖ୍ୟ ରାସ୍ତା ରହିଛି । କିନ୍ତୁ ସାନ୍ତସାହି ଠାରୁ କେନ୍ଦ୍ରାପଡା କେନାଲବନ୍ଧରେ ଅବକାରୀ କାର୍ଯ୍ୟାଳୟ ଦେଇ ଶ୍ରୀଜୀଉଙ୍କ ମନ୍ଦିର ନିକଟକୁ ଅନ୍ୟ ଏକ ବାଇପାସ ରାସ୍ତା ମଧ୍ୟ ରହିଛି। ଜାନିଯାତ୍ରା ଓ ରଥଯାତ୍ରା ସମୟରେ ଭକ୍ତ, ଶ୍ରଦ୍ଧାଳୁ, ଯାତ୍ରୀ ଓ ଦର୍ଶନାର୍ଥୀମାନେ ସହର ପଟୁ ଏହି ବାଇପାସ ରାସ୍ତାରେ ମାଉସୀମା ମନ୍ଦିର ରଥଦାଣ୍ଡକୁ ଯାଇଥାନ୍ତି। ଶ୍ରୀଜୀଉଙ୍କ ପୂଜା ପାର୍ବଣ ଓ ରଥଯାତ୍ରା ସମୟରେ ମୁଖ୍ୟ ରାସ୍ତାରେ ଭିଡ କମାଇବା ପାଇଁ ଏହି ବାଇପାସ ରାସ୍ତାକୁ ମନ୍ଦିର ଯିବା ପାଇଁ ଏକପାଖିଆ ରାସ୍ତା ଭାବେ ବ୍ୟବହାର କରାଯାଇଥାଏ। ଏଥିସହିତ ମନ୍ଦିର ନିକଟରୁ ସହର ଆଡକୁ ଆସିବା ପାଇଁ ସହରର ମୁଖ୍ୟ ରାସ୍ତା ଦେଇ ଫେରିବାକୁ ପଡିଥାଏ । କିନ୍ତୁ ଏହି ରାସ୍ତାର କେନ୍ଦ୍ରାପଡା ପୌରାସଂସ୍ଥା ଅଧିନ ୨ନମ୍ବର ୱାର୍ଡରେ ଥିବା ବଡବାରଙ୍ଗ ଗ୍ରାମର ସ୍କୁଲ ଛକ ପାଖରୁ ମଧ୍ୟଖଣ୍ଡୀ ପର୍ଯ୍ୟନ୍ତ ଥିବା ବାଇପାସ ରାସ୍ତାକୁ ଜବରଦଖଲ କରାଯାଇଥିବାରୁ ରାସ୍ତାଟି ଅତ୍ୟନ୍ତ ଅଣଓସାରିଆ ବା ଶଙ୍କୁଚିତ ହୋଇପଡିଛି।

ପୌର କର୍ତୃପକ୍ଷ ସ୍କୁଲ ନିକଟରୁ ମାତ୍ର ଅଳ୍ପ କେତେ ବାଟ ନୂତନ ରାସ୍ତା କରି ଛାଡିଦେଇଛନ୍ତି।

### ସାନ୍ତସାହି - ଇଛାପୁର ମନ୍ଦିର ରାସ୍ତାରୁ ଜବରଦଖଲ ହଟାଯାଉ

ଏହି ରାସ୍ତା ପାଖରେ ଥିବା ପାକୃତିକ ଡ୍ରେନଟି ପୋତି ହୋଇ ପଡିଥିବାରୁ ଗ୍ରାମବାସୀ ସେମାନଙ୍କ ଗୃହର ଉଦବୃଜଳକୁ ରାସ୍ତା ଉପରକୁ ଛାଡି ଦେଉଥିବାରୁ ଅନେକ ସମୟରେ ସେହି ରାସ୍ତା ଉପରେ ପାଣି ଲହଡି ମାରୁଥାଏ । ସେହି ରାସ୍ତାର ଉଭୟ ପାର୍ଶ୍ୱର୍ରେ ବିଭିନ୍ନ ଗଛଲତା ମାଡି ରାସ୍ତାଟିକୁ ଆହୁରି ଶଙ୍କୁଚିତ କରିଦେଇଛି । ଫଳରେ ସେହି ଅଣଓସାରିଆ ରାସ୍ତା ଦେଇ ଯିବା ଆସିବା କରିବାରେ ବହୁ ସମସ୍ୟା ଉପୁଜୁଛି ।

ତେଣୁ ଜନସାଧାରଣଙ୍କ ବୃହର ସ୍ୱାର୍ଥ ଦୃଷ୍ଟିରୁ ବଡବାରଙ୍ଗ ମଧ୍ୟଖଣ୍ଡୀ ବାଇପାସ ରାସ୍ତାକୁ ମାପ କରାଯାଇ ଓସାରିଆ କରାଯିବାକୁ ଗ୍ରାମର ବରିଷ୍ଠ ନାଗରିକ ଶିକ୍ଷାବୀତ ତଥା ଅବସରପ୍ରାପ୍ତ ଷ୍ଟେଟବ୍ୟାଙ୍କ ଅଧିକାରୀ ଗଣେଶ୍ୱର ମେକାପ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ପଦକ୍ଷେପ ପାଇଁ ଦାବି କରିଛନ୍ତି । ଏଥିସହିତ ଅଭିଯୋଗର ନକଲ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଓ କେନ୍ଦ୍ରାଳ ରାଜସ୍ୱ ଆୟୁକ୍ତଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦେଇଛନ୍ତି ।

## ଟ୍ରଷ୍ଟ ପକ୍ଷରୁ ବିବାହ ସହାୟତା ପ୍ରଦାନ



କେନ୍ଦ୍ରାପଡ଼ା,୧।୬(ସଂଚାର ବ୍ୟୁରୋ):ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିବାହ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ସୁଦୂର ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡକ୍ଟର ଦେବେନ୍ଦ୍ର କୁମାର ଦାସଙ୍କ ପରାମର୍ଶ କ୍ରମେ ଟ୍ରଷ୍ଟି ଭୁବନମୋହନ ଦାସ କେନ୍ଦ୍ରାପଡା ସହରର ଚାଟରାପାଟଣା ଗ୍ରାମର ଅକ୍ଷୟ କୁମାର ସ୍ୱାଇଁଙ୍କ ଝିଅ ରଶ୍ମିତା ସ୍ୱାଇଁକୁ ଏହି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସହାୟତା ପ୍ରଦାନ ସମୟରେ ହିମାଂଶୁଶେଖର ପାତ୍ର ଉପସ୍ଥିତ ଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଟ୍ରଷ୍ଟ ପକ୍ଷରୁ ବନ୍ୟା, ବାତ୍ୟା ଓ ଘରପୋଡି ପ୍ରାକୃତିକ ବିପର୍ଯ୍ୟୟ ପ୍ରପିଡିତ, ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଏବଂ ଗରୀବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ପାଇଁ ମେଧାବୃତ୍ତି ସହାୟତା ବିଭିନ୍ନ ସମୟରେ ପ୍ରଦାନ କରାଯାଇଥାଏ ।

## କାଚରାସାହି ପଞ୍ଚାୟତରେ ଜବର ଦଖଲ ଉଚ୍ଛେଦ



କୋରେଇ,୧।୬ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ କଚରାସାହି ପଂଚାୟତର ସହଙ୍ଗା ଗ୍ରାମରେ ଆଜି ବ୍ୟାସନଗର ତହସିଲ ପ୍ରଶାସନ ପକ୍ଷରୁ ବଡ଼ ଧରଣର ଜବର ଦଖଲ ଉଚ୍ଛେଦ କାର୍ଯ୍ୟକ୍ରମ କରାଯାଇଛି। ପାଖାପାଖି ୫ଏକର ସରକାରୀ ଜମି ଜବର ଦଖଲ ଓ ଏଠାରେ ହୋଇଥିବା ବେଆଇନ ଘର ନିର୍ମାଣ ଅଭିଯୋଗକୁ ନେଇ ତହସିଲ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହି ଜବର ଦଖଲ ଉଛେଦ କାର୍ଯ୍ୟକ୍ରମ ସମୟରେ ଆଡିସିନାଲ ତହସିଲଦାର ଶ୍ରୀ ପ୍ରଶାନ୍ତ କୁମାର ପୁହାଣ, କୋରେଇ ଥାନା ଅଧିକାରୀ ଶ୍ରୀ ରାକେଶ କୁମାର ତ୍ରିପାଠୀ'ଙ୍କ ସମେତ ୪ଜଣ ଆର.ଆଇ ଏବଂ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିବା ସୁଚନା ଅବଗତ ହୋଇଛି।

## ଦଳୁଆଣି-ପଦ୍ମପୁର ରାସ୍ତା କାମରେ ବ୍ୟାପକ ଅନିୟମିତତା ଅଭିଯୋଗ

### ନିମ୍ନମାନର କଂକ୍ରିଟ୍ କାମ, ଫଳକ ନାହିଁ

### ଯନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା



କେନ୍ଦ୍ରାପଡ଼ା,୧।୬ (ସଂଚାର ବ୍ୟୁରୋ): ଦଳୁଆଣି ଠାରୁ ପଦ୍ମପୁର ପର୍ଯ୍ୟନ୍ତ ୫.୫୦୦ କିଲୋମିଟର ରାସ୍ତା ଉନ୍ନତିକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ନେଇ ଲୋକେ ପ୍ରଶ୍ନ ଉଠାଇଥିବା ବେଳେ ବିଭାଗୀୟ ତଦାରଖର ଅଭାବ ମଧ୍ୟ ସ୍ପଷ୍ଟ ହେଉଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାସ୍ତା ପାର୍ଶ୍ୱରେ ନିର୍ମାଣ ହେଉଥିବା କଂକ୍ରିଟ ୱାଲ୍‌ରେ ନିର୍ଦ୍ଧାରିତ ମାନକ ଅନୁସରଣ କରାଯାଉ ନାହିଁ। ପଥର ଚିପ୍ସ ବଦଳରେ ଅଧିକ ପରିମାଣର ଗୋଡ଼ି ଓ ବାଲି ବ୍ୟବହାର କରାଯାଉଥିବାରୁ କାର୍ଯ୍ୟର ସ୍ଥାୟୀତ୍ୱ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ କାର୍ଯ୍ୟର ଗୁଣବତ୍ତା ପ୍ରତି ଅବହେଳା ହେଉଥିବା ଅଭିଯୋଗ ଉଠିଛି।

ଅନ୍ୟପଟେ, କାର୍ଯ୍ୟସ୍ଥଳରେ ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତି ପ୍ରାୟ ଦେଖିବାକୁ ମିଳୁନଥିବାରୁ ଠିକାଦାରଙ୍କ କାର୍ଯ୍ୟକଳାପ ଉପରେ କୌଣସି ନିୟନ୍ତ୍ରଣ ନଥିବା ଚର୍ଚ୍ଚା ହେଉଛି। ନିୟମିତ ତଦାରଖ ଅଭାବରୁ କାର୍ଯ୍ୟରେ ଅନିୟମିତତା ବଢ଼ୁଥିବା ବୋଲି ସ୍ଥାନୀୟ ବାସିନ୍ଦା ମତ ପ୍ରକାଶ କରିଛନ୍ତି।

ଏହାସହ ପ୍ରକଳ୍ପ ସମ୍ବନ୍ଧୀୟ ସୂଚନା ଫଳକ ଲଗାଯାଇ ନଥିବାରୁ କାର୍ଯ୍ୟର ସ୍ୱଚ୍ଛତା ନେଇ ମଧ୍ୟ ପ୍ରଶ୍ନ ଉଠିଛି। କାମର ମୂଲ୍ୟ, ଠିକାଦାରଙ୍କ ନାମ, କାର୍ଯ୍ୟ ଅବଧି ଓ ବିଭାଗୀୟ ବିବରଣୀ ଲୋକଙ୍କ ଜାଣିବା ଅଧିକାର ମଧ୍ୟରେ ଥିଲେ ମଧ୍ୟ ତାହାକୁ ସାର୍ବଜନୀନ କରାଯାଇନଥିବା ଅଭିଯୋଗ ହୋଇଛି।

ଏନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ନିର୍ମାଣ ସାମଗ୍ରୀର ଗୁଣବତ୍ତା ଯାଞ୍ଚ କରିବା ସହ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସେମାନେ ପ୍ରଶାସନଙ୍କ ନିକଟରେ ଦାବି ଜଣାଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଅରିଲୋ ଶାସନ ସାମଲ ସାହିରେ ଚୋରା ମଦ କାରବାର ବୃଦ୍ଧି

### ମାସିକିଆ ଚାନ୍ଦା ନେଇ ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନ ଚୁପ୍



ମାହାଙ୍ଗା,୧।୬ (ସଂଚାର ବ୍ୟୁରୋ): ଏବେ ମାହାଙ୍ଗା ଅଞ୍ଚଳର ଗାଁ, ବଜାର, ଛକ, ମନ୍ଦିର ଓ ବିଦ୍ୟାଳୟ ନିକଟରେ ଚୋରା ମଦ ବ୍ୟବସାୟୀମାନେ ସକ୍ରିୟ ହୋଇ ଦିନ ଦ୍ୱିପ୍ରହରରେ ନିର୍ଭୟରେ ବେଆଇନ ଭାବେ ଚୋରା ମଦ ବ୍ୟବସାୟ କରି ମାଲେ ମାଲେ ହେଉଛନ୍ତି। ପ୍ରକାଶ ଥାଉ କି ସାହାପୁର ପଞ୍ଚାୟତ ଅରିଲୋ ଶାସନ ଗ୍ରାମର ସାମଲ ସାହିରେ ଦୀର୍ଘ ବର୍ଷ ଧରି ଚିନ୍ତାମଣୀ ସାମଲ ନାମକ ଜଣେ ବ୍ୟକ୍ତି ଚୋରା ମଦ କାରବାର କରୁଛନ୍ତି। ଯାହା ଫଳରେ ଏହି ଗ୍ରାମର ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ସକାଳ ୬ଟା ଠାରୁ ରାତ୍ର ୧୨ ଟା ପର୍ଯ୍ୟନ୍ତ ମଦୁଆ ମାନେ ଚିନ୍ତାମଣିଙ୍କ ଠାରୁ ମଦ ପିଇ ଏହି ଗାଁ ରାସ୍ତା ଦେଇ ଯାଉଥିବା ସମୟରେ ବିଭିନ୍ନ ପ୍ରକାର ଅଶ୍ଳିଳ ଭାଷାରେ ଗାଳିଗୁଲଜ କରୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏପରିକି ମଦୁଆଙ୍କ ଭୟରେ ଗାଁ ର ଝିଅ ଓ ମହିଳା ମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି।

ଏ ନେଇ ଅବକାରୀ ବିଭାଗ ହେଉ କି ପୋଲିସ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏହି ଚୋରା ମଦ ବ୍ୟବସାୟୀ ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନକୁ ମାସିକିଆ ମୋଟା ରକମର ଚାନ୍ଦା ଦେଇ ନିର୍ଭୟରେ ମନଇଛା ଦିନ ରାତି ତମାମ ଚୋରା ମଦ ବିକ୍ରୟ କରୁଛନ୍ତି। ଯାହା ଫଳରେ ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ସବୁ ଜାଣି ନୀରବଦ୍ରଷ୍ଟା ସାଜିଛନ୍ତି। ଏଥି ସହିତ ଏହି ମଦୁଆମାନେ ମଦ ପିଇ ରାସ୍ତାକଡରେ ବସି ବିଭିନ୍ନ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିଥାନ୍ତି। ଏପରିକି ରାତି ସମୟରେ ମଦୁଆ ମାନେ ମଦ ପିଇ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ଅଭିଯୋଗ ହୋଇଛି। ମଦୁଆମାନେ ଅତ୍ୟଧିକ ମଦ ପାନ କରି ନିଜ ଘରେ ଗଣ୍ଡଗୋଳ କରିବା ସହ ଗାଡି ଚଳାଇ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରୁଥିବାବେଳେ ଅନ୍ୟମାନଙ୍କ ପ୍ରତି ବିପଦର କାରଣ ପାଲଟିଛନ୍ତି।

ତେଣୁ ବିଭାଗୀୟ ଉଚ୍ଚ କର୍ତୃପକ୍ଷ, ଅବକାରୀ ମନ୍ତ୍ରୀ, ସ୍ଥାନୀୟ ବିଧାୟକ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହି ଚୋରା ମଦ ଦେକାନକୁ ବନ୍ଦ କରିବା ସହ ଚୋରା ମଦ ବ୍ୟବସାୟୀଙ୍କ ବିରୁଦ୍ଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହୋଇଛି।

## ତ୍ରିବେଣୀଶ୍ୱର ବଜାରରୁ ଚୋରି

ମାହାଙ୍ଗା,୧।୬ (ସଂଚାର ବ୍ୟୁରୋ): ମାହାଙ୍ଗା ଥାନା ଅନ୍ତର୍ଗତ ତ୍ରିବେଣୀଶ୍ୱର ବଜାରରେ ଭେଡା ପଞ୍ଚାୟତ ବରାହିପୁର ଗ୍ରାମର କ୍ଷିତିଶ ସାମଲ ଏକ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ଗତକାଲି ଶ୍ରୀ ସାମଲ ନିଜ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଆଜି ସକାଳେ ଦେଖନ୍ତି ତ ତାଙ୍କ ଦୋକାନ ଘର ତାଲାକୁ ଭାଙ୍ଗି କେହି ଦୁର୍ବୃର୍ତ୍ତ ତାଙ୍କ ଦୋକାନରୁ ୧୫ ଲିଟର ପେଟ୍ରୋଲ, ୧୦ଟି ଥଣ୍ଡା ଟ୍ରେ ଚୋରି କରି ନେବା ସହ ବହୁ କାଚ ବୋତଲ ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଛି। ତେଣୁ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ପୋଲିସ ପେଟ୍ରୋଲିଙ୍ଗ ବ୍ୟବସ୍ଥା କଡାକଡି କରିବାକୁ ସାଧାରଣରେ ଦାବୀ ହୋଇଛି।

## ଭତ୍ତା ନପାଇ ଧାରଣାରେ ବସିଲେ ହିତାଧିକାରୀ



ବାଲିଆପାଳ,୧।୬ (ସଂଚାର ବ୍ୟୁରୋ): ବୃଦ୍ଧ, ଅସହାୟ, ବିଧବା ମହିଳା ଓ ଭିନ୍ନକ୍ଷମ ଲୋକଙ୍କୁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ପେନସନ ଯୋଗାଇ ଆସୁଛନ୍ତି। ଓଡ଼ିଶାରେ ହିତାଧିକାରୀ ମାନଙ୍କୁ ମଧୁବାବୁ ପେନସନ ଯୋଜନା ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନା ମାଧ୍ୟମରେ ପେନସନ ଦେଇଥାନ୍ତି। ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନାରେ କେନ୍ଦ୍ର ସରକାର ହିତାଧିକାରୀ ମାନଙ୍କୁ ୩୦୦ଟଙ୍କା ଦେଉଥିଲା ବେଳେ ଅବଶିଷ୍ଟ ଟଙ୍କା ରାଜ୍ୟ ସରକାର ଦେଇଥାନ୍ତି। ବାଲିଆପାଳ ବ୍ଲକରେ ଭିନ୍ନକ୍ଷମ, ବିଧବା, ସ୍ୱାମୀ ପରିତ୍ୟକ୍ତା ଏବଂ ବାର୍ଦ୍ଧକ୍ୟ ଜନିତ ଭତ୍ତା ମଧୁବାବୁ ପେନସନ ଯୋଜନା ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନା ମାଧ୍ୟମରେ ସମୁଦାୟ ୨୭ ହଜାର ୪୦୦ ଜଣ ହିତାଧିକାରୀ ଭତ୍ତା ପାଉଛନ୍ତି। ତେବେ ୨୦୨୪ ସାଧାରଣ ନିର୍ବାଚନ ପରେ ବାଲିଆପାଳ ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପାଉଥିବା ୧୮ ହଜାର ୭୨ଜଣ ହିତାଧିକାରୀ ପ୍ରତି ମାସରେ ଭତ୍ତା ଟଙ୍କା ପାଇ ପାରୁଥିବା ବେଳେ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନା ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପେନସନ ପାଉଥିବା ୯ ହଜାର ୩ଶହ ୨୮ ଜଣ ହିତାଧିକାରୀ ମାନେ ନିୟମିତ ଭାବରେ ଭତ୍ତା ପାଇ ନପାରି ବହୁତ ହଇରାଣ ହରକତ ହେଉଛନ୍ତି।

୨୦୨୫ ମସିହାରେ ଏହି ଯୋଜନା ଅନ୍ତର୍ଗତ ହିତାଧିକାରୀ ମାନେ ଦୀର୍ଘ ଦିନ ପର୍ଯ୍ୟନ୍ତ ଭତ୍ତା ଟଙ୍କା ନପାଇ ବ୍ଲକ କାର୍ଯ୍ୟାଳୟକୁ ଦୌଡି ଦୌଡି ଭତ୍ତା ଟଙ୍କା ପାଇବାରେ ସକ୍ଷମ ହୋଇଥିଲେ। ମାତ୍ର ପୁଣିଥରେ ଚଳିତ ବର୍ଷ ଏପ୍ରିଲ ଏବଂ ମେ ମାସର ଭତ୍ତା ଟଙ୍କା ହିତାଧିକାରୀ ମାନଙ୍କ ବ୍ୟାଙ୍କ ଆକାଉଣ୍ଟ କୁ ଆସି ନଥିବା ବେଳେ ଜୁନ୍ ମାସ ଆରମ୍ଭ ହେଲାଣି। ଗ୍ରାମାଞ୍ଚଳର ଗରିବ ଗୁରୁବା ହିତାଧିକାରୀ ମାନେ ଭତ୍ତା ଟଙ୍କା ନପାଇ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ବ୍ଲକରେ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନାରେ ୬୦ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ବିଭାଗରେ ୬ହଜାର ୭ଶହ ୪୦ ଜଣ ଭତ୍ତା ପାଉଥିବା ବେଳେ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନା ବିଧବା ବର୍ଗରେ ୨ହଜାର ୧ଶହ ୧୭ ଜଣ ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନା ଭିନ୍ନକ୍ଷମ ବର୍ଗରେ ୪ଶହ ୭୧ ଜଣ ହିତାଧିକାରୀ ଭତ୍ତା ପାଉଛନ୍ତି। ମାତ୍ର ଦୁଇ ମାସ ଧରି ଭତ୍ତା ଟଙ୍କା ନପାଇ ଆଜି ଏହି ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ଆଜି ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ।ଏ ସମ୍ପର୍କରେ ବିଡିଓ ବାଲିଆପାଳ ରାଧା ରଞ୍ଜନ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଯଥା ଶୀଘ୍ର ସମସ୍ତ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବାର ବ୍ୟବସ୍ଥା କରାଯାଉଛି।

### ଯମୁନାଶୁଳ ବେଳାଭୂମିକୁ ସ୍ଥାୟୀ ପୋଲ କେବେ ?

## ଯାତାୟାତରେ ବାଧକ ସାଜୁଛି ଫୁଟାନାଳ



ବାଲିଆପାଳ,୧।୬ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ଯମୁନାଶୂଳ ବେଳାଭୂମିକୁ ଯିବା ପାଇଁ ଫୁଟାନାଳ ଉପରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ ବହୁ ବର୍ଷରୁ ଦାବି ହୋଇ ଆସୁଥିଲେ ମଧ୍ୟ ଏଯାଏ କିଛି ସୁଫଳ ମିଳିନି। ୫ ବର୍ଷ ପୂର୍ବରୁ ପୂର୍ବତନ ସରପଞ୍ଚ ମନ୍ମଥ କୁମାର ଗିରି ନିଜ ଉଦ୍ୟମରେ ଏକ କାଠ ପୋଲ ନିର୍ମାଣ କରିଥିଲେ। ସେଇ ପୋଲ ଉପରେ ହାଜର ହଜାର ପର୍ଯ୍ୟଟକ ଯାତାୟାତ କରୁଛନ୍ତି ।ଏହି ବେଳାଭୂମିକୁ ଶହଶହ ପର୍ଯ୍ୟଟକ ଆସନ୍ତି। ଏହା ବ୍ୟତୀତ ସମୁଦ୍ରକୁ ମାଛ ମାରିବା ପାଇଁ ମତ୍ସ୍ୟଜୀବୀ, ଝାଉଁ ବଣକୁ ଜାଳେଣି ସଂଗ୍ରହ ପାଇଁ ବହୁ ଲୋକ ପ୍ରତିଦିନ ଏଇ ପୋଲ ଉପରେ ନିର୍ଭର କରନ୍ତି। ୧୫ ବର୍ଷ ତଳେ ସମୁଦ୍ର ଉତ୍ତାଳ ଜୁଆର ମାଡ଼ରେ ଏଇ ଫୁଟା ନାଳଟି ସୃଷ୍ଟି ହୋଇଥିଲା। ବେଳାଭୂମିକୁ ଯାତାୟାତ ପାଇଁ ଏହା ସମସ୍ୟା ସୃଷ୍ଟି କଲାରୁ ପ୍ରଥମେ ବାଉଁଶ ପୋଲ ନିର୍ମାଣ ହୋଇଥିଲା। ତେବେ ସେଥିରେ ବହୁ ପିଲା, ବୃଦ୍ଧ ଓ ସ୍ତ୍ରୀଲୋକ ପାଣିକୁ ଖସିପଡ଼ିବା ଭଳି ଘଟଣା ଘଟିବାରୁ ଅସ୍ଥାୟୀ କାଠ ପୋଲ ନିର୍ମାଣ ହୋଇଥିଲା। ତେବେ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଏଠାରେ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ପୂର୍ବତନ ସରପଞ୍ଚ ମନ୍ମଥ ଗିରି, ରବୀନ୍ଦ୍ର ମହାନ୍ତି, ଅନନ୍ତ ଦାସ, ଝାଡ଼େଶ୍ୱର ସାମନ୍ତରାୟ ପ୍ରମୁଖ ଦାବି କରିଛନ୍ତି।

### ରାଜ୍ୟସଭା ଉପ-ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ

# ସଚିବ ସତ୍ୟବ୍ରତ ରାଉତଙ୍କୁ ରିଟର୍ଣ୍ଣିଂ ଅଫିସର



ଭୁବନେଶ୍ୱର, ୧।୬ (ସଂଚାର ବ୍ୟୁରୋ) : ରାଜ୍ୟସଭା ଉପ-ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଲା। ସୋମବାର ଠାରୁ ରାଜ୍ୟସଭା ଉପନିର୍ବାଚନ ପାଇଁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ଏହା ଜୁନ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଜୁନ ୯ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ସେହିଭଳି ଜୁନ୍ ୧୧ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଛି। ଜୁନ୍ ୧୮ ତାରିଖରେ ରାଜ୍ୟସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ।

ରାଜ୍ୟସଭା ଉପନିର୍ବାଚନ ପାଇଁ ରିଟର୍ଣ୍ଣିଂ ଅଫିସର୍ ନିଯୁକ୍ତ ହୋଇଛନ୍ତି। ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କୁ ରିଟର୍ଣ୍ଣିଂ ଅଫିସର୍ ଦାୟିତ୍ୱ ଦିଆଯାଇଛି । ସେହିଭଳି ବିଦ୍ୟାଧର ମାଝୀ ଯୁଗ୍ମ ସଚିବଙ୍କୁ ସହାୟକ ରିଟର୍ଣ୍ଣିଂ ଅଫିସର୍ ଭାବେ ନିଯୁକ୍ତ କରାଯାଇଛି। ଦେବାଶିଷ ସାମନ୍ତରାୟ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେବାପରେ ଖାଲି ପଡ଼ିଥିବା ଆସନ ପାଇଁ ହେବ ଉପ-ନିର୍ବାଚନ। ଗତ ମେ' ୨୫ ତାରିଖରେ ଦେବାଶିଷ ସାମନ୍ତରାୟ ରାଜ୍ୟସଭା ପଦରୁ ଇସ୍ତଫା ଦେଇଥିଲେ। ତାପର ଦିନ ଅର୍ଥାତ ମେ' ୨୬ ତାରିଖରେ ଭାରତୀୟ ଜନତା ପାର୍ଟିରେ ମିଶିଥିଲେ। ଚର୍ଚ୍ଚା ହେଉଛି ଦେବାଶିଷଙ୍କୁ ବିଜେପି ରାଜ୍ୟସଭା ଉପନିର୍ବାଚନରେ ପ୍ରାର୍ଥୀ କରିପାରେ। ୧୧ଟି ରାଜ୍ୟର ୨୫ଟି ଆସନ ପାଇଁ ଆସନ୍ତା ୧୮ରେ ରାଜ୍ୟସଭା ଉପ-ନିର୍ବାଚନ ହେବାକୁ ଯାଉଛି। ଆଜି ପ୍ରାର୍ଥୀପତ୍ର ଦାଖଲର ପ୍ରଥମ ଦିନରେ ବିଜେପି ବିଧାୟିକା ଉପାସନା ମହାପାତ୍ର ୪ସେଟ ନାମାଙ୍କନପତ୍ର ନେଇଛନ୍ତି।

### ଉପାସନା ନେଲେ ୪ ସେଟ ନାମାଙ୍କନପତ୍ର

### ଖଣି ଅଞ୍ଚଳ ବିକାଶ ନେଇ କେନ୍ଦ୍ର ମନ୍ତ୍ରୀଙ୍କ ସହ ଆଲୋଚନା

# ସାଚୁରେସନ୍ ମୋଡ୍‌ରେ ପ୍ରକଳ୍ପ ସାରିବାକୁ ଗୁରୁତ୍ୱ

- ମନ୍ତ୍ରାଳୟ ସହ ବୈଠକ କରି ଖଣି ସମସ୍ୟାର ସମାଧାନ କେନ୍ଦ୍ରମନ୍ତ୍ରୀଙ୍କ ପ୍ରସ୍ତାବ
- ଖଣି ବ୍ଲକ୍ ପାଇଁ ପରିବେଶ ମଞ୍ଜୁରୀ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ
- ଶାଶୁବୋହୂମାଳୀ ଓ ଠାକୁରାଣି ବ୍ଲକ୍ ଓଏମସିକୁ ଦେବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଅପିଲ



ଭୁବନେଶ୍ୱର, ୧।୬ (ସଂଚାର ବ୍ୟୁରୋ) : ଓଡ଼ିଶାର ଖଣିଜ କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ଜାତୀୟ ଅର୍ଥନୀତିରେ ଓଡ଼ିଶାର ଅବଦାନକୁ ଆହୁରି ବୃଦ୍ଧି କରିବା ପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷନ ରେଡ୍ଡୀଙ୍କ ସହିତ ଆଲୋଚନା କରି କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଛନ୍ତି।

ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦେଶର ଖଣିଜ ଅର୍ଥନୀତି ଓ ଶିଳ୍ପ ଅଭିବୃଦ୍ଧିରେ ଓଡ଼ିଶାର ଗୁରୁତ୍ୱ କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାରେ ପ୍ରାୟ ୪୭୧ ମିଲିଅନ୍ ଟନ୍ ଖଣିଜ ପଦାର୍ଥ ଉତ୍ପାଦନ ହୋଇଥିବା ବେଳେ ଏଥିରୁ ପ୍ରାୟ ୪୬ ହଜାର କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇଛି। ଓଡ଼ିଶାରେ ଯେଉଁ ଖଣିଜ ବ୍ଲକ୍ ଗୁଡ଼ିକ ନିଲାମ ହୋଇଛି, ତାହାର ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ତ୍ୱରାନ୍ୱିତ କରିବା ପାଇଁ ସେ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଥିଲେ। ଏହାସହିତ ଶାଶୁବୋହୂମାଳୀ ବକ୍ସାଇଟ ବ୍ଲକ୍ ଓ ଠାକୁରାଣୀ ଲୁହାପଥର ବ୍ଲକ୍ ଓଏମସିକୁ ପ୍ରଦାନ କରିବା ପାଇଁ ମଧ୍ୟ ସେ କହିଥିଲେ। ଖଣିଜ ଓ ପରିବହନକୁ ଅଧିକ ଦକ୍ଷ ଓ ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ କରିବା ପାଇଁ ରେଳ ଓ ବନ୍ଦରଭିତ୍ତି ଭୂମିର ତ୍ୱରିତ ବିକାଶ ଓ ପରିବେଶ ସୁରକ୍ଷା ଦୃଷ୍ଟିରୁ ପରିତ୍ୟକ୍ତ କୋଇଲା ଖଣିଗୁଡ଼ିକ ଫ୍ଲାଇଆସ୍ ଜରିଆରେ ପୁର୍ନଭରଣ କରିବା ପାଇଁ ଏକ ଉପଯୁକ୍ତ ଫ୍ରେମୱାର୍କ ପ୍ରସ୍ତୁତ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଥିଲେ ଯେ, ଖଣି କ୍ଷେତ୍ରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରେଳ, ବନ୍ଦର, ଜଙ୍ଗଲ ଓ ପରିବେଶ ଆଦି ବିଭିନ୍ନ ବିଭାଗର ସହଯୋଗର ଆବଶ୍ୟକତା ରହିଛି। ତେଣୁ, ଏଥିପାଇଁ ସମସ୍ତ ମନ୍ତ୍ରାଳୟ ଓ ରାଜ୍ୟ ସରକାର ମିଶି ଏକ ଉଚ୍ଚସ୍ତରୀୟ ବୈଠକ ଜରିଆରେ ସମସ୍ତ ବିଷୟ ଗୁଡ଼ିକ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ଯୋଜନାଗୁଡ଼ିକୁ ସାଚୁରେସନ୍ ମୋଡ୍‌ରେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଛନ୍ତି। ତେଣୁ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ତଥା ଡିଏମଏଫ ପାଣ୍ଠି ଏବଂ କମ୍ପାନୀମାନଙ୍କର ସିଏସଆର ପାଣ୍ଠିକୁ ଖଣିଜ ଅଞ୍ଚଳରେ ଏକ ସମନ୍ୱିତ ପ୍ରଣାଳୀରେ କାର୍ଯ୍ୟକାରୀ କରି ସମ୍ପୂର୍ଣ୍ଣତା ବା ସାଚୁରେସନ୍ ହାସଲ କରିବା ପାଇଁ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏଥିପାଇଁ ଓଡ଼ିଶାରେ ସିଏମ୍ ସମ୍ପଦା ନାମକ ଏକ ଯୋଜନା ପ୍ରସ୍ତୁତ କରାଯାଇଛି ।

# ବରିଷ୍ଠ ବ୍ୟକ୍ତିଗତ ସଚିବ ସୁଶାନ୍ତ ବେହେରାଙ୍କ ଅବସର



ଭୁବନେଶ୍ୱର, ୧।୬ (ସଂଚାର ବ୍ୟୁରୋ):ମୁଖ୍ୟ ଶାସନ ସଚିବଙ୍କ ଭାରପ୍ରାପ୍ତ ଅଧିକାରୀଙ୍କ ବରିଷ୍ଠ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିଥିବା ସୁଶାନ୍ତ କୁମାର ବେହେରା ରବିବାର ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ସମ୍ବର୍ଦ୍ଧନା ସଭା ସୋମବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଶାସନ ସଚିବଙ୍କ ଭାରପ୍ରାପ୍ତ ଅଧିକାରୀ କଲ୍ୟାଣ କୁମାର ରଥ ଅଧ୍ୟକ୍ଷତା କରି ଶ୍ରୀଯୁକ୍ତ ବେହେରାଙ୍କ କର୍ତ୍ତବ୍ୟ ନିଷ୍ଠା, ଏକାଗ୍ରତା ଓ ସମୟାନୁବର୍ତ୍ତିତାକୁ ପ୍ରଶଂସା କରିବା ସହ ତାଙ୍କର ଅବସରକାଳୀନ ସୁସ୍ଥ ଓ ନିରାମୟ ଜୀବନ କାମନା କରିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ତାଙ୍କ ପାଇଁ ଗୌରବର କଥା ଥିଲା ବୋଲି ଶ୍ରୀଯୁକ୍ତ ବେହେରା ତାଙ୍କର ଅବସର ସମ୍ବର୍ଦ୍ଧନାର ଉତ୍ତରରେ କହିଛନ୍ତି। ଏହି ଉପଲକ୍ଷେ ଶ୍ରୀଯୁକ୍ତ ବେହେରାଙ୍କୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ପ୍ରତିମୂର୍ତ୍ତୀ ସ୍ମାରକୀ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଧ୍ୟ ତାଙ୍କର ଅବସରକାଳୀନ ଜୀବନ ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟାଳୟର ବରିଷ୍ଠ ପରାମର୍ଶଦାତା ଦେବେନ୍ଦ୍ର କୁମାର ଜେନା, ଅନୁଶାସନ ସଚିବ ଗାୟତ୍ରୀ ସାମନ୍ତରାୟ, ଅନୁଶାସନ ସଚିବ ଅଂଶୁମାନ ରଥ, ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ଉପାସନା ମହାପାତ୍ର, ଅତିରିକ୍ତ ନିର୍ଦ୍ଦେଶକ (ଆଇନ) ଅଭିପ୍ସା କାନୁନଗୋ, ଲୋକସମ୍ପର୍କ ଅଧିକାରୀ ପଠାଣୀ ରାଉତ, ମୁଖ୍ୟ ଶାସନ ସଚିବଙ୍କ ବରିଷ୍ଠ ବ୍ୟକ୍ତିଗତ ସଚିବ ମଦନମୋହନ ଘଡ଼େଇଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ତାଙ୍କ ଅବସର ସୁଖମୟ ହେବା କାମନା କରିଥିଲେ।

# ପୂର୍ବତଟ ରେଳବାଇର ରାୟଗଡ଼ା ଡିଭିଜନ ଆରମ୍ଭ



ଭୁବନେଶ୍ୱର, ୧।୬ (ସଂଚାର ବ୍ୟୁରୋ):ପୂର୍ବତଟ ରେଳପଥର ନବଗଠିତ ରାୟଗଡ଼ା ରେଳ ଡିଭିଜନ୍ ସୋମବାର କାର୍ଯ୍ୟକ୍ଷମ ହୋଇଛି। ଡିଭିଜନର ନେତୃତ୍ୱ ନେଉଥିବା ଅମିତାଭ ସିଂଘଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ନିର୍ଦ୍ଧାରିତ ପ୍ରଶାସନିକ, ପରିଚାଳନାଗତ ଏବଂ ବୈଷୟିକ କାର୍ଯ୍ୟଗୁଡ଼ିକୁ ନୂତନ ଡିଭିଜନାଲ୍ ବ୍ୟବସ୍ଥା ଦ୍ୱାରା ବିଧିବଦ୍ଧ ଭାବରେ ଗ୍ରହଣ କରାଯାଇଛି। ଟ୍ରେନ୍ କଣ୍ଟ୍ରୋଲ୍ ଅଫିସ୍, କଣ୍ଟ୍ରୋଲ୍ ବୋର୍ଡ ଏବଂ ଆନୁଷଙ୍ଗିକ ପରିଚାଳନା ତଦାରଖ ବ୍ୟବସ୍ଥା ଗୁଡ଼ିକ କାର୍ଯ୍ୟକ୍ଷମ ହୋଇଛି। ମୂଳ ଡିଭିଜନଗୁଡ଼ିକରୁ ପରିଚାଳନାଗତ, ବୈଷୟିକ ଏବଂ ପ୍ରଶାସନିକ ଦାୟିତ୍ୱସବୁର ହସ୍ତାନ୍ତର ସୁରୁଖୁରୁରେ ସମ୍ପନ୍ନ ହୋଇଥିବା ସୂଚନା ଦିଆଯାଇଛି। ରାୟଗଡ଼ା ଡିଭିଜନର ପ୍ରତିଷ୍ଠା ରେଳ ପ୍ରଶାସନକୁ ଫିଲ୍ଡ ୟୁନିଟ୍ ଏବଂ ଅପରେସନାଲ୍ ସେଣ୍ଟରଗୁଡ଼ିକର ଅଧିକ ନିକଟତର କରିଛି। ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଖଣିଜ, ଔଦ୍ୟୋଗିକ ଏବଂ ଆଦିବାସୀ ବହୁଳ ଅଞ୍ଚଳରେ ରଣନୈତିକ ଭାବେ ଅବସ୍ଥିତ ଏହି ଡିଭିଜନ୍ ମାଲବାହୀ ପରିବହନକୁ ସୁଦୃଢ଼ କରିବା, ଯୋଗାଯୋଗରେ ଉନ୍ନତି ଆଣିବା ଏବଂ ରେଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।

# ଜନନେତା କମ୍ରେଡ ବିଷ୍ଣୁ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, ୧।୬ (ସଂଚାର ବ୍ୟୁରୋ):ପ୍ରବୀଣ କମ୍ୟୁନିଷ୍ଟ ନେତା ବିଷ୍ଣୁ ମହାନ୍ତିଙ୍କ ସ୍ମୃତିରେ ସୋମବାର ଭୁବନେଶ୍ୱରର ବୁଦ୍ଧ ମନ୍ଦିରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବହୁ ବିଶିଷ୍ଟ ନେତା ଓ କର୍ମୀ ଯୋଗଦେଇ ଗଭୀର ଶ୍ରଦ୍ଧା ଓ ସମ୍ମାନ ଜ୍ଞାପନ କରିଛନ୍ତି। ସିପିଆଇ(ଏମ୍) ର ପୂର୍ବତନ ଓଡ଼ିଶା ରାଜ୍ୟ ସମ୍ପାଦକ କମ୍ରେଡ ଅଲି କିଶୋର ପଟ୍ଟନାୟକ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପ୍ରଖ୍ୟାତ ମାର୍କ୍ସବାଦୀ ଚିନ୍ତକ ସୂର୍ଯ୍ୟକାନ୍ତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ସି.ପି.ଆଇ. ରାଜ୍ୟ ସମ୍ପାଦକ ପ୍ରଶାନ୍ତ



କୁମାର ମିଶ୍ର, ସି.ପି.ଆଇ.(ଏମ୍ଏଲ୍) ଲିବରେସନ୍ ନେତା ମହେନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇ ଦିବଂଗତ କମ୍ରେଡଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶ୍ରମିକ, କୃଷକ, କୃଷି ଶ୍ରମିକ, ମହିଳା, ଯୁବ, ଛାତ୍ର, ଦଳିତ ଓ ଆଦିବାସୀଙ୍କ ଅଧିକାର ସୁରକ୍ଷା ପାଇଁ ଶକ୍ତିଶାଳୀ ଜନଆନ୍ଦୋଳନ ଗଢ଼ି ତୋଳିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

### ପୂର୍ତ୍ତମନ୍ତ୍ରୀଙ୍କ ଜାତୀୟ ରାଜପଥ ପ୍ରକଳ୍ପ ସମୀକ୍ଷା

# ଧାର୍ଯ୍ୟ ସମୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ




- ଖୁବ୍‌ଶୀଘ୍ର ୪୯ ପ୍ରକଳ୍ପର ଲୋକାର୍ପଣ
- ୪୭ଟି ନୂଆ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର,୧।୬ (ସଂଚାର ବ୍ୟୁରୋ): ବିଗତ ବର୍ଷ ତୁଳନାରେ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ରାଜ୍ୟ ଭଲ ପ୍ରଦର୍ଶନ କରିଥିବା ବେଳେ ଏହି ଧାରାକୁ ବଜାୟ ରଖିବା ସହିତ ପ୍ରକଳ୍ପଗୁଡ଼ିକୁ ଅଧିକ ବେଗରେ ଆଗକୁ ନେବା ଲାଗି ଆମକୁ ସ୍ୱତନ୍ତ୍ର ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ପଡ଼ିବ ବୋଲି ସୋମବାର ୫୦ କୋଟିରୁ ଅଧିକ ବ୍ୟୟ ଅଟକଳ ଥିବା ୪୮ଟି ଜାତୀୟ ରାଜପଥର ଅଗ୍ରଗତି ନେଇ ଲୋକସେବା ଭବନ କନ୍‌ଭେନ୍‌ସନ୍ ହଲ୍‌ଠାରେ ଆୟୋଜିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।

ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, କେନ୍ଦ୍ର ସରକାର ଓଡ଼ିଶାକୁ ଅଧିକ ପାଣ୍ଠି ଦେବାକୁ ପ୍ରସ୍ତୁତ ଅଛନ୍ତି। ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଏବଂ ଇଂଜିନିୟରମାନଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ୧୭୨୧ କୋଟି ମୂଲ୍ୟର ୪୯ଟି ପ୍ରକଳ୍ପ ନିକଟରେ ଶେଷ ହୋଇଛି। ସେସବୁ ଖୁବ୍‌ଶୀଘ୍ର ଲୋକାର୍ପିତ ହେବ। ସେହିପରି ଖୁବ୍ ଶୀଘ୍ର ୧୨,୧୦୨ କୋଟି ମୂଲ୍ୟର ୪୭ଟି ନୂଆ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେବାକୁ ଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ, ୟୁଟିଲିଟି ସିଫ୍ଟିଂ, ସଠିକ୍ ପ୍ଲାନିଂ ଓ ଡିଜାଇନ୍ ଆଦି ବିଷୟରେ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରକଳ୍ପ କାର୍ଯ୍ୟ ଆଗେଇ ନେବା ପାଇଁ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ବୈଠକରେ ୩୦ଟି ଚାଲୁ ରହିଥିବା ପ୍ରକଳ୍ପ, ୧୪ଟି କାର୍ଯ୍ୟାଦେଶ ହେବାକୁ ଥିବା ପ୍ରକଳ୍ପ ଏବଂ ୪ଟି ଟେଣ୍ଡର ପ୍ରକ୍ରିୟାରେ ଥିବା ପ୍ରକଳ୍ପ ବିଷୟରେ ଆଲୋଚନା ହୋଇଥିଲା। ଏଥିମଧ୍ୟରେ ଭଞ୍ଜନଗରରୁ ଆସ୍କା ରୋଡ୍, ରିଆମାଳ ବାଇପାସ୍ ରୋଡ୍, ବ୍ରହ୍ମପୁର ବାଇପାସ୍, ଖରିଆର ରୋଡ୍ ଆରଓବି, ପୁରୀ-ମାଟିଆପଡ଼ା ଆର୍‌ଓବି, ନୟାଗଡ଼ ବାଇପାସ୍, କେସିଙ୍ଗା ଆର୍‌ଓବି, ମାଲକାନଗିରି-ମୋଟୁ ରାସ୍ତାରେ ଥିବା ହାଇଲେବୁଲ୍ ବ୍ରିଜ, କନ୍ଦରପୁର-ବାଲିକୁଦା ରାସ୍ତା, କୋଟପାଡ଼ ବାଇପାସ ରାସ୍ତା, କୁଆଖିଆ-ମଙ୍ଗଳପୁର ରାସ୍ତା, ଟିଟିଲାଗଡ଼ ବାଇପାସ୍ ରାସ୍ତା, ବୈତରଣୀ ନଦୀରେ ହାଇଲେବୁଲ୍ ବ୍ରିଜ, ନବରଙ୍ଗପୁର ବାଇପାସ, ତେଲ ନଦୀରେ ହାଇଲେବୁଲ୍ ବ୍ରିଜ, ଝାରସୁଗୁଡ଼ା ବାଇପାସ ରାସ୍ତା, ରାଇରଙ୍ଗପୁର ବାଇପାସ୍, ଦଶପଲ୍ଲା ବାଇପାସ୍ ଆଦି ଚାଲୁଥିବା ପ୍ରକଳ୍ପ ସାମିଲ ଥିଲା।

ଏହି ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ପୂର୍ତ୍ତ ବିଭାଗର ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ. ଏଲ୍.କେ. ପାଢ଼ୀ, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ର, ଜାତୀୟ ରାଜପଥ ମୁଖ୍ୟଯନ୍ତ୍ରୀ-୧ ଇଂ ନାରାୟଣ ପଟେଲ, ମୁଖ୍ୟଯନ୍ତ୍ରୀ-୨ ଇଂ ଦୀପକ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ସକ୍ଷମା ପକ୍ଷରୁ ମୁକ୍ତ ଆଲୋଚନା




ଭୁବନେଶ୍ୱର, ୧।୬ (ସଂଚାର ବ୍ୟୁରୋ):ସୋମବାର ଅପରାହ୍ଣରେ ସତ୍ୟନଗର ତୋଷାଳି ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ‘ସକ୍ଷମା’ ପକ୍ଷରୁ ମୁକ୍ତ ଆଲୋଚନା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗୃହ ବନ୍ଦନା ଏବଂ କ୍ରୀଡା ଉପରେ ଆଲୋଚନା କରାଯାଇଥିଲା।

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅତିରିକ୍ତ ଶାସନ ସଚିବ ଗୀତାଞ୍ଜଳି ନାୟକ ଭିନ୍ନକ୍ଷମମାନଙ୍କ ନିମନ୍ତେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ତରଫରୁ କି ସୁବିଧା ରହୁଛି ତାହା ସମସ୍ତଙ୍କୁ ଅବଗତ କରାଇଥିଲେ। କ୍ରୀଡା ଓ ଯୁବସେବା ବିଭାଗ ଅତିରିକ୍ତ ଶାସନ ସଚିବ ବିଜୟ ସ୍ୱାଇଁ ରାଜ୍ୟ ପାଇଁ ଗୌରବ ଆଣୁଥିବା ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କ ନିମନ୍ତେ ଶୟନ ଗୃହ ଓ ଷ୍ଟାଡିୟମ ନିର୍ମାଣ କରାଯାଇଥିବା ପ୍ରକାଶ କରିଥିଲେ। ଏଥିସହ ଭିନ୍ନକ୍ଷମମାନଙ୍କୁ ସୁବିଧା ହେବା ଭଳି ଟଏଲେଟ, ରାମ୍ପ, ଲିଫ୍ଟ ତଥା ଅନ୍ୟାନ୍ୟ ସୁବିଧା ପରବର୍ତ୍ତୀ ସମୟରେ କରାଯିବା ବିଷୟ ସୂଚନା ଦେଇଥିଲେ। ରେଡିଓ ଉଦାନର ପ୍ରତିଷ୍ଠାତା ଦାନିଶ ମହାଜନ ଏହି ଖୋଲା ଆଲୋଚନାରେ ଭର୍ଚୁଆଲ ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ସମସ୍ୟା ଓ ସମାଧାନ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିରଞ୍ଜନ ସାହୁ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଭିନ୍ନକ୍ଷମମାନଙ୍କ ନିମନ୍ତେ ଯେଉଁ ସବୁ କାର୍ଯ୍ୟ ଚାଲିଛି ସେ ବିଷୟରେ ଅଲୋଚନା କରିଥିଲେ। କ୍ରୀଡା ଓ ଯୁବସେବା ଓ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଭିନ୍ନକ୍ଷମମାନଙ୍କ ସୁବିଧା ପାଇଁ କେଉଁ କାର୍ଯ୍ୟ କରୁଛି ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଶ୍ରୀମତୀ ହରିଚନ୍ଦନ ବିଷୟରେ ପଚାରି ବୁଝିଥିଲେ। ଶେଷରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ କାର୍ଯ୍ୟାଳୟର ଓଏସଡି ଧନ୍ୟବାଦ ଅର୍ପଣ କରିଥିଲେ।

# ମୃତ ଶ୍ରମିକଙ୍କ ପରିବାରକୁ ସରକାର ୧୦ ଲକ୍ଷ ଅନୁକମ୍ପା ରାଶି ଦିଅନ୍ତୁ: ପିସିସି ସଭାପତି

ଭୁବନେଶ୍ୱର, ୧।୬ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାର ଏମ ରାମପୁର ବ୍ଲକ ଗୌଡ଼ କର୍ଲାଖୁଣ୍ଟା ଗ୍ରାମରେ ନିର୍ମାଣାଧୀନ ପାଇଖାନା ଟାଙ୍କିରେ କାମ କରୁଥିବା ବେଳେ ଶ୍ୱାସରୁଦ୍ଧ ହୋଇ ମୃତ୍ୟବରଣ କରିଥିବା ଶ୍ରମିକମାନଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବା ପାଇଁ ପିସିସି ସଭାପତି ଭକ୍ତଚରଣ ଦାସ ସରକାରଙ୍କୁ ଅନୁରୋଧ କରିଛନ୍ତି। ପିସିସି ସଭାପତି ସୋମବାର ଦିନିକିଆ ଗସ୍ତରେ ଯାଇ ମୃତୁବରଣ କରିଥିବା ପରିବାର ସଦସ୍ୟଙ୍କୁ ସାକ୍ଷାତ କରି ସମବେଦନା ଜଣାଇବା ସହ ଆହତ ଶ୍ରମିକଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସୂଚନାଯୋଗ୍ୟ ଯେ, ଛଅଜଣ ଶ୍ରମିକ କାର୍ଯ୍ୟ କରୁଥିବା ବେଳେ ଶ୍ୱାସରୁଦ୍ଧ ହୋଇ ମୃତ୍ୟବରଣ କରିବା ସହ ଜଣେ ଶ୍ରମିକ ଗୁରୁତର ଅବସ୍ଥାରେ ଚିକିତ୍ସିତ ଅଛନ୍ତି । ଭବିଷ୍ୟତରେ ଏଭଳି ଦୁର୍ଘଟଣା ଏଡାଇବା ପାଇଁ ନିର୍ମାଣ ଶ୍ରମିକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯିବାର ଆବଶ୍ୟକତା ରହିଛି ବୋଲି କହିବା ସହିତ ସରକାର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପିସିସି ସଭାପତି ଅନୁରୋଧ କରିଛନ୍ତି।



# ସଫଳତାର ଶୀର୍ଷରେ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ

### ଓପିଏସସି କ୍ରାକ୍ କଲେ ଆଦିବାସୀ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୧।୬ (ସଂଚାର ବ୍ୟୁରୋ): ଓଡ଼ିଶାର ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟର ସଫଳତାରେ ଯୋଡିହେଇଛି ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ପରିବର୍ତ୍ତନଶୀଳ ପ୍ରଭାବକୁ ପ୍ରଦର୍ଶନ କରି ଚଳିତ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି)ର ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ଏହି ଅନୁଷ୍ଠାନର ତିନି ଜଣ ପୂର୍ବତନ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି।

କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ, ନୂଆଗାଁ ଗ୍ରାମର ଗଣ୍ଡ ଜନଜାତିର ନୀଳିମା କୁମାରୀ ନାୟକ ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ୧୯୪ତମ ରାଙ୍କ୍ ହାସଲ କରିଛନ୍ତି। କେନ୍ଦୁଝରର ଏକଲବ୍ୟ ମଡେଲ ଆବାସିକ ସ୍କୁଲର ପୂର୍ବତନ ଛାତ୍ରୀ, ନୀଳିମା ୨୦୧୭ରେ ଏହି ଅନୁଷ୍ଠାନରୁ ତାଙ୍କର ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତ କରିଥିଲେ। ବର୍ତ୍ତମାନ ସହକାରୀ ଶ୍ରମ ଅଧିକାରୀ ଭାବରେ କାର୍ଯ୍ୟ କରୁଥିବା ନିଳିମା, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ମାୟାଧର ନାୟକ ଏବଂ ମାଟ୍ରନ୍ ହୀରାମଣୀ ନାୟକଙ୍କ ଝିଅ। ତାଙ୍କର ଏହି ଅସାଧାରଣ ସଫଳତା ସମଗ୍ର ରାଜ୍ୟରେ ଆଦିବାସୀ ଯୁବକମାନଙ୍କ ପାଇଁ ଏକ ପ୍ରେରଣା ସ୍ୱରୂପ ପାଲଟିଛି।

ସେହିପରି ଆଉ ଜଣେ ଗର୍ବିତ କୃତିତ୍ୱ ହାସଲକାରୀ ହେଉଛନ୍ତି କେନ୍ଦୁଝର ଜିଲ୍ଲା ପଞ୍ଚୁଗୋଛିଆ ଗ୍ରାମ ସାନ୍ତାଳ ଜନଜାତିର କୃଷ୍ଣ ଚନ୍ଦ୍ର ହେମ୍ବ୍ରମ । ସେ ୨୦୧୭ ମସିହାରେ ଯାଜପୁର ଅନ୍ତର୍ଗତ ରାମପିଲୋ ଏକଲବ୍ୟ ମଡେଲ ଆବାସିକ ସ୍କୁଲରୁ ଦଶମ ପାସ୍ କରିଥିଲେ। ସେ ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ୧୮୫ତମ ରାଙ୍କ ହାସଲ କରିଛନ୍ତି। ବର୍ତ୍ତମାନ ଭବାନୀପୁରରେ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିବା କୃଷ୍ଣ, ତାଙ୍କ ପିତାମାତା ସ୍ୱର୍ଗତ କୁଳମଣି ହେମ୍ବ୍ରମ ଏବଂ ସ୍ୱର୍ଗତ ଜାବା ହେମ୍ବ୍ରମଙ୍କୁ ହରାଇ ଜୀବନର ଅନେକ ବ୍ୟକ୍ତିଗତ କଷ୍ଟକୁ ଦୂର କରି ସଫଳ ହୋଇଛନ୍ତି। ଏହି କୃତିତ୍ୱ ତାଙ୍କର ଦୃଢ଼ତା, ସଂଘର୍ଷ ଏବଂ ସମର୍ପଣକୁ ପ୍ରତିଫଳିତ କରୁଛି ।

ଏଥିସହିତ, ନବରଙ୍ଗପୁର ଜିଲ୍ଲା ସାନବାର୍ଲି ଗ୍ରାମର ଭତ୍ରା ଜନଜାତିର କେଶବ ମାଝୀ ମଧ୍ୟ ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ୧୮୨ତମ ରାଙ୍କ୍ ହାସଲ କରି ସଫଳତା ପାଇଛନ୍ତି। ୨୦୧୭ ମସିହାରେ ନବରଙ୍ଗପୁରର ହିର୍ଲି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରୁ ପାସ୍ କରି କେଶବ ବର୍ତ୍ତମାନ ଜଣେ ଶିକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି। ଏକ ସାଧାରଣ ଚାଷୀ ପରିବାରରେ ଜନ୍ମଗ୍ରହଣ କରି ସେ ଆଜି ଗ୍ରାମୀଣ ଏବଂ ଆଦିବାସୀ ପୃଷ୍ଠଭୂମିର ଛାତ୍ରମାନଙ୍କ ପାଇଁ ଏକ ଆଦର୍ଶ ଭାବରେ ଉଭା ହୋଇଛନ୍ତି। ଏହି ସମସ୍ତ ପୂର୍ବତନ ଛାତ୍ରଛାତ୍ରୀଙ୍କ ଅସାଧାରଣ କୃତିତ୍ୱ ପ୍ରମାଣିତ କରିଛି ଯେ, ଉପାନ୍ତ ଅଞ୍ଚଳର ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା ଓ ପ୍ରଶାସନିକ ସେବା କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ପାଇଁ ସଶକ୍ତ କରିବାରେ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ ବ୍ୟବସ୍ଥା ଏକ ପ୍ରମୁଖ ଓ ପ୍ରଭାବଶାଳୀ ମାଧ୍ୟମ ପାଲଟିଛି।

# ଭାରତର ରେକର୍ଡ ପରିମାଣର ସାମୁଦ୍ରିକ ଖାଦ୍ୟ ରପ୍ତାନି

- ଆଗରେ ଫ୍ରୋଜେନ ଚିଙ୍ଗୁଡ଼ି
- ଆମଦାନୀର ସର୍ବାଗ୍ରେ ଆମେରିକା ଓ ଚୀନ୍

ଭୁବନେଶ୍ୱର, ୧।୬ (ସଂଚାର ବ୍ୟୁରୋ): ଭାରତ ୨୦୨୫-୨୬ ଆର୍ଥିକ ବର୍ଷରେ ୭୩,୮୯୦.୪୬ କୋଟି ଟଙ୍କା (୮.୪୬ ବିଲିୟନ ଡଲାର)ର ୧୯,୭୨,୦୧୮ ମେଟ୍ରିକ୍ ଟନ୍ ସାମୁଦ୍ରିକ ଖାଦ୍ୟ ରପ୍ତାନି କରିଥିବା ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ବିକାଶ କର୍ତ୍ତୃପକ୍ଷ (ଏମ୍.ପି.ଇ.ଡି.ଏ)ର ଅଧ୍ୟକ୍ଷ ପି ଜବାହର ସୂଚନା ଦେଇଛନ୍ତି। ତଥ୍ୟ ଅନୁଯାୟୀ, ଆମେରିକା ଓ ଚୀନ୍ ଭାରତୀୟ ସାମୁଦ୍ରିକ ଖାଦ୍ୟ ଆମଦାନୀକାରୀ ତାଲିକାରେ ଆଗରେ ଅଛନ୍ତି। ଫ୍ରୋଜେନ୍ ଚିଙ୍ଗୁଡ଼ି ରପ୍ତାନୀରେ ଭାରତ ୪୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆୟ କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ସର୍ବ ମୋଟ ୭,୯୨,୬୪୭ ମେଟ୍ରିକ ଟନ୍ ଫ୍ରୋଜେନ୍ ଚିଙ୍ଗୁଡ଼ି ରପ୍ତାନି ହୋଇଛି। ଯୁକ୍ତରାଷ୍ଟ୍ର ଆମେରିକା ୨,୫୬,୧୨୮ ମେଟ୍ରିକ ଟନ୍ ଫ୍ରୋଜେନ୍ ଚିଙ୍ଗୁଡ଼ି ଆମଦାନୀ କରିଥିବା ବେଳେ ଚୀନ୍ ୧,୬୯,୫୦୫ ମେଟ୍ରିକ ଟନ୍, ୟୁରୋପୀୟ ସଂଘ ୧,୩୫,୫୯୯ ମେଟ୍ରିକ ଟନ୍, ଦକ୍ଷିଣ ପୂର୍ବ ଏସିଆ ୮୩,୮୧୦ ମେଟ୍ରିକ ଟନ୍, ଜାପାନ ୪୦,୭୭୬ ମେଟ୍ରିକ ଟନ୍, ମଧ୍ୟପ୍ରାଚ୍ୟ ୩୦,୪୭୮ ମେଟ୍ରିକ ଟନ୍ ଏବଂ ଅନ୍ୟାନ୍ୟ ସମସ୍ତ ଦେଶ ମିଳିତ ଭାବରେ ୭୬,୩୫୧ ମେଟ୍ରିକ ଟନ୍ ରପ୍ତାନି କରିଛନ୍ତି। ଏଲ୍. ଭାନାମେଇ ଏବଂ ବ୍ଲାକ୍ ଟାଇଗର୍ ଚିଙ୍ଗୁଡ଼ିର ରପ୍ତାନି ପରିମାଣ ବୃଦ୍ଧି ପାଇଛି। ଦ୍ୱିତୀୟ ସର୍ବାଧିକ ରପ୍ତାନି ତାଲିକାରେ ଫ୍ରୋଜେନ୍ ମାଛ ରହିଥିବାବେଳେ ତୃତୀୟ ସର୍ବାଧିକ ରପ୍ତାନି ତାଲିକାରେ ଶୁଖୁଆ ରହିଛି। ଫ୍ରୋଜେନ୍ ସ୍କ୍ୱିଡ୍ ରପ୍ତାନି ୧,୦୨,୦୬୦ ମେଟ୍ରିକ୍ ଟନ୍‌ରେ ପହଞ୍ଚି ୪ କୋଟିରୁ ଅଧିକ ଆୟ କରିଛି। ଫ୍ରୋଜେନ୍ କଟଲଫିସ୍ ପରିମାଣ ଏବଂ ମୂଲ୍ୟ ଉଭୟରେ ବୃଦ୍ଧି ପାଇଛି।



ଶୀତଳୀକୃତ ସାମଗ୍ରୀର ରପ୍ତାନିରୁ ୭୧.୨୭ ନିୟୁତ ଡଲାର ଆୟ ହୋଇଛି। ଜୀବନ୍ତ ସାମୁଦ୍ରିକ ଖାଦ୍ୟ ସାମଗ୍ରୀର ରପ୍ତାନି ମୂଲ୍ୟ ୬୨.୪୩ ନିୟୁତ ଡଲାର ବୃଦ୍ଧି ପାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ସାମୁଦ୍ରିକ ଖାଦ୍ୟ ରପ୍ତାନୀ କରୁଥିବା ଶୀର୍ଷ ତିନୋଟି ବନ୍ଦର ମଧ୍ୟରେ ବିଶାଖାପାଟଣା, ଜବାହରଲାଲ ନେହେରୁ ପୋର୍ଟ ଟ୍ରଷ୍ଟ ଏବଂ କୋଚି ରହିଛି।

# ନ୍ୟାୟ ଦେବାରେ ବିଫଳ, ଥାର୍ଡଡିଗ୍ରୀରେ ସଫଳ: ବିଜେଡି



ଭୁବନେଶ୍ୱର, ୧।୬ (ସଂଚାର ବ୍ୟୁରୋ):ରାଜ୍ୟରେ ପୋଲିସ୍ ପ୍ରଶାସନର ବର୍ବରତା ତଥା ହିଂସା ଘଟଣାରେ ପୀଡ଼ିତଙ୍କୁ ନ୍ୟାୟ ଦେବାରେ ରାଜ୍ୟ ସରକାରଙ୍କ ବିଫଳତାକୁ ବିଜୁ ଜନତା ଦଳ କଡ଼ା ସମାଲୋଚନା କରିଛି। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ପୋଲିସ୍ ପ୍ରଶାସନ ଓଡ଼ିଶାର ନିରୀହ ଜନସାଧାରଣଙ୍କ ଉପରେ ବର୍ବରୋଚିତ ଭାବେ ଥାନା ଭିତରେ ଯେଉଁ ଥାର୍ଡଡିଗ୍ରୀ କରୁଛି ତାହା ସମସ୍ତଙ୍କୁ ବିଚଳିତ କରିଦେଇଛି ବୋଲି କହିଥିଲେ।

ଡ଼ ଲେନିନ ମହାନ୍ତି କହିଥିଲେ ଯେ, ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ବରତା ଓ ହିଂସାକାଣ୍ଡ ବଢ଼ିଚାଲିଥିବା ବେଳେ ପୋଲିସ୍ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଛି। ପୋଲିସ୍ ମହାନିର୍ଦ୍ଦେଶକ ଗତ ୧୦ ଦିନ ଭିତରେ ଦୁଇ ଥର କହିସାରିଲେଣି, ଓଡ଼ିଶାରେ ଅପରାଧୀମାନଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ। ଏହାସତ୍ତ୍ୱେ ଅପରାଧୀମାନେ ପୋଲିସ୍ ଡିଜିଙ୍କ କଥାକୁ ବେଖାତିର କରି ଅପରାଧ ଘଟାଇ ଚାଲିଛନ୍ତି। ବାରଙ୍ଗ ଥାନାରେ ରାକେଶ ବେହେରାଙ୍କୁ ପୋଲିସ୍ ଅଟକ ରଖି ଏଭଳି ଥାର୍ଡଡିଗ୍ରୀ ପ୍ରୟୋଗ କଲେ ଆଜି ସେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ସେହିଭଳି ରାଜନଗର ତାଳଚୁଆ ସାମୁଦ୍ରିକ ଥାନା ଭିତରେ ଆଇଆଇସି ଜଣେ ମାଆ ଓ ପୁଅଙ୍କୁ ଅସଭ୍ୟ ଗାଳିଗୁଳଜ କରିବା ସହ ମାଆକୁ ଅର୍ଦ୍ଧଉଲଗ୍ନ କରି ଅମାନୁଷିକ ଭାବେ ମାଡ଼ ମାରିଥିଲେ। ଲୋକଙ୍କ ପ୍ରତିବାଦ ଯୋଗୁଁ ଉଭୟ ଥାନାର ଆଇଆଇସିଙ୍କୁ ବଦଳି କରି ପୋଲିସ୍ ପ୍ରଶାସନ ଚୁପ୍ ହୋଇ ବସିରହିଛି ବୋଲି ସେ କହିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ମଙ୍ଗଳବାର ୨ ଜୁନ୍ ୨୦୨୬, ଭୁବନେଶ୍ୱର
Tuesday 2 June 2026, Bhubaneswar

# ସଚେତନତା ସତ୍ତ୍ୱେ ବଢ଼ୁଛି ମଦ୍ୟପାନ



ଆଜିର ଭାରତରେ ସ୍ୱାସ୍ଥ୍ୟ ସଚେତନତା, ସାମାଜିକ ଅଭିଯାନ ଏବଂ ସରକାରୀ ପ୍ରଚାର ସତ୍ତ୍ୱେ ମଦ୍ୟପାନର ବ୍ୟବହାର କ୍ରମାଗତ ଭାବେ ବଢ଼ୁଛି। ଏହା ଏକ ବିରୋଧାଭାସପୂର୍ଣ୍ଣ ପରିସ୍ଥିତି। ଗୋଟେପଟେ ଆମେ ସ୍ୱାସ୍ଥ୍ୟକର ଜୀବନଶୈଳୀ, ମାନସିକ ସ୍ୱାସ୍ଥ୍ୟ ଏବଂ ପରିବାର ସମ୍ପର୍କ ବିଷୟରେ କଥା ହେଉଛୁ, ଅନ୍ୟପଟେ ମଦ ଶିଳ୍ପ ରେକର୍ଡ ବୃଦ୍ଧି ଦେଖାଉଛି। ଏହି ପରିସ୍ଥିତି ଆମ ସମାଜର ଗଭୀର ସଙ୍କଟକୁ ପ୍ରକାଶ କରୁଛି।

୨୦୨୫ ମସିହାର ପ୍ରଥମ ଅର୍ଦ୍ଧଭାଗରେ ଭାରତର ମଦ ବଜାର ଭଲ୍ୟୁମ୍ ୭ ପ୍ରତିଶତ ବୃଦ୍ଧି ପାଇ ୪୪୦ ମିଲିୟନ୍ ଲିଟର୍ ଅତିକ୍ରମ କରିଛି। ହ୍ୱିସ୍କି, ଭୋଡକା ଏବଂ ଅନ୍ୟାନ୍ୟ ସ୍ପିରିଟ୍ସର ବିକ୍ରୟ ବଢ଼ୁଛି। ପ୍ରିମିୟମ୍ ସେଗମେଣ୍ଟ୍ ୮ ପ୍ରତିଶତ ବୃଦ୍ଧି ପାଇଛି। ମୁଣ୍ଡପିଛା ଆଲକୋହଲ୍ ବ୍ୟବହାର ପ୍ରତିବର୍ଷ ବଢ଼ୁଛି। ୨୦୦୫ରେ ୨.୪ ଲିଟର୍ ଥିବାବେଳେ ୨୦୧୬ରେ ୫.୭ ଲିଟର୍ ହୋଇଥିଲା ଏବଂ ଏହା ଆହୁରି ବଢ଼ିବାର ସମ୍ଭାବନା ରହିଛି। ଯୁବପିଢ଼ି ଏବଂ ସହରୀ ମଧ୍ୟବିତ୍ତ ବର୍ଗ ଏହି ବୃଦ୍ଧିର ମୁଖ୍ୟ ଚାଳକ ଶକ୍ତି।

ଦେଶରେ ମଦ୍ୟପାନ ବୃଦ୍ଧିର କାରଣ ଅନେକ। ପ୍ରଥମତଃ, ଆର୍ଥିକ ସମୃଦ୍ଧି ବଢ଼ୁଥିବା ଆୟ ଏବଂ ଡିସପୋଜେବଲ୍ ଇନକମ୍ ଯୁବକମାନଙ୍କୁ ମଦ କ୍ରୟ କରିବାର ସୁଯୋଗ ଦେଉଛି। ଦ୍ୱିତୀୟତଃ, ସହରୀକରଣ ଏବଂ ପରିବର୍ତ୍ତନଶୀଳ ସାମାଜିକ ମାନ୍ୟତା। ସହରରେ ପାର୍ଟି କଲ୍ଚର୍, ପିୟର୍ ପ୍ରେସର୍ ଏବଂ 'ମଡର୍ନ' ଜୀବନଶୈଳୀର ପ୍ରଭାବ ଯୁବକମାନଙ୍କୁ ମଦ୍ୟପାନ ପ୍ରତି ଆକୃଷ୍ଟ କରୁଛି। ତୃତୀୟତଃ, ଶକ୍ତିଶାଳୀ ମାର୍କେଟିଂ। ସୋସିଆଲ୍ ମିଡିଆ, ସେଲିବ୍ରିଟି ଏଣ୍ଡର୍ସମେଣ୍ଟ୍ ଏବଂ ଲାଇଫଷ୍ଟାଇଲ୍ ବିଜ୍ଞାପନ ମଦକୁ ଗ୍ଲାମରସ୍ ଏବଂ ସଫଳତାର ପ୍ରତୀକ ଭାବେ ପ୍ରକାଶ କରୁଛି।

ଚତୁର୍ଥତଃ, ମାନସିକ ଚାପ। ଚାକିରିର ଚାପ, ପରିବାରିକ ସମସ୍ୟା, ପ୍ରତିଯୋଗିତା ଏବଂ ଏକାକୀତ୍ୱ ଅନେକଙ୍କୁ ମଦରେ ଆଶ୍ରୟ ନେବାକୁ ବାଧ୍ୟ କରୁଛି। କୋଭିଡ୍ ମହାମାରୀ ପରେ ଏହି ପ୍ରବୃତ୍ତି ଆହୁରି ବଢ଼ିଛି। ପଞ୍ଚମତଃ, ସରକାରୀ ନୀତିର ଦୁର୍ବଳତା। ଅନେକ ରାଜ୍ୟରେ ମଦ ବିକ୍ରୟ ରାଜ୍ୟର ପ୍ରମୁଖ ରାଜସ୍ୱ ଉତ୍ସ। ଏହା କଡ଼ା ନିୟମ ଏବଂ ପ୍ରଚାରକୁ ପ୍ରଭାବିତ କରୁଛି।

ମଦ୍ୟପାନ କେବଳ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ନୁହେଁ, ସମଗ୍ର ସମାଜକୁ ପ୍ରଭାବିତ କରୁଛି। ଯକୃତ ରୋଗ, ହୃଦରୋଗ, କ୍ୟାନ୍ସର ଏବଂ ମାନସିକ ବିକୃତି ବଢ଼ୁଛି। ରାସ୍ତା ଦୁର୍ଘଟଣା, ପାରିବାରିକ ହିଂସା, ଦାରିଦ୍ର୍ୟ ଏବଂ ଅପରାଧ ସହିତ ମଦ୍ୟପାନର ଗଭୀର ସମ୍ପର୍କ ଅଛି। ଯୁବକମାନଙ୍କ ମଧ୍ୟରେ ଏହାର ବୃଦ୍ଧି ଭବିଷ୍ୟତ ପିଢ଼ିର ଉତ୍ପାଦନଶୀଳତାକୁ ପ୍ରଭାବିତ କରୁଛି। ମହିଳାମାନଙ୍କ ମଧ୍ୟରେ ବଢ଼ୁଥିବା ବ୍ୟବହାର ପରିବାର ଏବଂ ସମାଜର ଗଠନକୁ ଦୁର୍ବଳ କରୁଛି।

ଏହାକୁ ରୋକିବାକୁ ହେଲେ ସଚେତନତା ଅଭିଯାନକୁ ଅଧିକ କାର୍ଯ୍ୟକ୍ଷମ କରିବା ଦରକାର। କେବଳ ସ୍ଲୋଗାନ୍ ନୁହେଁ, ବାସ୍ତବ କାହାଣୀ, ପରିବାରିକ କାଉନ୍ସେଲିଂ ଏବଂ ସ୍କୁଲ-କଲେଜ ସ୍ତରରେ ଶିକ୍ଷା ଆବଶ୍ୟକ। ମାର୍କେଟିଂ ଉପରେ କଡ଼ା ନିୟନ୍ତ୍ରଣ। ସୋସିଆଲ୍ ମିଡିଆରେ ମଦ ବିଜ୍ଞାପନ ନିଷିଦ୍ଧ କରାଯିବା ଉଚିତ। ସେହିଭଳି ରାଜ୍ୟ ଏବଂ କେନ୍ଦ୍ର ସରକାର ମଧ୍ୟରେ ସମନ୍ୱୟ ସ୍ଥାପନ କରି ଏକ ଜାତୀୟ ନୀତି ପ୍ରଣୟନ କରିବା ଦରକାର। ମଦ ରାଜସ୍ୱ ଉପରେ ନିର୍ଭରଶୀଳତା କମ କରି ଅନ୍ୟ ଉତ୍ସ ଖୋଜିବା ଉଚିତ।

ଏକ୍ଷେତ୍ରରେ ପରିବାର ଏବଂ ସମାଜର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିତାମାତା ଯୁବକମାନଙ୍କ ସହିତ ଖୋଲାଖୋଲି ଆଲୋଚନା କରିବା ଉଚିତ। ସମାଜରେ ମଦ୍ୟପାନକୁ 'ଷ୍ଟେଟସ୍ ସିମ୍ବଲ' ଭାବେ ଦେଖିବାର ପ୍ରବୃତ୍ତିକୁ ପରିବର୍ତ୍ତନ କରିବା ଦରକାର। ପାନ କରୁଥିବା ବ୍ୟକ୍ତିଙ୍କ ପାଇଁ ପୁନର୍ବାସ କେନ୍ଦ୍ର ଏବଂ କାଉନ୍ସେଲିଂ ସେବା ବଢ଼ାଇବା ଆବଶ୍ୟକ। ସାମାଜିକ ସଚେତନତା କେବଳ କାଗଜରେ ନୁହେଁ, ବାସ୍ତବ କାର୍ଯ୍ୟାନୁଷ୍ଠାନରେ ପରିଣତ ହେବା ଉଚିତ। ମଦ୍ୟପାନ ଏକ ବ୍ୟକ୍ତିଗତ ପସନ୍ଦ ହୋଇପାରେ, କିନ୍ତୁ ଏହାର ସାମାଜିକ ଓ ଆର୍ଥିକ ମୂଲ୍ୟ ଅତ୍ୟଧିକ ବେଶୀ। ଯଦି ଆମେ ଏହି ପ୍ରବୃତ୍ତିକୁ ନିୟନ୍ତ୍ରଣ କରିପାରିବୁ ନାହିଁ, ତେବେ ଆମ ଯୁବଶକ୍ତି, ପରିବାର ଏବଂ ଜାତୀୟ ଉନ୍ନୟନ କ୍ଷତିଗ୍ରସ୍ତ ହେବା ଆସନ୍ତୁ, ଆମେ ସବୁ ମିଳି ଏକ ସୁସ୍ଥ, ସଚେତନ ଏବଂ ମଦ୍ୟମୁକ୍ତ ଭାରତ ଗଢ଼ିବା ପାଇଁ ପ୍ରତିଜ୍ଞା କରିବା।

# ବିଶ୍ୱ ପରିବେଶ ଦିବସ



## ଦାଶରଥି ଶତପଥୀ

ସାଂପ୍ରତିକ ସମୟରେ ଆମେ ଅନୁଭବ କରୁଛେ ଯେ, ବିଶ୍ୱ ଜଳବାୟୁରେ ବ୍ୟାପକ ଅନିୟମିତତାଓ'ଆମେ ଆଗରୁ ପଢ଼ିଛୁ ବାର୍ଷିକ ବାରମାସ ଏବଂ ଛଅ ଗୋଟି ଋତୁ ଓ ବାସ୍ତବରେ ଆମେ ଏବେ ଏହି ଛଅଗୋଟି ଋତୁକୁ ଅନୁଭବ କରିପାରୁନାହୁଁ ଓ ଋତୁଚକ୍ରର ପ୍ରବାହମାନଭିତରେ ବହୁ ସମୟ ଗ୍ରୀଷ୍ମ ଅନୁଭୂତି ହେଉଛି ଏବଂ କେତେବେଳେ ମଧ୍ୟ ଓଡ଼ିଶାରେ ତାପମାତ୍ରା ୪୦ ଡ଼ିଗ୍ରୀରୁ ୪୫/୪୬ ଡ଼ିଗ୍ରୀ ପର୍ଯ୍ୟନ୍ତ ରହୁଛି ଓ ପୂର୍ବରୁ ଟିଟିଲାଗଡ଼କୁ ଉତ୍ତପ୍ତ ସହର କୁହାଯାଉଥିଲା ବେଳେ ଏବେ ମଧ୍ୟ କଟକ ଭୁବନେଶ୍ୱର ଏହି ତାପମାତ୍ରାକୁ ବଳିଗଲାଣି ଓ ତାହାର ପ୍ରମୁଖ କାରଣ ମଧ୍ୟରୁ ନଦୀରୁ ଜଳ ପ୍ରବାହ କମିଯାଉଛି, ସହରରୁ ବହୁ ସଖ୍ୟାରେ ଗଛ କଟାଯାଇ କଂକ୍ରିଟ ଓ ଗୋଡ଼ିର ସହର ବନାଯାଉଛି ଓ ଏହିସବୁଥିରୁ ମୁକ୍ତି ପାଇବାପାଇଁ ହେଲେ ଆମକୁ ଚିନ୍ତା କରିବାର ଗଭୀର ଆବଶ୍ୟକତା ଅଛି ଓ ମାନବ ସମାଜ ବଞ୍ଚିରହିବା ପାଇଁ ଜଳ, ବାୟୁ ଓ ଉତ୍ତାପ ସମଭାବରେ ଦରକାର, ତେଣୁ ଙଙ୍ଗଛଶରଭର ଘୋର ଅଭାବ ଘଟୁଛି ଓ ମିଳିତ ଜାତିସଂଘର ନୀତି ଅନୁଯାୟୀ ପ୍ରତିବର୍ଷର ଜୁନ ୫ (ପାଞ୍ଚ) ତାରିଖକୁ ବିଶ୍ୱ ପରିବେଶ ଦିବସ ହିସାବରେ ଆମେ ପାଳନ କରୁଛୁ, କିନ୍ତୁ ଆମକୁ ମନେ ରଖିବାକୁ ହେବ ଯେ"ପୃଥିବୀ ଆମର ନୁହେଁ , କିନ୍ତୁ ଆମେ ପୃଥିବୀର", ଯଦି ଏହି ପବିତ୍ର ଦିବସରେ ଧରିତ୍ରୀମାତାଙ୍କୁ ଠିକ ଭାବରେ ରଖିବାପାଇଁ ଆମେ ଚେଷ୍ଟା ନ କରିବା ତାହାଲେ ଆମର ଭବିଷ୍ୟତର ଆଗାମୀ ବଂଶଧରମାନେ ନାନାବିଧ ସମସ୍ୟାରେ ଉପନିତ ହେବେ, ତେଣୁ ଆଗାମୀ ସକାଳକୁ ଆମେ ସବୁଜ ସୁନ୍ଦର ବନାନୀରେ ପରିଣତ କରିବା ପାଇଁ ଚେଷ୍ଟା କରିବା ଓ ଆମ ସମସ୍ତଙ୍କର ମିଳିତ ପ୍ରୟାସରେ ବିଶ୍ୱରେ ହସଫୁଟିବ ଏବଂ ଏକ ଛୋଟ ଛୋଟ ପ୍ରୟାସର ଫଳ ଆନନ୍ଦଦାୟକ ଓ ସୁଦୁର ପ୍ରସାରୀ ହେବ ଓ ପ୍ରତ୍ୟେକ ସଭାସମିତିରେ ଆମେ ଲୋକମାନଙ୍କୁ ପ୍ରୋତ୍ସାହିତ କରିବାଗଛଟିଏ ଲଗାଇବାପାଇଁ ଓ ଅଫିସ ହେଉ, ନିଜର ଘର ହେଉ, ବାଡ଼ି ବଗିଚା ହେଉ, ସବୁ ଜାଗାରେ ଅମ୍ଳଜାନ ପାଇବା ପାଇଁ କିଛି କିଛି ଗଛ ରଖିବାଓ ଯେତେବେଳେ ପିଲାମାନେ ବିଦ୍ୟାଳୟରୁ ଘରକୁ ଫେରୁଛନ୍ତି ସେହି ସମୟରେ ପରିବାରକୁ ନେଉଥିବା ପାଣିକୁ ଇଡ଼ି ନଦେଇ ପ୍ରତ୍ୟେକଏକ ଏକ ଗଛ ମୂଳରେ ଦେବା, ଏହାଦ୍ୱାରା ପାଣିର ସୁଉପଯୋଗ ହୋଇପାରିବା ସହିତ ଆମ ପରିବେଶ ମଧ୍ୟ ସବୁଜତାରେ ଭରିଯିବ ଓ ଯଥା ସମ୍ଭବ ପ୍ଲାଷ୍ଟିକର କମ ବ୍ୟବହାର କରିବା, ଏକ ମାଟି ପାତ୍ର ଅଥବା ସୁରେଇ ଉତ୍ୟାଦିରେ ପାଣି ପିଇଲେ ତାହା ଆମକୁ ସୁନ୍ଦର ଆତ୍ମଶାନ୍ତି ପ୍ରଦାନ କରିବ, ଏବଂ ବିଶେଷକରି ଉଦବୃତ ଜଳର ସଦୁପଯୋଗ କରିବା । ପ୍ରତ୍ୟେକ ଘରର ଛାତଉପରେ ବର୍ଷାଜଳର ସଦୁପଯୋଗ କରିବା ପାଇଁ "ଜଳ ବିଭାଜିକା ପ୍ରକଳ୍ପ"(ଡ.ଐ.ଝ)ର ନିର୍ମାଣ କରିବା ପାଇଁ ଚେଷ୍ଟା କରିବା ଓ

ଚଳିତ ବର୍ଷ ୨୦୨୬ ପାଇଁ ବିଶ୍ୱ ପରିବେଶ ଦିବସରେ ଆହ୍ୱାନ ଦିଆଯାଇଛି "ପ୍ରକୃତିଦ୍ୱାରା ଅନୁପ୍ରାଣିତ ଜଳବାୟୁ ଓ ଆମର ଭବିଷ୍ୟତ"ଓ ତେଣୁ ପ୍ରକୃତି, ଜଳବାୟୁ ଓ ଆମ ପରିବେଶ ଆମ ହାତରେ ଓ ଏହାଦ୍ୱାରା ମାନବ ଜୀବନର ସ୍ଥିତି ପ୍ରଗତି ଓ ବଞ୍ଚିବାର ସକଳ ରାହା ରହୁଛି ଓ ଆମେ ଗ୍ରହଣ କରୁଥିବା ମୁକ୍ତ ବାୟୁ ଆମେ ପିଇବା ପାଣି ଏବଂ ଆମେ ଦୈନନ୍ଦିନ ଜୀବନରେ ଖାଉଥିବା ଖାଦ୍ୟ ତାହାସବୁ ପ୍ରକୃତି ଓ ପରିବେଶର ଅବଦାନ, କିନ୍ତୁ ଆମେ ଆମ ଗାଁ ଗହଁଳି ଓ ପ୍ରାଚୀନ ପରମ୍ପରାକୁ ଭୁଲିଯାଇ ଦ୍ରୁତ ଶିଳ୍ପାୟନ ଏବଂ ପରିବେଶକୁ କିଭଳି ପ୍ରଦୂଷିତ କରାଯାଇପାରିବ ସେହି କାର୍ଯ୍ୟରେ ଲାଗିଛୁ, କିନ୍ତୁ ଶିଳ୍ପାୟନରେ ଦେଶର ସମୃଦ୍ଧି,ରାଜ୍ୟର ସମୃଦ୍ଧି ଓ ଜାତିର ସମୃଦ୍ଧି ପାଇଁ ଆବଶ୍ୟକତା ନିଷ୍ପତ୍ତି ଭାବରେ ରହିଛି ଓ ରହିବ ମଧ୍ୟ, କିନ୍ତୁ ପରିବେଶର ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଦାୟୀତ୍ୱ ଆମ ସମସ୍ତଙ୍କର ହାତରେ ରହିଛି ଓ"ଆମ ସହର ସବୁଜ ସୁନ୍ଦର", "ଆମ ଜିଲ୍ଲା ସବୁଜ ସୁନ୍ଦର", ଏବଂ "ମୋ ପରିବେଶ ମୋର ସୁନ୍ଦର" ଏହି ଉକ୍ତିରେ ଆମେ ଅଭିମନ୍ତ୍ରିତ ହେବାର ଅଛି ଓ ସମସ୍ତ କାର୍ଯ୍ୟ ସରକାର କରିବ, ସେକଥା ଚିନ୍ତା କରିବା ଉଚିତ ନୁହେଁ ଓ ଗାଁ ପରିମଳ ଧୋବା ତୁଠରୁ ନ୍ୟାୟରେ ଏହା ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ଓ ସାମାଜିକ ଦାୟିତ୍ୱ ଓ

ତେଣୁ ପରିବେଶର ସୁରକ୍ଷା ପାଇଁ ଆମେ କିଛି ନୂତନ ଚିନ୍ତା ମନଭିତରେ ଆଣିବା ଉଚିତ ଓ ତୈଳ ସଂଙ୍କଟ ଓ ବିଶେଷକରି ବ୍ୟାପକ ଗାଡ଼ି ଚଳାଚଳ ଫଳରେ ପରିବେଶ ପ୍ରଦୂଷଣ ହେଉଛି, ତେଣୁ ଆମେ ସଂକଳ୍ପ ନେବା ଜରୁରୀ ଯେ, ଆବଶ୍ୟକତା ନଥିଲେ ପାଦରେ ଚାଲିଚାଲି ନତୁବା ଶୂନଗାଡ଼ି (ଈଛ-ମଙ୍ଗମକ୍ଷର)ରେ ଆମେ ଅତ୍ୟନ୍ତପକ୍ଷେ ସପ୍ତାହକୁ ୩(ତିନିଥର) ଯିବା ଆସିବା କରିପାରିବା ଓ ତେଣୁବିଶ୍ୱପରିବେଶଦିବସଆମପାଇଁଆତ୍ମସମୀକ୍ଷାରଦିବସ,ସଂକଳ୍ପ ଦିବସ ଏବଂ ପରିବେଶକୁ ସବୁଜ ସୁନ୍ଦର କରିବାପାଇଁ ଆମମାନଙ୍କ ସଂକଳ୍ପ ଓ ସାଧନା ଜାରି ରଖିବା ଏହା ସମସ୍ତଙ୍କର ଧେୟ ହେବା ଉଚିତ।

**ଭା.ପ୍ର.ସେ.(ଅବସରପ୍ରାପ୍ତ), ପ୍ରାକ୍ତନ ଆୟୁକ୍ତ ଓ ସଚିବ ଓଡ଼ିଶା ବିଧାନସଭା, ମୋବାଇଲ୍:୯୩୩୭୪୯୩୭୩**

# ଏ ଗରମର ଶେଷ କେଉଁଠି ?



## ସୁବାସ ଷଡଙ୍ଗୀ



ଜ୍ୟେଷ୍ଠ ମାସ ସବୁବେଳେ ନିର୍ଦ୍ଦୟା ପ୍ରବଳ ତାପମାତ୍ରା ଏବଂ ଆର୍ଦ୍ରତା ବୃଦ୍ଧି ପାଇଥାଏ ଏଇମାସରେ। ତାପମାତ୍ରାରୁ ରକ୍ଷା ପାଇବା ପାଇଁ ବିବିଧ ପ୍ରସ୍ତୁତି ଉଭୟେ ନାଗରିକ ଏବଂ ପ୍ରଶାସନ ପକ୍ଷରୁ ବହୁଦିନରୁ ଆରମ୍ଭ ହୁଏ। କିନ୍ତୁ ତାପ ତାହାର ପ୍ରଭାବ ଛାଡେନା। ଚଳିତ ବର୍ଷ କିନ୍ତୁଧିକ ତାପମାତ୍ରା ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ଆମ ଉପକୂଳ ଓଡ଼ିଶା ତୁଳନାରେ ପଶ୍ଚିମ ଓଡ଼ିଶାରେ ସ୍ଥିତି ଆହୁରି ସଙ୍ଗୀନ। ଆଗରୁ ଟିଟିଲାଗଡ଼କୁ ତତଲାଗଡ଼ ବୋଲି କୁହାଯାଉଥିଲା। ଏବେ କିନ୍ତୁ ତାହାକୁ ବଳିଯାଇଛି ଝାରସୁଗୁଡା। ଦଶଟା ବାଜିଲେ ଘରୁ ବାହାରି ହେଉନି। ସଞ୍ଜ ନହେଲେ ଏଇ ସବୁ ଅଞ୍ଚଳର ଲୋକମାନେ ପଦାକୁ ବାହାରି ପାରୁ ନାହାନ୍ତି।

ସବୁଦିନ ସକାଳ ପାଞ୍ଚଟାରୁ ପ୍ରାତଃ ଭ୍ରମଣରେ ଯାଏ। ଆଗରୁ ରାସ୍ତାଘାଟ ସବୁ ଶୂନଶାନ ଲାଗୁଥିଲା। ଏବେ କିନ୍ତୁ ସକାଳ ପାଞ୍ଚଟାବେଳକୁ ରାସ୍ତାରେ ଅନେକ ଲୋକ। ସେମାନେ କାମ କରୁଛନ୍ତି। କିଛି ଲୋକଙ୍କୁ ପଚାରିଥିଲି। ସେମାନଙ୍କ ଚିରାଚରିତ ଉତର ହେଲା, ଗରମରୁ ରକ୍ଷା ପାଇବାକୁ ଦିନରେ କାମ ନ କରି ରାତିରେ କାମ କରୁଛୁ। ସତ କଥା ଏ ଯେଉଁ ଗରମ ହେଉଛି, ସେଥିରେ ଖରାବେଳେ କାମ କରିବା ସମ୍ଭବ ନୁହେଁ। ଗତ ସପ୍ତାହରେ ରାୟପୁର ଯାଇଥିଲି। ସେଠାକାର ଅବସ୍ଥା ନକହିଲେ ଭଲ। ଏତେ ଉତାପ ଯେ ଘରୁ ବାହାରିବା ସମ୍ଭବ ନୁହେଁ। ଘରେ ଏୟାରକୁଲର ଲଗାଇ ବସି ରହିବାକୁ ପଡ଼ିଲା।

ଯେକୌଣସି ଲୋକର ମନ ଭିତରେ ପ୍ରଶ୍ନ ଉଠିବା ସ୍ୱାଭାବିକ, ଏତେ ଗରମ କାହିଁକି? ଏଭଳି ତାପମାତ୍ରା ବୃଦ୍ଧି ଗ୍ରୀଷ୍ମର ପରିଚିତ ରୂପ ନୁହେଁ, ବରଂ ପରିବର୍ତିତ ଜଳବାୟୁର ଏକ ଅମୋଘ ପରିଣତି। ଏ ସମ୍ପର୍କରେ ବହୁଦିନ ଆଗରୁ ପାଣିପାଗ ବାଲା ଆମକୁ ସୂଚନା ଦେଇ ଆସୁଛନ୍ତି। ଝାରସୁଗୁଡାରେ ଏକ ସପ୍ତାହ ଧରି ୪୪ରୁ ୪୫ଡିଗ୍ରି ତାପମାତ୍ରା ରହିଆସିଛି। ଝାରସୁଗୁଡା ଏବେ ଭାରତର ଦ୍ୱିତିୟ ତାପବହୁଳ ଅଞ୍ଚଳରେ ପରିଣତ ହୋଇଛି ବୋଲି କୁହାଯାଉଛି। ଯଦି ଏପରି ଅବସ୍ଥା ଲାଗି ରହେ, ତେବେ ଆଗାମୀ ଦିନରେ ସେଇ ସବୁ ଅଞ୍ଚଳର ତାପମାତ୍ରା ପଚାଶ ପାଖାପାଖି ହୋଇ ନଯିବ ବୋଲି କିଏ କହିବ? ସକାଳ ଦଶଟା ବାଜିଲେ ଦୋକନ ବନ୍ଦ, ରାସ୍ତାଘାଟ ଶୂନଶାନ। ଏଭଳି ନିସ୍ତବ୍ଧତା ସୂଚନା ଦିଏ ଯେ, ଭବିଷ୍ୟତରେ ସେଇ ସବୁ ସହରଗୁଡିକର ସାମଗ୍ରିକ ଜନଜୀବନ କିଭଳି ହେବ?

ଚଳିତ ବର୍ଷ ଏ ଯେଉଁ ତାପମାତ୍ରାବୃଦ୍ଧି, ତାହା ଭାରତବର୍ଷର ପାଣିପାଗ ବ୍ୟବସ୍ଥାକୁ ବିଗାଡି ଦେଇଛି। ଉତର ଭାରତର ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ଏହାର ପ୍ରଭାବ ଦେଖାଦେଇଛି। କେନ୍ଦ୍ରିୟ ପାଣିପାଗ ବିଭଗ ପକ୍ଷରୁ କୁହାଯାଇଛି, ଉତର ପ୍ରଦେଶର ବାରଟା ଜିଲ୍ଲାରେ ସ୍ୱାଭାବିକ ତାପମାତ୍ରା ଠାରୁ ତିନି/ଚାରି ଡିଗ୍ରି ଅଧିକ ତାପମାତ୍ରା ରହିବ। ସେଥି ମଧ୍ୟରୁ ଗୋଟିଏ ହେଲା ବାନ୍ଦା ଜିଲ୍ଲା। ପ୍ରକୃତିର କରାଳ ରୂପ କେତେ ସାଂଘାତିକ ହୋଇପାରେ, ତାହା ଚଳିତ ବର୍ଷର ଏଇ ସବୁ ଅଞ୍ଚଳର ତାପମାତ୍ରାକୁ ଦେଖିଲେ ଜଣା ପଡେ। ପଚାଶ ଡିଗ୍ରି ତାପମାତ୍ରାରେ ଏଇ ସବୁ ଆଞ୍ଚଳର ଜନଜୀବନ ଯାତ୍ରା ପୁରାପୁରି ଠପ ହୋଇଯାଇଛି।

କାରଣ ସ୍ୱରୂପ କୁହାଯାଉଛି, ବାନ୍ଦା ଜିଲ୍ଲାର ଅବସ୍ଥାନ ଯାହା, ସେଥିପାଇଁ ସେଇ ଅଞ୍ଚଳର ତାପ ବଢ଼ୁଛି। ବୁନ୍ଦେଲଖଣ୍ଡ ପାଖାପାଖି ଏଇ ସବୁ ଅଞ୍ଚଳର ଅବସ୍ଥାନ। ଏଣୁ ଏଠାରେ ଉତାପ ବୃଦ୍ଧିର କାରଣ ହେଉଛି, ଥର ମରୁଭୂମିରୁ ଆସୁଥିବା ଗରମ ପବନ। ବୁନ୍ଦେଲଖଣ୍ଡର ରୁକ୍ଷ ଓ ପଥୁରିଆ ମାଟି ଫଳରେ ଏହାର ଉତାପକୁ ଅଧିକ ସମୟ ଧରି ରଖୁଛି। ଏହାହିଁ ଏଠାକାର ତାପମାତ୍ରା ବୃଦ୍ଧିର ମୁଖ୍ୟ କାରଣ।

ବାନ୍ଦା ଜିଲ୍ଲାର ଯାହା ଅବସ୍ଥା, ତାହାର ପ୍ରତିଫଳନ ଆମ ପଶ୍ଚିମ ଓଡ଼ିଶାରେ ଦେଖିବାକୁ ମିଳୁଛି।ଝାରସୁଗୁଡା ଏବର୍ଷ 'ହିଟ ଆଇଲାଣ୍ଡ'ରେ ପରିଣତ ହୋଇଛି। ତାର କାରଣ ହେଉଛି, ଏଇ ସବୁ ଅଞ୍ଚଳରେ ସବୁଜ ବଳୟ ଲୋପ ହେବାକୁ ବସିଲାଣି। କଳକାରଖାନାରୁ ବାହାରୁଥିବା ଉତପ୍ତ ବାୟୁ, ସେଠାକାର ବାୟୁ ମଣ୍ଡଳକୁ ଅଧିକ ଉତପ୍ତ କରିଦେଉଛି। ସବୁଜ ବଳୟ କମ, ନଦୀର ଜଳପତନ ହ୍ରାସ ଓ ଭୂଗଭ୍ରସ୍ଥ ଜଳପତନ ହ୍ରାସ ହେବା ଫଳରେ ଉତାପ ବୃଦ୍ଧି ପାଉଛି।

ଏବେ ଏହା ସହିତ ଯୋଡି ହୋଇଛି, ନଦୀଗୁଡିକରୁ ଯଥେଚ୍ଛା ଭାବରେ ବାଲି ଉତୋଳନ। ଯାହାର ପ୍ରଭାବ ସିଧାସଳଖ ପରିବେଶ ଉପରେ ପଡୁଛି। ଜଳଜ ବାସ୍ତୁତନ୍ତ୍ର ପୁରାପୁରି ବିଗିଡିଗଲାଣି।

କିନ୍ତୁ ବାଲି ବେପାର ଗିଛି ନେତାଙ୍କର ମୁଖ୍ୟ ବ୍ୟବସାୟ। ତେଣୁ ଏହାକୁ ସରକାରୀ ସ୍ତରରେ ତତପରତା ପ୍ରକାଶ ପାଉ ନାହିଁ। ବାନ୍ଦା ହେଉ ବା ଆମ ଝାରସୁଗୁଡା ହେଉ, ଏହାକୁ କେବଳ ଏକ ଉଦାହରଣ ଭାବରେ ନିଆଯାଇପାରେ। ପ୍ରକୃତିର ରୋଷ କିଭଳି ଭାବରେ ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇ ପାରେ, ଆମେ ଓ ପ୍ରଶାସନ ସେଥିରୁ କିଛି ଶିକ୍ଷା ଲାଭ କରିବା ଦରକାର। ଯଦି ଏଇ ଧାରା ବଜାୟ ରହେ, ତେବେ ଆଉ କିଛି ବର୍ଷ ପରେ ଏଇ ସବୁ ଅଞ୍ଚଳ ଆଉ ବାସଯୋଗ୍ୟ ହୋଇ ରହିବ ନାହିଁ।

ଏହା ସହ ପାଣିପାଗ ବିଭଗ ପକ୍ଷରୁ ଆଉ ଏକ ସତର୍କବାଣୀ ପ୍ରଚାର କରାଯାଇଛି। ଏଲନିନୋ ପ୍ରଭାବରୁ ଚଳିତ ବର୍ଷ ବର୍ଷାର ପରିମାଣ କମ ହେବ। ଯାହାର ପ୍ରଭାବରେ ପଶ୍ଚିମ ଓଡ଼ିଶାରେ ମରୁଡ଼ି ଦେଖା ଦେବ।ଏଲ ନିନୋର ପ୍ରଭାବ ସମ୍ପର୍କରେ ଆମେ ବେଶ ସଚେତନ। ପ୍ରଥମେ ଅତ୍ୟଧିକ ଉତାପ ଏବଂ ପରିବର୍ତୀ ସମୟରେ ମହାବତ୍ୟାକୁ ଡାକି ଆଣିଥିଲା ଏଇ ଏଲ ନିନୋ।

ଏଣୁ ଆମକୁ ସଚେତନ ହେବାକୁ ପଡ଼ିବ। ବେଳ ଥାଉଁ ଥାଉ ପ୍ରତିକାର ବ୍ୟବସ୍ଥା କରିବାକୁ ପଡ଼ିବ। ଆମର ଏଠାରେ ମନଇଛା ବାଲି ଉତୋଳନ ଫଳରେ ନଦୀର ଗତି ଧାରା ମଧ୍ୟ ପରିବର୍ତନ ହୋଇଯାଉଛି। ବିଭିନ୍ନ ସ୍ଥାନରେ ଗଣ୍ଡ ହୋଇ ସେଠାରେ ପିଲାମାନେ ବୁଡି ଯାଉଥିବାର ସମ୍ବାଦ ପ୍ରକାଶ ପାଉଛି। ଏରୁ ଖାଲି ନିୟମ କରିଦେଲେ ହେବ ନାହିଁ, ତାହାକୁ କିପରି, କାର୍ଯ୍ୟକାରି କରାଯାଇପାରିବ ତାର ବ୍ୟବସ୍ଥା କରିବାକୁ ହେବ।

ଡୁମୁଡୁମା ହାଉସିଙ୍ଗ ବୋର୍ଡ କଲୋନୀ, ଭୁବନେଶ୍ୱର।
ମୋବାଇଲ୍: ୯୪୩୯୬୫୨୩୨୨

# ନିଷ୍କ୍ରିୟ ମନର ନୀରବ ସଂକଟ

## ସୁବ୍ରତ କୁମାର ଦାସ





ଆଜିର ଯୁବପିଢ଼ି ଅନେକ ସମସ୍ୟାର ସମ୍ମୁଖୀନ। ଶିକ୍ଷା ସମାପ୍ତ ପରେ ଚାକିରିର ଅଭାବ। ଜୀବନରେ ଅସ୍ଥିରତା, ସମାଜର ଚାପ, ପରିବାରର ଆଶା ଓ ଆର୍ଥିକ ସଂକଟ ତାଙ୍କ ମନକୁ ଅସ୍ଥିର କରୁଛି। ଅନେକ ଯୁବକ ଓ ଯୁବତୀ ଦିନକୁ ଦିନ ହତାଶରେ ବୁଡୁଛନ୍ତି। ଯେତେବେଳେ ଜୀବନରେ ଲକ୍ଷ୍ୟ ନଥାଏ, କାମ ନଥାଏ, ମନ ଖାଲି ହୋଇଯାଏ, ସେତେବେଳେ ନକରାତ୍ମକ ଚିନ୍ତା ଧୀରେ ଧୀରେ ମନକୁ ଆକ୍ରମଣ କରେ। ଏହି ଖାଲିପଣ ହିଁ ଅନେକ ସମୟରେ ମଣିଷକୁ ଭୁଲ ପଥକୁ ନେଇଯାଏ।

ମଣିଷ ଜୀବନରେ ମନ ଓ ଚିନ୍ତାଧାରାର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ମନ ଯଦି ସଠିକ୍ ଦିଗରେ ଚାଲିଥାଏ, ମଣିଷ ସଫଳତାର ଶିଖରକୁ ପହଞ୍ଚିପାରେ; କିନ୍ତୁ ସେହି ମନ ଯଦି ଆଳସ୍ୟତା , ନିରାଶ ଓ ଅବ୍ୟବସ୍ଥାରେ ବୁଡିଯାଏ, ତେବେ ଜୀବନ ଅନ୍ଧକାରମୟ ହୋଇପଡ଼େ। ଏହି ଅର୍ଥ କୁ ସରଳ ଭାବରେ ବୁଝାଇଥାଏ ଏକ ପ୍ରସିଦ୍ଧ ଲୋକୋକ୍ତି , "ଖାଲି ମୁଣ୍ଡ ଶଇତାନର ଘର।" ଅର୍ଥାତ୍ ଯେତେବେଳେ ମଣିଷର ମନ କୌଣସି ସୃଜନଶୀଳ କାମରେ ବ୍ୟସ୍ତ ରହେନାହିଁ, ସେତେବେଳେ ସେଠାରେ ନକାରାତ୍ମକ ଚିନ୍ତା, ଖରାପ ଅଭ୍ୟାସ ଓ ଅସାମାଜିକ ପ୍ରବୃତ୍ତି ଜନ୍ମ ନେଇଥାଏ। ଆଜିର ସମାଜରେ, ବିଶେଷକରି ଯୁବପିଢ଼ି ମଧ୍ୟରେ, ଏହି କଥାଟି ଅତ୍ୟନ୍ତ ପ୍ରାସଙ୍ଗିକ ହୋଇ ପଡ଼ିଛି।

ଦିନେ ସମୟ ଥିଲା, ଯେତେବେଳେ ଗାଁ ଘରେ ଯୁବକମାନେ କୃଷି କାମ, ଖେଳକୁଦ, ସାମାଜିକ କାର୍ଯ୍ୟ ଓ ପାରିବାରିକ ଦାୟିତ୍ୱରେ ବ୍ୟସ୍ତ ରହୁଥିଲେ। ତାଙ୍କ ଜୀବନରେ ଶୃଙ୍ଖଳା ଓ ଉଦ୍ଦେଶ୍ୟ ଥିଲା। କିନ୍ତୁ ଆଜିର ଆଧୁନିକ ଯୁଗରେ ମୋବାଇଲ, ସୋସିଆଲ ମିଡ଼ିଆ ଓ ଭର୍ଚୁଆଲ ଜଗତ ଅନେକ ଯୁବକଙ୍କୁ ବାସ୍ତବ ଜୀବନରୁ ଦୂରେଇ ଦେଇଛି। ଘଣ୍ଟା ଘଣ୍ଟା ଧରି ଅର୍ଥହୀନ ଭିଡିଓ ଦେଖିବା, ଅନଲାଇନ ଆସକ୍ତି, ଅନାବଶ୍ୟକ ତର୍କ ଓ ଅନୁକରଣରେ ସମୟ ନଷ୍ଟ ହେଉଛି। ଏହି ଅଳସୁଆମି ଓ ଅନିୟନ୍ତ୍ରିତ ଜୀବନଶୈଳୀ ମନକୁ ଦୁର୍ବଳ କରିଦେଉଛି।

ଆଳସ୍ୟତା ଓ ନିଷ୍କ୍ରିୟତା ମଣିଷର ଚରିତ୍ରକୁ ନଷ୍ଟ କରିପାରେ। ଯେଉଁ ଯୁବକଙ୍କ ହାତରେ କାମ ନଥାଏ, ସେମାନଙ୍କ ମଧ୍ୟରୁ କେହି କେହି କୁସଙ୍ଗରେ ପଡ଼ିଯାନ୍ତି। ନିଶାଦ୍ରବ୍ୟ ସେବନ, ଜୁଆ, ଅପରାଧ, ଅଶ୍ଳୀଳତା ଓ ଅସାମାଜିକ କାର୍ଯ୍ୟ ଦିଗରେ ଆକୃଷ୍ଟ ହେବାର ମୂଳରେ ଅନେକ ସମୟରେ ଏହି ଖାଲିପଣ କାମ କରେ। କାରଣ ଯେତେବେଳେ ମନ ସୃଜନଶୀଳ କାମରେ ବ୍ୟସ୍ତ ରହେନାହିଁ, ସେତେବେଳେ ମନ ଭୁଲ ଚିନ୍ତାର ଆଶ୍ରୟସ୍ଥଳୀ ହୋଇଯାଏ। ଆଜି ଅନେକ ଯୁବକ ଚାକିରି ନମିଳିବାରୁ ନିରାଶ ହୋଇ ବସିଯାଉଛନ୍ତି। ସେମାନେ ଭାବୁଛନ୍ତି ଯେ, ଜୀବନରେ ଆଉ କିଛି କରିବାକୁ ନାହିଁ। କିନ୍ତୁ ପ୍ରକୃତରେ ଜୀବନ କେବଳ ସରକାରୀ ଚାକିରି ମଧ୍ୟରେ ସୀମିତ ନୁହେଁ। ମଣିଷ ଚାହିଲେ ଛୋଟ କାମରୁ ମଧ୍ୟ ବଡ଼ ସଫଳତା ପାଇପାରେ। କିନ୍ତୁ ଆମ ସମାଜରେ ଛୋଟ କାମକୁ ଅନେକ ସମୟରେ ଅବହେଳା କରାଯାଏ। ଫଳରେ ଯୁବପିଢ଼ି କାମ କରିବା ପରିବର୍ତ୍ତେ ଅପେକ୍ଷାରେ ସମୟ ନଷ୍ଟ କରୁଛନ୍ତି। ଏହି ଅପେକ୍ଷା ଓ ନିଷ୍କ୍ରିୟତା ଧୀରେ ଧୀରେ ମନକୁ ଦୁର୍ବଳ କରିଦେଉଛି।

ଆଜିର ଯୁବପିଢ଼ି ଏହି ସମସ୍ୟାର ମୁକାବିଲା କିପରି କରିପାରିବେ ,ଏହା ହିଁ ସବୁଠାରୁ ବଡ଼ ପ୍ରଶ୍ନ। ସର୍ବପ୍ରଥମେ ଯୁବକ ଓ ଯୁବତୀମାନେ ନିଜ ଜୀବନକୁ ଲକ୍ଷ୍ୟମୟ କରିବା ଆବଶ୍ୟକ। ଜୀବନରେ ଏକ ସ୍ପଷ୍ଟ ଉଦ୍ଦେଶ୍ୟ ଥିଲେ ମନ କେବେ ଖାଲି ରହେନାହିଁ। ଲକ୍ଷ୍ୟ ଛୋଟ ହେଉ କି ବଡ଼, ସେଥିପାଇଁ ନିରନ୍ତର ପରିଶ୍ରମ କରିବା ଦରକାର। ପ୍ରତିଦିନ କିଛି ନୂଆ ଶିଖିବା, ନିଜ ଦକ୍ଷତା ବଢ଼ାଇବା ଓ ସମୟକୁ ସଠିକ୍ ଭାବେ ବ୍ୟବହାର କରିବା ଯୁବପିଢ଼ିକୁ ସଠିକ୍ ପଥରେ ରଖିପାରିବ।

ଦ୍ୱିତୀୟତଃ, ଯୁବପିଢ଼ିଙ୍କୁ ଶାରୀରିକ ଓ ମାନସିକ ଭାବେ ସକ୍ରିୟ ରହିବା ଆବଶ୍ୟକ। ଖେଳକୁଦ, ବ୍ୟାୟାମ, ଯୋଗ ଓ ଧ୍ୟାନ ମନକୁ ସକାରାତ୍ମକ କରେ। ସୁସ୍ଥ ଶରୀରରେ ସୁସ୍ଥ ମନ ବାସ କରେ। ଯେଉଁ ଯୁବକ ନିୟମିତ ବ୍ୟାୟାମ କରେ, ସେ ଅଧିକ ଆତ୍ମବିଶ୍ୱାସୀ ଓ ଆଶାବାଦୀ ହୋଇଥାଏ। ଏହା ନକାରାତ୍ମକ ଚିନ୍ତାକୁ ଦୂରେଇ ରଖିଥାଏ। ତୃତୀୟତଃ, ଭଲ ସଙ୍ଗ ଓ ସକାରାତ୍ମକ ପରିବେଶ ମଣିଷକୁ ଗଢ଼ିତୋଳେ। କୁସଙ୍ଗ ମଣିଷକୁ ନଷ୍ଟ କରିଦେଉଥିବା ବେଳେ ଭଲ ସଙ୍ଗ ମଣିଷକୁ ଉନ୍ନତିର ପଥ ଦେଖାଏ। ଯୁବପିଢ଼ିଙ୍କୁ ସେହି ସାଙ୍ଗମାନଙ୍କ ସହ ରହିବା ଉଚିତ୍ ଯେଉଁମାନେ ପରିଶ୍ରମୀ, ସକାରାତ୍ମକ ଓ ଲକ୍ଷ୍ୟପ୍ରତି ସଚେତନ। ଭଲ ପୁସ୍ତକ ପଢ଼ିବା, ପ୍ରେରଣାଦାୟକ ଲୋକଙ୍କ ଜୀବନୀ ଅଧ୍ୟୟନ କରିବା ମଧ୍ୟ ମନକୁ ଦୃଢ଼ କରେ।

ଚତୁର୍ଥତଃ, ସମୟର ସଠିକ୍ ବ୍ୟବହାର ଆଜିର ଯୁଗରେ ସବୁଠାରୁ ବଡ଼ ଆବଶ୍ୟକତା। ଦିନର ଅଧିକାଂଶ ସମୟ ମୋବାଇଲ ଓ ସୋସିଆଲ ମିଡ଼ିଆରେ ନଷ୍ଟ କରିବା ପରିବର୍ତ୍ତେ କୌଣସି ନୂଆ ଦକ୍ଷତା ଶିଖିବା ଉଚିତ୍। କମ୍ପ୍ୟୁଟର, ଡିଜିଟାଲ ମାର୍କେଟିଂ, ଭାଷା ଶିକ୍ଷା, କୃଷି, ହସ୍ତଶିଳ୍ପ, ଅନଲାଇନ ବ୍ୟବସାୟ ଭଳି ଅନେକ କ୍ଷେତ୍ରରେ ଆଜି ସୁଯୋଗ ରହିଛି। ଯୁବପିଢ଼ି ଯଦି ନିଜ ଦକ୍ଷତା ବିକାଶ କରନ୍ତି, ତେବେ ସେମାନେ ନିଜେ ନିଜର ଭବିଷ୍ୟତ ଗଢ଼ିପାରିବେ।

ପଞ୍ଚମତଃ, ପରିବାର ଓ ସମାଜର ମଧ୍ୟ ଏଥିରେ ବଡ଼ ଭୂମିକା ରହିଛି। ଯୁବକ ଯଦି ଅସଫଳ ହୁଏ, ତାଙ୍କୁ ଅବହେଳା କିମ୍ବା ତୁଳନା କରିବା ପରିବର୍ତ୍ତେ ସେମାନଙ୍କୁ ସାହସ ଦେବା ଦରକାର। ପ୍ରତ୍ୟେକ ମଣିଷର ସଫଳତାର ସମୟ ଭିନ୍ନ। କେହି ଶୀଘ୍ର ସଫଳ ହୁଅନ୍ତି, କେହି ବିଳମ୍ବରେ। ତେଣୁ ହତାଶା ପରିବର୍ତ୍ତେ ଧୈର୍ଯ୍ୟ ଓ ସହଯୋଗ ଆବଶ୍ୟକ।

ଖାଲି ମୁଣ୍ଡ ଶଇତାନର ଘର- କେବଳ ଏକ ଲୋକୋକ୍ତି ନୁହେଁ, ଏହା ଜୀବନ ପାଇଁ ଏକ ମହାନ ଶିକ୍ଷା। ମଣିଷର ମନକୁ ସଦା ସୃଜନଶୀଳ ଚିନ୍ତା, ଭଲ କାମ ଓ ସକାରାତ୍ମକ ଲକ୍ଷ୍ୟରେ ବ୍ୟସ୍ତ ରଖିବା ଆବଶ୍ୟକ। ଯେଉଁ ମଣିଷ ନିଜ ସମୟକୁ ସଠିକ୍ ଭାବେ ବ୍ୟବହାର କରେ, ସେ କେବେ ଭୁଲ ପଥକୁ ଯାଏନାହିଁ। ଯୁବପିଢ଼ି ହିଁ ଦେଶର ଭବିଷ୍ୟତ। ସେମାନେ ଯଦି ନିଜ ମନକୁ ନିୟନ୍ତ୍ରଣ କରି ସଠିକ୍ ପଥରେ ଆଗକୁ ବଢ଼ନ୍ତି, ତେବେ ସମାଜ ଓ ଦେଶ ଉଭୟ ଉନ୍ନତିର ଶିଖରକୁ ପହଞ୍ଚିପାରିବ।

ତେଣୁ,ଜୀବନରେ ଆଳସ୍ୟକୁ ଦୂରେଇ ପରିଶ୍ରମ, ସୃଜନଶୀଳତା ଓ ସକାରାତ୍ମକ ଚିନ୍ତାଧାରାକୁ ଆପଣାଇବା ହିଁ ଆଜିର ଯୁବପିଢ଼ି ପାଇଁ ସବୁଠାରୁ ବଡ଼ ଆବଶ୍ୟକତା। କାରଣ ମନ ଯଦି ଆଲୋକରେ ଭରିଥାଏ, ସେଠାରେ ଅନ୍ଧକାର କେବେ ସ୍ଥାନ ପାଇପାରେନାହିଁ।

**ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋବାଇଲ୍:୯୪୩୭୭୩୧୯୦୩**

# ଇରାନର ରାଡାର ସିଷ୍ଟମ୍ ଓ ଡ୍ରୋନ୍ କେନ୍ଦ୍ର ଉପରେ ଆଟାକ୍



ୱାଶିଂଟନ୍,୧।୬ଃ ପାରସ୍ୟ ଉପସାଗରୀୟ ଅଞ୍ଚଳରେ ପୁଣି ଥରେ ଯୁଦ୍ଧର କଳାବାଦଲ ଦେଖାଦେଇଛି। ଆମେରିକା ଏବଂ ଇରାନ ମଧ୍ୟରେ ପୂର୍ବରୁ ଚାଲିଥିବା ଉତ୍ତେଜନା ଏବେ ଏକ ଚରମ ସୀମାରେ ପହଞ୍ଚିଛି। ଇରାନ ପକ୍ଷରୁ ଆମେରିକାର ଏକ ଅତ୍ୟାଧୁନିକ ଏମ୍‌କ୍ୟୁ-ୱାନ୍ ପ୍ରିଡେଟର ଡ୍ରୋନକୁ ଗୁଳି କରି ଖସାଇ ଦିଆଯିବା ପରେ, ଆମେରିକା ଏହାର ଦୃଢ଼ ଜବାବ ଦେଇଛି। ଆମେରିକୀୟ ସେନା ପକ୍ଷରୁ ଇରାନର ରାଡାର ସିଷ୍ଟମ ଏବଂ ଡ୍ରୋନ ନିୟନ୍ତ୍ରଣ କେନ୍ଦ୍ରଗୁଡ଼ିକ ଉପରେ ଏକ ବଡ଼ ଧରଣର ସିରିଜ୍ ଆକ୍ରମଣ କରାଯାଇଛି।

ଇରାନର ସରକାରୀ ସମାଚାର ଏଜେନ୍ସି 'ଇରନା' ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଇରାନର ଅର୍ଦ୍ଧସାମରିକ ବାହିନୀ 'ରିଭୋଲ୍ୟୁସନାରୀ ଗାର୍ଡ' ଏକ ବିବୃତ୍ତି ଜାରି କରି କହିଛି ଯେ, ଆମେରିକୀୟ ସେନା ଏକ ଦ୍ୱୀପରେ ଥିବା ତାଙ୍କର ଟେଲିକମ୍ୟୁନିକେସନ ଟାୱାରକୁ ଟାର୍ଗେଟ କରି ଧ୍ୱଂସ କରିଦେଇଛି। ଅପରପକ୍ଷରେ, ଆମେରିକା ନିଜ ପ୍ରତିକ୍ରିୟାରେ କହିଛି ଯେ, ଏହି ଆକ୍ରମଣ କେବଳ ଆତ୍ମରକ୍ଷା ପାଇଁ କରାଯାଇଥିଲା। ଆମେରିକୀୟ ବାୟୁସେନା ଗୁରାକ ଏବଂ ଇରାନର କେଶମ ଦ୍ୱୀପରେ ଭୟାବହ ବୋମାବର୍ଷଣ କରିଛି। ଏହା ସହିତ ସାମରିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ଦ୍ୱୀପ ଉପରେ ମଧ୍ୟ ଆମେରିକା ବଡ଼ ଧରଣର ଏୟାରଷ୍ଟ୍ରାଇକ କରିଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ ଯେ, ଆମେରିକା ଏବଂ ଇରାନ ମଧ୍ୟରେ ବର୍ତ୍ତମାନ ଏକ ଆନୁଷ୍ଠାନିକ ଯୁଦ୍ଧବିରତି ବଳବତ୍ତର ରହିଛି। ତଥାପି ଦୁଇ ଦେଶ ପରସ୍ପର ଉପରେ ଯୁଦ୍ଧବିରତି ଉଲ୍ଲଂଘନ କରୁଥିବାର ଅନେକ ସଙ୍ଗୀନ ଆରୋପ ଆଣିଛନ୍ତି। ପୂର୍ବରୁ କୁଏତ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଥିଲା ଯେ ଆମେରିକା ସେନା ଉପରେ ହୋଇଥିବା ପ୍ରାରମ୍ଭିକ ଆକ୍ରମଣ ଇରାନ ପକ୍ଷରୁ ହିଁ ହୋଇଥିଲା। ଏହାର ଜବାବରେ ଇରାନ ଦାବି କରିଛି ଯେ, ହର୍ମୁଜ ପ୍ରଣାଳୀର 'ସିରିକ୍ ଦ୍ୱୀପ' ଉପରେ ଆକ୍ରମଣ କରିବା ପାଇଁ ଆମେରିକା ପଡ଼ୋଶୀ ଦେଶ କୁଏତର ଏକ ବାୟୁସେନା ଘାଟିକୁ ବ୍ୟବହାର କରୁଥିଲା। ଏହି କାରଣରୁ ଇରାନ ସେହି ବାୟୁସେନା ଘାଟିକୁ ନିଜର ଟାର୍ଗେଟ୍ ବୋଲି ଦର୍ଶାଇଛି, ଯାହା ପଡ଼ୋଶୀ ଦେଶଗୁଡ଼ିକ ମଧ୍ୟରେ କୂଟନୈତିକ ତିକ୍ତତା ବଢ଼ାଇ ଦେଇଛି।

## ରାଷ୍ଟ୍ରପତି ମାସୁଦ ପେଜେସ୍କିଆନଙ୍କ ଇସ୍ତଫା ନେଇ ଚର୍ଚ୍ଚା



ତେହେରାନ୍, ୧।୬ଃ ଇରାନ୍ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ରବିବାର ତାଙ୍କର ଇସ୍ତଫାପତ୍ର ସର୍ବୋଚ୍ଚ ନେତା (ସୁପ୍ରିମ ଲିଡର)ଙ୍କ ନିକଟକୁ ପଠାଇଥିବା ଖବର ପ୍ରକାଶ ପାଇଛି। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସରକାରଙ୍କ ଦମନମୂଳକ ନୀତିରେ ହତାଶ ହୋି ପେଜେସ୍କିଆନ୍ ଏଭଳି ନିଷ୍ପତ୍ତି ନେଇଥିବାକ ହୁାଯାଉଛି। ବିଶେଷକରି ଦେଶର ଶକ୍ତିଢାଞ୍ଚାରେ କଠୋରପନ୍ଥୀ ପ୍ରଭାବ ବୃଦ୍ଧି ପାଉଥିବା ସେ ସର୍ବୋଚ୍ଚନେତାଙ୍କ ନିକଟକୁ ପଠାଇଥିବା ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଦେଶର ନିଷ୍ପତ୍ତିନେବା ପ୍ରକ୍ରିୟାରୁ ରାଷ୍ଟ୍ରପତି ଏବଂ ସରକାରଙ୍କୁ ବାଦ ଦିଆଯାଇଛି। ଏହି ସ୍ଥାନରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକରେ ଇସଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର ପ୍ରଭାବ ରହୁଛି। ଏଭଳି ଏକ ପରିସ୍ଥିତିରେ ସେ ସଫଳତାର ସହ ସରକାର ପରିଚାଳନା କରିବାକୁ କିମ୍ବା ତାଙ୍କର ସାମ୍ବିଧାନିକ ଦାୟିତ୍ୱ ପୂରଣ କରିବାକୁ ସମର୍ଥ ହେଉନାହାନ୍ତି। ତାଙ୍କୁ ତୁରନ୍ତ ରାଷ୍ଟପତି ପଦରୁ ନିଷ୍କୃତି ଦିଆଯାଉ ବୋଲି ସେ ତାଙ୍କ ଇସ୍ତଫାପତ୍ରରେ ଦର୍ଶାଇଛନ୍ତି। ତେବେ ଏଭଳି ଖବରକୁ ଇରାନର ରାଷ୍ଟ୍ରପ୍ରତିଙ୍କ କାର୍ଯ୍ୟାଳୟ ତରଫରୁ ଅସ୍ୱୀକାର କରାଯିବା ସହିତ ଏହାକୁ ଭିତ୍ତିହୀନ ଓ କେବଳ ଗଣମାଧ୍ୟମର ପ୍ରଚାର ବୋଲି କୁହାଯାଇଛି।

## ସକ୍ରିୟ ହେଲା ଇରାନର ଗୁପ୍ତ କ୍ଷେପଣାସ୍ତ୍ର ଘାଟି

ତେହେରାନ୍,୧।୬ଃ ଆମେରିକାର ପ୍ରତିରୋଧ ସତ୍ତ୍ୱେ ଇରାନ ପଛକୁ ହଟିବା ମୁଡ୍‌ରେ ନାହିଁ। ଏକ ସାଟେଲାଇଟ୍ ଚିତ୍ରକୁ ଆଧାର କରି ଆନ୍ତର୍ଜାତୀୟ ଗଣମାଧ୍ୟମ ସିଏନଏନ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟ ଅନୁଯାୟୀ, ଆମେରିକା ଆକ୍ରମଣରେ ଧ୍ୱଂସ ହୋଇଯାଇଥିବା ଇରାନର ୬୯ଟି ସାମରିକ ସ୍ଥାନ ମଧ୍ୟରୁ ପ୍ରାୟ ୫୦ଟି ସ୍ଥାନକୁ ଇରାନ ମରାମତି କରି ପୁଣି ଥରେ କାର୍ଯ୍ୟକ୍ଷମ କରିଦେଇଛି। ସିଏନଏନ ରିପୋର୍ଟ ଅନୁଯାୟୀ, ଯୁଦ୍ଧବିରତି ପରେ ପ୍ରାୟ ୭ ସପ୍ତାହ ପୂର୍ବରୁ ଇରାନ ଏହି ମିଶନ ଆରମ୍ଭ କରିଥିଲା। ସୁଡ଼ଙ୍ଗ ଭିତରେ ନିର୍ମିତ କ୍ଷେପଣାସ୍ତ୍ର ଘାଟିଗୁଡ଼ିକର ପ୍ରବେଶ ପଥକୁ ସୁରକ୍ଷିତ ରଖିବା ପାଇଁ ସିଲ୍ କରାଯାଇଛି। ଶତାଧିକ ବୁଲଡୋଜର ଏବଂ ଟ୍ରକ ବ୍ୟବହାର କରି ଆକ୍ରମଣର ସମସ୍ତ ଆବର୍ଜନା ସଫା କରାଯିବା ସହ ରାସ୍ତାଗୁଡ଼ିକୁ ସମ୍ପୂର୍ଣ୍ଣ ମରାମତି କରାଯାଇଛି।

## ଶାନ୍ତି ପାଇଁ ପାକିସ୍ତାନର ପ୍ରୟାସ

ଇସଲାମାବାଦ, ୧।୬ଃ ମଧ୍ୟପ୍ରାଚ୍ୟ ଶାନ୍ତି ନେଇ ଅନିଶ୍ଚିତତା ଲାଗି ରହିଥିବା ସ୍ଥଳେ ଶାନ୍ତି ପାଇଁ ଉଦ୍ୟମ ଶେଷ ହୋଇନାହିଁ। 'ସିବିଏସ୍ ନ୍ୟୁଜ୍' ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟସ୍ଥିମାନଙ୍କ ଜରିଆରେ ଇରାନ ନିକଟକୁ ଅନେକ ସଂଶୋଧିତ ଚିଠା ପ୍ରସ୍ତାବ ପଠାଇଛନ୍ତି। ଏହି ମଧ୍ୟସ୍ଥତାର ନେତୃତ୍ୱ ପାକିସ୍ତାନ ନେଉଛି। ଯଦିଓ ଆମେରିକା ପକ୍ଷରୁ କରାଯାଇଥିବା ସଂଶୋଧନଗୁଡ଼ିକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି, କିନ୍ତୁ ଏହାର ସମ୍ପୂର୍ଣ୍ଣ ବିବରଣୀକୁ ଏବେ ସାର୍ବଜନୀନ କରାଯାଇନାହିଁ। ଅନ୍ୟପଟେ ଇରାନ ମଧ୍ୟ ଏହି ପ୍ରସ୍ତାବ ଉପରେ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ରଖିନାହିଁ।

## ଇରାନରେ ଆର୍ଥିକ ସଂକଟ

ତେହେରାନ, ୧।୬ଃ ଇରାନରେ ଚରମ ଆର୍ଥିକ ସଙ୍କଟ ସୃଷ୍ଟି ହୋଇଛି। ଦେଶରେ ମୁଦ୍ରାସ୍ଫୀତି ଏବଂ ମହଙ୍ଗା ମାଡ଼ ଆକାଶଛୁଆଁ ହୋଇଛି। ଇରାନର ଖୁଜେସ୍ତାନ ପ୍ରଦେଶରେ ସ୍ଥାନୀୟ ଶ୍ରମିକ ଏବଂ ପେନସନ ଭୋଗୀମାନେ ନିଜର ବାକି ମଜୁରୀ, ପେନସନ ବୃଦ୍ଧି ଏବଂ ଦେଶର ଜଟିଳ ମୁଦ୍ରାସ୍ଫୀତି ସ୍ଥିତିକୁ ନେଇ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଗୋଟିଏ ପଟେ ଆମେରିକାର ସାମରିକ ଚାପ ଓ ଅନ୍ୟପଟେ ଦେଶ ଭିତରେ ଉପୁଜିଥିବା ଜନଅସନ୍ତୋଷ ଇରାନ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି।

## ସୋସିଆଲ ମିଡ଼ିଆ ଇନ୍‌ଫ୍ଲୁଏନ୍ସରଙ୍କ ମୃତଦେହ ଉଦ୍ଧାର



ଲକ୍ଷ୍ନୌ, ୧।୬ଃ ଦେଶରେ ଯୌତୁକଜନିତ ହତ୍ୟା ବୃଦ୍ଧି ପାଇବାରେ ଲାଗିଛି। ମଡେଲ ଦ୍ୱିଷା ଶର୍ମା ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର କେନ୍ଦ୍ର ପାଲଟିଥିବା ବେଳେ ଲକ୍ଷ୍ନୌରେ ଆଉଜଣେ ସୋସିଆଲ ମିଡ଼ିଆ ଇନ୍‌ଫ୍ଲୁଏନ୍ସରଙ୍କ ଆତ୍ମହତ୍ୟା କରିଛନ୍ତି। ଲକ୍ଷ୍ନୌସ୍ଥିତ ଶାଶୂଘରେ ସୋସିଆଲ ମିଡ଼ିଆ ଇନ୍‌ଫ୍ଲୁଏନ୍ସର ମାନସୀ ରାଜପୁତଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ଆତ୍ମହତ୍ୟା କରିଛନ୍ତି ବୋଲି ଶାଶୂଘର ଲୋକ କହୁଥିବାବେଳ ଯୌତୁକ ଲାଗି ତାଙ୍କୁ ହତ୍ୟା କରାଯାଇଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି। ୨୦୨୪ ମସିହାରେ ମାନସୀ ସାଗର ରାଜପୁତଙ୍କୁ ବିବାହ କରିଥିଲେ। ଉଭୟ ସାଗର ଓ ମାନସୀ ଉଭୟେ ସୋସିଆଲ ମିଡ଼ିଆରେ ସକ୍ରିୟ ରହିଥିଲେ। ମାନସୀର ବାପଘର ଲୋକଙ୍କ ଅଭିଯୋଗ ଅନୁଯାୟୀ, ବିବାହ ସମୟରେ ସେମାନେ ଅନ୍ୟାନ୍ୟ ସାମଗ୍ରୀ ସହିତ ୭ ଲକ୍ଷ ଟଙ୍କାର ଯୌତୁକ ଟଙ୍କା ପ୍ରଦାନ କରିଥିଲେ। ଶାଶୂଘର ଲୋକେ ଏଥିରେ ଅସନ୍ତୁଷ୍ଟ ଥିବା ବେଳେ ଅଧିକ ଯୌତୁକ ଦାବି କରି ତାଙ୍କୁ ଉଭୟ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ମାନସୀ ଆତ୍ମହତ୍ୟା କରିଛି ବୋଲି ଶନିବାର ସେମାନଙ୍କୁ ସୂଚନା ଦିଆଯାଇଥିଲା।

## କଣ୍ଟେଣ୍ଟ କ୍ରିଏଟର ସୟୋନୀ ଚକ୍ରବର୍ତ୍ତୀଙ୍କ ଆତ୍ମହତ୍ୟା



କୋଲକାତା, ୧।୬ଃ ଗାଁର ସରଳତା ଓ ପ୍ରକୃତି ସମ୍ପର୍କିତ ଭିଡିଓ ପ୍ରସ୍ତୁତ କରି ଲୋକପ୍ରିୟ ହୋଇଥିବା ୨୩ ବର୍ଷ ବୟସ୍କା କଣ୍ଟେଣ୍ଟ କ୍ରିଏଟର ସୟୋନୀ ଚକ୍ରବର୍ତ୍ତୀଙ୍କ ରବିବାର ପରଲୋକ ହୋଇଛି। ସାୟୋନୀ କଣ୍ଟେଣ୍ଟ ଜରିଆରେ ଲୋକଙ୍କ ମନରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ରିପୋର୍ଟ ଓ ଖବର ଅନୁସାରେ ସୟୋନୀଙ୍କ ଶବ ତାଙ୍କ ଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ଏ ସମ୍ପର୍କରେ ପୋଲିସକୁ ସୂଚନା ମିଳିବାମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହୋଇଛି। ପୋଲିସ ତାଙ୍କ ଘରେ ପହଞ୍ଚି ଶବ ଜବତ କରିବା ସହିତ ପୋଷ୍ଟମର୍ଟମ ପାଇଁ ପଠାଇଛି। ପ୍ରାଥମିକ ତଦନ୍ତରୁ ସେ ଆତ୍ମହତ୍ୟା କରିଥିବା ପୁଲିସ୍ ପ୍ରକାଶ କରିଛି। ପୁଲିସକୁ ଘଟଣାସ୍ଥଳରୁ ସୁଇସାଇଡ ନୋଟ୍ ମିଳି ନାହିଁ।

### ଦ୍ୱିଶା ଶର୍ମା ମୃତ୍ୟୁ ମାମଲା

## ସିନ୍ ରିକ୍ରିଏଟ୍ କଲା ସିବିଆଇ



ନୂଆଦିଲ୍ଲୀ,୧।୬ଃ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମଡେଲ ଏବଂ ଅଭିନେତା ଦ୍ୱିଶା ଶର୍ମାଙ୍କ ମୃତ୍ୟୁ ଘଟଣାର ତଦନ୍ତକୁ ଜୋରଦାର କରିଛି। ତାଙ୍କ ଶାଶୁ ଅବସରପ୍ରାପ୍ତ ବିଚାରପତି ଗିରିବାଲା ସିଂହଙ୍କ ଭୋପାଳ ବାସଭବନରେ ଅପରାଧ ଦୃଶ୍ୟକୁ ତଦନ୍ତକାରୀ ସଂସ୍ଥାର ଅଧିକାରୀମାନେ ରିକ୍ରିଏଟ୍ କରିଛନ୍ତି। ଏଥିପାଇଁ ତଦନ୍ତକାରୀ ଅଧିକାରୀମାନେ ଡମି ଓ ଓଜନଦାର ଜିନିଷ ବ୍ୟବହାର କରିଛନ୍ତି। ଅଭିଯୁକ୍ତଙ୍କ ଦ୍ୱାରା ଦିଆଯାଇଥିବା ବୟାନ ଯାଞ୍ଚ କରିବା ଏବଂ ତଦନ୍ତ ସମୟରେ ସଂଗୃହୀତ ଭୌତିକ ପ୍ରମାଣ ସହିତ ସେଗୁଡ଼ିକୁ ମେଳ କରିବା ପାଇଁ ଏଭଳି ସିନ୍ ରିକ୍ରିଏଟ୍ କରାଯାଇଛି ବୋଲି ତଦନ୍ତକାରୀ ସଂସ୍ଥା କହିଛି।

## ମିଆଁମାର ରାଷ୍ଟ୍ରପତିଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧।୬ଃ ଏକ ପାଞ୍ଚଦିନିଆ ସରକାରୀ ଗସ୍ତରେ ଆସି ଭାରତରେ ପହଞ୍ଚିଥିବା ମିଆଁମାର ରାଷ୍ଟ୍ରପତି ୟୁ ମିନ୍ ଅଙ୍ଗ୍ ହ୍ଲାଇଙ୍ଗଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାକ୍ଷାତ କରିବା ସହ ଭାରତ ଓ ମିଆଁମାର ଦ୍ୱିପାକ୍ଷିକ ସମ୍ପର୍କକୁ ନେଇ ସେମାନଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ୟୁ ମିନ୍ ଅଙ୍ଗ୍ ହ୍ଲାଇଙ୍ଗ ମେ' ୩୦ ତାରିଖରେ ଭାରତ ଆସିଥିବା ବେଳେ ଜୁନ୍ ୩ ତାରିଖରେ ତାଙ୍କର ଭାରତ ଗସ୍ତ ଶେଷ ହେବ। ସରକାରୀ ବିବରଣୀ ଅନୁସାରେ, ତାଙ୍କୁ ଭାରତ ସରକାର ପକ୍ଷରୁ ନିମନ୍ତ୍ରଣ କରାଯାଇଛି।



ତାଙ୍କ ସହିତ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନଙ୍କ ସମେତ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳ ମଧ୍ୟ ସାମିଲ୍ ଅଛନ୍ତି। ଏହି ଗସ୍ତ ଅବସରରେ ନୂଆଦିଲ୍ଲୀ, ବୋଧଗୟା ଏବଂ ମୁମ୍ବାଇଠାରେ ଏକାଧିକ ଦ୍ୱିପାକ୍ଷିକ ବୈଠକ ଆୟୋଜନର କାର୍ଯ୍ୟସୂଚୀ ରହିଥିବା ବେଳେ ସେହିସବୁ ବୈଠକ ଅବସରରେ କୂଟନୈତିକ, ଅର୍ଥନୈତିକ, ସାଂସ୍କୃତିକ ଏବଂ ବ୍ୟବସାୟିକ ସମ୍ପର୍କ ବୃଦ୍ଧି ନେଇ ପାରସ୍ପରିକ ଆଲୋଚନା କରାଯିବ। ମିଆଁମାର ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ରଣନୈତିକ ଭାବରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଉଭୟ ପକ୍ଷ ବାଣିଜ୍ୟ, ଭିତ୍ତିଭୂମି ଏବଂ ଶକ୍ତି ସୁରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଲାଗି ପରସ୍ପର ସହ ସହବନ୍ଧିତ ହେବାର ପ୍ରୟାସ ଜାରି ରଖିଛନ୍ତି। ସେହିଭଳି ଭାରତର ଉତ୍ତର-ପୂର୍ବ ସଂଯୋଗୀକରଣ ଏବଂ ଆଞ୍ଚଳିକ ବାଣିଜ୍ୟ ମାର୍ଗ ପାଇଁ ମିଆଁମାରର ଭୌଗୋଳିକ ସ୍ଥିତି ଭାରତ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି।

# ସୁପ୍ରିମକୋର୍ଟରେ ୫ ନୂଆ ବିଚାରପତି



ନୂଆଦିଲ୍ଲୀ, ୧।୬ଃ ସୁପ୍ରିମକୋର୍ଟରେ ପୁଣି ଥରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରାଯାଇଛି। ସୁପ୍ରିମକୋର୍ଟ କଲେଜିୟମ୍‌ଙ୍କ ସୁପାରିଶକୁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିବା ପରେ ୫ ଜଣ ନୂଆ ବିଚାରପତି ନିଯୁକ୍ତି ପାଇଛନ୍ତି। କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ଏକ୍ସ ଜରିଆରେ ସୂଚନା ଦେଇଛନ୍ତି ଯେ, ସମ୍ବିଧାନର ଧାରା ୧୨୪(୨) ଅନୁଯାୟୀ ରାଷ୍ଟ୍ରପତି ଏହି ନିଯୁକ୍ତିଗୁଡ଼ିକୁ ଅନୁମୋଦନ କରିଛନ୍ତି।

ନିଯୁକ୍ତି ପାଇଥିବା ବିଚାରପତିଙ୍କ ମଧ୍ୟରେ ଚାରିଜଣ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଜଣେ ବରିଷ୍ଠ ଆଇନଜୀବୀ ସାମିଲ ଅଛନ୍ତି। ସେମାନେ ହେଉଛନ୍ତି, ଜଷ୍ଟିସ ଶୀଲ ନାଗୁ (ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି), ଜଷ୍ଟିସ ଶ୍ରୀ ଚନ୍ଦ୍ରଶେଖର (ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି), ଜଷ୍ଟିସ ସଞ୍ଜୀବ ସଚଦେବା (ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି), ଜଷ୍ଟିସ ଅରୁଣ ପଲ୍ଲୀ (ଜମ୍ମୁ-କାଶ୍ମୀର ଏବଂ ଲଦାଖ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ବରିଷ୍ଠ ଆଇନଜୀବୀ ଭେଙ୍କଟା ସୁବ୍ରମଣ୍ୟମ ମୋହନା।

ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱରେ ଗଠିତ କଲେଜିୟମ୍ ଗତ ମେ' ୨ ତାରିଖରେ ଏହି ନାମଗୁଡ଼ିକର ସୁପାରିଶ କରିଥିଲା। ନଭେମ୍ବର ୨୦୨୫ରେ ମୁଖ୍ୟବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ କାର୍ଯ୍ୟକାଳ ମଧ୍ୟରେ ଏହା ହେଉଛି ପ୍ରଥମ ପ୍ରମୁଖ ନିଯୁକ୍ତି ପ୍ରକ୍ରିୟା।

କେନ୍ଦ୍ର ସରକାର ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ଅଧ୍ୟାଦେଶ, ୨୦/୬ ଜରିଆରେ ସର୍ବୋଚ୍ଚ ଅଦାଲତର ସ୍ୱୀକୃତ ବିଚାରପତି କ୍ଷମତାକୁ ୩୪ରୁ ୩୮କୁ ବୃଦ୍ଧି କରିଛନ୍ତି। ଏହି ୫ ଜଣ ନୂଆ ବିଚାରପତିଙ୍କ ନିଯୁକ୍ତି ପରେ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୭ରେ ପହଞ୍ଚିଛି। ୩୮ ଜଣିଆ ସ୍ୱୀକୃତ କ୍ଷମତା ମଧ୍ୟରୁ ବର୍ତ୍ତମାନ କୋର୍ଟରେ ମାତ୍ର ଗୋଟିଏ ପଦବୀ ଖାଲି ରହିଛି।

# ପ୍ରସିଦ୍ଧ କଣ୍ଠଶିଳ୍ପୀ ସୁମନ କଲ୍ୟାଣପୁରଙ୍କ ପରଲୋକ



ନୂଆଦିଲ୍ଲୀ, ୧।୬ଃ ଭାରତୀୟ ସଙ୍ଗୀତ ଜଗତର ପ୍ରବୀଣ ପଚ୍ଛଦପଟ୍ଟ ଗାୟିକା ସୁମନ କଲ୍ୟାଣପୁରଙ୍କର ରବିବାର ସନ୍ଧ୍ୟାରେ ମୁମ୍ବାଇସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୮୯ ବର୍ଷ ହୋଇଥିଲା। ଗାୟିକା ସୁମନ କଲ୍ୟାଣପୁର ଭାରତୀୟ ପ୍ଲେବ୍ୟାକ୍ ସଙ୍ଗୀତରେ ନିଜ ପାଇଁ ଏକ ଅଦ୍ୱିତୀୟ ସ୍ଥାନ ସୃଷ୍ଟି କରିଛନ୍ତି। ଆଜକଲ୍ ତେରେ ମେରେ ପ୍ୟାର୍ କେ ଚର୍ଚ୍ଚେ, ନା ନା କରତେ ପ୍ୟାର ତୁମି ସେ, ତୁମ୍‌ନେ ପୁକାର ଔର ହମ୍ ଚଲେ ଆୟେ ଭଳି ଗୀତ ସବୁ ତାଙ୍କ ସଂଗୀତ ଜୀବନର ଗୋଟିଏ ଗୋଟିଏ ମାଇଲଖୁଣ୍ଟ ହୋଇ ରହିବ। ପଦ୍ମଭୂଷଣ ସମ୍ମାନରେ ବିଭୂଷିତା ସୁମନ କଲ୍ୟାଣପୁର ହିନ୍ଦି ଗୀତ ସମେତ ବହୁ ଆଞ୍ଚଳିକ ଗୀତରେ କଣ୍ଠଦାନ କରିଛନ୍ତି। ଲତା ମଙ୍ଗେସର ଓ ଆଶା ଭୋସଲେ ସଂଗୀତ ଜଗତରେ ନିଜସ୍ୱ ପ୍ରଭୁତ୍ୱ ବିସ୍ତାର କରିଥିବା ବେଳେ ସୁମନ୍ କଲ୍ୟାଣପୁର ସ୍ୱକୀୟ ସ୍ୱତନ୍ତ୍ର ଶୈଳୀ ବଳରେ ସମଗ୍ର ଭାରତୀୟ ସଂଗୀତ ଜଗତରେ ନିଜ ପାଇଁ ଏକ ଛାପ ସୃଷ୍ଟି କରିପାରିଥିଲେ।

ତାଙ୍କ ପରଲୋକ ଖବର ପାଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଶୋକ ବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସୋମବାର ଗାୟିକା ସୁମନ କଲ୍ୟାଣପୁରଙ୍କ ପରଲୋକରେ ଶୋକ ପ୍ରକାଶ କରିଛନ୍ତି।

### ପଶ୍ଚିମବଙ୍ଗ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ

# କ୍ୟାବିନେଟ୍‌ରେ ୩୫ ମନ୍ତ୍ରୀ ସାମିଲ



କୋଲକାତା, ୧।୬ଃ ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ଭାରତୀୟ ଜନତା ପାର୍ଟି ସରକାରର ପ୍ରଥମ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହୋଇଛି। ସୋମବାର ଦଳର ଆଉ ୩୫ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି, ଯାହା ରାଜ୍ୟ ଶାସନ ଗାଦିରେ ବିଜେପି ସରକାରର ସ୍ଥିତିକୁ ଆହୁରି ମଜବୁତ କରିଛି। ସୋମବାର ଅନୁଷ୍ଠିତ ଶପଥ ଗ୍ରହଣ ସମାରୋହରେ ବିଜେପିର ୩୫ ଜଣ ବିଧାୟକଙ୍କୁ ଶୁଭେନ୍ଦୁ ଅଧିକାରୀଙ୍କ କ୍ୟାବିନେଟ୍‌ରେ ସାମିଲ କରାଯାଇଛି। ନୂତନ ଭାବେ ସ୍ଥାନ ପାଇଥିବା ମନ୍ତ୍ରୀମାନଙ୍କ ମଧ୍ୟରେ ପ୍ରମୁଖ ନେତା ଭାବେ ଦୀପକ ବର୍ମନ, ମନୋଜ ଓରାଓଁ ଏବଂ ଗୌରୀ ଶଙ୍କର ଘୋଷ ସାମିଲ ଅଛନ୍ତି।

ବିଜେପି ବିଧାୟକ ରାଜେଶ ମହାତ, ଇନ୍ଦ୍ରନୀଲ ଖାନ୍ ଏବଂ ମାଲତୀ ରାଭା ରାୟଙ୍କୁ ଅଧିକାରୀ ସରକାରରେ ସ୍ୱାଧୀନ ଦାୟିତ୍ୱ ବିଶିଷ୍ଟ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ଦିଆଯାଇଛି।

ଏହା ପୂର୍ବରୁ ଗତ ମେ' ୯ ତାରିଖରେ କୋଲକାତାର ଐତିହାସିକ ବ୍ରିଗେଡ୍ ପ୍ୟାରେଡ୍ ଗ୍ରାଉଣ୍ଡରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏବଂ ତାଙ୍କ ସହ ୫ ଜଣ ମନ୍ତ୍ରୀ ପ୍ରଥମ ପର୍ଯ୍ୟାୟରେ ଶପଥ ନେଇ ସରକାର ଗଠନ କରିଥିଲେ। ପ୍ରଥମ ପର୍ଯ୍ୟାୟର ସେହି ଭବ୍ୟ ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ବିଜେପି ଶାସିତ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ସ୍ୱତନ୍ତ୍ର ଭାବେ ଉପସ୍ଥିତ ଥିଲେ।

# ଗୋଟିଏ ଦିନରେ ପରୀକ୍ଷା ଦ୍ୱନ୍ଦ୍ୱରେ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ, ୧।୬ଃ ଗୋଟିଏ ଦିନରେ ଦୁଇଟି ପ୍ରବେଶିକା ପରୀକ୍ଷା। କେମିତି ଦେବେ ପରୀକ୍ଷା ତାହାକୁ ନେଇ ଦ୍ୱନ୍ଦ୍ୱରେ ଛାତ୍ରଛାତ୍ରୀ। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଦ୍ୱାରା ପରିଚାଳିତ କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ-ଅଣ୍ଡରଗ୍ରାଜୁଏଟ୍ (ସିୟୁଇଟି-ୟୁଜି) ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଆଇଏସଇଆର)ର ଆପ୍ଟିଚ୍ୟୁଡ୍ ଟେଷ୍ଟର ତାରିଖ ଏକାଠି ପଡ଼ିଯାଇଥିବାରୁ ଏହାକୁ ନେଇ ଚିନ୍ତାରେ ପରୀକ୍ଷାର୍ଥୀ ଓ ଅଭିଭାବକ। ଏହି ଦୁଇ ପ୍ରମୁଖ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା ଆସନ୍ତା ଜୁନ୍ ୭ ତାରିଖରେ ହେବାକୁ ଯାଉଛି। ଗତ ମେ' ୨୮ ତାରିଖରେ ସ୍ଥଗିତ ହୋଇଥିବା ସିୟୁଇଟି-ୟୁଜି ପରୀକ୍ଷାକୁ ଏଟିଏ ପୁନଃନିର୍ଦ୍ଧାରିତ କରି ଜୁନ୍ ୬ ଏବଂ ୭ ତାରିଖରେ କରିବାକୁ ଘୋଷଣା କରିଥିଲା। ମାତ୍ର ପୂର୍ବରୁ ହିଁ ଜୁନ୍ ୭ ତାରିଖରେ ଆଇଆଇଏସଇଆରର ଆପ୍ଟିଚ୍ୟୁଡ୍ ଟେଷ୍ଟ ପାଇଁ ଦିନ ଧାର୍ଯ୍ୟ ହୋଇସାରିଛି।

ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ମନୋଜ କୁମାର ଗୁଜେଲା ନାମକ ଜଣେ ଅଭିଭାବକ ଏହି ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଲେଖିଛନ୍ତି ଯେ, ତାଙ୍କ ଝିଅର ଜୁନ୍ ୭ରେ ଉଭୟ ସିୟୁଇଟି ଏବଂ ଆଇଆଇଏସଇଆର ପରୀକ୍ଷା ପଡୁଛି। ଜଣେ ପରୀକ୍ଷାର୍ଥୀ ପାଇଁ ଗୋଟିଏ ସମୟରେ ଦୁଇଟି ଅଲଗା ଅଲଗା ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ରହିବା ଅସମ୍ଭବ। ତେଣୁ ସେ ଏନଟିଏକୁ ଏହି ପରୀକ୍ଷା ସୂଚୀ ବଦଳାଇବାକୁ ଅନୁରୋଧ କରିଛନ୍ତି।

### ପଶ୍ଚିମବଙ୍ଗରେ 'ଟାର୍ଗେଟ୍-ନେତା'

# ଟିଏମ୍‌ସି ସାଂସଦଙ୍କ ଅଫିସ ଭଙ୍ଗାରୁଜା



କୋଲକାତା,୧।୬ଃ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ବଡ଼ ନେତାଙ୍କ ଉପରେ ହେଉଥିବା ଆକ୍ରମଣ ଜାରି ରହିଛି। ଅଭିଷେକ ବାନାର୍ଜୀ ଓ କଲ୍ୟାଣ ବାନାର୍ଜୀଙ୍କ ପରେ ରବିବାର ଆଉ ଜଣେ ଟିଏମସି ସାଂସଦଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ମଥୁରାପୁରରେ ରବିବାର ଏକାଠି କିଛି ଲୋକ ଟିଏମସି ସାଂସଦ ବାପି ହାଲଦାରଙ୍କ ଅଫିସ ଉପରେ ଆକ୍ରମଣ କରିଥିଲେ। ଏହାପରେ ପୁରା ଅଞ୍ଚଳରେ ପ୍ରବଳ ଉତ୍ତେଜନା ଲାଗି ରହିଥିଲା। ରିପୋର୍ଟ ଅନୁସାରେ, ଭିଡ ଖୁବ୍ ହିଂସ୍ର ହୋଇଉଠିଥିଲା। ଦେଖୁ ଦେଖୁ ଅଫିସର ଝରକାରେ ଥିବା କାଚ, ସାଇନବୋର୍ଡ ଓ ଫର୍ଣ୍ଣିଚରକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିଦେଇଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ଥିଲା ଯେ, ଏହି ଅଞ୍ଚଳରେ ଗରିବ ଓ ବନ୍ୟା ପୀଡିତଙ୍କ ପାଇଁ ଆସିଥିବା ସରକାର ବନ୍ୟା ରିଲିଫ୍ ସାମଗ୍ରୀକୁ ସାଂସଦ ନିଜ ଅଫିସ ଭିତରେ ଲୁଚାଇ ରଖିଥିଲେ। ଏହା ଜନତାଙ୍କ ନିକଟରେ ଯେପରି ନପହଞ୍ଚିବ ତାହା ତାଙ୍କର ଯୋଜନା ଥିଲା। ଲୋକଙ୍କ କହିବା ଅନୁସାରେ, ଟିମ୍‌ସି ସାଂସଦଙ୍କ ଏହି ଅଫିସ ଏକ ପୋଖରୀ ଉପରେ ବେଆଇନ୍ ଦଖଲ କରି କରାଯାଇଥିଲା।

## ୨ ବିଧାୟକଙ୍କୁ ନିଲମ୍ବନ କଲେ ମମତା

ନୂଆଦିଲ୍ଲୀ, ୧।୬ଃ ଟିଏମସି ମୁଖ୍ୟ ମମତା ବାନାର୍ଜୀ ଜାଲ୍ ଦସ୍ତଖତ ମାମଲାରେ ଦୁଇଜଣ ଟିଏମସି ବିଧାୟକ ରିତୋବ୍ରତ ବାନାର୍ଜୀ ଏବଂ ସନ୍ଦିପନ ଶାହାଙ୍କୁ ନିଲମ୍ବିତ କରିଛନ୍ତି। ରିତୋବ୍ରତ ବାନାର୍ଜୀ ପୂର୍ବ ଇଲୁବେରିଆରୁ ବିଧାୟକ ରହିଥିବାବେଳେ ସନ୍ଦିପନ ଏଣ୍ଟାଲିରୁ ବିଧାୟକ ରହିଛନ୍ତି। ଏହି ଦୁଇ ବିଧାୟକଙ୍କ ନାମରେ ଗମ୍ଭୀର ଆରୋପ ଲଗାଯାଇଛି। ଅନୁଷ୍ଠିତ ବୈଠକରେ ଉପସ୍ଥିତ ନଥିବା ବିଧାୟକଙ୍କ ଜାଲ୍ ଦସ୍ତଖତ କରିଥିବା ଅଭିଯୋଗ ହୋଇଥିଲା।

# ଐତିହ୍ୟ ଓ ଆଧ୍ୟାତ୍ମିକତାର ମିଳନସ୍ଥଳ ଓଁକାର ମନ୍ଦିର



ନୂଆଦିଲ୍ଲୀ,୧।୬ଃ ଦୁନିଆର ପ୍ରଥମ ଓଁ ଆକାରର ମନ୍ଦିର ରହିଛି ଭାରତର ରାଜସ୍ଥାନର ପାଲୀ ଜିଲ୍ଲା ଅନ୍ତର୍ଗତ ଜାଡେନରେ। ଏହାର ଅଦ୍ଭୁତପୂର୍ବ ବାସ୍ତୁକଳା 'ଓମ୍' ଆକାରକୁ ଆକାଶମାର୍ଗରୁ ସ୍ପଷ୍ଟ ବାରି ହୋଇଯାଏ। ଦେବଦେବ ମହାଦେବଙ୍କ ପ୍ରତି ସମର୍ପିତ ଏହି 'ଓମ୍ ଶିବ ମନ୍ଦିର'ରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଏବଂ ୧୦୦୮ ପ୍ରକାର ଶିବଙ୍କ ପ୍ରତିମୂର୍ତ୍ତି ଦର୍ଶନର ପରମ ସୌଭାଗ୍ୟ ପ୍ରାପ୍ତ ହୋଇଥାଏ।

ସନାତନ ଧର୍ମରେ 'ଓଁ'ର ମହତ୍ତ୍ୱ ଅନେକ। ସେଥିଲାଗି ଏହି ଓଁ ଆକାର ବିଶିଷ୍ଟ ବିଶ୍ୱର ପ୍ରଥମ ମନ୍ଦିର ସନାତନଧର୍ମୀଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ରାଜସ୍ଥାନର ପାଲି ଜିଲ୍ଲା ଅନ୍ତର୍ଗତ ଜାଡନ ଗ୍ରାମ ସ୍ଥିତ ସ୍ୱାମୀ ମହେଶ୍ୱରାନନ୍ଦଙ୍କ ଆଶ୍ରମ ବିଶ୍ୱଦୀପ ଗୁରୁକୁଳ। ଏହି ଆଶ୍ରମର ୨୭୦ ଏକର ଜମି ଉପରେ ପ୍ରତିଷ୍ଠିତ ଓମ୍ ଶିବ ମନ୍ଦିରର ନିର୍ମାଣ କାର୍ଯ୍ୟ ୧୯୯୫ମସିହାରେ ହିଁ ଆରମ୍ଭ ହୋଇଥିଲା। ଏହା ସମ୍ପୂର୍ଣ୍ଣ ହେବା ପାଇଁ ସମୟ ଲାଗିଥିଲା ଦୀର୍ଘ ୨୮ବର୍ଷ। ମନ୍ଦିରଟି ରାଜସ୍ଥାନର ପ୍ରସିଦ୍ଧ ବଂଶୀ ପର୍ବତରୁ ଆସିଥିବା ଲାଲ୍ ପଥରରେ ତିଆରି ହୋଇଛି। ମନ୍ଦିରରେ ରହିଛି ଭଗବାନ୍ ଶିବଙ୍କର ୧୦୦୮ଟି ମୂର୍ତ୍ତି ଏବଂ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ। ୧୨ ଶହ ସ୍ତମ୍ଭକୁ ଆଧାର କରି ୧୩୫ ଫୁଟ ଉଚ୍ଚର ମୁଖ୍ୟ ମନ୍ଦିର ସହିତ ସଂଯୁକ୍ତ ୧୦୮ଟି ପ୍ରକୋଷ୍ଠ। ମୁଖ୍ୟ ମନ୍ଦିର ଚାରିଭାଗ ବା ୪ ମହଲା ବିଶିଷ୍ଟ। ତଳେ ଗୋଟିଏ ଭାଗ ଏବଂ ଉପରେ ତିନିଭାଗ। ଏହି ମନ୍ଦିରେ ବିଦ୍ୟମାନ ଗୁରୁ ମାଧବାନନ୍ଦଜୀଙ୍କ ସାମଧିପୀଠ। ଓଁ ଶିବ ମନ୍ଦିରର ବିଶେଷତ୍ୱ ହେଲା ଏଠାରେ ଶିବଙ୍କ ମହିମା ସମ୍ବନ୍ଧିତ ପୌରାଣିକ ଉପାଖ୍ୟାନ ସହିତ ଶିବ ସ୍ୱରୂପର ଦର୍ଶନ କରିବାର ମଉକା ଏକାଠି ମିଳିଥାଏ।

### ଓରମାସ ପକ୍ଷରୁ 'ମ୍ୟାଙ୍ଗୋ ଫେଷ୍ଟିଭାଲ-୨୦୨୬'

# ଆସନ୍ତା ୧୦ ଜୁନ ପର୍ଯ୍ୟନ୍ତ ଚାଲିବ ମେଳା

**ରାଜ୍ୟର ୧୮ ଜିଲ୍ଲାରେ ଅନୁଷ୍ଠିତ ହେଉଛି ମ୍ୟାଙ୍ଗୋ ଫେଷ୍ଟିଭାଲ**



ଭୁବନେଶ୍ୱର,୧।୬(ସଂଚାର ବ୍ୟୁରୋ): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓରମାସ) ପକ୍ଷରୁ ଆୟୋଜିତ 'ମ୍ୟାଙ୍ଗୋ ଫେଷ୍ଟିଭାଲ-୨୦୨୬'ର ଆଜି ଭୁବନେଶ୍ୱରସ୍ଥିତ ନନ୍ଦନକାନନ ରୋଡ୍, ଶିଶୁ ବିହାର, ପଟିଆଠାରେ ଉଦ୍ଘାଟନ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ଉତ୍ସବର ଶୁଭାରମ୍ଭ କରିଥିଲେ। ରାଜ୍ୟର ଆମ୍ବ ଚାଷୀମାନଙ୍କୁ ସିଧାସଳଖ ବଜାର ସୁବିଧା ଯୋଗାଇବା ସହ ପ୍ରାକୃତିକ ଭାବେ ପାଚିଥିବା ଆମ୍ବକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ମହୋତ୍ସବ ଆୟୋଜନ କରାଯାଇଛି। ଏହା ମାଧ୍ୟମରେ ଚାଷୀମାନେ ସିଧାସଳଖ ଗ୍ରାହକଙ୍କୁ ବିକ୍ରୟ କରି ନିଜ ଉତ୍ପାଦର ଉଚିତ ମୂଲ୍ୟ ପାଇପାରିବେ।

ଭୁବନେଶ୍ୱରର ଚାରିଟି ସ୍ଥାନରେ ଏହି ମ୍ୟାଙ୍ଗୋ ଫେଷ୍ଟିଭାଲ ଆୟୋଜିତ ହେଉଛି। ଏସ୍.ଆଇ.ଆର୍.ଡି. କ୍ୟାମ୍ପସ ସମ୍ମୁଖ, ସହିଦ ନଗର ଦୁର୍ଗା ମଣ୍ଡପ, ପୋଖରିପୁଟସ୍ଥିତ ମଧୁସୂଦନ ପାର୍କ ସମ୍ମୁଖ ଏବଂ ନନ୍ଦନକାନନ ରୋଡ୍, ଶିଶୁ ବିହାର, ପଟିଆରେ ଏହି ବିକ୍ରୟ କେନ୍ଦ୍ରଗୁଡ଼ିକ ଖୋଲାଯାଇଛି। ରାଜଧାନୀ ବ୍ୟତୀତ ଅନୁଗୁଳ, ବଲାଙ୍ଗୀର, ବାଲେଶ୍ୱର, ଏବଂ ସୁନ୍ଦରଗଡ଼ ପରି ରାଜ୍ୟର ୧୮ ଜିଲ୍ଲାରେ ମଧ୍ୟ ଓରମାସ ପକ୍ଷରୁ ମ୍ୟାଙ୍ଗୋ ଫେଷ୍ଟିଭାଲ ଆୟୋଜନ କରାଯାଉଛି, ଯାହା ଚାଷୀ ଓ ଗ୍ରାହକଙ୍କ ମଧ୍ୟରେ ବିଶ୍ୱାସନୀୟ ବଜାର ସଂଯୋଗ ସୃଷ୍ଟି କରୁଛି। ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ପହଞ୍ଚିବା ପାଇଁ ଦୁଇଟି 'ମ୍ୟାଙ୍ଗୋ ଅନ୍ ହ୍ୱିଲ୍ସ' ନାମକ ବିକ୍ରି ଗାଡିର ସୁବିଧା ମଧ୍ୟ ଆରମ୍ଭ କରାଯାଇଛି, ଯାହା ନିର୍ଦ୍ଧାରିତ ରାସ୍ତାରେ ବୁଲି ଗ୍ରାହକଙ୍କ ନିକଟରେ ସତେଜ ଆମ୍ବ ପହଞ୍ଚାଇପାରିବ।

## ବନୀକରଣ ଦୁର୍ନୀତି ଅଭିଯୋଗର ଭିଜିଲାନ୍ସ ତଦନ୍ତ

କଟକ,୧।୬(ସଂଚାର ବ୍ୟୁରୋ): ସାରା ରାଜ୍ୟରେ ବହୁ ଚର୍ଚ୍ଚିତ କଟକ ଜିଲ୍ଲା ଆଠଗଡ ବନଖଣ୍ଡ ଏବେ କୋଟି କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଦାଖରେ ପଡି ହାଟରେ ଗଡୁଛି। ୭ ହଜାର ଗଛ ଲଗାଇ ୧୨ ହଜାର ଗଛ ଲଗାଯାଇଥିବା ବିଲ କରି ଲକ୍ଷାଧିକ ଲୁଟ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଦୁର୍ନୀତି ନିବାରଣ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏନେଇ ଆଜି ଦୁର୍ନୀତି ନିବାରଣ ବିଭାଗର ଏକ ୯ ଜଣିଆ ଟିମ ଆଠଗଡ ବନଖଣ୍ଡ କାର୍ଯ୍ୟାଳୟ ପହଞ୍ଚିଥିଲେ। ପରେ କୁଲାଇଲୋ ବିଟ ଓରିଙ୍ଗାବାଡ଼ି ସଂରକ୍ଷିତ ଜଙ୍ଗଲରେ ପହଞ୍ଚି ଗଛ ଗଣିଥିଲେ। ଏହି ସବୁ ତଦନ୍ତ ଆଗକୁ ଦୁଇ ତିନି ଦିନ ଚଳିବ ବୋଲି ଦଦନ୍ତକାରୀ ଟିମ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ଗଛ ଲଗାଇବାରେ ଫରେଷ୍ଟ ଆଶିଷ ନାଏକ ଅନିୟମିତତା କରିଥିବା ସେହି ଫରେଷ୍ଟ ଗାର୍ଡ ଆଠଗଡ ବନଖଣ୍ଡ ଅଧିକାରୀଙ୍କ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ଆଠଗଡ ସହକାରୀ ବନସଂରକ୍ଷକ ମନୋଜ କୁମାର ପାତ୍ର ଗତ ଏପ୍ରିଲ ମାସରେ ଏହାର ବିଭାଗୀୟ ତଦନ୍ତ କରିଥିଲେ ମଧ୍ୟ ଏହି ଅନିୟମିତତାକୁ ଘଷ୍ଟ ଘୋଡାଉଥିବା ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସରକାର ଉପରେ ...

ଅଭିଯୋଗ ଶୁଣାଣି ପାଇଁ ଆଉ ପୂର୍ବ ଭଳି ବିଶେଷ ହଇରାଣ ହରକତ ହେଉନାହାନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ସାଧାରଣ ଲୋକଙ୍କ ଭିତରେ ଏକ ବଡ ପ୍ରଭାବ ପକାଉଛି ଓ ସରକାରଙ୍କ ଉପରେ ସେମାନଙ୍କ ଆସ୍ଥା ବୃଦ୍ଧି ପାଉଛି। ସପ୍ତାହ ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ରୋଗରେ ପୀଡ଼ିତ ପ୍ରାୟ ୧୩ ଜଣ ଅଭିଯୋଗକାରୀଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିର୍ଜିକାଲ ଓ୍ୱିଲ୍ସ ସିଷ୍ଟନ ଜରିଆରେ ୩.୬୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ସେହିଭଳି ପୁଅର ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ନୟାଗଡ଼ ଜିଲ୍ଲାର କାମାକ୍ଷୀ ସାହୁଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମଞ୍ଜୁର କରିଛନ୍ତି। ଆଜି ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ୬୦୦ରୁ ଊର୍ଦ୍ଧ୍ୱ ଅଭିଯୋଗପତ୍ର ଗ୍ରହଣ କରାଯାଇଛି। ଗତ ୧୭ ପାଳି ସୁଦ୍ଧା ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟକ୍ଷ ଭାବେ ଆସି ଅଭିଯୋଗ ଦେଇଥିବା ୧୪,୬୫୧ଟି ଅଭିଯୋଗ ମଧ୍ୟରୁ ୧୪,୦୪୬ ଅର୍ଥାତ ୯୬ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ଗ୍ରାମ୍ୟ ସ୍ତରୁ ଦେବେ ଏହାକୁ ଆହୁରି ବ୍ୟାପକ କରିବା ପାଇଁ ଭୁବନେଶ୍ୱର ବାହାରେ ବିଭିନ୍ନ ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

### ଆକ୍ସନ ଟେକେନ୍...

ସର୍ବାଧିକ ପୁଞ୍ଜିନିବେଶ ଆକୃଷ୍ଟ କରିବା ପାଇଁ ନିବେଶକ ଅନୁକୂଳ ନୀତି ପ୍ରଣୟନ ସମେତ ବ୍ୟବସାୟିକ ଅନୁମତି ପ୍ରକ୍ରିୟାକୁ ଡିଜିଟାଲାଇଜେସନ ମାଧ୍ୟମରେ ସରଳ କରିବା ଏବଂ ପାରମ୍ପରିକ ଉତ୍ପାଦଗୁଡ଼ିକର ବିଶ୍ୱସ୍ତରୀୟ ମାନ ଓ ରପ୍ତାନି ବୃଦ୍ଧି ପାଇଁ ଶିଳ୍ପ, ହସ୍ତତନ୍ତ ଓ ଏମଏସଏମଇ ବିଭାଗ ଦ୍ୱାରା ଗଠିତ ସ୍ୱତନ୍ତ୍ର ଟିମର କାର୍ଯ୍ୟାବଳୀର ସମୀକ୍ଷା କରାଯିବ।ରାଜ୍ୟରେ ଶିଳ୍ପ ବିକାଶକୁ ସହଜ କରିବା ପାଇଁ ବିଦ୍ୟୁତ ଓ ଜଳ ଯୋଗାଣର ଖର୍ଚ୍ଚ ହ୍ରାସ ନିମନ୍ତେ ଶକ୍ତି, ଜଳସମ୍ପଦ ଓ ପଂଚାୟତିରାଜ ବିଭାଗ କ'ଣ ପଦକ୍ଷେପ ନେଇଛନ୍ତି ତା'ର ରିପୋର୍ଟ ମଗାଯାଇଛି।

### ସୋସିଆଲ ମିଡିଆ...

ଭାଷାରେ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ଏବଂ କିଛି ନିର୍ଦ୍ଦିଷ୍ଟ ଦଳ ବିଭିନ୍ନ ସମୟରେ 'ଟୁଲ୍‌କିଟ୍' ବ୍ୟବହାର କରି ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଅପପ୍ରଚାର କରନ୍ତି ଓ ଅପଶବ୍ଦ ମଧ୍ୟ କୁହନ୍ତି। ଅତୀତରେ ଏଭଳି ହୀନ ପ୍ରୟାସ କରି ମଧ୍ୟ ସେମାନେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି। ଆଜି ପୁଣି ଥରେ ସେହିଭଳି ଏକ ମିଥ୍ୟା ପ୍ରଚାର କରି କେନ୍ଦ୍ର ସରକାରଙ୍କୁ ବଦନାମ କରିବାର ପ୍ରକ୍ରିୟା ଆରମ୍ଭ କରାଯାଇଛି । କିନ୍ତୁ ମୋର ଦୃଢ ବିଶ୍ୱାସ, ଏଥିରେ ସେମାନେ ପୂର୍ବଭଳି କେବେ ମଧ୍ୟ ସଫଳ ହେବେ ନାହିଁ। ସେ ଚେତାବନୀ ଦେଇ କହିଛନ୍ତି ଯେ, ଏଭଳି ମିଥ୍ୟା ଅବତରଣ ଦ୍ୱାରା ଏକ କଦର୍ଯ୍ୟ ରାଜନୈତିକ ପରମ୍ପରା ସୃଷ୍ଟି କରାଯାଉଛି । ଯଦି ସୋସିଆଲ ମିଡ଼ିଆ ଆକାଉଣ୍ଟଗୁଡ଼ିକରେ ବିନା ସତ୍ୟତାରେ ଏଭଳି ମିଥ୍ୟା ଖବର ପ୍ରଚାର କରାଯିବ, ତେବେ ରାଜନୀତିର ଦିଗ କଳୁଷିତ ହେବ ଏବଂ ଭବିଷ୍ୟତରେ ଭଲ ଲୋକମାନେ ରାଜନୀତିକୁ ଆସିବାକୁ ସଙ୍କୋଚ କରିବେ । ଘଟଣାର ପ୍ରକୃତ ସତ୍ୟାସତ୍ୟ ଖୁବ୍ ଶୀଘ୍ର ପଦାକୁ ଆସିବ। ସେଥିପାଇଁ ଯେଉଁମାନେ ବିନା ସ୍ପଷ୍ଟତାରେ ସୋସିଆଲ ମିଡିଆରେ ଏଭଳି ଘଟଣାକୁ ନେଇ ଚର୍ଚ୍ଚା ବା ଆଲୋଚନା କରୁଛନ୍ତି, ସେମାନେ ଏଥିରୁ ଦୂରେଇ ରୁହନ୍ତୁ ଏବଂ କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀଙ୍କ ବାବଦରେ ମିଥ୍ୟା ପ୍ରଚାର କରିବାରୁ ସମ୍ପୂର୍ଣ୍ଣ ବିରତ ରୁହନ୍ତୁ। ପ୍ରଥମେ ସୋସିଆଲ ମିଡିଆରେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଜଣେ ମହିଳାଙ୍କ ଫୋଟୋକୁ ଭାଇରାଲ କରି ଦାବି କରାଯାଉଥିଲା ଯେ, ସେହି ମହିଳା ଜଣକ ହେଉଛନ୍ତି ନିଟ୍ ପେପର ଲିକ୍ ମାମଲାର ଅଭିଯୁକ୍ତ ମନୀଷା ମନ୍ଧାରେ। କିନ୍ତୁ ଯାଞ୍ଚ ପରେ ଏହି ଦାବି ସମ୍ପୂର୍ଣ୍ଣ ମିଥ୍ୟା ପ୍ରମାଣିତ ହୋଇଛି । ଫୋଟୋରେ ଥିବା ମହିଳା ଜଣକ ପ୍ରକୃତରେ ମହାରାଷ୍ଟ୍ର ବିଜେପି ଯୁବମୋର୍ଚ୍ଚାର ଉପାଧ୍ୟକ୍ଷ ତଥା ମଡର୍ଣ୍ଣ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ନିବେଦିତା ଏକବୋଟେ ଅଟନ୍ତି, ଯାହା ଉପରେ ସେ ମଧ୍ୟ ସୋସିଆଲ ମିଡିଆରେ ନିଜ ସ୍ପଷ୍ଟୀକରଣ ରଖିସାରିଛନ୍ତି । ସେହିପରି କ୍ରୋଏସିଆରୁ ପରିଚାଳିତ 'ମାକିଲିନ ଟୋକ୍ୱିଣ୍ଟୋ' ନାମକ ଏକ ସୋସିଆଲ ମିଡିଆ ଆକାଉଣ୍ଟ ମାଧ୍ୟମରେ ଆମେରିକାର ମେଲରୋଜ୍‌ରେ ଥିବା ଏକ ଘର ସହ କେନ୍ଦ୍ରମନ୍ତ୍ରୀଙ୍କୁ ଯୋଡ଼ି ଆଉ ଏକ ମିଥ୍ୟା କାହାଣୀ ପ୍ରସ୍ତୁତ କରାଯାଇଥିଲା। ସରକାରୀ ରେକର୍ଡ ଅନୁଯାୟୀ, ମେଲରୋଜ୍‌ରେ ରହୁଥିବା ବ୍ୟବସାୟୀ ଦମ୍ପତ୍ତି ରାଜେନ୍ଦ୍ର ମହାପାତ୍ର ଓ କୋମଳ ମହାପାତ୍ରଙ୍କ ସହ ମନ୍ତ୍ରୀଙ୍କର କୌଣସି ଆର୍ଥିକ ବା ବ୍ୟକ୍ତିଗତ ସମ୍ପର୍କ ନାହିଁ। ସେହିପରି ତାଳଚେରର ମାଣିକମରା ଅଞ୍ଚଳରେ ରହୁଥିବା ରାଜେନ୍ଦ୍ର କୁମାର ମହାପାତ୍ର କେନ୍ଦ୍ରମନ୍ତ୍ରୀଙ୍କ ସହ ପରିଚିତ ଥିଲେ ମଧ୍ୟ ସେ ଜୀବନରେ କେବେ ଆମେରିକା ଯାଇନାହାନ୍ତି କିମ୍ବା ଆମେରିକା ମେଲରୋଜରେ ରହୁଥିବା ଦମ୍ପତିଙ୍କ ସହ ତାଙ୍କର କୌଣସି ସମ୍ପର୍କ ଥିବାର ଠୋସ୍ ପ୍ରମାଣ ନାହିଁ ବୋଲି ତଥ୍ୟ ସାମ୍ନାକୁ ଆସିଛି। କେବଳ ନାମ ଓ ପଦବୀ ସମାନ ଥିବାରୁ ଏଭଳି ଭ୍ରମ ସୃଷ୍ଟି କରାଯାଇଛି। କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି, ସୋସିଆଲ ମିଡିଆ ହ୍ୟାଣ୍ଡେଲ ଏବଂ ଗଣମାଧ୍ୟମର ଏକ ପ୍ରତିନିଧି ଦଳ ନିଜର ନ୍ୟସ୍ତ ସ୍ୱାର୍ଥ ରଖି ଶ୍ରୀ ପ୍ରଧାନ ଏବଂ ତାଙ୍କ ପରିବାରର ଭଲ ଛବି ନଷ୍ଟ କରିବା ପାଇଁ ଏଭଳି ମିଥ୍ୟା ଓ ମନଗଢ଼ା କାହାଣୀ ପ୍ରଚାର କରୁଛନ୍ତି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହି ପ୍ରସଙ୍ଗରେ ଅଯଥାରେ ଜଣେ ପ୍ରତିଷ୍ଠିତ ଶିକ୍ଷାବିତ ତଥା ମଦୁରାଇ କାମରାଜ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ସିନିୟର ପ୍ରଫେସର ଡକ୍ଟର ଆର୍. ଜୟରାମନଙ୍କ ନାମକୁ ମଧ୍ୟ ଟଣାଯାଇଥିଲା । ଡକ୍ଟର ଜୟରାମନ ନିଜେ ଆଜି ଏକ ଭିଡିଓ ମାଧ୍ୟମରେ ସ୍ପଷ୍ଟ କରିଛନ୍ତି ଯେ, ସେ କେବେ ମେଲରୋଜ୍ ଯାଇନାହାନ୍ତି କି କେନ୍ଦ୍ର ମନ୍ତ୍ରୀ କିମ୍ବା ତାଙ୍କ ପରିବାରକୁ କେବେ ଭେଟିନାହାନ୍ତି। କୋଏମଟ୍ଟ ଏଡୁଟେକର ନିର୍ଦ୍ଦେଶକ ଥିବାରୁ ଅଯଥାରେ ତାଙ୍କ ନାଁ ଟଣାଯାଇଥିବା ସେ ଦର୍ଶାଇଛନ୍ତି। ସେ 'ଏକ୍ସ' ପ୍ଲାଟଫର୍ମରେ ଏହି ମିଥ୍ୟା ପୋଷ୍ଟକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଅନୁରୋଧ କରିବା ସହ ଅପପ୍ରଚାରକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି । ଶିକ୍ଷା ମାଫିଆଙ୍କ ଷଡ଼ଯନ୍ତ୍ରକୁ ରୋକିବା ପାଇଁ ଆସନ୍ତା ବର୍ଷ ଠାରୁ ଓଏମଆର ସିଟ୍ ବଦଳରେ ସମ୍ପୂର୍ଣ୍ଣ ସିବିଟି ମୋଡ କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି, ଯାହା ତାଙ୍କର ସଚ୍ଚୋଟତାକୁ ପ୍ରମାଣିତ କରୁଛି।

### ପିଟିପିଟି ମାରିଦେଲା...

ମୃତ୍ୟୁ ହୋଇଛି। ସୁଶାନ୍ତ ଗତ ୨୫ ତାରିଖ ଦିନ ପାହାଡ଼ରୁ ଗାଡ଼ିରେ ପଥର ଲୋଡ କରିବା ସମୟରେ ପୁଲିସ ଚଢ଼ାଉ କରିଥିଲା । ସେହି ସମୟରେ ଦୁଇଜଣଙ୍କୁ ପୁଲିସ ଗିରଫ କରି ଜଣଙ୍କୁ କୋର୍ଟ ଚାଲାଣ କରିଥିଲା । ହେଲେ ସୁଶାନ୍ତଙ୍କୁ ଥାନାରେ ଅଟକ ରଖିଲା। ଗତକାଲି ସୁଶାନ୍ତ ଅସୁସ୍ଥ ଥିବାରୁ ଅଣ୍ଡରଟେକିଙ୍ଗରେ ପରିବାର ସଦସ୍ୟଙ୍କ ସହ ପୁଲିସ ତାଙ୍କୁ ଛାଡ଼ିଥିଲା। ସୁଶାନ୍ତଙ୍କ ଚିକିତ୍ସା ଲାଗି ପ୍ରଥମେ ଆସିକା ଓ ପରେ ବ୍ରହ୍ମପୁରରେ ପରିବାର ତାଙ୍କୁ ଭର୍ତ୍ତି କରିଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ଥାନାରେ ନିର୍ଧୂମ ମାଡ଼ ଯୋଗୁଁ ସୁଶାନ୍ତଙ୍କ ମୃତ୍ୟୁ ହୋଇଥିବା ପରିବାର ଅଭିଯୋଗ ଆଣିଛି। ମୃତ ସୁଶାନ୍ତଙ୍କ ପତ୍ନୀ ମାମାଜିନୀ ପ୍ରଧାନ ପୁଲିସ ବିରୁଦ୍ଧରେ ଅଭିଯୋଗ ଆଣି କହିଛନ୍ତି ଯେ, ତାଙ୍କର ଦିବ୍ୟାଙ୍ଗ ସ୍ୱାମୀଙ୍କୁ ପୁଲିସ ବେଆଇନ ଭାବେ ଉଠାଇ ଆଣି ଗରମ ପାଣି ଢ଼ାଳିବା ଓ କ୍ଷତ ସ୍ଥାନରେ ଲଙ୍କାଗୁଣ୍ଡ ଲଗାଇବା ଭଳି ଅମାନବିକ ନିର୍ଯାତନା ଦେଇଥିଲା। ଗତକାଲି ରାତି ପ୍ରାୟ ସାଢ଼େ ୮ଟା ସମୟରେ ସୁଶାନ୍ତଙ୍କ ବାପା ଖଦାଳ ସାହୁ ଓ ଭାଇ ଶ୍ରୀକାନ୍ତ ସାହୁଙ୍କୁ ଥାନାକୁ ଡାକି ଏକ ଖାଲି କାଗଜରେ ଜବରଦସ୍ତ ଦସ୍ତଖତ ନିଆଯାଇଥିଲା ଅତି ମୁମୂର୍ଷ ଅବସ୍ଥାରେ ପରିବାରକୁ ହସ୍ତାନ୍ତର କରାଯିବା ପରେ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ୪ଟି ମାମଲାର...

ଟ୍ରେନିଂ ଆଇପିଏସଙ୍କୁ ମୁଖ୍ୟାଳୟକୁ ବଦଳି କରାଯିବା ସହ ଥାନାର ସମସ୍ତ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି ହୋଇଛି। ୩ଜଣ ଥାନା କର୍ମଚାରୀଙ୍କୁ ନିଲମ୍ବନ ଓ ଜଣେ ଡ୍ରାଇଭରଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ଜଣାପଡ଼ିଛି। ପୁଲିସ ଡିଜି ଆଜି କବିସୂର୍ଯ୍ୟନଗର ଥାନା, ବୈଦ୍ୟନାଥପୁର ଥାନା, ବାରଙ୍ଗ ଥାନା ଓ କଟକ ସଦର ଥାନାରେ ଥାର୍ଡ ଡିଗ୍ରୀ ଓ ହାଜତ ମୃତ୍ୟୁ ମାମଲାର ତଦନ୍ତ ଦାୟିତ୍ୱ ଏଚଆରପିସିକୁ ନ୍ୟସ୍ତ କରିଛନ୍ତି। ଏପଟେ କବିସୂର୍ଯ୍ୟନଗର ଥାନା ଘଟଣାରେ ଥାନାର ସ୍ୱାଧୀନ ଦାୟିତ୍ୱରେ ଥିବା ଟ୍ରେନି ଆଇପିଏସ୍ ନିଡେଶ କୁମାର ମିଶ୍ରଙ୍କୁ ତତ୍କାଳ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ଥାନାର ସବଇନସପେକ୍ଟର ସମୀର କୁମାର ରାଉତ, ବାଲିଛାଇ ଫାଣ୍ଡିର ଏଏସଆଇ ବୈକୁଣ୍ଠ ଜେନା ଓ କନେଷ୍ଟବଳ ସୁମନ କୁମାର ସାହୁଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ସେହିପରି ଦାୟିତ୍ୱରେ ଅବହେଳା ପାଇଁ ଗାଡ଼ି ଡ୍ରାଇଭର ହୋମଗାର୍ଡ କୃଷ୍ଣଚନ୍ଦ୍ର ପ୍ରଧାନଙ୍କୁ ଚାକିରିରୁ ବହିଷ୍କାର ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି।

### ସ୍ନାନଯାତ୍ରାରୁ ବାହୁଡ଼ା...

ଜଳ ବିଜେ, ଜଳ ଲାଗି, ଛେରା ପହଁରା, ହାତୀବେଶକୁ ଶୃଙ୍ଖଳିତ କରିବା ପାଇଁ ସେବାୟତ ପ୍ରତିଶ୍ରୁତି ଦେଇଛନ୍ତି। ରଥଯାତ୍ରା ସମୟରେ ଶୃଙ୍ଖଳିତ ପହଣ୍ଡି ଓ ରଥଟଣା ସହିତ ଶୃଙ୍ଖଳିତ ଦର୍ଶନ ନେଇ ସମସ୍ତଙ୍କର ସହଯୋଗ ଲୋଡ଼ାଯାଇଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ୧୬ ତାରିଖ ସକାଳ ୯ଟାରେ ରଥ ପ୍ରତିଷ୍ଠା, ୯ଟା ୩୦ରେ ପହଣ୍ଡି ଆରମ୍ଭ ଓ ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହେବ।

### ଖୋଲାଖୋଲି...

କଂଗ୍ରେସ ରାଜନୀତିକୁ ଉଷ୍ମ କରିଛି। ଗତ ରାଜ୍ୟସଭା ନିର୍ବାଚନ ପରଠାରୁ ଦଳ ଭିତରେ ଭକ୍ତଙ୍କ ନେତୃତ୍ୱକୁ ନେଇ ବରିଷ୍ଠ ନେତାମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଜେଡି ସହିତ ମେଣ୍ଟ ଓ ଦଳର ତିନି ତିନି ଜଣ ବିଧାୟକଙ୍କ କ୍ରସ ଭୋଟିଂକୁ ନେଇ ସେମାନେ ଖୁସି ନାହାନ୍ତି।

## ହାଜିରା ଏଡାଇଲେ ଅଭିଷେକ

କୋଲକାତା,୧।୬(ସଂଚାର ବ୍ୟୁରୋ): ହାଜିରା ଏଡାଇଲେ ତୃଣମୂଳ ସାଂସଦ ଅଭିଷେକ ବାନାର୍ଜୀ। ଏକ ଦସ୍ତଖତ ଜାଲିଆତି ମାମଲା ସହିତ ଜଡିତ ସିଆଇଡି ତାଙ୍କୁ ସୋମବାର ଭବାନୀ ଭବନକୁ ଡକାଇଥିଲା। ତାଙ୍କୁ ପୂର୍ବାହ୍ନ ପ୍ରାୟ ୧୨ଟା ସମୟରେ ହାଜର ହେବାକୁ କୁହାଯାଇଥିଲା। କିନ୍ତୁ, ସୂତ୍ର ଅନୁସାରେ, ନିର୍ଦ୍ଧାରିତ ସମୟ ଅତିକ୍ରମ ହେବା ପରେ ମଧ୍ୟ ସେ ହାଜର ହୋଇ ନଥିଲେ। ସୂତ୍ରଗୁଡ଼ିକ ଆହୁରି ପ୍ରକାଶ କରିଛନ୍ତି ଯେ ଅଭିଷେକ ଅସୁସ୍ଥତାକୁ କାରଣ ଦର୍ଶାଇ ହାଜର ହେବାକୁ ଏଡାଇଥିଲେ।

## ସରକାରୀ ବସ୍‌ରେ ମହିଳାଙ୍କ ପାଇଁ ଲାଗିବନି ଟିକେଟ୍

କୋଲକାତା,୧।୬(ସଂଚାର ବ୍ୟୁରୋ): ସୋମବାର ଠାରୁ, ମହିଳାଙ୍କ ପାଇଁ ମାଗଣା ବସ୍ ଯାତ୍ରା କାର୍ଯ୍ୟକାରୀ ହୋଇଛି। ଏହି ସେବା ସମସ୍ତ ରାଜ୍ୟ ପରିଚାଳିତ ବସ୍‌ରେ ମିଳିବ। ଏଦିନ ସକାଳ ଠାରୁ ବସ୍‌ଷ୍ଟାଣ୍ଡଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ତେବେ, ରାଜ୍ୟ ପରିବହନ ବିଭାଗ ଏହି ସେବା ସମ୍ପର୍କରେ ଏକ ନିର୍ଦ୍ଦେଶାବଳୀ ଜାରି କରିଛି। ଏହା ସହିତ, ରାଜ୍ୟ ସରକାରଙ୍କ 'ଅନ୍ନପୂର୍ଣ୍ଣା ଯୋଜନା' ମଧ୍ୟ ସୋମବାର ଠାରୁ ଆରମ୍ଭ ହୋଇଛି। ନବାନ୍ନର ସୂତ୍ର ଅନୁସାରେ, ଏହି ଯୋଜନା ପାଇଁ ଆବଶ୍ୟକୀୟ ଫର୍ମ ପୂରଣ କରିବାରେ ବାସିନ୍ଦାମାନଙ୍କୁ ସହାୟତା କରିବା ପାଇଁ ସରକାରୀ କର୍ମଚାରୀମାନେ ଏଦିନ ଠାରୁ ଘର ଘର ପରିଦର୍ଶନ କରିବା ଆରମ୍ଭ କରିବେ।

## ଅନ୍‌ଲାଇନ୍‌ରେ ଭରାହେବ ଅନ୍ନପୂର୍ଣ୍ଣା ଯୋଜନାର ଫର୍ମ

କୋଲକାତା, ୧।୬(ସଂଚାର ବ୍ୟୁରୋ): ଅନ୍ନପୂର୍ଣ୍ଣା ଯୋଜନା ପାଇଁ ଅଫ୍‌ଲାଇନ୍ ଆବେଦନ ପ୍ରକ୍ରିୟା ପୂର୍ବରୁ ଆରମ୍ଭ ହୋଇସାରିଛି। ଏଥର ସମାନ ପ୍ରକ୍ରିୟା ଅନ୍‌ଲାଇନ୍‌ରେ ମଧ୍ୟ ଆରମ୍ଭ ହୋଇଛି। ଆବେଦନକାରୀମାନେ ଏଥର ଅନ୍‌ଲାଇନ୍‌ରେ ଅନ୍ନପୂର୍ଣ୍ଣା ଫର୍ମ ପୂରଣ କରିପାରିବେ। ଆବେଦନଗୁଡ଼ିକ ୯୦ ଦିନ ପର୍ଯ୍ୟନ୍ତ ଗ୍ରହଣ କରାଯିବ। ଅନ୍‌ଲାଇନ୍‌ରେ ଆବେଦନ କରିବାକୁ, ଆବେଦନକାରୀମାନଙ୍କୁ ରାଜ୍ୟ ସରକାରଙ୍କ ପୋର୍ଟାଲ୍‌ରୁ ଫର୍ମ ଡାଉନଲୋଡ୍ କରିବାକୁ ପଡ଼ିବ।

## ତିଲଜାଲାରେ ଆକ୍ରାନ୍ତ ବାପା-ପୁଅ

କୋଲକାତା,୧।୬(ସଂଚାର ବ୍ୟୁରୋ): ରାଜ୍ୟ ସରକାର ବେଆଇନ ନିର୍ମାଣ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବିଭିନ୍ନ ସ୍ଥାନରେ ବର୍ତ୍ତମାନ ବୁଲଡୋଜର ଚାଲୁଛି। ତେବେ, ଏହି ପଦକ୍ଷେପ ସତ୍ତ୍ୱେ, ଅନଧିକୃତ ନିର୍ମାଣ ସମ୍ପର୍କରେ ଅନେକ ଅଭିଯୋଗ ସାମ୍ନାକୁ ଆସୁଛି। ଏହା ବ୍ୟତୀତ, ବେଆଇନ ନିର୍ମାଣ ବିରୋଧରେ ପ୍ରତିବାଦ କରିବାରୁ ଜଣେ ମଧ୍ୟବୟସ୍କ ବ୍ୟକ୍ତିଙ୍କୁ ନିର୍ମମ ଭାବରେ ଆକ୍ରମଣ କରାଯାଇଥିଲା। ବାପାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିବା ସମୟରେ ପୁଅକୁ ମଧ୍ୟ ଆକ୍ରମଣ କରାଯାଇଥିଲା। ଏହି ଅଭିଯୋଗଗୁଡ଼ିକ ତିଲଜାଲାର ପିକନିକ୍ ଗାର୍ଡେନ୍ ଅଞ୍ଚଳରୁ ଆସିଛି।

## ନଦୀରେ ଭାସିଗଲେ ୩ ଯୁବକ



କୋଲକାତା,୧।୬(ସଂଚାର ବ୍ୟୁରୋ): ସପ୍ତାହର ପ୍ରଥମ ଦିନରେ ଏକ ଦୁଃଖଦ ଦୁର୍ଘଟଣାକୁ ନେଇ ଖଡ଼ଗପୁରରେ ଉତ୍ତେଜନା ପ୍ରକାଶ ପାଇଛି। ଖଡ଼ଗପୁରର ତିନି ଜଣ କିଶୋର ମେଦିନୀପୁର ଏବଂ ଖଡ଼ଗପୁର ସହର ନିକଟରେ ଅବସ୍ଥିତ କାଁସାଇ (କଂସାବତୀ) ନଦୀରେ ସ୍ନାନ କରିବାକୁ ଯାଇ ବୁଡ଼ି ପ୍ରାଣ ହରାଇଛନ୍ତି। ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇ ପୋଷ୍ଟମର୍ଟମ ପାଇଁ ଖଡ଼ଗପୁର ମହକୁମା ଡାକ୍ତରଖାନାକୁ ପଠାଯାଇଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସୋମବାର ସକାଳେ ଖଡ଼ଗପୁରର ଛଅ ଜଣ କିଶୋର ସ୍ନାନ କରିବାକୁ କାଁସାଇ ନଦୀ କୂଳରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ତିନି ଜଣ ପାଣିରେ ପ୍ରବେଶ କରିଥିଲେ, ଅନ୍ୟ ତିନି ଜଣ ନଦୀ କୂଳରେ ବସିଥିଲେ। କିଛି ସମୟ ମଧ୍ୟରେ, ପାଣିରେ ପ୍ରବେଶ କରିଥିବା ତିନି ଜଣ କିଶୋର କାଁସାଇର ଗଭୀର ସ୍ରୋତରେ ଭାସି ଯାଇଥିଲେ। କୂଳରେ ବସିଥିବା ତିନି ଜଣ କିଶୋର ସାହାଯ୍ୟ ପାଇଁ ଚିତ୍କାର କରିବାକୁ ଲାଗିଲେ। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଧାଇଁ ଆସିଥିଲେ ଏବଂ ସୂଚନା ପାଇବା ପରେ ପୁଲିସ ପହଞ୍ଚିଥିଲା। ପରେ ଡଙ୍ଗା ବ୍ୟବହାର କରି ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ସକାଳ ପ୍ରାୟ ୧୦ଟା ସମୟରେ ଖଡ଼ଗପୁର ଗ୍ରାମାଞ୍ଚଳର ମଟକଟପୁର ଅଞ୍ଚଳରେ ନଦୀରୁ ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଖଡ଼ଗପୁର ଗ୍ରାମାଞ୍ଚଳ ପୁଲିସ ତୁରନ୍ତ ମୃତଦେହଗୁଡ଼ିକୁ ଖଡ଼ଗପୁର ମହକୁମା ଡାକ୍ତରଖାନାକୁ ପଠାଇଥିଲେ, ଯେଉଁଠାରେ ଡାକ୍ତର ତିନି ଜଣଙ୍କୁ ମୃତ ଘୋଷଣା କରିଥିଲେ।

● ଓଡ଼ିଶାରେ ଏସଆଇଆରର ତୃତୀୟ ଦିନ

## ଆଜି ସୁଦ୍ଧା ୨୫.୨୩ ଲକ୍ଷ ଭୋଟରଙ୍କୁ ଫର୍ମ ବଣ୍ଟନ



ଭୁବନେଶ୍ୱର, ୧।୬ (ସଂଚାର ବ୍ୟୁରୋ) : ଓଡ଼ିଶା ରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମ ଜୋରସୋରରେ ଚାଲିଛି। କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି, ତାହା ନିଶ୍ଚିତ କରିବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ), ବିଏଲ୍‌ଓ ସୁପରଭାଇଜର, ସମସ୍ତ ନିର୍ବାଚନ ଅଧିକାରୀ, ରାଜନୈତିକ ଦଳଗୁଡ଼ିକ ଦ୍ୱାରା ନିଯୁକ୍ତ ବିଏଲ୍‌ଏ (ବିଏଲଏ) ମାନେ ତୃଣମୂଳ ସ୍ତରରେ ଘରକୁ ଘର ବୁଲି ସଘନ ସଂଶୋଧନ ପ୍ରକ୍ରିୟା ଜାରି ରଖିଛନ୍ତି। ଆଜି ସନ୍ଧ୍ୟା ସୁଦ୍ଧା, ୨୫ ଲକ୍ଷ ୨୩ ହଜାର ୯୭୪ ଜଣ ଭୋଟରଙ୍କୁ ଫର୍ମ ବଣ୍ଟନ କରାଯାଇଛି। ୪୫ ହଜାର ୨୫୫ ଜଣ ବିଏଲ୍‌ଓ ଘରକୁ ଘର ବୁଲି ଭୋଟରମାନଙ୍କୁ ସେମାନଙ୍କର ଗଣନା ଫର୍ମ ପୂରଣ କରିବାରେ ଏବଂ ତାହା ସଂଗ୍ରହ କରିବାରେ ସାହାଯ୍ୟ କରୁଛନ୍ତି। ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ ଯୋଗାଇ ଦିଆଯାଉଛି। ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରୁଛନ୍ତି ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରାଯାଉଛି, ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ।

## ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କ ପାଇଁ ବଡ଼ ଖବର

### ଟଙ୍କା ଫେରସ୍ତ ପାଇଁ ମୂଳ ରସିଦ ଦରକାର ନାହିଁ

ଭୁବନେଶ୍ୱର,୧।୬(ସଂଚାର ବ୍ୟୁରୋ): ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ପାଇଁ ପୁଣି ବଢ଼ିଲା ଟଙ୍କା ଫେରସ୍ତ ଅବଧି । ଅଗଷ୍ଟ ୩୧ ଯାଏଁ ରହିବ ଜାରି ରହିବ ଫେରସ୍ତ ପ୍ରକ୍ରିୟା । ଏବେ ଟଙ୍କା ଫେରସ୍ତ ପାଇଁ ଆଉ ମୂଳ ରସିଦର ଆବଶ୍ୟକତା ନାହିଁ। ବହୁ କ୍ଷୁଦ୍ର ଜମାକାରୀଙ୍କ ପାଖରେ ମୂଳ ଜମା ରସିଦ ଉପଲବ୍ଧ ନାହିଁ । ତେଣୁ କ୍ଷୁଦ୍ର ଜମାକାରୀ କେବଳ ପରିଚୟ ପତ୍ର ଦେଖାଇ ଜମା ଟଙ୍କା ପାଇ ପାରିବେ ବୋଲି ସୂଚନା ଦେଇଛନ୍ତି ମନ୍ତ୍ରୀ ବିଭୂତି ଭୂଷଣ ଜେନା। ପୂର୍ବରୁ ଟଙ୍କା ଫେରସ୍ତ ପ୍ରକ୍ରିୟାର ଶେଷ ତାରିଖ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଅନେକ ଜମାକାରୀଙ୍କ ପାଖରେ ମୂଳ ରସିଦ ଉପଲବ୍ଧ ନଥିବାରୁ ସେମାନେ ଟଙ୍କା ଫେରି ପାଇବାରୁ ବଞ୍ଚିତ ହୋଇଥିଲେ । ଏହାକୁ ଦୃଷ୍ଟିରେ ରଖି ସରକାର ଏହି ଅବଧିକୁ ୩୧ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଜମାକାରୀମାନେ www.opid.odisha.gov.in ୱେବସାଇଟ୍‌କୁ ଯାଇ ଆବେଦନପତ୍ରର ସ୍ଥିତି ଯାଞ୍ଚ କରିପାରିବେ। ଯୋଗ୍ୟ ଜମାକାରୀମାନେ ସ୍ଥାନୀୟ ଆର୍‌ଆଇଙ୍କ ନିକଟରେ ଆବଶ୍ୟକ ଦସ୍ତାବିଜ ଦାଖଲ କରିବେ ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ଡ୍ରାଇଭିଂ ଲାଇସେନ୍ସ, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଓ ଆଇଏଫ୍‌ଏସି କୋଡ୍ ଜମା କରିବେ।

## ଆରମ୍ଭ ହେଲା ସ୍ୱତନ୍ତ୍ର ସଂଘନ ସଂଶୋଧନ



ବାଲିଅନ୍ତା, ୧।୬ (ସଂଚାର ବ୍ୟୁରୋ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ୨୦୨୬ ଆରମ୍ଭ ହୋଇଛି। ଏହି ଅଭିଯାନ ମେ' ୩୦ ତାରିଖରୁ ଜୁନ୍ ୨୮ ତାରିଖ ଯାଏ ଚାଲିବ। ନିର୍ବାଚନୀ ତାଲିକାକୁ ଅଧିକ ସଠିକ୍, ନିର୍ଭୁଲ ଏବଂ ଅଦ୍ୟତନ (ଅପଡେଟ୍) କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁଘର ଯାଇ ଭୋଟରମାନଙ୍କ ସୂଚନା ସଂଗ୍ରହ, ଯାଞ୍ଚ ଏବଂ ପରିଶୋଧନ କାର୍ଯ୍ୟ ସମ୍ପାଦନ କରିବା ସହ ପ୍ରତ୍ୟେକ ପରିବାରକୁ ପରିଗଣନା ଫର୍ମ ପ୍ରଦାନ କରାଇଥିଲେ। ଭୋଟରମାନେ ଏହି ଫର୍ମ ପୂରଣ କରି ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦାଖଲ କରିଥିଲେ। ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ନିଯୁକ୍ତ କରାଯାଇଛି। ସେମାନେ ହେଉଛନ୍ତି ଅଭୟ କୁମାର ସାମଲ, ସଞ୍ଜୁକ୍ତା ସାହୁ, ଆରତୀ ସାହୁ। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଭୋଟରମାନଙ୍କୁ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ସହ ସହଯୋଗ କରି ସଠିକ୍ ଓ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ ନିର୍ବାଚନୀ ତାଲିକାକୁ ନିର୍ଭୁଲ କରିବାରେ ସହଭାଗୀ ହେବାକୁ ଆହ୍ୱାନ ଦିଆଯାଇଛି।

## ୪୧ ଲକ୍ଷର ବ୍ରାଉନସୁଗର ଜବତ; ମହିଳାଙ୍କ ସମେତ ୫ଗିରଫ



ଜଗତସିଂହପୁର,୧।୬(ସଂଚାର ବ୍ୟୁରୋ): ଜଗତସିଂହପୁର ପୋଲିସ ୨୭୭.୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହି ବ୍ରାଉନସୁଗାରର ମୂଲ୍ୟ ୪୧ ଲକ୍ଷ ୫୫ ହଜାର ଟଙ୍କା ହେବ। ଏହି ଘଟଣାରେ ୫ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ଲକ୍ଷ୍ମୀସାଗର ଥାନା ଅଧୀନ ହଳଦୀପଡ଼ିଆ ବସ୍ତିର ବିଜୟ କୁମାର ଶର୍ମାଙ୍କ ସ୍ତ୍ରୀ ତାରା ଶର୍ମା, ଲକ୍ଷ୍ମୀସାଗର ଥାନା ଝାରପଡ଼ା ମହାଦେବନଗର ବାସିନ୍ଦା ପଦ୍ମନାଭ ନାୟକଭଙ୍କ ପୁଅ ସରୋଜ ନାୟକ, କଟକ ଜିଲ୍ଲା ସାଲେପୁର ଥାନା ଅଧୀନ ରସାଳପୁର ଗ୍ରାମର ନଗେନ୍ଦ୍ର ବେହେରାଙ୍କ ପୁଅ ନିତିନ ବେହେରା, ଝାରପଡ଼ା ଥାନା ଅଧୀନ ମହାଦେବ ନଗରର ସନ୍ତୋଷ ଦାସଙ୍କ ପୁଅ ବିକାଶ ଦାଶ ଏବଂ ପୁରୀ ଜିଲ୍ଲା ଗୋପ ଥାନା ଅଧୀନ ବିଚିତ୍ରାନନ୍ଦ ଦଳାଇଙ୍କ ପୁଅ ତାପସ ଦଳାଇ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଜଗତସିଂହପୁର ଏସଡିପିଓଙ୍କ ନେତୃତ୍ୱରେ ବ୍ରାଉନସୁଗାର ବେପାରୀଙ୍କ ଉପରେ ଏକ ପୋଲିସ ଟିମ୍ ଦ୍ୱାରା ଚଢ଼ଉ କରାଯାଇଥିଲା। ଏମାନେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣୁଥିଲେ। ୧୦ଗ୍ରାମ ପିଛା ପ୍ରାୟ ଦେଢ଼ ଲକ୍ଷ ଟଙ୍କାରେ ବିକ୍ରି କରୁଥିଲେ। ପୁଲିସ ସୂଚନାନୁସାରେ, ଅଭିଯୁକ୍ତଙ୍କ ଠାରୁ ୨୭୭.୫ ଗ୍ରାମ ବ୍ରାଉନସୁଗାର, ଏକ ଧଳା କାର ଏବଂ ୫ଟି ମୋବାଇଲ ଜବତ ହୋଇଛି।

## ଶିକ୍ଷା ମନ୍ତ୍ରଣାଳୟ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ,୧।୬: ସୋମବାର ସକାଳେ କେନ୍ଦ୍ରୀୟ ଦିଲ୍ଲୀର ଆଇଟିଓ ଅଞ୍ଚଳରେ ଥିବା ସ୍କୁଲ ଅଫ୍ ପ୍ଲାନିଂ ଆଣ୍ଡ୍ ଆର୍କିଟେକ୍ଚର୍ କ୍ୟାମ୍ପସର ଦ୍ୱିତୀୟ ମହଲାରେ ଅବସ୍ଥିତ ଶିକ୍ଷା ମନ୍ତ୍ରଣାଳୟ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ ଘଟିଛି। ଅଧିକାରୀଙ୍କ ଅନୁଯାୟୀ, ଦିଲ୍ଲୀ ଅଗ୍ନିଶମ ସେବା ସକାଳ ପ୍ରାୟ ସାଢ଼େ ନ'ଟା ସମୟରେ ଏକ ଜରୁରୀକାଳୀନ କଲ୍ କରାଯାଇଥିଲା। ତେବେ କୌଣସି ମୃତାହତ ହୋଇ ନଥିବା କର୍ତ୍ତୃପକ୍ଷ ନିଶ୍ଚିତ କରିଛନ୍ତି। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ନିର୍ଣ୍ଣୟ କରାଯାଇ ନାହିଁ।

## ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଚୌଦ୍ୱାର,୧।୬(ସଂଚାର ବ୍ୟୁରୋ): ଚୌଦ୍ୱାର କଲେଜ ଅଧ୍ୟକ୍ଷା ରଶ୍ମୀ ରାଉତରାୟ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ କଲେଜ ଅଡିଟୋରିୟମରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ ଡ. ପ୍ରଫୁଲ୍ଲ କୁମାର ସାହୁ ପୌରୋହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ସମ୍ବର୍ଦ୍ଧନା ସଭାରେ ଡାକ୍ତର ସତ୍ୟବ୍ରତ ମହାପାତ୍ର, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ସାହୁ, ଅଧ୍ୟାପକ ଗଣେଶ୍ୱର ସ୍ୱାଇଁ, କର୍ମଚାରୀ ସଂଘର ସଭାପତି ସସ୍ମିତା ଭୂୟାଁ, ଅଧ୍ୟାପିକା ହରପ୍ରିୟା ମହାପାତ୍ର, ପୁରାତନ ଛାତ୍ର ସଂସଦ ସଭାପତି ବିବେକାନନ୍ଦ ଜେନା, ପ୍ରମୁଖ ଶ୍ରୀମତୀ ରାଉତରାୟଙ୍କ ମହତ୍ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ଅବସରକାଳୀନ ଜୀବନ ସୁସ୍ଥ, ନିରାମୟ, ସୁଖ ଓ ଶାନ୍ତିରେ ଅତିବାହିତ ହେଉ ବୋଲି କାମନା କରିଥିଲେ। ଏହି ଅବସରରେ କଲୋଜର ବହୁ ଅଧ୍ୟାପକ ଓ ଅଧ୍ୟାପିକା ଶ୍ରୀମତୀ ରାଉତରାୟଙ୍କ ସହିତ କାର୍ଯ୍ୟ କରିଥିବା ବେଳର ଅନେକ ଅଭୁଲା ସ୍ମୃତି ବଖାଣି ଥିଲେ ଏବଂ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

**ପୁରୀରେ କେନ୍ଦ୍ରାଞ୍ଚଳ ଆଇଜି**

## ସ୍ନାନ ପୂର୍ଣ୍ଣିମା ପାଇଁ ସୁରକ୍ଷା ବ୍ୟବସ୍ଥାର କଲେ ସମୀକ୍ଷା



ପୁରୀ,୧।୬(ସଂଚାର ବ୍ୟୁରୋ): ଆସନ୍ତା ପବିତ୍ର ସ୍ନାନ ପୂର୍ଣ୍ଣିମା ଉତ୍ସବ ଅବସରରେ ବିପୁଳ ସଂଖ୍ୟକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଆଜି କେନ୍ଦ୍ରାଞ୍ଚଳ ଆଇଜି ଡ଼ଃ ସତ୍ୟଜିତ ନାୟକ ପୁରୀରେ ସୁରକ୍ଷା, ଟ୍ରାଫିକ୍ ଓ ଭିଡ଼ ପରିଚାଳନା ବ୍ୟବସ୍ଥାର ଉଚ୍ଚସ୍ତରୀୟ ସମୀକ୍ଷା କରିଥିଲେ। ପୁରୀ ଏସ୍‌ପି ପ୍ରତୀକ ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କ ସହ ଆଇଜି ପ୍ରଥମେ ଶ୍ରୀଜଗନ୍ନାଥ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ ଏବଂ ପରେ କ୍ଷେତ୍ର ପରିଦର୍ଶନ କରିଥିଲେ।

ଆସନ୍ତା ଜୁନ୍ ୨୯ ତାରିଖରେ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବାକୁ ଥିବାବେଳେ, ଏହି ସମୀକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭକ୍ତମାନଙ୍କ ସୁବିଧାକୁ ପ୍ରାଥମିକତା ଦେଇ ଏକ ସୁଚାରୁ ଏବଂ ସୁସଂଗଠିତ ସୁରକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରିବା। ଏହା ଅନୁଯାୟୀ, ମନ୍ଦିରର ବିଭିନ୍ନ ଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରାଯିବ, ଯାହାଦ୍ୱାରା ପହଣ୍ଡି ବିଜେ ଏବଂ ସ୍ନାନ ବେଦୀରେ ହେଉଥିବା ମହାସ୍ନାନ ନୀତି ସମୟରେ ଭକ୍ତମାନଙ୍କ ଯାତାୟାତ ସୁଚାରୁ ଭାବେ ପରିଚାଳିତ ହୋଇପାରିବ।

ଏହା ସହିତ, ପର୍ଯ୍ୟାପ୍ତ ସଂଖ୍ୟକ ପୋଲିସ ବଳ ମୁତୟନ, ବଡ଼ଦାଣ୍ଡରେ ସ୍ୱତନ୍ତ୍ର ଟ୍ରାଫିକ୍ କରିଡୋର ସୃଷ୍ଟି କରି ଯାତାୟାତ ଜନିତ ବାଧାକୁ ଏଡ଼ାଇବା, ଜରୁରୀକାଳୀନ ଯାନବାହନ ଚଳାଚଳକୁ ସୁନିଶ୍ଚିତ କରିବା ଏବଂ ଶ୍ରୀମନ୍ଦିର ବାହ୍ୟ ପରିସର ସହ ଗୁରୁତ୍ୱପୂର୍ଣ୍ଣ ଛକମାନଙ୍କରେ ୨୪ ଘଣ୍ଟିଆ ସିସିଟିଭି ନଜରଦାରିକୁ ସୁଦୃଢ଼ କରି ଭିଡ଼ର ଘନତା ଉପରେ ନିରନ୍ତର ନଜର ରଖିବା ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି ବୋଲି ଆଇଜି ଡ଼ଃ ସତ୍ୟଜିତ ନାୟକ କହିଥିଲେ।

# ଖଜୁରୀପଡ଼ାରେ ପାନୀୟ ଜଳ ସଙ୍କଟ

## ପାଣି ପାଇଁ ଲୋକେ ହନ୍ତସନ୍ତ ପ୍ରତିକାର ପାଇଁ ଦାବି



ଫୁଲବାଣୀ,୧।୬ (ସଂଚାର ବ୍ୟୁରୋ): ଖଜୁରୀପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉଗ୍ର ରୂପ ଧାରଣ କରିଛି। ବ୍ଲକର ସୁଡ୍ରେଜୁ ଏବଂ ବଲସକୁମ୍ପା ପଞ୍ଚାୟତରେ ଦେଖାଦେଇଥିବା ଜଳାଭାବକୁ ନେଇ ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୁଡ୍ରେଜୁ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ପିଇବା ପାଣିର ଘୋର ସମସ୍ୟା ରହିଥିବା ସରପଞ୍ଚ ଲକ୍ଷ୍ମୀ ପ୍ରଧାନ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ବର୍ଷା ଦିନେ ସମସ୍ୟା କିଛି ମାତ୍ରାରେ କମୁଥିବା ବେଳେ ଗ୍ରୀଷ୍ମ ଋତୁରେ ନଦୀ, ନାଳ ଓ ଚୂଆଁ ଶୁଖିଯାଉଥିବାରୁ ଲୋକେ ଜଳକଷ୍ଟ ଭୋଗୁଛନ୍ତି। ଏ ସମ୍ପର୍କରେ ବାରମ୍ବାର ବ୍ଲକ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ଅନ୍ୟପକ୍ଷରେ, ଏହି ପଞ୍ଚାୟତର ଭେଟଖୋଲ ଗ୍ରାମରେ ଥିବା ଏକମାତ୍ର ସୌରଚାଳିତ ନଳକୂପ ପ୍ରାୟ ୪୦ଟି ପରିବାରର ଆବଶ୍ୟକତା ମେଣ୍ଟାଇବାରେ ଅସମର୍ଥ ହେଉଛି। ଫଳରେ ଗ୍ରାମରେ ଆଉ ଏକ ନୂତନ ସୌରଚାଳିତ ନଳକୂପ ଖନନ କରିବା ପାଇଁ ଜାନକୀ ବେହେରା, ଅନୁସୟା ବେହେରା, ବାସନ୍ତୀ ବେହେରା, କୁନ୍ତଳା ନାୟକ, ଶକୁନ୍ତଳା ବେହେରା ଓ ନରୋତ୍ତମ ବେହେରା ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

ସେହିପରି ବଲସକୁମ୍ପା ପଞ୍ଚାୟତରେ ମଧ୍ୟ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାରଙ୍କ 'ବସୁଧା ଯୋଜନା'ର ଉଠା ଜଳସେଚନ ପ୍ରକଳ୍ପରୁ ନିୟମିତ ପାଣି ମିଳୁ ନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଭାଜପା ମଣ୍ଡଳ ଉପସଭାପତି ଭଗବାନ ଗୁରୁ, ବୁଥ୍ ସଭାପତି ବିଜୟ କୁମାର ସାହୁଙ୍କ ସମେତ ଗୋକୁଳ ସାହାଣୀ, ବିଦୁର ବେହେରା ଓ ସୂର୍ଯ୍ୟକାନ୍ତ ବେହେରା, କଳ୍ପନା ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି।

ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟାକୁ ଗୁରୁତ୍ୱର ସହ ନିଆଯାଇଛି। ଯଥାଶୀଘ୍ର ଏହି ସମସ୍ୟାର ଦୂରୀକରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶୁଭ ଦତ୍ତାତ୍ରେୟ ବାହିନୀପତି, ବିଡ଼ିଓ, ଖଜୁରୀପଡ଼ା ପ୍ରତିକ୍ରିୟାରେ କହିଛନ୍ତି।

## କାଜୁ ମିଲ୍ ମାଲିକଙ୍କୁ ମାଡ଼ମାରି ସୁନା ଓ ଟଙ୍କା ଲୁଟ୍

ବୋରିଗୁମ୍ମା/ଜୟପୁର,୧।୬ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକର କେବଡି ଗ୍ରାମପଞ୍ଚାୟତରେ ଜଗତ୍ ଜନନୀ କାଜୁ ମିଲର ଦୁଇ ମାଲିକ ଗତ ରାତି ୮ ସମୟରେ କାଜୁ ମିଲକୁ ବନ୍ଦ କରି ବାଇକ ଯୋଗେ ଜୟପୁରସ୍ଥିତ ଘରକୁ ଫେରୁଥିବା ବେଳେ କେବିଡି ଗ୍ରାମ ଏବଂ ଦଣ୍ଡସେନା ଗୁଡା ଗ୍ରାମ ନିକଟରେ ରାସ୍ତା ଉପରେ ପ୍ରାୟ ୫ ଜଣ ମୁଖାଧାରୀ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ମାଡ ମାରିବା ସହିତ ସୁନାଚେନ, ମୁଦି ଏବଂ ୪ ହଜାର ଟଙ୍କା ଲୁଟି ନେଇଥିବା ନେଇ ଥାନାରେ ଏକ ମାମଲା ରୁଜୁ ହେବା ସହିତ ତଦନ୍ତ ଆରମ୍ଭ ହୋଇଛି। ପୁଲିସ ସୂଚନା ଅନୁଯାୟୀ, ଦୁଇ କାଜୁ ମାଲିକ ଜୟପୁର ସହରର ଦାଶରୀ ସାହିର କେ. ଅମରନାଥ ଲିଖି ଅଭିଯୋଗ କରିଛନ୍ତି ଯେ, ସେ ଏବଂ ତାଙ୍କ ବ୍ୟବସାୟୀ ସହଯୋଗୀ ଜୟପୁର ସହର ଭୂପତି ସାହିର ଏସ. ବୈକୁଣ୍ଠ ନିଜ ନିଜ ବାଇକ୍‌ରେ ମିଶି ଘରକୁ ରାତିରେ ଫେରୁଥିବା ବେଳେ ରାସ୍ତାରେ ଲୁଟ୍‌ର ଶିକାର ହୋଇଥିଲେ। ଏଥିନେଇ ସଦରଥାନା ପୁଲିସ ଏକ ମାମଲା (୧୭୫/୨୬) ରୁଜୁ କରିବା ସହିତ ଆଜି ଠାରୁ ତଦନ୍ତ ଆରମ୍ଭ କରିଛନ୍ତି ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ତମାଖୁ ବିକ୍ରୟ ବିରୋଧରେ ମିଳିତ ଚଢ଼ାଉ
## ୬ ଦୋକାନରୁ ଜରିମାନା ଆଦାୟ



ବାରିପଦା,୧।୬ (ସଂଚାର ବ୍ୟୁରୋ): ମୟୁରଭଞ୍ଜ ଜିଲ୍ଲାର ତିରିଂ ଥାନା ଅଞ୍ଚଳରେ ଆଜି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୁଲିସ ବିଭାଗ, ଡ୍ରଗ ଇନ୍ସପେକ୍ଟର, ମୟୂରଭଞ୍ଜ ରେଞ୍ଜ- ୨ ଏବଂ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ତମାଖୁଜାତ ନିଶାଦ୍ରବ୍ୟ ବିକ୍ରୟ ବିରୋଧରେ ଚଢ଼ାଉ ଓ ଯାଞ୍ଚ ଅଭିଯାନ କରାଯାଇଥିଲା। ଏହି ଅଭିଯାନ ସମୟରେ ତିରିଂ ଥାନା ଅଞ୍ଚଳର ବିଭିନ୍ନ ଶିକ୍ଷା ଅନୁଷ୍ଠାନ ନିକଟସ୍ଥ ଅଞ୍ଚଳ ଓ ବଜାର ପରିସରରେ ଥିବା ପାନ ଦୋକାନ, ଗ୍ରୋସେରୀ ଦୋକାନ ଏବଂ ଅନ୍ୟାନ୍ୟ ଛୋଟ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକରେ ଅଚାନକ ଯାଞ୍ଚ କରାଯାଇଥିଲା। ଶିକ୍ଷା ଅନୁଷ୍ଠାନ ନିକଟରେ ତମାଖୁଜାତ ସାମଗ୍ରୀ ବିକ୍ରୟ ନିଷିଦ୍ଧ ଥିବା ସତ୍ତ୍ୱେ ନିୟମ ଉଲ୍ଲଂଘନ କରି ବିକ୍ରୟ କରାଯାଉଥିବା ଅଭିଯୋଗରେ ମୋଟ ୬ଟି ଦୋକାନକୁ ଚିହ୍ନଟ କରାଯାଇ ମୋଟ ୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହାସହ ସେମାନଙ୍କୁ ଭବିଷ୍ୟତରେ ଏପରି ନିୟମ ଉଲ୍ଲଂଘନ ନ କରିବା ପାଇଁ ସତର୍କ କରାଯାଇଥିଲା ।

## ଅନଲାଇନ ଆଇପିଏଲ୍ ବେଟିଂ ଠିକଣାରେ ପୁଲିସର ଚଢ଼ାଉ, ଜଣେ ଗିରଫ



ସୁନ୍ଦରଗଡଜ ଅନଲାଇନ ଆଇପିଏଲ୍ ବେଟିଂ ବିରୋଧରେ ବିରମିତ୍ରପୁର ପୁଲିସକୁ ମିଳିଛି ବଡ଼ ସଫଳତା। କୁଆରମୁଣ୍ଡା ସ୍ଥିତ ରାଧାକୃଷ୍ଣ ମନ୍ଦିର ନିକଟରେ ଚାଲିଥିବା ଏକ ବେଆଇନ ଅନଲାଇନ ଆଇପିଏଲ୍ ବେଟିଂ ଆଡ୍ଡା ଉପରେ ପୁଲିସ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଚଢ଼ାଉ ବେଳେ ପୁଲିସକୁ ଦେଖି ବେଟିଂରେ ସାମିଲ ଅନ୍ୟ ଲୋକମାନେ ଫେରାର ହୋଇଯାଇଥିବା ବେଳେ ଦୋକାନ ମାଲିକ ସଞ୍ଜୟ କୁମାର ପଟ୍ଟନାୟକ ଓରଫ ବାବୁ ପଟ୍ଟନାୟକଙ୍କୁ ଘଟଣାସ୍ଥଳରୁ କାବୁ କରାଯାଇଥିଲା। ପଚରାଉଚରା ବେଳେ ସେ ବେଟିଂ ଟଙ୍କା ସଂଗ୍ରହ କରି ବନମୁଣ୍ଡା ଦଫେଇର ରାଜେଶ ଜୟପୁରିଆଙ୍କ ନିକଟକୁ ପଠାଉ ଥିବା ସ୍ୱୀକାର କରିଥିଲେ। ଏଥିସହ ଆକାଶ ସାହୁ ଓ ରାହୁଲ ଅଗ୍ରୱାଲଙ୍କ ସମ୍ପୃକ୍ତି ଥିବା ନେଇ ମଧ୍ୟ ସୂଚନା ଦେଇଥିଲେ। ଚଢ଼ାଉ ସମୟରେ ପୁଲିସ ଏକ ମୋବାଇଲ୍ ଫୋନ୍ ଏବଂ ନଗଦ ୫ ହଜାର ୩ ଶହ ଟଙ୍କା ଜବତ କରିଛି। ମୋବାଇଲ୍‌ରେ ଥିବା ଫୋନ୍‌ପେ କାରବାର ଯାଞ୍ଚ କରିବା ପରେ ଅନଲାଇନ ଆଇପିଏଲ୍ ବେଟିଂ ସହ ଜଡିତ ପ୍ରାୟ ୭ ଲକ୍ଷ ୪୭ ହଜାର ୭୮୦ ଟଙ୍କାର ଟ୍ରାଞ୍ଜାକ୍ସନ ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ବିରମିତ୍ରପୁର ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଅନ୍ୟ ଅଭିଯୁକ୍ତ ମାନଙ୍କ ସନ୍ଧାନରେ ତଦନ୍ତ ଜାରି ରଖିଛି।

## ପିକଅପ ସହ ୮୦ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ଫୁଲବାଣୀ,୧।୬ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାରେ ଜାରି ରହିଛି ପୁଲିସର ସ୍ୱତନ୍ତ୍ର ଗଞ୍ଜେଇ ଧାରା ଅଭିଯାନ। ଏହି ପରିପେକ୍ଷୀରେ କିଛିଦିନର ନୀରବତା ପରେ ପୁଣି ଫୁଲବାଣୀ ସଦର ଥାନା ପୁଲିସକୁ ମିଳିଛି ବଡ଼ ସଫଳତା। ଚାଲାଣ ହେଉଥିବା ଖବର ପାଇ ପୁଲିସ ଦୁଡୁକି ଛକ ନିକଟରେ ଏକ ମାଲ ବୋଝେଇ ପିକଅପ ଗାଡି ସହ ୮୦ କିଲୋ ଗଞ୍ଜେଇକୁ ଜବତ କରିବାରେ ସଫଳ ହୋଇଛି ପୁଲିସ। ଏହି ଘଟଣାରେ ସଦର ଥାନାରେ ୧୧୨/୨୦୨୬ରେ ଏକ ମାମଲା ରଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଧୀନରେ ଥିବା ଡିଣ୍ଡିରାଗାଁ ପଞ୍ଚାୟତ ଟେଲାପାଲି ଗାଁର ବାପିନା କହଁର ବୋଲି ଜଣା ପଡ଼ିଥିବା ବେଳେ ଅଭିଯୁକ୍ତ ଜଣକ କଉଠୁ ଓ କାହାପାଖରୁ ଏହି ଗଞ୍ଜେଇ ଆଣୁଥିଲା ଏହି ଗଞ୍ଜେଇ ଚାଲାଣ ରେ ଆଉ କାହାର ସମ୍ପୃକ୍ତି ରହିଛି ସେ ଦିଗରେ ଅଧିକ ତଦନ୍ତ ଜାରି ରହିଥିବା କହିଛନ୍ତି ଥାନା ଅଧିକାରୀ ପ୍ରଦୀପ କୁମାର।



## ଏଚ୍‌ପି ଦଳାଇ ଗ୍ୟାସ ଏଜେନ୍ସୀକୁ ନେଇ ବଢୁଛି ଅସନ୍ତୋଷ
## ଘଣ୍ଟା ଘଣ୍ଟା ଅପେକ୍ଷା ପରେ ବି ମିଳୁନି ସେବା



### ଖରାରେ ହନ୍ତସନ୍ତ ଉପଭୋକ୍ତା

ଆନନ୍ଦପୁର,୧।୬ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ସାଲପଡ଼ାସ୍ଥିତ ଏଚ ପି ଦଳାଇ ଗ୍ୟାସ ଏଜେନ୍ସୀର କାର୍ଯ୍ୟଶୈଳୀକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗ୍ୟାସ ସିଲିଣ୍ଡର ସଂଗ୍ରହ ପାଇଁ ଦୂରଦୂରାନ୍ତରୁ ଆସୁଥିବା ଗ୍ରାହକମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିଲେ ମଧ୍ୟ ସଠିକ୍ ସେବା ପାଉନଥିବା ଅଭିଯୋଗ କରିଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଏଜେନ୍ସୀ ପରିସରରେ ଉପଭୋକ୍ତାଙ୍କ ପାଇଁ ପାନୀୟ ଜଳ, ବସିବା ସ୍ଥାନ କିମ୍ବା ଛାୟାର କୌଣସି ବ୍ୟବସ୍ଥା ନଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୀବ୍ର ଖରାରେ ଦୀର୍ଘ ସମୟ ଧରି ଛିଡ଼ା ହୋଇ ରହିବାକୁ ପଡୁଥିବା ବେଳେ ଅନେକ ଗ୍ରାହକ ନିରାଶ ହୋଇ ଫେରୁଥିବା କହିଛନ୍ତି।

ଉପଭୋକ୍ତାଙ୍କ ଅଭିଯୋଗ ଅନୁଯାୟୀ, ଏଜେନ୍ସୀ ପକ୍ଷରୁ ଗ୍ୟାସ ଯୋଗାଣ ସମ୍ପର୍କରେ ସଠିକ୍ ସୂଚନା ଦିଆଯାଉ ନଥିବା ବେଳେ ଗ୍ରାହକ ସେବା ମଧ୍ୟ ସନ୍ତୋଷଜନକ ନୁହେଁ। ଫଳରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏନେଇ ଉପଭୋକ୍ତାମାନେ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ତୁରନ୍ତ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏଜେନ୍ସୀ ପରିସରରେ ପାନୀୟ ଜଳ, ବସିବା ଏବଂ ଛାୟାର ବ୍ୟବସ୍ଥା କରିବା ସହ ନିୟମିତ ଭାବେ ଗ୍ୟାସ ଯୋଗାଣ ସୁନିଶ୍ଚିତ କରିବାକୁ ସେମାନେ ଦାବି କରିଛନ୍ତି। ସେହିପରି ଆନନ୍ଦପୁର ଅଞ୍ଚଳରେ ଗ୍ରାହକଙ୍କ ସୁବିଧା ପାଇଁ ଆଉ ଏକ ଏଚ ପି ଗ୍ୟାସ କାଉଣ୍ଟର ଖୋଲିବାକୁ ମଧ୍ୟ ଦାବି ଉଠିଛି। ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ଉପଭୋକ୍ତାମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିପାରନ୍ତି ବୋଲି ସୂଚନା ମିଳିଛି।

## କ୍ୟାରମ୍ ଖେଳରୁ ମହାଭାରତ, କାମୁଡ଼ି ଛିଣ୍ଡାଇ ଦେଲା ଅଙ୍ଗୁଳି



ନିଳଗିରି,୧।୬ (ସଂଚାର ବ୍ୟୁରୋ): ନୀଳଗିରି ବିଜ୍ଞାପିତ ଅଞ୍ଚଳରେ ଗତ ରବିବାର ଆଇପିଲ ଫାଇନାଲ ମ୍ୟାଚ୍ ଚାଲିଥିବା ବେଳେ ନିଜ ସାଙ୍ଗ ମାନଙ୍କ ସହିତ ନିଳଗିରି କଦମସାହି ଗ୍ରାମର ସଞ୍ଜୀବ ମେଦିନିରାୟଙ୍କ ପୁଅ ଶୋଭନ କ୍ୟାରମ ଖେଳୁଥିଲେ। ରାତି ପ୍ରାୟ ୧୦ଟା ସମୟରେ ଉକ୍ତ ଗ୍ରାମର ଅଭୟ ବେହେରା ହଠାତ୍ ତାଙ୍କ ଘରେ ପ୍ରବେଶ କରି କୌଣସି କାରଣ ନ ଥାଇ ପାଟିତୁଣ୍ଡ କରିବା ସହ ଉତକ୍ଷିପ୍ତ ହୋଇ ଶୋଭନର ଆଙ୍ଗୁଳିକୁ କାମୁଡ଼ି ଛିଣ୍ଡାଇ ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ନୀଳଗିରି ମେଡ଼ିକାଲ, ପରେ ବାଲେଶ୍ୱର ମେଡ଼ିକାଲ ଏବଂ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏପଟେ ବାପା ସଞ୍ଜୀବ ମେଦିନୀ ରାୟ ନିଳଗିରି ଥାନାରେ ଅଭିଯୋଗ କରିଛନ୍ତି।

## ବେଆଇନ ଜୁଆ ଆଡ୍ଡାରୁ ୨୬ ଗିରଫ

ସୁନ୍ଦରଗଡ଼,୧।୬ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ପୁଲିସ ଓଡ଼ିଶା- ଛତିଶଗଡ଼ ସୀମାନ୍ତବର୍ତ୍ତୀ ଜମଝରିଆ ଜଙ୍ଗଲ ଅଞ୍ଚଳରେ ଚାଲିଥିବା ଏକ ବେଆଇନ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୨୬ ଜଣ ଜୁଆଡଡିଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ, ଗତ ୩୧ ମେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ନିର୍ଭରଯୋଗ୍ୟ ଖବର ପାଇ ସୁନ୍ଦରଗଡ଼ ପୋଲିସ ଜମଝରିଆ ଜଙ୍ଗଲରେ ଅଚାନକ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସେଠାରେ ବଡ଼ ଧରଣର ଜୁଆ ଖେଳ ଚାଲିଥିବା ବେଳେ ୨୬ ଜଣଙ୍କୁ କାବୁ କରିଥିଲା ପୁଲିସ। ଅଭିଯୁକ୍ତମାନଙ୍କ ନିକଟରୁ ନଗଦ ୧୧ ଲକ୍ଷ ୧୬ ହଜାର ୯ ଶହ ଟଙ୍କା ସହ ୯ଟି ଦୁଇଚକିଆ ଯାନ, ୩ଟି ଚାରିଚକିଆ ଯାନ ଏବଂ ୩୧ଟି ମୋବାଇଲ ଫୋନ ଜବତ କରିଛି। ଏହି ଘଟଣାରେ ହେମଗିର ଥାନାରେ କେସ୍ ନମ୍ବର ୨୫୯, ତାରିଖ ୩୧ ମେ ୨୦୨୬ ରେ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ଆଇପିଏଲ୍ ବେଟିଂରେ ଟଙ୍କା ହାରି ନାବାଳକଙ୍କ ଆତ୍ମହତ୍ୟା

କୋରାପୁଟ,୧।୬ (ସଂଚାର ବ୍ୟୁରୋ): ଆଇପିଏଲ୍ ବେଟିଂର କୁପ୍ରଭାବର ଏକ ହୃଦୟବିଦାରକ ଘଟଣା କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ସୁକ୍ରାପୁଟ ଗ୍ରାମରେ ସାମ୍ନାକୁ ଆସିଛି। ବେଟିଂରେ ଟଙ୍କା ହାରିବା ପରେ ମାନସିକ ଚାପ ଓ ଭୟରେ ଜଣେ ନାବାଳକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି।

ସୂଚନା ଅନୁସାରେ, ନାବାଳକ ଜଣକ ତାଙ୍କ ବାପାଙ୍କ ଫୋନପେ ଆକାଉଣ୍ଟରୁ ପ୍ରାୟ ୪ ହଜାର ଟଙ୍କା ନେଇ ଆଇପିଏଲ୍ ଫାଇନାଲ୍ ମ୍ୟାଚ୍‌ରେ ବେଟିଂ କରିଥିଲେ। କିନ୍ତୁ ବେଟିଂରେ ସମ୍ପୂର୍ଣ୍ଣ ଟଙ୍କା ହାରିଯିବା ପରେ ସେ ଗଭୀର ଚିନ୍ତା ଓ ଅଶାନ୍ତିରେ ରହୁଥିଲେ। ବାପା ଘଟଣା ଜାଣିବା ପରେ ତାଙ୍କୁ ତାଗିଦ କିମ୍ବା ଗାଳିଗୁଲଜ କରିବେ ବୋଲି ସେ ଭୟଭୀତ ହୋଇପଡ଼ିଥିବା କୁହାଯାଉଛି। ଏହାପରେ ଆଜି ସକାଳେ ସେ ଘରୁ ବାହାରି ଗାଁ ନିକଟରେ ଥିବା ଏକ କାଜୁ ଜଙ୍ଗଲକୁ ଯାଇଥିଲେ। ପରେ ସେଠାରେ ରସି ସାହାଯ୍ୟରେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିବା ପରେ ଜଙ୍ଗଲ ଭିତରୁ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଥିଲେ।

ଖବର ପାଇ ଦଶମନ୍ତପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିବା ବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି। ଏହି ଦୁଃଖଦ ଘଟଣା ପୁଣିଥରେ ଅନଲାଇନ୍ ବେଟିଂ ଓ ଜୁଆ ଭଳି ଅବୈଧ କାର୍ଯ୍ୟକଳାପର କୁପ୍ରଭାବକୁ ସାମ୍ନାକୁ ଆଣିଛି।

## ପୌରାଧ୍ୟକ୍ଷଙ୍କ ଘରକୁ ବୋତଲ ବୋମା ମାଡ ଘଟଣା
## ସ୍ୱର ଉଠାଇଲା କଂଗ୍ରେସ ଓ ଓକିଲ ସଂଘ

ପାରାଦୀପ,୧।୬ (ସଂଚାର ବ୍ୟୁରୋ): ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଘର ଉପରକୁ ବୋତଲ ବୋମା ମାଡ ଘଟଣାରେ ଏବେ ଗୋଟିଏ ପରେ ଗୋଟିଏ ସଂଗଠନ ସ୍ୱର ଉଠାଇବାକୁ ଲାଗିଲେଣି। ଗତକାଲି ବିଜେଡି ଦୋଷୀଙ୍କୁ ତୁରନ୍ତ ଗିରଫ ପାଇଁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଦାବି ଜଣାଇଥିଲା ବେଳେ ଶ୍ରମିକ ସଂଗଠନ ମାନେ ମଧ୍ୟ ସମାନ ଦାବି କରିଥିଲେ । ଆଜି ଓକିଲ ସଂଘ ପକ୍ଷରୁ ପୋଲିସକୁ ମେମୋରେଣ୍ଡମ ଦିଆଯାଇଥିବା ବେଳେ କଂଗ୍ରେସ ପକ୍ଷରୁ ମଧ୍ୟ ଦୋଷୀ ମାନଙ୍କୁ ଧରିବାକୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଦାବି କରାଯାଇଛି। ଦଳଗତ ନିର୍ବିଶେଷରେ ଏବେ ଏହି ଘଟଣାକୁ ସମସ୍ତେ ନିନ୍ଦା କରୁଥିବା ବେଳେ ସମସ୍ତେ ଦୋଷୀ ମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି ।

ଗତ ଶନିବାର ଦିନ ସନ୍ଧ୍ୟା ସମୟରେ ତିନିଜଣ ଦୁର୍ବୃତ୍ତ ଏକ ନାଲି ରଙ୍ଗର ମୋଟର ସାଇକେଲ ଯୋଗେ ଆସି ବୋତଲ ବୋମା ମାଡ କରି ଫେରାର ହୋଇ ଯାଇଥିଲେ। ସେମାନଙ୍କୁ କିଏ ପଠାଇଲା ଓ କାହା ଇସାରାରେ ସେମାନେ ଆସିଲେ ଏହି କାର୍ଯ୍ୟ କରିବାକୁ ତାକୁ ନେଇ ଏବେ ସବୁଠି ଚର୍ଚ୍ଚା । ଯେଉଁ ଯୁବକ ମାନେ ଏହି ଘଟଣା ଘଟାଇଛନ୍ତି ସେମାନଙ୍କ ସହ ପୌରାଧ୍ୟକ୍ଷଙ୍କ କଣ ଶତ୍ରୁତା ଅଛି କିମ୍ବା ସେମାନେ କାହା ଇଙ୍ଗିତରେ ଆସି କାଣ୍ଡ ଘଟାଇଲେ ତାକୁ ନେଇ ପୋଲିସ ଖୋଳତାଡ ଆରମ୍ଭ କରିଛି।

ପୁଲିସ ୬ ଜଣଙ୍କୁ ଉକ୍ତ ରାତ୍ରିରେ ଉଠାଇ ଆଣିଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ମାର୍ଶାଘାଇ ଅଂଚଳର, ଜଣେ ଗଡ଼ ଅଂଚଳର, ଜଣେ ଜଗତସିଂହପୁର ଅଂଚଳର ଓ ଅନ୍ୟମାନେ ପାରାଦୀପ ଅଂଚଳର ବୋଲି ଚର୍ଚ୍ଚା ହେଉଛି । ଏହି କାଣ୍ଡ ଘଟାଇବାକୁ ତିନିଜଣ ଆସି ଥିବା ବେଳେ ଅନ୍ୟମାନେ ବାହାରେ ଥିବା ଓ ଏକ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରାଯାଇଥିବା ମଧ୍ୟ କୁହାଯାଉଛି । ପୌର ପରିଷଦର ବିଭିନ୍ନ ଟେଣ୍ଡର ଘଟଣା କିମ୍ବା ବାଲିଯାତ୍ରା ସାଇକେଲ ଷ୍ଟାଣ୍ଡ ଟେଂଡର ଘଟଣା କିମ୍ବା ପୌର ନିର୍ବାଚନ ପୂର୍ବରୁ ବସନ୍ତଙ୍କୁ ଭୟଭୀତ କରିବା ଅବା ରାଜନୀତିକ ଦ୍ୱନ୍ଦ୍ୱ ତାହା ସ୍ପଷ୍ଟ ହୋଇ ନଥିବା ବେଳେ ପୋଲିସ ଖୁବ ଶୀଘ୍ର ଘଟଣାର ପରଦା ହଟାଇବ ବୋଲି ଏକ ପ୍ରକାର ପ୍ରସ୍ତୁତ ହେଉଥିବା ଜଣାପଡିଛି।

ଏବେ ବସନ୍ତଙ୍କ ଘର ପାଖରେ ୨୪ ଘଣ୍ଟିଆ ପୋଲିସ ମୁତୟନ କରାଯାଇଥିବା ମଧ୍ୟ ଦେଖିବାକୁ ମିଳିଛି ।

### ମଦ୍ୟପ ସ୍ୱାମୀର ଜଘନ୍ୟକାଣ୍ଡ
## ପତ୍ନୀକୁ ଫୁଙ୍କା ନଳୀରେ ପିଟି ପିଟି ମାରିଦେଲା



ଢେଙ୍କାନାଳ,୧।୬ (ସଂଚାର ବ୍ୟୁରୋ): ମଦ୍ୟପାନ କିପରି ପରିବାରକୁ ଛାରଖାର କରିଦିଏ। ଆଉ ମଦ ନିଶା ମଣିଷକୁ ସୈତାନ ସଜାଇଦିଏ। ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମରେ ଏହାର ଏକ ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି। ଜଣେ ମଦ୍ୟପ ସ୍ୱାମୀ ମଦ ନିଶାରେ ନିଜ ପତ୍ନୀକୁ ଫୁଙ୍କୁ ନଳୀରେ ପିଟି ପିଟି ମାରିଦେଇ ଥିବା ଅଭିଯୋଗ ହୋଇଛି। ମୃତା ହେଲେ ବଳରାମ ପୁର ଜୁଆଙ୍ଗ ସାହିର ୩୫ବର୍ଷୀୟ ଯଶୋଦା ପଧାନ । ଗତ ରାତିରେ ଏହି ହତ୍ୟାକାଣ୍ଡ ଘଟିଛି। ହତ୍ୟାକାଣ୍ଡ ଘଟାଇ ଅଭିଯୁକ୍ତ ସ୍ୱାମୀ ଅଖିଳ ପଧାନ ଫେରାର ହୋଇଯାଇଛି। ଖବର ପାଇ ଆଜି ସକାଳେ ସଦର ଥାନା ପୁଲିସ ଘଟଣା ସ୍ଥଳକୁ ଯାଇ ମୃତଦେହକୁ ଜବତ କରିଛି। ପୁଲିସ ସାଇଣ୍ଟିଫିକ ଟିମ ମାଧ୍ୟମରେ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି। ଏ ସକ୍ରାନ୍ତରେ ମୃତକ ପରିବାର ପକ୍ଷରୁ କିମ୍ବା ସାହି ପଡିଶା କେହି ପାଟି ଖୋଲୁ ନଥିଲେ ମଧ୍ୟ ଗତ ରାତିରେ ଏହି ହତ୍ୟାକାଣ୍ଡ ଘଟି ଥିବା ଜଣାପଡିଛି। ପ୍ରଥମ ପତ୍ନୀଙ୍କ ପୂର୍ବରୁ ମୃତ୍ୟୁ ପରେ ମୃତ ଯଶୋଦା ଆଖିଳଙ୍କର ଦ୍ୱିତୀୟ ପତ୍ନୀ ବୋଲି ଜଣାପଡିଛି।

## ହାତୀ ମୃତ୍ୟୁ ଘଟଣା: ୩ ଅଟକ, ତଦନ୍ତ ଜାରି



ଢେଙ୍କାନାଳ,୧।୬ (ସଂଚାର ବ୍ୟୁରୋ): ହିନ୍ଦୋଳ ଉପଖଣ୍ଡର ରାଜମୋହନପୁର ଅଞ୍ଚଳରେ ଥିବା ଏକ ଘରୋଇ ଫାର୍ମ ହାଉସରେ ଏକ ବଣୁଆ ହାତୀର ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟଣାକୁ ନେଇ ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଜି ବନ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀର ମୃତଦେହ ଖୋଳି ବାହାର କରିବା ସହ ଆବଶ୍ୟକ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରାଥମିକ ତଦନ୍ତରୁ ହାତୀଟି ଏକ ବେଆଇନ ବିଦ୍ୟୁତୀକରଣ କରାଯାଇଥିବା ବାଡ଼ର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଫାର୍ମର ମାଲିକ, ଜଣେ ଜେସିବି ଅପରେଟର ଏବଂ ଜଣେ ସୁରକ୍ଷା କର୍ମଚାରୀଙ୍କୁ ଅଟକ ରଖାଯାଇଛି। ସମ୍ପୃକ୍ତ ଫାର୍ମକୁ ପ୍ରଶାସନ ପକ୍ଷରୁ ଜବତ କରାଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଚାଲିଛି। ହାତୀର ଶବ ବ୍ୟବଚ୍ଛେଦ ରିପୋର୍ଟ ଏବଂ ତଦନ୍ତର ଚୂଡ଼ାନ୍ତ ତଥ୍ୟ ଆଧାରରେ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ଘଟଣା ନେଇ ଦୁଃଖ ପ୍ରକାଶ କରି ଢେଙ୍କାନାଳ ବନଖଣ୍ଡ ଅଧିକାରୀ (ଡିଏଫଓ) ଶ୍ରୀ ଲଳିତ କୁମାର ପାତ୍ର ସାଧାରଣ ଲୋକଙ୍କୁ କ୍ଷେତ ସୁରକ୍ଷା ନାମରେ ବେଆଇନ ବିଦ୍ୟୁତ୍ ବାଡ଼ କିମ୍ବା ବିଦ୍ୟୁତୀକରଣ କରାଯାଇଥିବା ସୋଲାର ବାଡ଼ ବ୍ୟବହାର ନ କରିବାକୁ ଅନୁରୋଧ କରିଛନ୍ତି।

## ବଣ୍ଡାଘାଟି ମୁଦୁଲିପଡ଼ାରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର
### ୩୨ଟି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ




ମାଲକାନଗିରି,୧।୬ (ସଂଚାର ବ୍ୟୁରୋ): ଆଜି ବଣ୍ଡା ଘାଟିର ମୁଦୁଲିପଡ଼ା ପଞ୍ଚାୟତରେ 'ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଓ ଏସପିଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିବା ସହ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଦୁର୍ଗମ ଅଞ୍ଚଳର ଲୋକଙ୍କ ନିକଟରେ ସହଜରେ ପହଞ୍ଚିବା ପାଇଁ ଏହି ବିଶେଷ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା, ଯାହାଦ୍ୱାରା ବଣ୍ଡା ଜନଜାତିର ଲୋକମାନେ ନିଜ ସମସ୍ୟା ପ୍ରଶାସନ ସାମ୍ନାରେ ରଖିପାରିଛନ୍ତି। ଏହି ଶିବିରରେ ମୋଟ ୩୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସ୍ଥାନୀୟ ବାସିନ୍ଦାମାନେ ମୁଖ୍ୟତଃ ପାନୀୟ ଜଳ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସରକାରୀ ଆବାସ ଯୋଜନା ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକ ପ୍ରଶାସନ ସାମ୍ନାରେ ରଖିଥିଲେ। ଏହି ଅବସରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ କହିଛନ୍ତି ଯେ, ଦୁର୍ଗମ ଅଞ୍ଚଳରେ ରହୁଥିବା ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବା ପ୍ରଶାସନର ମୁଖ୍ୟ ଦାୟିତ୍ୱ। ପ୍ରତ୍ୟେକଟି ଅଭିଯୋଗର ଯଥାଶୀଘ୍ର ଏବଂ ସମୟସୀମା ମଧ୍ୟରେ ସମାଧାନ କରାଯିବ। ସମସ୍ୟାର ତୁରନ୍ତ ସମାଧାନ ପାଇଁ ସେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଯୋଜନା ବିଭାଗର ଉପ-ନିର୍ଦ୍ଦେଶକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ମାଲକାନଗିରି,୧।୬ (ସଂଚାର ବ୍ୟୁରୋ): ସୁଦୀର୍ଘ ବର୍ଷର ନିରବଚ୍ଛିନ୍ନ ସେବା, କର୍ତ୍ତବ୍ୟପରାୟଣତା ଓ ସାଧୁତାର ଅନ୍ବେଷ୍ଟିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୌରବମୟ ବିଦାୟ ସଭା ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲା ଯୋଜନା ବୋର୍ଡର ସୁଦକ୍ଷ ଉପ-ନିର୍ଦ୍ଦେଶକ ଗୋଲକ ଦଳେଇଙ୍କ ଅବସର ଗ୍ରହଣ ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏକ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା।

ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ ପ୍ରକଳ୍ପ ପ୍ରଶାସକ ହଳଧର ଶବର ପ୍ରମୁଖ ମଞ୍ଚାସୀନ ରହି ଶ୍ରୀ ଦଳେଇଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ଦଳେଇଙ୍କ ସୁଦୀର୍ଘ ସରକାରୀ ସେବାକାଳର ସ୍ମୃତି ଚାରଣ କରି ଜିଲ୍ଲାପାଳ କହିଥିଲେ, ଜିଲ୍ଲାର ସାମଗ୍ରିକ ବିକାଶ, ଦୁର୍ଗମ ଅଞ୍ଚଳର ପ୍ରଗତି ଏବଂ ସରକାରୀ ଯୋଜନାଗୁଡ଼ିକର ସଠିକ୍ ରୂପାୟନ କ୍ଷେତ୍ରରେ ଶ୍ରୀ ଗୋଲକ ଦଳେଇଙ୍କ ଭୂମିକା ଅତୁଳନୀୟ। ଜଣେ ଧୀର, ସରଳ, ମେଳାପୀ ଓ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ସେ ପ୍ରଶାସନ ପାଇଁ ସର୍ବଦା ଏକ ମାର୍ଗଦର୍ଶକ ହୋଇ ରହିବେ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କର ଏବଂ ତାଙ୍କ ପରିବାରର ସୁସ୍ଥ, ଦୀର୍ଘାୟୁ ଏବଂ ମଙ୍ଗଳମୟ ଅବସର ଜୀବନ କାମନା କରିଛନ୍ତି ଜିଲ୍ଲାପାଳ। ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲାର ସମସ୍ତ ଲାଇନ ଡିପାର୍ଟମେଣ୍ଟ ର ବିଭାଗୀୟ ମୁଖ୍ୟ, ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

### ବ୍ୟବସାୟୀଙ୍କ ପେଟକୁ ଲାତ
## ବିଳମ୍ବିତ ରାତ୍ରରେ ନେଇଗଲେ ଭୋଗ ଓ ଦୀପ ଖଟ

କାକଟପୁର/ଅସ୍ତରଙ୍ଗ,୧।୬ (ସଂଚାର ବ୍ୟୁରୋ): ବିଶ୍ୱପ୍ରସିଦ୍ଧ ଅର୍କକ୍ଷେତ୍ର କୋଣାର୍କ ନବଗ୍ରହ ନିକଟରେ କିଛି ବ୍ୟବସାୟୀ ଓ ସେବାୟତ ନିଜ ଗୁଜୁରାଣ ମେଣ୍ଟାଇବାକୁ ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଂଚଳରେ ଖଟ ପକାଇ ଭୋଗ ଓ ଦୀପ ସହ ପୂଜା ସାମଗ୍ରୀ ବିକ୍ରି କରିଥାନ୍ତି। କିନ୍ତୁ ରବିବାର ବିଳମ୍ବିତ ରାତ୍ରରେ ବିଦ୍ୟୁତ ସଂଯୋଗ କଟାହୋଇଥିବା ବେଳେ ବ୍ୟବସାୟୀଙ୍କ ୩୦ରୁ ଊର୍ଦ୍ଧ୍ୱ ଖଟକୁ ଉଠାଇ ନିଆଯାଇଛି।



ଯାହାକୁ ନେଇ କୋଣାର୍କ ବିଜ୍ଞାପିତ ଅଞ୍ଚଳ ଅଧକ୍ଷା ସଂଯୁକ୍ତା ତ୍ରିପାଠୀଙ୍କ ସମେତ ବ୍ୟବସାୟୀ ଓ ସେବାୟତ ମାନେ ଭାରତୀୟ ପୂରାତତ୍ତ୍ୱ ସର୍ବେକ୍ଷଣ ଅଧିକାରୀଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରିବା ସହ କୋଣାର୍କ ଥାନାର ଦ୍ୱାରସ୍ତ ହେବା ସହ ସ୍ଥାନୀୟ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଅଭିଯୋଗ କରିଛନ୍ତି। ଯଦି ଆଗାମୀ ଦିନରେ ସମସ୍ୟା ସମାଧାନ ନ ହୁଏ ତେବେ ସୂର୍ଯ୍ୟ ମନ୍ଦିର ବନ୍ଦ କରିବା ସହ ନବଗ୍ରହ ମୁଖ୍ୟ ଫାଟକ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସାହାପୁରରେ ମିଳିତ ଜନଶୁଣାଣି ଶିବିର

ହିଞ୍ଜିଳିକାଟୁ,୧।୬ (ସଂଚାର ବ୍ୟୁରୋ): ହିଞ୍ଜିଳି ବ୍ଲକ ସାହାପୁର ଗ୍ରାମ ପଂଚାୟତରେ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ହିଞ୍ଜିଳି ବିଡ଼ିଓ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି | ଉକ୍ତ କାର୍ଯ୍ୟକ୍ରମରେ ବେଲ ଗାଁ ଥାନାଧିକାରିଣୀ ସ୍ମିତାଞ୍ଜଳି ପ୍ରଧାନ,ଅତିରିକ୍ତ ତହସିଲଦାର ସୁରଜ ବେହେରା, ବ୍ଲକ ଉପାଧ୍ୟକ୍ଷ ଓ ଜିଲ୍ଲା ପରିଷଦ ସଭ୍ୟା ମଂଚାସୀନ ଥିଲେ | ସୁଭଦ୍ରା ଯୋଜନା, ବିଦ୍ୟୁତ, ସ୍ୱାସ୍ଥ୍ୟ,ରାଜସ୍ୱ ଭଳି ବ୍ୟକ୍ତିଗତ ୭ଟି ଓ ସାମୂହିକ ୩ଟି ସମୁଦାୟ ୧୦ ଟି ଅଭିଯୋଗ ଗ୍ରହଣ ହୋଇଥିବା ବିଡ଼ିଓ ସୂଚନା ଦେଇଛନ୍ତି।

## ଅସ୍ତରଙ୍ଗରୁ ଜଗନ୍ନାଥ ଧାମ୍ ପୁରୀକୁ ଗଡ଼ିଲା ଲଗଜୁରୀ ବସ

କାକଟପୁର/ଅସ୍ତରଙ୍ଗ,୧।୬ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗରୁ ଜଗନ୍ନାଥ ଧାମ୍ ପୁରୀକୁ ଗଡ଼ିଲା ସୁପର ପ୍ରିମିୟମ ଲଗଜୁରୀ ବସ। ଅତ୍ୟାଧୁନିକ, ଆରାମ ଦାୟକ ଏବଂ ବ୍ୟୟବହୁଳ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ତରଫରୁ ଶୀତତାପ ନିୟନ୍ତ୍ରିତ ଓ ବ୍ୟାଟେରୀ ଚାଳିତ ବସ। ବସଟିରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଲୋଗୋ ସାଙ୍ଗକୁ ସୁନ୍ଦର କାରୁକାର୍ଯ୍ୟ ହୋଇଥିବା ଷ୍ଟିକର ଲାଗିଛି। ଯାତ୍ରୀଙ୍କ ପାଇଁ ଆକର୍ଷଣୀୟ ସୁବିଧା ଯେପରିକି ଜିପିଏସ, ସ୍ୱତନ୍ତ୍ର ଅଗ୍ନିନିରାପତ୍ତା ବ୍ୟବସ୍ଥା ସହ ଭେଇକିଲ ଲୋକେସନ ଟ୍ରାକିଙ୍ଗ ଡିଭାଇସି ବା ଭିଏଲଟିଡି ସିଷ୍ଟମ ରହିଛି।




ପୂର୍ବରୁ ଶୀତତାପ ନିୟନ୍ତ୍ରିତ ଲକ୍ଷ୍ମୀବସ ଅସ୍ତରଙ୍ଗରୁ ପୁରୀ ମଧ୍ୟ ଯାତାୟାତ କରୁଥିଲା। କିନ୍ତୁ କିଛି ଦିନ ଚାଲିବା ପରେ ବନ୍ଦ ହେବାରୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ସ୍ଥାନୀୟ ବ୍ୟକ୍ତିବିଶେଷ ଏକ୍ସ ମାଧ୍ୟମରେ ଅଭିଯୋଗ ସହ ପୁରୀକୁ ଏକ ବସଚଳାଚଳ ପାଇଁ ଦାବୀ ରଖିଥିଲେ। ପୁନର୍ବାର ନୂତନସରକାରଙ୍କ ସମୟରେ ଏହି ଶୀତତାପ ନିୟନ୍ତ୍ରିତ ବସ ଗଡିବାରୁ ସ୍ୱାଗତ କରିଛନ୍ତି ଜଗନ୍ନାଥ ପ୍ରେମୀ, ପର୍ଯ୍ୟଟକ ଓ ସ୍ଥାନୀୟ ଅଞ୍ଚଳବାସୀ।ଅସ୍ତରଙ୍ଗରୁ ପୁରୀକୁ ଯାତାୟାତ କରୁଥିବା ବସ ରୁଟ ନମ୍ବର ୫୭ ରହିଥିବା ବେଳେ ଏହି ବସରେ ମହିଳାଙ୍କ ପାଇଁ ଟିକେଟ ମୂଲ୍ୟରେ ରିହାତି ସୁବିଧା ରହିବ ବୋଲି ସୂଚନା ମିଳିଛି। ଯାତ୍ରୀ ମାନଙ୍କୁ ଆରାମ ଦାୟକ ଯାତ୍ରା ସାଙ୍ଗକୁ, ଦିବ୍ୟାଙ୍ଗ ମାନଙ୍କ ଲାଗି ସ୍ୱତନ୍ତ୍ର ରାଂପ ୟର ସୁବିଧା ମଧ୍ୟ ରହିଛି।

ନିଶାର୍ଦ୍ଧରେ ଭୟାବହ ଅଗ୍ନିକାଣ୍ଡ

# ଜଳିଗଲା ପ୍ରେସ୍‌ଛକ ମାଛ ଗୋଦାମ

■ ରଙ୍ଗ ଗୋଦାମ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ବିଲ୍ଡିଂକୁ ବ୍ୟାପିଲା

■ ସାଢ଼େ ୯ ଘଣ୍ଟା ପରେ ନିଆଁକୁ ନିୟନ୍ତ୍ରଣ





**କଟକ,୧୬ (ସଂଚାର ବ୍ୟୁରୋ)ଃ** ବେଶ୍ କିଛିଦିନର ବ୍ୟବଧାନ ପରେ ତାରକସୀର ସହର କଟକରେ ଘଟିଛି ପୁଣି ଏକ ବଡ଼ ଓ ଭୟଙ୍କର ଅଗ୍ନିକାଣ୍ଡ ଜଳିପୋଡି ଛାରଖାର ହୋଇଯାଇଛି। କଟକ ପ୍ରେସ୍ ଛକ ନିକଟସ୍ଥ ମାଛ ଗୋଦାମ, ରଙ୍ଗ ଗୋଦାମ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ବିଲ୍ଡିଂରେ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ମାଛଗୋଦାମ ଜଳିପୋଡି ପାଉଁଶ ହୋଇଯାଇଛି। ନିକଟରେ ଥିବା ଏକ ୩ ମହଲା ବିଶିଷ୍ଟ କୋଠାର ସମସ୍ତ ଫ୍ଲୋର ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ଦୀର୍ଘ ସାଢ଼େ ୯ ଘଣ୍ଟା ପରେ ନିଆଁକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲା ଅଗ୍ନିଶମ ବିଭାଗ। ତେବେ କେଉଁ କାରଣରୁ ଏଭଳି ଅଗ୍ନିକାଣ୍ଡ ଘଟିଲା ତାହାର କାରଣ ସ୍ପଷ୍ଟ ହୋଇନାହିଁ। ପ୍ରାପ୍ତ ବିବରଣୀ ଅନୁଯାୟୀ, ରବିବାର ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ ସମସ୍ତେ ଶୋଇଥିବା ବେଳେ ପ୍ରେସ୍ ଛକରେ ଥିବା ମାଛ ଗୋଦାମ ହୁହୁ ହୋଇ ଜଳିବାକୁ ଲାଗିଥିଲା। ନିକଟରେ ଥିବା ରଙ୍ଗ ଗୋଦାମରେ ନିଆଁ ଲାଗିବା ସହିତ ପରେ ପରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ବିଲ୍ଡିଂରେ ମଧ୍ୟ ନିଆଁ ଲାଗି ଯାଇଥିଲା। ଏଥିରେ ସମସ୍ତ ମାଛ ଦୋକାନ ଜଳିଯିବା ସହ ରଙ୍ଗ ଗୋଦାମ ଓ ବ୍ୟାଙ୍କ ଅଫ ଇଣ୍ଡିଆ ବିଲ୍ଡିଂ ମଧ୍ୟ ଭସ୍ମୀଭୂତ ହୋଇଯାଇଛି।

ଖବର ପାଇ ଅଗ୍ନିଶମ ଅଧିକାରୀମାନେ ପହଞ୍ଚି ୯ଟି ଫାୟାର ୟୁନିଟ୍ ଜରିଆରେ ୩୫ ଜଣ ଅଗ୍ନିଶମ ଅଧିକାରୀ ନିଆଁଲିଭା କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ସାଢ଼େ ୯ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ମାତ୍ର ସେତେବେଳକୁ କୁଇଣ୍ଟାଲ କୁଇଣ୍ଟାଲ ମାଛ ପୋଡି ଯାଇଥିଲା।

ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ପହଞ୍ଚି ମାଛ ବ୍ୟବସାୟୀଙ୍କ ସହ ଆଲୋଚନା କରିଛନ୍ତି। ବ୍ୟାଙ୍କ ମ୍ୟାନେଜର କହିଛନ୍ତି ଯେ, ନିଆଁ ଯୋଗୁ ବ୍ୟାଙ୍କରେ ସେଭଳି କୌଣସି କ୍ଷୟକ୍ଷତି ହୋଇ ନଥିବା ସେ ଅନୁମାନ କରୁଛନ୍ତି। ବାସ୍ତବିକ ବ୍ୟାଙ୍କର କେତେ କ୍ଷୟକ୍ଷତି ହୋଇଛି ତାହା ଆକଳନ ପରେ ସ୍ପଷ୍ଟ ହେବ। ବିଲ୍ଡିଂଟି ୫୦ ବର୍ଷର ପୁରୁଣା ହୋଇଥିବା ବେଳେ ପ୍ରାଥମିକ ତଦନ୍ତରୁ ସର୍ଟ ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ରାଜ୍ୟର ରୋଡ୍ ଆଣ୍ଡ ବିଲଡିଂ ଏହି ଅଗ୍ନିକାଣ୍ଡର ତଦନ୍ତ କରିବ।

ଜିଲ୍ଲାପାଳ ତଥା ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ଦତ୍ତାତ୍ରେୟ ଭାଓସାହେବ ସିନ୍ଧେ କହିଛନ୍ତି ଯେ, ଏଠାରେ ବହୁ ବର୍ଷ ପୁରୁଣା ବିଲ୍ଡିଂ ରହିଛି। ସବୁ ଭାଙ୍ଗିବା ସମ୍ଭବ ନୁହେଁ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅସୁରକ୍ଷିତ ଘୋଷଣା ହୋଇଥିବା ବିଲ୍ଡିଂକୁ ଭାଙ୍ଗିବା ପ୍ରକ୍ରିୟା ଆରମ୍ଭ ହୋଇଛି। ତେଣୁ ଏହି ଅଗ୍ନିକାଣ୍ଡ ଘଟଣାରେ ତଦନ୍ତ ରିପୋର୍ଟ ଆସିଲା ପରେ ପଦକ୍ଷେପ ନିଆଯିବ। ଡିସିପି କହିଛନ୍ତି ଯେ, ଏହା ଏକ ସଂକୀର୍ଣ୍ଣ ଅଞ୍ଚଳ। ଅଗ୍ନିଶମ ଟିମ ନିଆଁ ଲିଭା କାର୍ଯ୍ୟରେ ଟିକେ ଅସୁବିଧା ସମ୍ମୁଖୀନ ହୋଇଥିଲା। ସିଏମସି ମେୟର ଓ କମିଶନର ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଯାଞ୍ଚ ପରେ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି କମିଶନର କହିଛନ୍ତି।

ଲୋକ ଭବନରେ ଦୁଇ ଦିନିଆ କୁଳପତି ସମ୍ମିଳନୀ ଉଦ୍‌ଯାପିତ

# ବିଶ୍ୱବିଦ୍ୟାଳୟ ସମ୍ପତ୍ତିର ସୁରକ୍ଷା ଉଚ୍ଚଶିକ୍ଷାର ବିକାଶ ପାଇଁ ଜରୁରୀ



**ଭୁବନେଶ୍ୱର, ୧୬ (ସଂଚାର ବ୍ୟୁରୋ) ଃ** ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟର ସମ୍ପତ୍ତି ସୁରକ୍ଷିତ ରଖିବା ଉଚ୍ଚଶିକ୍ଷାର ଦୀର୍ଘକାଳୀନ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ। ଏ ଦିଗରେ ବିଶ୍ୱବିଦ୍ୟାଳୟ ଅଧିନସ୍ତ ଜମିକୁ ଜବରଦଖଲରୁ ରକ୍ଷା କରିବା ନିମନ୍ତେ ସକ୍ରିୟ ପଦକ୍ଷେପ ନେବା ପାଇଁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ସୋମବାର ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ ପାଇଁ ଆୟୋଜିତ ଦୁଇଦିନିଆ ସମ୍ମିଳନୀର ଉଦଯାପନୀ ସମାରୋହରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି ।

ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଅନେକ ବିଶ୍ୱବିଦ୍ୟାଳୟ ଜମି ଜବରଦଖଲ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ କୁଳପତିମାନଙ୍କୁ ସତର୍କ ରହିବାକୁ ଓ ଭବିଷ୍ୟତରେ ଜବରଦଖଲ ରୋକିବା ପାଇଁ ଆବଶ୍ୟକୀୟ ପ୍ରଭାବଶାଳୀ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଛନ୍ତି। ସରକାର ଜବରଦଖଲ ଜମି ଉଦ୍ଧାର ପାଇଁ ନିଜ ଭୂମିକା ଗ୍ରହଣ କରିବେ, କିନ୍ତୁ ଭବିଷ୍ୟତରେ ଆଉ କୌଣସି ଜମି ଜବରଦଖଲ ନ ହେବା ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକର ମଧ୍ୟ ଦାୟିତ୍ୱ ରହିଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସଗୁଡ଼ିକୁ ସ୍ଥାୟୀ ଓ ସ୍ୱାବଲମ୍ବୀ କରିବା ପାଇଁ ନବୀକରଣଯୋଗ୍ୟ ଶକ୍ତି ବ୍ୟବହାର ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭରତା ଆହ୍ୱାନକୁ ଉଲ୍ଲେଖ କରି ଉପଲବ୍ଧ ଛାତ ଉପରେ ସୌରଶକ୍ତି ପ୍ୟାନେଲ ଲଗାଇ ବିଦ୍ୟୁତ୍ ଆବଶ୍ୟକତାର କିଛି ଅଂଶ ପୂରଣ କରିବାକୁ ବିଶ୍ୱବିଦ୍ୟାଳୟମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଉଚ୍ଚଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ରାଜ୍ୟ ସରକାର ରାଜ୍ୟପାଳଙ୍କ ପରାମର୍ଶ ଉପରେ ସକ୍ରିୟ ଭାବରେ କାର୍ଯ୍ୟ କରିବେ। ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଦକ୍ଷତା ବିକାଶ ଭିତ୍ତିଭୂମିକୁ ବିସ୍ତାର କରାଯିବ ଏବଂ ଲୋକଭବନର ଯାନବାହାନ ଫ୍ଲିଟର ବୈଦ୍ୟୁତିକ ଗତିଶୀଳତାକୁ ପ୍ରାରମ୍ଭିକ ପରିବର୍ତ୍ତନ ସମେତ ସ୍ଥାୟୀ ଅଭ୍ୟାସକୁ ପ୍ରୋତ୍ସାହିତ କରିବାରେ ରାଜ୍ୟପାଳଙ୍କ ନେତୃତ୍ୱକୁ ସେ ପ୍ରଶଂସା କରିଥିଲେ।

## ବନ୍ୟଜନ୍ତୁ ଶିକାର ପାଇଁ ଖଞ୍ଜା ଯାଇଥିବା ବୋମା ଚଢ଼ି ଘୁଷୁରୀ ଚରାଳିଙ୍କ ମୃତ୍ୟୁ



**ଦିଗପହଣ୍ଡି, ୧୬ (ସଂଚାର ବ୍ୟୁରୋ) ଃ** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ମଥୁରା ଗ୍ରାମ ପୋଖରୀ ନିକଟରେ କେହି ଶିକାରୀ ବନ୍ୟଜନ୍ତୁ ଶିକାର ପାଇଁ ହାତ ବୋମା ଖଞ୍ଜିଥିଲେ। ଉକ୍ତ ବୋମାଟିକୁ ଚକଡ଼ି ଦେବାରୁ ବିସ୍ଫୋରଣରେ ଘୁଷୁରୀ ଚରାଇବାକୁ ଯାଇଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ନୂଆ ମଳାଭଞ୍ଜା ଗ୍ରାମ ମେନ୍ ରୋଡ଼ ବନ୍ଧସାହିର ଜି.ରାଜା(୨୮)।ସୋମବାର ମଧ୍ୟାହ୍ନରେ ଦିଗପହଣ୍ଡି ପୋଲିସ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଗତ ରବିବାର ସକାଳ ପ୍ରାୟ ୧୦ ଟାରେ ଜି.ରାଜା ତାଙ୍କ ଘୁଷୁରୀ ପଲକୁ ଚରାଇବାକୁ ମଥୁରା ଗାଁ ନିକଟ ପୋଖରୀ ସଂଲଗ୍ନ ଚାଷଜମିକୁ ଯାଇଥିଲେ। ସେଠାରେ ସେ ଘୁଷୁରୀ ଚରାଉଥିବା ବେଳେ ଜମିରେ ପଡ଼ିଥିବା ବୋମାକୁ ଚକଡି ଦେବାରୁ ବିସ୍ଫୋରଣ ହୋଇଥିଲା। ରାଜାଙ୍କ ଗୋଡ଼,ଜଙ୍ଘ ଓ ଅଣ୍ଟା ତଳକୁ ଭୀଷଣ ଆଘାତ ଲାଗିଥିଲା। ଖବର ପାଇ ପରିବାର ଲୋକେ ସ୍ଥାନୀୟ କିଛି ବ୍ୟକ୍ତିଙ୍କ ସହାୟତାରେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅପରାହ୍ନ ପ୍ରାୟ ୪ ଟାରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଜାଙ୍କ ବାପା ଜି.କ୍ରିଷ୍ଣା ସୋମବାର ସକାଳେ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ପୋଲିସ ମକଦ୍ଦମା ରୁଜୁକରି ତଦନ୍ତ ଚଳାଇଛନ୍ତି।

## ଜେଲ୍ ଗଲେ ଜେଲ୍ ୱାର୍ଡେନ୍

● ବ୍ୟାଗ୍ ଭିତରୁ ଜବତ ହୋଇଥିଲା ଗଞ୍ଜେଇ



**କେନ୍ଦୁଝର, ୧୬ (ସଂଚାର ବ୍ୟୁରୋ) ଃ** ଜେଲ୍ ଗଲେ ଜେଲ୍ ୱାର୍ଡେନ୍। ବନ୍ଧା ହୋଇ ଜେଲ୍ ଗଲେ କେନ୍ଦୁଝର ଜିଲ୍ଲା କାରାଗାରର ୱାର୍ଡେନ ଆଲୋକ ଧଡ଼ା । ଗତ ୨୨ ତାରିଖରେ ରାତି ଡ୍ୟୁଟି କରୁଥିବା ବେଳେ ତାଙ୍କ ବ୍ୟାଗ୍ ଭିତରୁ ଗଞ୍ଜେଇ ଜବତ ହୋଇଥିଲା । ଦୀର୍ଘ ୯ ଦିନ ପରେ ଗତକାଲି ଜେଲ ଅଧିକ୍ଷକ ଉପେନ୍ଦ୍ର ଜେନା ଟାଉନ ଥାନାରେ ଏଫଆଇଆର କରିବା ପରେ ପୋଲିସ୍ କାର୍ଯ୍ୟାନୁଷ୍ଠାନ ନେଇଛି। ୱାର୍ଡେନଙ୍କୁ ଗତକାଲି ରାତିରେ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ତେବେ ଏ ନେଇ ପୋଲିସ କିମ୍ବା ଜେଲ୍ ଅଧୀକ୍ଷକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ । ଏହି ଘଟଣାରେ ସେ ଗିରଫ ହୋଇ ଜେଲ ଯାଇଛନ୍ତି। ତେବେ ଏ ନେଇ ଜେଲ୍ ଅଧିକ୍ଷକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

## ନରେନ୍ଦ୍ର ପୋଖରୀରୁ ଅଜଣା ମୃତଦେହ ଉଦ୍ଧାର



**ପୁରୀ, ୧୬ (ସଂଚାର ବ୍ୟୁରୋ) ଃ** ପୁରୀ ନରେନ୍ଦ୍ର ପୋଖରୀରୁ ମୃତଦେହ ଉଦ୍ଧାର। ଅଗ୍ନିଶମ ବିଭାଗ କର୍ମଚାରୀ ନରେନ୍ଦ୍ର ପୁଷ୍କରିଣୀରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ମୃତଦେହ ଉଦ୍ଧାର କରି ପୁରୀ ହସ୍ପିଟାଲକୁ ପଠାଇଛି ଅଗ୍ନିଶମ ବିଭାଗ। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନଥିବା ବେଳେ ତାଙ୍କ ବୟସ ୫୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଖବର ପାଇ କୁମ୍ଭାରପଡ଼ା ଥାନା ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ କଣ ଏବଂ ତାଙ୍କ ଘର କେଉଁଠି ସେନେଇ ତଦନ୍ତ କରୁଛି ପୋଲିସ। ତେବେ ନରେନ୍ଦ୍ର ପୁଷ୍କରିଣୀରେ ବିଭିନ୍ନ ସମୟରେ ଏଭଳି ଅଘଟଣ ଘଟୁଛି। ନରେନ୍ଦ୍ର ପୁଷ୍କରିଣୀ ଠାରେ ଉଜ୍ୱଳ ଆଲୋକ ବ୍ୟବସ୍ଥା ନଥିବା ଯୋଗୁଁ ଏଭଳି ଅଘଟଣ ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ତଦନ୍ତ ପରେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିବ ବୋଲି ଆଶା ରଖିଛି ପୋଲିସ।

■ ମଣିଷକୁ ଖାଇଗଲା ବାଘ !

## ଜଙ୍ଗଲରୁ ମିଳିଲା ଖଣ୍ଡ ବିଖଣ୍ଡିତ ମୃତଦେହ

**କରଞ୍ଜିଆ, ୧୬ (ସଂଚାର ବ୍ୟୁରୋ) ଃ** ଯଶୀପୁର ଥାନା ବସନ୍ତପୁର ଗାଁର ସାଧୁ ନାଏକ ରବିବାର ସକାଳୁ ଛେଳି ପାଇଁ ଡାଳ ଆଣିବାକୁ ଜଙ୍ଗଲକୁ ଯାଇଥିଲେ । ହେଲେ ସେଠାରୁ ଆଉ ସେ ଘରକୁ ଫେରିନଥିଲେ । ସୋମବାର ସକାଳୁ ସକାଳୁ ତାଙ୍କର ଦୁଇଟି କ୍ଷତାକ୍ତ ଗୋଡ଼ ମିଳିଥିଲା । ଏହାସହ ତାଙ୍କର ଲୁଙ୍ଗି ଜଙ୍ଗଲରେ ପଡ଼ିଥିବା ଦେଖିବାକୁ ପାଇଥିଲେ ସ୍ଥାନୀୟ ଲୋକ । ଅଧା ଦେହକୁ ଖାଇ ମୃତଦେହକୁ ଛାଡ଼ି ଗଲା ବାଘ। ଘଟଣା ସ୍ଥଳରେ ପୁଲିସ ଓ ବନ ବିଭାଗ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଜଣାପଡିଛି।

# ଟେଣ୍ଡର ପୂର୍ବରୁ କାମ ସମ୍ପୂର୍ଣ୍ଣ ଅଭିଯୋଗ



**ଜଗତସିଂହପୁର, ୧୬ (ସଂଚାର ବ୍ୟୁରୋ)ଃ** ସୋମବାର ଯୋଗଧାରୀ ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ତିର୍ତ୍ତୋଲ ବ୍ଲକ ଅଧିନସ୍ଥ ସଅଁରା ଛକ ନିକଟରେ ମା ଶାରଳାଙ୍କ ମନ୍ଦିରକୁ ଯିବା ବାଟରେ ପାରମ୍ପରିକ ମନ୍ଦିର ସ୍ଥାପତ୍ୟ ଶୈଳୀରେ ଏକ ପ୍ରବେଶ ଦ୍ୱାର ନିର୍ମାଣ ସିରିଛି ଏବଂ କଟକ - ପାରାଦ୍ୱୀପ ରାସ୍ତାର କଣ୍ଟୁଆର ଛକଠାରେ ଏକ ଆଳଙ୍କାରିକ ସ୍ୱାଗତ ତୋରଣ ନିର୍ମାଣଧିନ ଅବସ୍ଥାରେ ଅଛି।

କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଜଗତସିଂହପୁର ରାସ୍ତା ଓ କୋଠାବାଡି ବିଭାଗ ଏହି ଦୁଇଟି ସରକାରୀ କାର୍ଯ୍ୟ ପାଇଁ ଟେଣ୍ଡର ନଂ.ଏସ.ଇ.ଜେଏସପିଆର (ଆର୍ ଆଣ୍ଡ ବି) - ୨/୨୦୨୬-୨୭ ଅନୁଯାୟୀ ଗତ ୨୬ ତାରିଖରେ ଆହ୍ୱାନ କରିଛି। ସୋମବାର ଆବେଦନର ଶେଷ ତାରିଖ ରହିଥିବା ବେଳେ ମଙ୍ଗଳବାର ଟେଣ୍ଡର ଖୋଲାଯିବ। ଟେଣ୍ଡର ଖୋଲିବା ପୂର୍ବରୁ କାର୍ଯ୍ୟ ଅନେକାଂଶରେ ସମ୍ପୂର୍ଣ୍ଣ ହୋଇଯିବା ସରକାରୀ ପ୍ରକ୍ରିୟାର ସ୍ୱଚ୍ଛତା, ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଏହା ସହିତ ଟେଣ୍ଡର ମାଧ୍ୟମରେ ଜନସାଧାରଣଙ୍କୁ ଭାଗ ନେବାର ସୁଯୋଗ ଦେବା କେବଳ ଏକ ଔପଚାରିକତା କିମ୍ବା ଲୋକଦେଖାଣିଆ ପଦକ୍ଷେପ ଭାବେ ପ୍ରତୀତ ହେଉଛି ବୋଲି ଶ୍ରୀ ନାୟକ କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ମୁଖପାତ୍ର ସର୍ବେଶ୍ୱର ପଣ୍ଡା, ଅଭିଜିତ ସାହୁ, ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ୍, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ଓଇଆରସି ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ପଛରେ କର୍ପୋରେଟ୍ ଲବି

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଆଣିଲେ ଅଭିଯୋଗ



**ଭୁବନେଶ୍ୱର, ୧୬ (ସଂଚାର ବ୍ୟୁରୋ)ଃ** ବିଦ୍ୟୁତ କ୍ଷେତ୍ରର ବିକାଶ ତଥା ବିକଶିତ ଓଡ଼ିଶା ୨୦୩୬ ପାଇଁ କାର୍ଯ୍ୟ କରୁଥିବା ୧୯୮୯ ବ୍ୟାଚ୍ ଆଇଏଏସ ଅଧିକାରୀ ପ୍ରଦୀପ କୁମାର ଜେନା ୨୦୨୬ ମସିହା ମେ' ୨୫ ତାରିଖରେ ଓଇଆରସି ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ରାଜ୍ୟର ବୁଦ୍ଧିଜୀବୀମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ଶ୍ରୀ ଜେନାଙ୍କ ଇସ୍ତଫା ପରେ ଓଇଆରସି ଏକପ୍ରକାର ଅଚଳ ହୋଇଯାଇଥିବା କୁହାଯାଇଛି।

ଶ୍ରୀ ଜେନାଙ୍କ ହଠାତ ଇସ୍ତଫା ପଛରେ ଅବୈଧ କର୍ପୋରେଟ ଲବି ରହିଛି ବୋଲି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଅଭିଯୋଗ କରିଛନ୍ତି। ଶ୍ରୀ ମହାପାତ୍ର କହିଛନ୍ତି ଯେ, ଓଡ଼ିଶାର କର୍ପୋରେଟ ପରିଚାଳନା ବ୍ୟବସ୍ଥା ଅନିୟନ୍ତ୍ରିତ ହୋଇଛି। ବିଦ୍ୟୁତ ବ୍ୟବସାୟରେ ଜଡ଼ିତ ପ୍ରମୁଖ ବୃହତ ଶିଳ୍ପସଂସ୍ଥା ଯଥା ଜିନ୍ଦଲ, ବେଦାନ୍ତ, ଟାଟା ଏବଂ ଓପିଟିସିଏଲ ଭଳି କିଛି ସରକାରୀ ଉଦ୍ୟୋଗ ସରକାରଙ୍କ ବିଦ୍ୟୁତ ଆଇନ, ନିୟମ, ଅଧିନିୟମ ଓ ନୀତିକୁ ଉଲ୍ଲଂଘନ କରୁଛନ୍ତି। ସେମାନଙ୍କୁ ନିୟନ୍ତ୍ରିତ କରିବା ପାଇଁ ଶ୍ରୀ ଜେନା ଅନେକ ଗୁଡିଏ ନୂତନ ଅଧିନିୟମ, ଆଦେଶ, ନିର୍ଦ୍ଦେଶାବଳୀ ସହିତ ପରାମର୍ଶ ଜାରି କରିଥିଲେ। ଜିନ୍ଦଲ, ବେଦାନ୍ତ ଓ ଟାଟା ରାଜ୍ୟଗ୍ରୀଡ଼୍‌କୁ ପୂର୍ଣ୍ଣ ବ୍ୟବହାର କରୁଥିଲେ ବି ସରକାରଙ୍କୁ ଶୁଳ୍କ ଦେଉ ନଥିଲେ। ସେମାନଙ୍କଠାରୁ ଶୁଳ୍କ ଆଦାୟ ପାଇଁ ଶ୍ରୀ ଜେନା ଏକ ନୂତନ ଚିଠା ଅଧିନିୟମ ଜାରି କରିଥିଲେ। ଟାଟା ପରିଚାଳିତ କରୁଥିବା ବିତରଣ କମ୍ପାନିଗୁଡିକରେ ସରକାରଙ୍କ ୪୯ ପ୍ରତିଶତ ଅଂଶଧନ, ସରକାରୀ ପୁଞ୍ଜିନିବେଶ, ସ୍ମାର୍ଟ ମିଟର ଅନୁଦାନ ୭୩୫ କୋଟି ଟଙ୍କା ଓ ବିଶୃଙ୍ଖଳିତ ତଥ୍ୟ ପ୍ରକାଶ ଆଦି ବିଷୟଗୁଡିକୁ ବିଚାରକୁ ନେଇ ସେଗୁଡ଼ିକର ସିଏଜି ଅଡିଟ୍ ପାଇଁ ଶ୍ରୀ ଜେନା ସରକାରଙ୍କୁ ପରାମର୍ଶ ଦେଇଥିଲେ। ଆବଶ୍ୟକ ନଥାଇ କିଛି ଉଚ୍ଚ କ୍ଷମତାସମ୍ପନ୍ନ ଗ୍ରୀଡ୍ ଓ ଲାଇନ ନିର୍ମାଣ ପାଇଁ ଓପିଟିସିଏଲ ଦାଖଲ କରିଥିବା ସମୁଦାୟ ୬ ହଜାର ୪୧୦ କୋଟିଟଙ୍କା ପୁଞ୍ଜିନିବେଶ ପ୍ରସ୍ତାବ ଉପରେ ଶ୍ରୀ ଜେନା ନିର୍ଦ୍ଦିଷ୍ଟ ନିୟାମକ ପ୍ରଶ୍ନ ଉପସ୍ଥାପନ କରିବା ସହ ନିରାକରଣ ପାଇଁ ବହୁତ ଗୁଡିଏ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ଜେନାଙ୍କ ଏହିସବୁ ଆଦେଶ, ନିର୍ଦ୍ଦେଶାବଳୀ, ପରାମର୍ଶ ଓ ଅଧିନିୟମ ସରକାରୀ କଳରେ ଲୁଚି ରହିଥିବା ଅବୈଧ କର୍ପୋରେଟ ଲବିକୁ ପ୍ରଚଣ୍ଡ ପ୍ରହାର କରିଥିଲା। ଶେଷରେ ଅବୈଧ କର୍ପୋରେଟ ଲବିର ଶିକାର ହୋଇ ଶ୍ରୀ ଜେନା ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି ବୋଲି ସେ କହିଛନ୍ତି।

ବାଲିଅନ୍ତାରେ ଭିଡ଼ ହତ୍ୟା ଘଟଣା

# ତଦନ୍ତ ଆରମ୍ଭ କଲା ଏନ୍‌ଏଚ୍‌ଆରସି



**ଭୁବନେଶ୍ୱର, ୧୬ (ସଂଚାର ବ୍ୟୁରୋ)ଃ** ବାଲିଅନ୍ତାରେ ଭିଡ଼ ଭିତରେ ସୌମ୍ୟ ହତ୍ୟା ଘଟଣାର ତଦନ୍ତ କରିବା ପାଇଁ ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି)ର ଏକ ୨ ଜଣିଆ ଦଳ ୫ ଦିନିଆ ଭୁବନେଶ୍ୱରରେ ଆସି ପହଞ୍ଚିବା ସହିତ ତଦନ୍ତ ଆରମ୍ଭ କରିଛି। ତଦନ୍ତର ପ୍ରଥମ ଦିନରେ ପୂର୍ବତନ ବାଲିଅନ୍ତା ଥାନା ଅଧିକାରୀ ଅନିଲ ପରିଡ଼ାଙ୍କୁ ପଚରାଉଚରା କରାଯାଇଛି। ଜିଆରପି ଥାନା ରିଜର୍ଭ ଇନ୍ସପେକ୍ଟର ମଧ୍ୟ ଏନଏଚଆରସି ନିକଟରେ ହାଜର ହୋଇଛନ୍ତି। ଏନଏଚଆରସିର ଅଧିକାରୀ ଭିଡ଼ହତ୍ୟାର ବିଭିନ୍ନ ଦିଗକୁ ବିଚାରକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ପରିସରକୁ ତତ୍କାଳୀନ ଏଡିଜି ଦୟାଲ ଗଙ୍ଗୱାର ଆସିପାରନ୍ତି ବୋଲି ଅନୁମାନ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ତତ୍କାଳୀନ ବାଲିଅନ୍ତା ଥାନା ଅଧିକାରୀ ଅନିଲ କୁମାର ପରିଡା ହାଜର ହୋଇ ନିଜର ପକ୍ଷ ରଖିଛନ୍ତି।

ଘଟଣାର କେତେ ସମୟ ପରେ ପୋଲିସ ସ୍ପଟ୍‌ରେ ପହଞ୍ଚିଲା। ପୋଲିସ ଉପସ୍ଥିତିରେ କେମିତି ମବ୍‌ଲିଂଚିଂ ବା ଭିଡ଼ହତ୍ୟା ହେଲା। ପୋଲିସ ସେ ସମୟରେ ଭିଡ଼ ହିଂସା ରୋକିବାକୁ କି ପଦକ୍ଷେପ ନେଇଥିଲା। କାହିଁକି ପୋଲିସ ଭିଡ଼ ଅଟକାଇବାରେ ବିଫଳ ହେଲା। ଏସବୁ ଦିଗକୁ ଗୁରୁତ୍ୱଦେଇ ଏନଏଚଆରସି ତଦନ୍ତ ଆରମ୍ଭ କରିଛି। ପୁଲିସ ଓ କ୍ରାଇମବ୍ରାଞ୍ଚ ଏବେ ସୁଦ୍ଧା କ'ଣ ସବୁ ତଦନ୍ତ କରିଛନ୍ତି ସେନେଇ ମଧ୍ୟ ତଦାରଖ କରାଯାଉଛି। ଏନଏଚଆରସି ଦଳର ସୂଚନା ଅନୁସାରେ, ଦୁଇଟି ଦିଗ ନେଇ ୫ ଦିନ ତଦନ୍ତ କରାଯିବ। ଏଥିସହ ସୌମ୍ୟଙ୍କ ହତ୍ୟାକାଣ୍ଡରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଯେଉଁମାନଙ୍କ ଭୂମିକା ରହିଛି ସେମାନଙ୍କୁ ଜେରା କରାଯିବ। ନିଲମ୍ବିତ ୪ ପୋଲିସ କର୍ମଚାରୀ, ସୌମ୍ୟଙ୍କ ପରିବାର, ଅଭିଯୋଗକାରିଣୀ ଦୁଇ ଯୁବତୀ ଓ ସୌମ୍ୟଙ୍କ ସାଙ୍ଗ ଓମ୍‌କୁ ଏନଏଚଆରସି ଟିମ୍ ପଚରାଉଚରା କରିବ ବୋଲି ଶୁଣାଯାଉଛି।

■ ବଡ଼ବିଲ ବ୍ୟାଙ୍କ ଡକାୟତି ମାମଲା

## ଆଉ ୨ ଅଭିଯୁକ୍ତ ଗିରଫ



**ବଡବିଲ, ୧୬ (ସଂଚାର ବ୍ୟୁରୋ) ଃ** କେନ୍ଦୁଝର ଜିଲ୍ଲା ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶାଖାରେ ଘଟିଥିବା ଚର୍ଚ୍ଚିତ ସଶସ୍ତ୍ର ଡକାୟତି ମାମଲାରେ କେନ୍ଦୁଝର ପୋଲିସ ଆଉ ଏକ ସଫଳତା ହାସଲ କରିଛି। ମାମଲାରେ ସଂପୃକ୍ତ ଆଉ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ନିକଟରୁ ଲୁଟ୍ ସାମଗ୍ରୀ ଜବତ କରିଛି। ଘଟଣାର ତଦନ୍ତ ସମୟରେ ଲୁଟେରାମାନେ ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବାସିନ୍ଦା ବୋଲି ଜଣାପଡ଼ିଥିଲା। ପୂର୍ବରୁ ଏହି ମାମଲାରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ, ସିପୁ କୁମାର ଏନ୍‌କାଉଣ୍ଟରରେ ଆହତ ହୋଇଥିଲା। ସେତେବେଳେ ସେମାନଙ୍କ ନିକଟରୁ କିଛି ସୁନା, ଗାଡ଼ି ଏବଂ ଏକ ପିସ୍ତଲ ଜବତ ହୋଇଥିଲା। ପରେ ମୁଖ୍ୟ ଅଭିଯୁକ୍ତ ରୌଶନ କୁମାରକୁ ସୁରତରୁ ଠାବ କରାଯାଇ ଗିରଫ କରାଯାଇଥିଲା। ଲଡୁକୁ ରିମାଣ୍ଡରେ ନେଇ ପଚରାଉଚରା କରାଯିବା ପରେ ତାଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ବିହାର, ପାଟନା ଅଞ୍ଚଳର ଜିତେନ୍ଦ୍ର କୁମାର ନାମକ ଜଣେ ସୁନା ବ୍ୟବସାୟୀ ଏବଂ ଅଖିଲେଶ ପ୍ରସାଦ ସିଂହଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ପ୍ରାୟ ୨୩୬ ଗ୍ରାମ ସୁନା, ୪ କିଲୋଗ୍ରାମ ରୂପା ଓ ଏକ ମାରୁତି ସୁଜୁକି କାର ଜବତ ହୋଇଛି। ସେହିପରି ଅଭିଯୁକ୍ତ ଲଡୁ ଲୁଟ୍ ସୁନାକୁ ବିକ୍ରି କରି ପ୍ରାୟ ୪୭ ଲକ୍ଷ ଟଙ୍କାରେ ଏକ ଜମି କିଣିଥିବା ପୋଲିସ୍ ଜାଣିବାକୁ ପାଇଛି । ସେହି ଜମିକୁ ଜବତ୍ କରିବାପାଇଁ ପୋଲିସ୍ ଚେଷ୍ଟା ଚଳାଇଛି । ଆଜି ରିମାଣ୍ଡରେ ଆସିଥିବା ମୁଖ୍ୟ ଅଭିଯୁକ୍ତ ଲଡୁ ସମେତ ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ପ୍ରେମିକା ପାଇଁ ଚୋର ସାଜିଲା ନାବାଳକ

**ଭୁବନେଶ୍ୱର, ୧୬ (ସଂଚାର ବ୍ୟୁରୋ)ଃ**ନିଜର ବାଳିକା-ବନ୍ଧୁକୁ ମୋବାଇଲ ଉପହାର ଦେବ ବୋଲି ଚୋରୀ ପରି ଏକ ଅପରାଧ କରିବାକୁ ବି ପଛାଇ ନାହିଁ ଜଣେ ନାବାଳକ। ବାଲେଶ୍ୱର ଜିଲ୍ଲାକସ୍ତିପଦା ଥାନା ଅଞ୍ଚଳର ଜଣେ ନାବାଳକ ନିଜ ପ୍ରେମିକାକୁ ମୋବାଇଲ ଉପହାର ଦେବାକୁ ଚାହୁଁଥିଲେ। ଏଥିପାଇଁ ସେ ଟଙ୍କା ଚୋରୀ କରିବାକୁ ଯୋଜନା କଲା ଓ ଏଥିରେ ସେ ତା'ର ତିନିଜଣ ସାଙ୍ଗଙ୍କୁ ବି ସାମିଲ୍ କଲା। ତିନିଜଣ ନାବାଳକ ଡ୍ରାଇଭର ଅଜୟ ଦଳେଇକୁ ବାଲେଶ୍ୱର ଯିବେ ବୋଲି କହିଥିଲେ। ଡ୍ରାଇଭର ଅଜୟ ଦେଢ଼ ହଜାର ଟଙ୍କା ଭଡା ନେଇ ମାଲିକର ଘରୋଇ ଗାଡ଼ିରେ ନାବାଳକମାନଙ୍କୁ ନେଇ ବାଲେଶ୍ୱର ଆସିଲେ। ଉଦଳା କୃଷକ ବଜାର ନିକଟରେ ପହଞ୍ଚିବା ପରେ ଜଣେ ସମ୍ପର୍କୀୟଙ୍କ ଘରୁ ଟଙ୍କା ଆଣିବେ ବୋଲି କହି ନାବାଳକମାନେ କାରରୁ ଓହ୍ଲାଇ ଶାବଳରେ ଏକ ମୋବାଇଲ ଦୋକାନ ସଟର ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ସିସିଟିଭି ଫୁଟେଜରୁ ପୁଲିସ୍ ଖୋଳତାଡ଼ କରିଥିଲା। ଗାଡି ଡ୍ରାଇଭର କହିଛନ୍ତି ଯେ, ଲୁଟ ପାଇଁ ନାବାଳକମାନେ ଗାଡି ନେଉଥିବା ସେ ଜାଣି ନଥିଲେ। କାରଣ ସେ ପୂର୍ବରୁ ମାଲିକଙ୍କ ଅଜାଣତରେ ଉକ୍ତ ନାବାଳକମାନଙ୍କୁ ଅନେକଥର ଭଡ଼ାରେ ନେଇଛନ୍ତି।

# ଓଡ଼ିଶାରେ ଜିଏସ୍‌ଟି ସଂଗ୍ରହ ୫% କମିଲା




**ଭୁବନେଶ୍ୱର, ୧୬ (ସଂଚାର ବ୍ୟୁରୋ) ଃ** ଚଳିତ ବର୍ଷ ମେ ମାସରେ ଓଡ଼ିଶାରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ୫ ପ୍ରତିଶତ ହ୍ରାସ ପାଇଛି। ଏହି ମାସରେ ରାଜ୍ୟରେ ୪୦୫୦ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିଲା। ଏହା ୨୦୨୫ ମେରେ ହୋଇଥିବା ୪୨୬୪ କୋଟି ଟଙ୍କା ତୁଳନାରେ କମ୍ । ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶକୁ ବାଦ ଦେଲେ ଅନ୍ୟ ସବୁ ରାଜ୍ୟରେ ଜିଏସ୍‌ଟି ଆଦାୟ ହ୍ରାସ ପାଇଥିବା କେନ୍ଦ୍ର ସରକାରଙ୍କ ତରଫରୁ ଜାରି ତଥ୍ୟରୁ ଜଣାପଡ଼ିଛି।

ତେବେ ଦେଶରେ ମେ ମାସରେ ଜିଏସ୍‌ଟି ସଂଗ୍ରହ ୩.୧୨ ପ୍ରତିଶତ ବୃଦ୍ଧି ପାଇ ୧.୯୪ଲକ୍ଷ କୋଟି ଟଙ୍କା ହୋଇଛି। ଆମଦାନିରୁ ଟିକସ ସଂଗ୍ରହ ବଢ଼ିଥିବାରୁ ଏହି ମାସରେ ଅଧିକ ପରିମାଣର ଜିଏସ୍‌ଟି ସଂଗ୍ରହ କରାଯାଇଛି। ୨୦୨୫ର ମେ ମାସରେ ୧.୮୮ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଥିଲା। ଚଳିତ ବର୍ଷର ମେ ମାସରେ ୪୭,୩୯୭ କୋଟି ଟଙ୍କାର କେନ୍ଦ୍ରୀୟ ଜିଏସ୍‌ଟି, ୪୫,୧୪୩ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି ଓ ୫୧,୯୯୦ କୋଟି ଟଙ୍କାର ସମନ୍ୱିତ ଜିଏସ୍‌ଟି ସଂଗ୍ରହ କରାଯାଇଛି।

ମେ ମାସରେ ଟିକସଯୁକ୍ତ ସାମଗ୍ରୀ ଯୋଗାଣରେ ୨୬.୯ ପ୍ରତିଶତ ଓ ସେବାରେ ୨୨.୨ ପ୍ରତିଶତ ବୃଦ୍ଧି ଘଟିଛି। ଏହା ଦେଶରେ ଚାହିଦା ଉଲ୍ଲେଖନୀୟ ରହିଥିବାରୁ ଦର୍ଶାଉଛି। ସେହିପରି ଆଇଜିଏସ୍‌ଟିରେ ୧୯.୧ ପ୍ରତିଶତ ବୃଦ୍ଧି ଶିଳ୍ପ କାର୍ଯ୍ୟକଳାପ ତ୍ୱରାନ୍ୱିତ ହେବାକୁ ଜଣାଉଛି। ଚଳିତ ବର୍ଷ ଏପ୍ରିଲ୍‌ରେ ରେକର୍ଡ ୨.୪୩ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ ହୋଇଥିଲା।

# ମଉଳିଯାଉଛି ଜଗତ୍‌ସିଂହପୁରବାସୀଙ୍କ ଟେକ୍ସଟାଇଲ୍ ପାର୍କ ସ୍ୱପ୍ନ



ବର୍ଷେ ପରେ ବି କାମ ଶୂନ

**ଭୁବନେଶ୍ୱର, ୧୬ (ସଂଚାର ବ୍ୟୁରୋ) ଃ** ଜଗତ୍‌ସିଂହପୁର ଜିଲ୍ଲାରେ ଶାରଳା ସୂତାକଳ ଥିବା ଜମିରେ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇଁ ଜିଲ୍ଲାବାସୀଙ୍କ ସ୍ୱପ୍ନ ଏବେ ମିଳେଇବାରେ ଲାଗିଛି । ରାଜିନାମା ହେବାର ବର୍ଷକପରେ ବି ଏଠାରେ କାମ ଆଗେଇ ପାରୁନାହିଁ । ଶିଳ୍ପମନ୍ତ୍ରୀଙ୍କ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠାର ଏଭଳି ଚିତ୍‌ପଟାଙ୍ଗ ଅବସ୍ଥା ଏବେ ଆଲୋଚନାର ବିଷୟବସ୍ତୁ ପାଲଟିଛି ।

ଶାରଳା ସୂତାକଳର ପୁନଃରୁଦ୍ଧାର ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିବାବେଳେ ସେହି ସ୍ଥାନରେ ସରକାର ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା ପାଇଁ ସ୍ଥିର କରିଥିଲେ । ଅନୁଷ୍ଠିତ ଶିଳ୍ପ କନକ୍ଲେଭରେ ଏଥିପାଇଁ ତାମିଲନାଡୁର ଗୋଟିଏ ସଂସ୍ଥା ସହିତ ରାଜିନାମା ହୋଇଥିଲା। ରାଜିନାମା ହେବାପରେ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ନିଶ୍ଚିତ ଜାଣି ଜିଲ୍ଲାବାସୀ ଖୁସିରେ କୁରୁଳି ଉଠିଥିଲେ । ଭାବିଥିଲେ ସୂତାକଳ ନହେଲା ନାହିଁ, ଟେକ୍ସଟାଇଲ୍ ପାର୍କ ହେଲେ ଜିଲ୍ଲାର ଗୁଡାଏ ପିଲା ନିଯୁକ୍ତି ପାଇଯିବେ ।

ଜିଲ୍ଲାବାସୀଙ୍କ ଖୁସିକୁ ଆଗକୁ ବଢାଇବାପାଇଁ ଶିଳ୍ପମନ୍ତ୍ରୀ ଦଳ ବଳ ସହ ପ୍ରସ୍ତାବିତ ଟେକ୍ସଟାଇଲ୍ ପାର୍କ ଅଞ୍ଚଳ ଗସ୍ତ କରିଥିଲେ । ଗଣମାଧ୍ୟମକୁ ବି ଏଠାରେ ଶୀଘ୍ର ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା ହେବ ଏବଂ ଜିଲ୍ଲା ବିକାଶରେ ଏହା ବଡ ମାଧ୍ୟମ ସାଜିବ ବୋଲି କହିଥିଲେ। ଏହି ଘଟଣାକୁ ଇତି ମଧ୍ୟରେ ବର୍ଷଟିଏ ବିତିଗଲାଣି । ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା କେତେ ଆଗେଇଛି ତାହା ଆଉ ଜିଲ୍ଲାବାସୀ ଜାଣିପାରୁ ନାହାନ୍ତି । ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା ରାଜିନାମାରେ ହିଁ ଅଟକି ଯାଇଛି । ଏହାର କାରଣ ହେଉଛି ୪୭ଏକର ପରିମିତ ଏହି ଜମି ଟି ଏସ୍‌ବିଆଇ ନିକଟରେ ବନ୍ଧା ପଡିଛି । ତେଣୁ ଜମିର ମାଲିକ ଏବେ ବ୍ୟାଙ୍କ କର୍ତ୍ତୃପକ୍ଷ। ବ୍ୟାଙ୍କ୍ ନିକଟରୁ ଜମି ରାଜସ୍ୱ ବିଭାଗକୁ ଫେରିବ । ରାଜସ୍ୱ ବିଭାଗରୁ ଇଡ୍‌କୋ ନିକଟକୁ ଯିବ ଏବଂ ଇଡ୍‌କୋ ଜମି ହସ୍ତାନ୍ତର କରିବାପରେ ସେଠାରେ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା ହେବ । ଏହା ଏକ ଲମ୍ବା ପ୍ରଶାସନିକ କାର୍ଯ୍ୟ । ଏହିସବୁ କାର୍ଯ୍ୟ ବର୍ଷକ ମଧ୍ୟରେ ସେଭଳି କିଛି ଆଗେଇ ପାରିନଥିବାରୁ ଟେକ୍ସଟାଇଲ୍ ସ୍ୱପ୍ନ ପୂରଣ ହେବ କି ନାହିଁ ତାହାକୁ ନେଇ ଜିଲ୍ଲାବାସୀ ଏବେ ସନ୍ଦୀହାନ ହୋଇପଡିଛନ୍ତି। ରାଜ୍ୟର ଶିଳ୍ପମନ୍ତ୍ରୀ ଖୋଦ୍ ଜଗତ୍‌ସିଂହପୁର ଜିଲ୍ଲାର ହୋଇଥିବାବେଳେ ଟେକ୍ସଟାଇଲ୍ ପାର୍କଟି ତାଙ୍କ ଅଞ୍ଚଳରେ ହୋଇଥାନ୍ତା । ଏହାକୁ ନେଇ ଜିଲ୍ଲାବାସୀ ବେଶ୍ ଉତ୍ସାହିତ ଥିବାବେଳେ ସେହି ଉତ୍ସାହ ଏବେ ଧିରେ ଧିରେ ମଉଳି ଯିବାରେ ଲାଗିଛି । ଉଲ୍ଲେଖନୀୟ ଯେ ଜିଲ୍ଲାରେ ପ୍ରତିଷ୍ଠିତ ଶାରଳା ସୂତାକଳ ଏକଦା ରାଜ୍ୟର ବୟନଶିଳ୍ପ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏଠାରୁ ଉତ୍ପାଦିତ ଉନ୍ନତମାନର ସୂତା ରାଜ୍ୟ ଭିତରେ ଓ ବାହାରେ ବେଶ୍ ପ୍ରସିଦ୍ଧି ଲାଭି କରିଥିବାବେଳେ ଜିଲ୍ଲାର ଶତାଧିକ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇଥିଲା । ତେବେ ରାଜ୍ୟର ଅନ୍ୟ ସୂତାକଳ ଭଳି ଏହି ସମବାୟ ସୂତାକଳଟି ବି ଧିରେ ଧିରେ ଦୁର୍ବଳ ହେବା ସହିତ ଶେଷରେ ସେଠାରେ ତାଲା ଝୁଲିଥିଲା। ତେବେ ଦୀର୍ଘବର୍ଷ ପରେ ଶିଳ୍ପ ବିଭାଗ ଜିଲ୍ଲା ଭାଗରେ ପଡିଥିବାରୁ ଏହି ସୂତାକଳର ପୁନଃରୁଦ୍ଧାର ହେବବୋଲି ସମସ୍ତେ ଆଶା ବାନ୍ଧିଥିଲେ । ହେଲେ ପୁନଃରୁଦ୍ଧାର ବଦଳରେ ଯେତେବେଳେ ସେଠାରେ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା କଥା ଉଠିଲା ତାହା ନୂତନ ଆଶା ସଞ୍ଚାର କରିଥିଲା। କିନ୍ତୁ ଏହି ଆଶା ଧିରେ ଧିରେ ମଉଳିବାରେ ଲାଗିଛି ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

# ପାୱାରଗ୍ରିଡ୍‌କୁ ସ୍ୱଦେଶୀ ୧୩୨ କେଭି ଏମ୍-ଜିଆଇଏସ୍ ସିଷ୍ଟମ୍ ପ୍ରଦାନ କଲା ତୋସିବା




## ଭାରତରେ ମୋବାଇଲ୍ ହାଇ-ଭୋଲ୍ଟେଜ୍ ସମାଧାନ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ

ଭୁବନେଶ୍ୱର, ୧।୫: ଭାରତର ପ୍ରଥମ ସ୍ୱଦେଶୀ ୨୨୦ କେଭି ମୋବାଇଲ୍ ଗ୍ୟାସ୍ ଇନସୁଲେଟେଡ୍ ସ୍ୱିଚଗିୟର (ଏମ୍-ଜିଆଇଏସ୍) ସିଷ୍ଟମ୍ ସଫଳତାର ସହ ପ୍ରଦାନ କରିବା ପରେ, ତୋସିବା ଟ୍ରାନ୍ସମିସନ୍ ଆଣ୍ଡ ଡିଷ୍ଟ୍ରିବ୍ୟୁସନ୍ ସିଷ୍ଟମ୍ସ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ (ଟିଟିଡିଆଇ) ପାୱାର ଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ପାୱାରଗ୍ରିଡ୍)କୁ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ୧୩୨ କେଭି ଏମ୍-ଜିଆଇଏସ୍ ସିଷ୍ଟମ୍ ସଫଳତାର ସହ ପ୍ରଦାନ କରିଥିବା ଘୋଷଣା କରିଛି। ଏହି ସଫଳତା ଟିଟିଡିଆଇର ସ୍ୱଦେଶୀ ମୋବାଇଲ୍ ହାଇ-ଭୋଲ୍ଟେଜ୍ ସମାଧାନ ପୋର୍ଟଫୋଲିଓକୁ ଆହୁରି ସମୃଦ୍ଧ କରିବା ସହ ଦେଶର ଗ୍ରିଡ୍ ଆଧୁନିକୀକରଣ, ସ୍ଥିତିସ୍ଥାପକତା ଏବଂ ଆତ୍ମନିର୍ଭର ଶକ୍ତି ଭିତ୍ତିଭୂମି ଗଠନରେ ମଧ୍ୟ ସହାୟକ ହେବ।

ଏହି ଅବସରରେ ଟିଟିଡିଆଇର ଚେୟାରମ୍ୟାନ୍ ଓ ମ୍ୟାନେଜିଂ ଡିରେକ୍ଟର ଶ୍ରୀ ହିରୋଶି ଫୁରୁତା କହିଛନ୍ତି, "ପାୱାରଗ୍ରିଡକୁ ସ୍ୱଦେଶୀ ୧୩୨ କେଭି ଏମ୍-ଜିଆଇଏସ୍ ସିଷ୍ଟମ୍ ପ୍ରଦାନ କରିବା ଆମ ପାଇଁ ଗର୍ବର ବିଷୟ। ଏହା କିଛି ମାସ ପୂର୍ବରୁ ଭାରତର ପ୍ରଥମ ସ୍ୱଦେଶୀ ୨୨୦ କେଭି ଏମ୍-ଜିଆଇଏସ୍ ସିଷ୍ଟମ୍ ପ୍ରଦାନ ପରେ ଆଉ ଏକ ବଡ଼ ସଫଳତା। ଏହିକମ୍ପାକ୍ଟଏବଂସହଜରେପରିବହନଯୋଗ୍ୟସଲ୍ୟୁସନ୍ଭାରତରେବିକଶିତଏବଂନିର୍ମିତହୋଇଛି, ଯାହା ସରକାରଙ୍କ' ମେକ୍ ଇନ୍ ଇଣ୍ଡିଆ' ମିଶନ ନିଷ୍ପତ୍ତି ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।"

ପାୱାରଗ୍ରିଡ୍‌ର ବୈଷୟିକ, ଗୁଣବତ୍ତା, ପରିଚାଳନା ଓ ସୁରକ୍ଷା ସମ୍ବନ୍ଧୀୟ ମାନଦଣ୍ଡକୁ ଧ୍ୟାନରେ ରଖି ଭାରତରେ ଥିବା ତୋସିବାର ଇଞ୍ଜିନିୟରିଂ ଓ ଉତ୍ପାଦନ କ୍ଷମତାକୁ ବ୍ୟବହାର କରି ଏହି ୧୩୨ କେଭି ଏମ୍-ଜିଆଇଏସ୍ ସିଷ୍ଟମ୍ ବିକଶିତ କରାଯାଇଛି।

ଚ୍ୟାଲେଞ୍ଜପୂର୍ଣ୍ଣ ପରିସ୍ଥିତିରେ ନିର୍ଭରଯୋଗ୍ୟ ଭାବରେ କାର୍ଯ୍ୟ କରିବା ପାଇଁ ନିର୍ମିତ ଏହି ସିଷ୍ଟମ୍‌ରେ "କନେକ୍ଟ- ଅପରେଟ୍- ଡିସକନେକ୍ଟ- ରିଡିପ୍ଲୟ" ବ୍ୟବସ୍ଥା ରହିଛି, ଯାହା ଗ୍ରିଡ୍‌ର କାର୍ଯ୍ୟଦକ୍ଷତା ଓ ପରିଚାଳନାଗତ ନମନୀୟତାକୁ ବଢ଼ାଇଥାଏ। ଏହାର କମ୍ପାକ୍ଟ ଡିଜାଇନ୍ ଏବଂ ମଡ୍ୟୁଲାର୍ ଆର୍କିଟେକ୍ଚର ଯୋଗୁଁ ଏହା ଘନ ଜନବସତିପୂର୍ଣ୍ଣ ଅଞ୍ଚଳ ଏବଂ ଦ୍ରୁତ ନିୟୋଜନ ଆବଶ୍ୟକ ଥିବା ପ୍ରକଳ୍ପଗୁଡ଼ିକ ପାଇଁ ଉପଯୁକ୍ତ।

ସାଧାରଣ ପରିବହନ ଟ୍ରେଲରରେ ସହଜରେ ସ୍ଥାନ ପାଇପାରୁଥିବା ଏହି ସିଷ୍ଟମ୍ ଯାନ୍ତ୍ରିକ କମ୍ପନ ଓ ପରିବହନଜନିତ ଚାପକୁ ସହ୍ୟ କରିପାରେ। ଫଳରେ ଏହା ବିଦ୍ୟୁତ ବିତରଣ ସଂସ୍ଥା, ଅକ୍ଷୟ ଶକ୍ତି ପ୍ରକଳ୍ପ, ବିପର୍ଯ୍ୟୟ ପରିଚାଳନା ଟିମ୍ ଏବଂ ଟ୍ରାନ୍ସମିସନ୍ ଅପରେଟରମାନଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ମୋବାଇଲ୍ ପାୱାର୍ ସମାଧାନ ଭାବେ ପରିଗଣିତ ହେବ।

ଭାରତର ପ୍ରଥମ ୨୨୦ କେଭି ଏବଂ ବର୍ତ୍ତମାନ ୧୩୨ କେଭି ଏମ୍-ଜିଆଇଏସ୍ ସିଷ୍ଟମ୍ ସଫଳତାର ସହ ପ୍ରଦାନ କରିବା ପରେ, ଟିଟିଡିଆଇ ଏହାର ସ୍ୱଦେଶୀ ୪୦୦ କେଭି ଏମ୍-ଜିଆଇଏସ୍ ସିଷ୍ଟମ୍‌ର ଇଞ୍ଜିନିୟରିଂ କାର୍ଯ୍ୟକୁ ମଧ୍ୟ ଦ୍ରୁତ ଗତିରେ ଆଗେଇ ନେଉଛି ଏବଂ ଚଳିତ ବର୍ଷ ଶେଷ ସୁଦ୍ଧା ଏହାକୁ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି।

# ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୪୨ ଟଙ୍କା ବୃଦ୍ଧି



ନୂଆଦିଲ୍ଲୀ: ଡିଜେଲ ଏବଂ ପେଟ୍ରୋଲ ମୂଲ୍ୟ ବୃଦ୍ଧି ପରେ ଆଜି ବାଣିଜ୍ୟିକ ଏଲପିଜି ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି ୧୯କିଲୋଗ୍ରାମର ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ୪୨ ଟଙ୍କା ବୃଦ୍ଧି ପାଇଛି, ଯାହା ଜାତୀୟ ରାଜଧାନୀ ଦିଲ୍ଲୀରେ ଏହାର ମୂଲ୍ୟ ୩୦୧୩.୫୦ ଟଙ୍କାକୁ ବୃଦ୍ଧି କରିଛି। କୋଲକାତାରେ ଏହା ୫୩ଟଙ୍କା ୫୦ ପଇସା ବୃଦ୍ଧି ପାଇ ୩୨୫୫ଟଙ୍କା ୫୦ରେ ପହଞ୍ଚିଛି।

ଏକ ଛୋଟ ୫ କିଲୋଗ୍ରାମର ଏଫଟିଏଲ୍ ସିଲିଣ୍ଡରର ମୂଲ୍ୟ ମଧ୍ୟ ୧୧ ଟଙ୍କା ବୃଦ୍ଧି କରାଯାଇଛି। ୧୪.୨ କିଲୋଗ୍ରାମର ରେଲୁ ଏଲପିଜି ସିଲିଣ୍ଡରର ମୂଲ୍ୟ ଅପରିବର୍ତ୍ତିତ ରହିଥିବା ବେଳେ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ବିବାହରେ ବ୍ୟବହୃତ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ବାହାର ଖାଇବା ଖର୍ଚ୍ଚ ବୃଦ୍ଧି କରିପାରେ। ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ବୃଦ୍ଧି ଆଜିଠାରୁ ଲାଗୁ ହୋଇଛି। ଦିଲ୍ଲୀରେ ୧୯ କିଲୋଗ୍ରାମର ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ୪୨ ବୃଦ୍ଧି ପାଇଛି। ଫଳରେ ଏହାର ମୂଲ୍ୟ ୩୧ ୧୩ ଟଙ୍କା ୫୦ ପଇସା ହୋଇଛି। ୫ କିଲୋଗ୍ରାମର ଏକ ଛୋଟ ଏଫଟିଏଲ ସିଲିଣ୍ଡରର ମୂଲ୍ୟ ମଧ୍ୟ ୧୧ ଟଙ୍କା ବୃଦ୍ଧି ପାଇଛି, ଯାହା ଫଳରେ ଦିଲ୍ଲୀରେ ଏହାର ମୂଲ୍ୟ ୮୨୧ ଟଙ୍କା ୫୦ ପଇସା ହୋଇଛି। କୋଲକାତାରେ, ମୂଲ୍ୟ ୫୩ ଟଙ୍କା ୫୦ ପଇସା ବୃଦ୍ଧି ପାଇଛି, ଯାହା ଫଳରେ ୧୯ କିଲୋଗ୍ରାମର ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ୩,୨୫୫ ଟଙ୍କା ୫୦ ପଇସା ହୋଇଛି।

ଆଜିଠାରୁ ପେଟ୍ରୋଲ, ଡିଜେଲ ଏବଂ ଏଟିଏଫ ଉପରେ ରପ୍ତାନି ଶୁଳ୍କ ହ୍ରାସ। କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲ ଏବଂ ବିମାନ ଟରବାଇନ ଇନ୍ଧନ ଉପରେ ରପ୍ତାନି ଶୁଳ୍କ ହ୍ରାସ ଘୋଷଣା କରିଛନ୍ତି, ଯାହା ଆଜି, ଜୁନ୍ ୧ ତାରିଖରୁ କାର୍ଯ୍ୟକାରୀ ହେଉଛି। ସରକାର ପେଟ୍ରୋଲ ରପ୍ତାନି ଉପରେ ଅବିଶ୍ୱତ ଲାଭ ଟିକସକୁ ଅଧା କରି ପ୍ରତି ଲିଟର ୧.୫୦ କରିଛନ୍ତି। ଡିଜେଲ ଉପରେ ଟିକସକୁ ପ୍ରତି ଲିଟର ୧୩.୫୦ ଏବଂ ବିମାନ ଟରବାଇନ ଇନ୍ଧନ (ଏଟିଏଫ) ଉପରେ ଟିକସକୁ ପ୍ରତି ଲିଟର ୯.୫୦ କରାଯାଇଛି। ଅର୍ଥ ମନ୍ତ୍ରଣାଳୟ କହିଛି ଯେ ପେଟ୍ରୋଲ ଏବଂ ଡିଜେଲର ରପ୍ତାନି ଉପରେ ରାସ୍ତା ଏବଂ ଭିତ୍ତିଭୂମି ସେସ୍ ଶୂନ୍ୟ ହେବ। ଏହା ବ୍ୟତୀତ, ଘରୋଇ ଉଦ୍ଦେଶ୍ୟରେ ବ୍ୟବହୃତ ପେଟ୍ରୋଲ ଏବଂ ଡିଜେଲ ଉପରେ ପ୍ରଚଳିତ ଟିକସରେ କୌଣସି ପରିବର୍ତ୍ତନ ହୋଇନାହିଁ।

# ଲଞ୍ଚ୍ ପୂର୍ବରୁ ଲିକ୍ ହେଲା 'ଆପଲ୍ ସ୍ମାର୍ଟ ଚଷମା'ର ଡିଜାଇନ୍ ଓ ଦାମ୍

ନୂଆଦିଲ୍ଲୀ, ୧।୬: ବିଶ୍ୱ ଟେକ୍ନୋଲୋଜି ଜଗତର ସବୁଠାରୁ ବଡ଼ ବ୍ରାଣ୍ଡ 'ଆପଲ୍' ଏବେ ଆଇଫୋନ୍ ପରେ ଆଉ ଏକ କ୍ରାନ୍ତିକାରୀ ପ୍ରୋଡକ୍ଟ ବଜାରକୁ ଆଣିବା ପାଇଁ ଅଣ୍ଟା ଭିଡ଼ିଛି। ମେଟାଏବଂ ଗୁଗଲକୁ କଡ଼ା ଚ୍ୟାଲେଞ୍ଜ ଦେବା ପାଇଁ କମ୍ପାନୀ ତାର ସ୍ମାର୍ଟ ଚଷମା ବା **'Apple Smart Glasses'** ଉପରେ ଦ୍ରୁତ ଗତିରେ କାମ କରୁଛି। ତେବେ ଲଞ୍ଚ୍ ହେବା ପୂର୍ବରୁ ହିଁ ଏହି ଆଧୁନିକ ଗ୍ୟାଜେଟ୍‌ର ଡିଜାଇନ୍, ଫିଚର୍ସ ଏବଂ ସମ୍ଭାବ୍ୟ ମୂଲ୍ୟକୁ ନେଇ କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ଲିକ୍ ହୋଇଛି, ଯାହାକୁ ନେଇ ଟେକ୍ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

ରିପୋର୍ଟ ଅନୁଯାୟୀ, ଆପଲ୍‌ର ଏହି ସ୍ମାର୍ଟ ଚଷମା ପାଇଁ ଗ୍ରାହକଙ୍କୁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ। ପୂର୍ବରୁ କମ୍ପାନୀ ଏହାକୁ ୨୦୨୬ ଆରମ୍ଭରେ ଲଞ୍ଚ୍ କରିବାକୁ ଯୋଜନା କରୁଥିଲା, ମାତ୍ର ଏହାର ଡେଭଲପମେଣ୍ଟ ଏବଂ ନୂତନ ପ୍ରଯୁକ୍ତିବିଦ୍ୟାର ସଂଯୋଜନାରେ ଅଧିକ ସମୟ ଲାଗୁଥିବାରୁ ଏବେ ଏହି ଟାଇମଲାଇନକୁ ଆଗକୁ ଘୁଞ୍ଚାଇ ଦିଆଯାଇଛି। ସାମ୍ନାକୁ ଆସିଥିବା ସେସ ହେଡ୍‌ଲାଇନ୍ ମୁତାବକ, କମ୍ପାନୀ ଏହାକୁ ୨୦୨୭ ମସିହା ଶେଷ ସୁଦ୍ଧା ବଜାରକୁ ଆଣିବାକୁ ପ୍ରସ୍ତୁତି ଚଳାଇଛି। ଆପଲ୍‌ର ଏହି ସ୍ମାର୍ଟ ଗ୍ଲାସେସ୍ ଅତ୍ୟନ୍ତ ଷ୍ଟାଇଲିସ୍ ଏବଂ ପ୍ରିମିୟମ୍ ଲୁକ୍ ସହ ଆସିବ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ:



ବିଭିନ୍ନ ଡିଜାଇନ୍‌ର ଟେଷ୍ଟିଂ: ପ୍ରଥମ ଜେନେରେସନ୍ ଚଷମା ପାଇଁ ଆପଲ୍ ବର୍ତ୍ତମାନ ୪ଟି ଭିନ୍ନ ଭିନ୍ନ ଡିଜାଇନ୍ ଉପରେ ପରୀକ୍ଷଣ କରୁଛି। ଏଥିରେ ବଡ଼ ରେକ୍ଟାଙ୍ଗୁଲାର୍ ଫ୍ରେମ୍, ପତଳା ରେକ୍ଟାଙ୍ଗୁଲାର୍ ଡିଜାଇନ୍, ବଡ଼ ସର୍କୁଲାର୍ ଫ୍ରେମ୍ ଏବଂ ଛୋଟ ସର୍କୁଲାର୍ ଫ୍ରେମ୍ ସାମିଲ ରହିଛି। ଏହି ଚଷମାଗୁଡ଼ିକ ଆଗାମୀ ଦିନରେ ଏକ ପ୍ରମୁଖ 'ହେଲ୍ଥ ଡିଭାଇସ୍' ଭାବେ ନିଜର ପରିଚୟ ସୃଷ୍ଟି କରିବ ବୋଲି କମ୍ପାନୀ ଆଶା ରଖିଛି। ଭବିଷ୍ୟତରେ ଏଥିରେ ଅଗମେଣ୍ଟେଡ୍ ରିଆଲିଟି (AR) ଟେକ୍ନୋଲୋଜି ଯୋଡ଼ାଯିବ, ଯାହା ମଣିଷର ଦେଖିବାର ଶୈଳୀକୁ ସମ୍ପୂର୍ଣ୍ଣ ବଦଳାଇ ଦେବ।

ଆପଲ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ଟିମ୍ କୁକଙ୍କ ପାଇଁ ଏହି ସ୍ମାର୍ଟ ଗ୍ଲାସେସ୍ ପ୍ରୋଜେକ୍ଟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବା ପ୍ରାଥମିକତା ସୂଚୀରେ ରହିଛି। କମ୍ପାନୀ ଏହି ସ୍ମାର୍ଟ ଚଷମାକୁ ଆପଲ୍‌ର ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ 'ଆପଲ୍ ଇଣ୍ଟେଲିଜେନ୍ସ' ଏବଂ ଭଏସ୍ ଆସିଷ୍ଟାଣ୍ଟ 'ସିରି' ପାଇଁ ଏକ ନୂଆ ହାର୍ଡୱେର୍ ପ୍ଲାଟଫର୍ମ ଭାବେ ଗଢ଼ିତୋଳିବାକୁ ଚାହୁଁଛି। ଏହାଦ୍ୱାରା ଆଇୱେର୍ ବଜାରରେ ଆପଲ୍ ନିଜର ସ୍ଥିତି ମଜବୁତ କରିପାରିବ।

ଆପଲ୍ ତାର ଫାଷ୍ଟ ଜେନେରେସନ୍ ସ୍ମାର୍ଟ ଚଷମାରେ ବହୁତ ହାଇ-ଫାଇ ଫିଚର୍ସ ବଦଳରେ କିଛି ଜରୁରୀ ଏବଂ ବେସିକ୍ ଫିଚର୍ସ ପ୍ରଦାନ କରିବ। ମୁଖ୍ୟ ଫିଚର୍ସ ଗୁଡ଼ିକ: ବିଲ୍ଟ-ଇନ୍ କ୍ୟାମେରା, ମାଇକ୍ରୋଫୋନ୍ ଏବଂ ସ୍ପିକର୍। ସିରି ସହ ସହଜ କଥାବାର୍ତ୍ତା ଏବଂ କମାଣ୍ଡ ସୁବିଧା। ମ୍ୟୁଜିକ୍ ପ୍ଲେ-ବ୍ୟାକ୍ ଏବଂ ନୋଟିଫିକେସନ୍ ଆଲର୍ଟ। ରାସ୍ତାରେ ଚାଲି ଚାଲି ଯିବା ସମୟରେ ଟର୍ଣ୍ଣ-ବାଇ-ଟର୍ଣ୍ଣ ୱାକିଂ ଡିରେକ୍ସନ୍। ସୂଚନାଯୋଗ୍ୟ ଯେ, ଏହାର ସେକେଣ୍ଡ ଜେନେରେସନ୍ ମଡେଲରେ ହିଁ କମ୍ପାନୀ ଡିସ୍‌ପ୍ଲେ ସିଷ୍ଟମ୍ ଦେଇପାରେ। ଆମେରିକା ବଜାରରେ ଏହି ସ୍ମାର୍ଟ ଗ୍ଲାସର ମୂଲ୍ୟ ୨୦୦ ରୁ ୫୦୦ ଡଲାର ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ୧୭ ହଜାର ଟଙ୍କାରୁ ନେଇ ୫୧ ହଜାର ଟଙ୍କା ମଧ୍ୟରେ ରହିପାରେ। ତେବେ ଟ୍ୟାକ୍ସ ଏବଂ ଅନ୍ୟାନ୍ୟ ଶୁଳ୍କ କାରଣରୁ ଭାରତୀୟ ବଜାରରେ ଏହାର ଦାମ୍ ସାମାନ୍ୟ ଅଧିକ ରହିବାର ସମ୍ଭାବନା ଅଛି। ବର୍ତ୍ତମାନ ସ୍ମାର୍ଟ ଚଷମା ସେଗମେଣ୍ଟରେ 'ମେଟା' ନିଜର **Ray-Ban** ସ୍ମାର୍ଟ ଗ୍ଲାସେସ୍ ସହ ରାଜ୍ କରୁଛି। ଅନ୍ୟପଟେ ଗୁଗଲ୍ ମଧ୍ୟ ନିକଟରେ ନିଜର ଅଡିଓ ଗ୍ଲାସେସ୍ ବଜାରରେ ପ୍ରେଜେଣ୍ଟ କରିସାରିଛି। ଏଭଳି ସ୍ଥିତିରେ ଆପଲ୍, ସାମସଙ୍ଗ ଏବଂ ନଥିଂ ଭଳି ବଡ଼ ବଡ଼ କମ୍ପାନୀଗୁଡ଼ିକ ଏହି ବଜାରରେ ଏଣ୍ଟ୍ରି କରିବାକୁ ଯାଉଥିବାରୁ ଆଗାମୀ ଦିନରେ ପ୍ରତିଯୋଗିତା ବେଶ୍ ମାତ୍ରାରେ ବଢ଼ିବାକୁ ଯାଉଛି।

# ମେ'ରେ ଜିଏସଟି ଶୁଳ୍କ ସଂଗ୍ରହ ୧.୯୪ଲକ୍ଷ କୋଟି ଟଙ୍କା ପାର

ନୂଆଦିଲ୍ଲୀ,୧।୬: ସାମଗ୍ରୀ ଏବଂ ସେବା କର (ଜିଏସଟି) ସଂଗ୍ରହ ମେ ମାସରେ ୩.୨% ବଢି ୧.୯୪ ଲକ୍ଷ କୋଟି ଟଙ୍କାକୁ ପାରକରି ଯାଇଛି। ଏହି ଅଭିବୃଦ୍ଧି ସେବା ଓ ସାମଗ୍ରୀ ଯୋଗାଣରେ ସୁଧାର ତଥା ଆମଦାନୀରୁ ମିଳୁଥିବା ଶୁଳ୍କ ସଂଗ୍ରହରେ ଲଗାତାର ବୃଦ୍ଧି ଯୋଗୁ ହୋଇଛି। ସୋମବାର ଜାରି ସରକାରୀ ତଥ୍ୟରୁ ଏହି ସୂଚନା ମିଳିଛି। ମେ ୨୦୨୫ରେ ମୋଟ ଜିଏସଟି ସଂଗ୍ରହ ୩୭,୩୯୭ କୋଟି ଟଙ୍କା, ରାଜ୍ୟ ଜିଏସଟି ୪୫,୧୪୩କୋଟି ଓ ଏକିକୃତ ଜିଏସଟି (ଆଇଜିଏସଟି) ୫୧,୯୯୦ କୋଟି ଟଙ୍କା ଥିଲା। ଏହି ଅବଧିରେ କରଯୋଗ୍ୟ ବସ୍ତୁ ଯୋଗାଣରେ ୨୬.୯% ବୃଦ୍ଧି ହୋଇଛି, ଯାହା ଘରୋଇ ଚାହିଦାକୁ ଦର୍ଶାଉଛି। ସେହିପରି ସେବା କ୍ଷେତ୍ରରେ ଏହି ଅଭିବୃଦ୍ଧି ୨୨.୨% ରହିଛି, ଏଥିରୁ ଘରୋଇ ଖର୍ଚ୍ଚର ମଜଭୁତ ସ୍ଥିତିର ପ୍ରମାଣ ମିଳୁଛି।




ଭାରତର ମେ ୨୦୨୬ ଜିଏସଟି ପ୍ରଦର୍ଶନ ଉଭୟ ଚ୍ୟାଲେଞ୍ଜ ଓ ଅବସରକୁ ଦର୍ଶାଉଛି। ମୋଟ ଘରୋଇ ଜିଏସଟି ସଂଗ୍ରହ ବାର୍ଷିକ ହାରରେ ୨.୬%ର ମାମୁଲି ହ୍ରାସ ଦେଖାଯାଇଛି। ଏଣୁ ନିଟ ଜିଏସଟି ରାଜସ୍ୱରେ ୨.୩% ହ୍ରାସ ଦେଖାଯାଇଥିବା ବେଳେ ଘରୋଇ ରିଫଣ୍ଡରେ ୪.୩% ହ୍ରାସ ହୋଇଛି। ତେବେ ଆମଦାନୀ ଉପରେ ଜିଏସଟି ସଂଗ୍ରହ ବୃଦ୍ଧି ଏହି ହ୍ରାସକୁ ଭରଣା କରିଛି। ମେ ମାସରେ ଆଇଜିଏସଟି (ଆମଦାନୀ) ୧୯.୧% ବୃଦ୍ଧି ସହିତ ଜାରି ବର୍ଷରେ ମୋଟ ଜିଏସଟି ଅସୁଲ ପାଖାପାଖି ୩୦% ବୃଦ୍ଧି ହୋଇଛି।

ଆମଦାନୀରେ ଆଇଜିଏସଟି ସଂଗ୍ରହ ୧୯.୧% ବୃଦ୍ଧି ଯୋଗୁ ମୋଟ କର ସଂଗ୍ରହ ମେ ମାସରେ ୫୯,୬୫୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହାକୁ ଔଦ୍ୟୋଗିକ କ୍ଷମତାର ବିସ୍ତାର ବୋଲି ବୁଝାଯାଇପାରେ। ସେହିପରି ଜିଏସଟି ରିଫଣ୍ଡ ୨.୬% ବଢି ୨୭,୨୮୧ କୋଟି ଟଙ୍କା ହୋଇଯାଇଛି। ରିଫଣ୍ଡ ଆଡଜଷ୍ଟ ହେବା ପରେ ମେ ମାସରେ ମୋଟ ଜିଏସଟି ରେଭିନ୍ୟୁ ୩.୩% ବଢି ୧.୬୭ଲକ୍ଷ କୋଟି ଟଙ୍କାକୁ ପହଞ୍ଚିଛି। ତେବେ ଏହା ପୂର୍ବରୁ ଏପ୍ରିଲ ମାସରେ ଜିଏସଟି ସଂଗ୍ରହ ୨.୪୩ ଲକ୍ଷ କୋଟିର ସର୍ବକାଳୀନ ଉଚ୍ଚତମ ସ୍ତରକୁ ପହଞ୍ଚି ଯାଇଥିଲା।

# ପେଟିଏମ୍ ଆରମ୍ଭ କଲା ପକେଟ୍ ମନି

## ବିନା ବ୍ୟାଙ୍କ ଆକାଉଣ୍ଟରେ ବି କରିହେବ ଡିଜିଟାଲ ପେମେଣ୍ଟ

ନୂଆଦିଲ୍ଲୀ, ୧।୬: ଆଜିର ଡିଜିଟାଲ୍ ଯୁଗରେ, ଆମେ ଅନେକ ପରିବର୍ତ୍ତନ ଦେଖୁଛୁ। ଗୋଟିଏ ସମୟ ଥିଲା ଯେତେବେଳେ ଲୋକଙ୍କୁ କିଛି କିଣିବା ପାଇଁ ଘରୁ ବାହାରକୁ ପାଦ ଦେବାକୁ ପଡୁଥିଲା; କିନ୍ତୁ, ଆଜି ଆମେ ଏପରି ଏକ ଯୁଗରେ ବାସ କରୁଛୁ ଯେଉଁଠାରେ ସବୁକିଛି - ସପିଂ ଠାରୁ ଆରମ୍ଭ କରି ବ୍ୟାଙ୍କିଂ ସମ୍ବନ୍ଧୀୟ କାର୍ଯ୍ୟ - କେବଳ କିଛି ମିନିଟ୍ ମଧ୍ୟରେ ଘରେ ବସି ହୋଇପାରୁଛି । ତଥାପି, ଅନେକ ଯୁବକଙ୍କ ପାଖରେ ନିଜସ୍ୱ ବ୍ୟାଙ୍କ ଆକାଉଣ୍ଟ ନଥିବାରୁ ସେମାନେ ସମ୍ପୂର୍ଣ୍ଣ ଭାବରେ ସେମାନଙ୍କ ପିତାମାତାଙ୍କ ଉପରେ ନିର୍ଭରଶୀଳ। ଏହି ସମସ୍ୟାର ସମାଧାନ ପାଇଁ, ଫିନଟେକ୍ ଜାଏଣ୍ଟ ପେଟିଏମ ପକେଟ ମନି ବୈଶିଷ୍ଟ୍ୟ ଲଞ୍ଚ କରି ଏକ ନୂତନ ପଦକ୍ଷେପ ଆରମ୍ଭ କରୁଛି। ପେଟିଏମ ପକେଟ ମନି ବୈଶିଷ୍ଟ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ନିଜ ପିଲାମାନଙ୍କୁ ପେମେଣ୍ଟ କରିବାର ସ୍ୱାଧୀନତା ଦେବା ପରେ ମଧ୍ୟ, ପିତାମାତାମାନେ ସେମାନଙ୍କ ଆର୍ଥିକ ସ୍ଥିତି ଉପରେ କଡ଼ା ନଜର ରଖିପାରିବେ। ଅନ୍ୟ ଶବ୍ଦରେ, ଏହି ବୈଶିଷ୍ଟ୍ୟ ନିଶ୍ଚିତ କରେ ଯେ ସମ୍ପୂର୍ଣ୍ଣ ଆର୍ଥିକ ନିୟନ୍ତ୍ରଣ ପିତାମାତାଙ୍କ ହାତରେ ଦୃଢ଼ ଭାବରେ ରହିବ। ଏହା ବ୍ୟତୀତ, ପିତାମାତାମାନେ ଏବେ କେବଳ ସେମାନଙ୍କ ପିଲାମାନଙ୍କ ପାଇଁ ଖର୍ଚ୍ଚ ସୀମା ସ୍ଥିର କରିବା ପାଇଁ ନୁହେଁ ବରଂ ସେମାନେ କରୁଥିବା ପ୍ରତ୍ୟେକ କାରବାର ଉପରେ ନଜର ରଖିବା ପାଇଁ ମଧ୍ୟ ସେମାନଙ୍କର ନିଜସ୍ୱ ପେଟିଏମ ଆପ୍ ବ୍ୟବହାର କରିପାରିବେ। ମୂଳତଃ, ଏହି ନୂତନ ବୈଶିଷ୍ଟ୍ୟଟି ସମ୍ପୂର୍ଣ୍ଣ ଭାବରେ ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ ଇଣ୍ଡିଆ (**NPCI**) ଦ୍ୱାରା ବିକଶିତ 'ୟୁପିଆଇ ସର୍କଲ୍' ପ୍ରଯୁକ୍ତିବିଦ୍ୟା ଉପରେ ନିର୍ମିତ। ସରଳ ଭାବରେ କହିବାକୁ ଗଲେ, ଏହି ବୈଶିଷ୍ଟ୍ୟଟି ଜଣେ ପ୍ରାଥମିକ ଆକାଉଣ୍ଟଧାରୀଙ୍କୁ ପରିବାରର ଜଣେ ସଦସ୍ୟଙ୍କୁ - ଯାହାଙ୍କ ପାଖରେ ନିଜସ୍ୱ ବ୍ୟାଙ୍କ ଆକାଉଣ୍ଟ ନାହିଁ - ଡିଜିଟାଲ୍ ପେମେଣ୍ଟ କରିବାକୁ ଅନୁମତି ଦେଇଥାଏ। ଏହି ବୈଶିଷ୍ଟ୍ୟଟି ଅଭିଭାବକମାନଙ୍କୁ କୌଣସି ଅସୁବିଧା ବିନା ସହଜରେ ୧୫୦୦୦ ପର୍ଯ୍ୟନ୍ତ ମାସିକ ଖର୍ଚ୍ଚ ସୀମା ସ୍ଥିର କରିବାକୁ ସକ୍ଷମ କରିଥାଏ। ଏହା ସହିତ, ଏକକାଳୀନ ଦେୟର ସୀମା ୫୦୦୦ ଟଙ୍କାରେ ସୀମିତ କରାଯାଇଛି। ତଥାପି, ସୁରକ୍ଷାକୁ ଦୃଷ୍ଟିରେ ରଖି, ଏହି ବୈଶିଷ୍ଟ୍ୟ ପାଇଁ ଆନ୍ତର୍ଜାତୀୟ ପେମେଣ୍ଟ ଏବଂ ନଗଦ ଉଠାଣକୁ ବର୍ତ୍ତମାନ ଅକ୍ଷମ କରାଯାଇଛି।




# ଆଜିର ସୁନା ଦର



ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୦୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୦୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୫,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୦୬୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୨୧୦ ଟଙ୍କା ଓ ୨୨ କ୍ୟାରେଟ ୧,୪୫,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୦,୬୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୭,୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୦୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୫,୦୦୦ ଟଙ୍କା ହୋଇଛି।

# ଆଜିର ପେଟ୍ରୋଲ, ଡିଜେଲ୍ ଦର



ଆଜି ଭୁବନେଶ୍ୱରର ପେଟ୍ରୋଲ ଲିଟର ୧୦୮ ଟଙ୍କା ୯୭ ଟଙ୍କା ଓ ଡିଜେଲ ୧୦୦ ଟଙ୍କା ୬୮ଟଙ୍କା ଛୁଇଁଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୮ ଟଙ୍କା ୬୪ ପଇସା ଓ ଡିଜେଲ ଦର ୯୧ ଟଙ୍କା ୫୮ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୫୯ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୪.୦୮ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୯.୭୦ ଟଙ୍କା ଥିବାବେଳେ ଡିଜେଲ ଦର ୯୬ ଟଙ୍କା ୦୭ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୪ ଟଙ୍କା ୫୭ ପଇସା ଥିବା ବେଳେ ଡିଜେଲ ଦାମ ୯୬ ଟଙ୍କା୨୧ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ।

## ପାଣି ପାଇଁ ଗରା ବାଲ୍ଟି ରଖି ରାସ୍ତା ଅବରୋଧ କଲେ ଗ୍ରାମବାସୀ



ଢେଙ୍କାନାଳ,୧।୬ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ମଧୁସାହୁପାଟଣା ଗ୍ରାମପଞ୍ଚାୟତର ବିମ୍ବୋଳରେ ପାନୀୟ ଜଳ ସମସ୍ୟାକୁ ନେଇ ପ୍ରତିକ୍ରିୟାଶୀଳ ହୋଇଛନ୍ତି ଗ୍ରାମବାସୀ। ଏପରିକି ଆଜି ପୂର୍ବାହ୍ନରେ ଗ୍ରାମର ମହିଳା ମାନେ ଗରା ,ବାଲ୍ଟି ଓ ହାଣ୍ଡି ଦେକଚି ରାସ୍ତା ଉପରେ ରଖି ଢେଙ୍କାନାଳ ଭାପୁର ରାସ୍ତାକୁ ଅବରୋଧ କରିଥିଲେ। ବିମ୍ବୋଳ ଛକରେ ଏହି ରାସ୍ତା ଅବରୋଧ ହୋଇଥିବାରୁ ଦୀର୍ଘ ଘଣ୍ଟାଏ ସମୟ ଧରି ଢେଙ୍କାନାଳ ଭାପୁର ରାସ୍ତାରେ ସାଧାରଣ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା । ଖବର ପାଇ ଭାପୁର ପୁଲିସ ପହଁଚି ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବା ସହିତ ପାଇପ ଲାଇନ ମରାମତି କରିବା ପ୍ରତିଶୃତି ଦେଇଥିଲେ। ଫଳରେ ରାସ୍ତା ଅବରୋଧରୁ ହଟିଥିବା ଜଣାପଡିଛି।

## ଟାଉନ ଥାନା ସମ୍ମୁଖରେ ଜଳିଗଲା କାର୍, ଚିକିତ୍ସାଧୀନ ଅବସ୍ଥାରେ ଚାଳକଙ୍କ ମୃତ୍ୟୁ



ସୁନ୍ଦରଗଡ଼,୧।୬ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଟାଉନ ଥାନା ସମ୍ମୁଖରେ ଘଟିଥିବା ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଏକ ଏରଟିଗା କାର୍‌ରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଗୁରୁତର ଆହତ ଚାଳକ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଦୁର୍ଘଟଣାରେ ତାଙ୍କର ଗୋଟିଏ ହାତ ଛିଣ୍ଡି ଯାଇଥିବା ଜଣାପଡ଼ିଛି। ମୃତ ଯୁବକ ହେଲେ ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ଗିରିଙ୍ଗକେଲା ଗ୍ରାମର ସୀତାରାମ ଓରଫ ବିଲୁ ଭୋଇ।

ସୂଚନା ଅନୁଯାୟୀ, ସେ ତାଙ୍କ ଅସୁସ୍ଥ ବାପା ଘିନୁ ଭୋଇଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଗାଁକୁ ଫେରୁଥିଲେ। ଗତକାଲି ବିଳମ୍ବିତ ରାତିରେ ଟାଉନ ଥାନା ସମ୍ମୁଖରେ ଥିବା ହମ୍ପସ୍ ନିକଟରେ ତାଙ୍କ କାର୍ ନିୟନ୍ତ୍ରଣ ହରାଇ ପ୍ରଥମେ ଡିଭାଇଡରରେ ଏବଂ ପରେ ରାସ୍ତା ପାର୍ଶ୍ୱରେ ଥିବା ଲୁହା ବ୍ୟାରିକେଡ୍‌ରେ ଧକ୍କା ଦେଇଥିଲା। ଗାଡ଼ିଟି ଅତ୍ୟଧିକ ଦ୍ରୁତଗତିରେ ଥିବାରୁ ଧକ୍କା ପରେ ସଙ୍ଗେସଙ୍ଗେ କାର୍‌ରେ ନିଆଁ ଲାଗିଯାଇଥିଲା।

## କେନ୍ଦ୍ରାପଡା ମଣ୍ଡଳସ୍ତରୀୟ ପେନସନ ମେଳା




କେନ୍ଦ୍ରାପଡ଼ା,୧।୬ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ମଣ୍ଡଳ ସ୍ତରୀୟ ପେନସନ ମେଳା ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପେନସନ ମେଳାରେ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ବଳଦେବ ପ୍ରସାଦ ଜେନା ଓ ରଞ୍ଜନ କୁମାର ରାଉତରାୟ, ନିମ୍ନମାଧ୍ୟମିକ ଶିକ୍ଷକ ସଙ୍ଘ ସଭାପତି ରାଜେନ୍ଦ୍ର ପ୍ରସାଦ ରାଉତ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ଅବସରକାଳୀନ ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ନିକଟରେ କାମନା କରିଥିଲେ । ଏହି ଅବସରରେ ଅବସରଗ୍ରହଣ କରିଥିବା ନରିଲୋ ୟୁପିସ୍କୁଲର ସହକାରୀ ଶିକ୍ଷୟତ୍ରୀ ରେଶ୍ମିନୀ ରାଉତ, ଶିକ୍ଷକ ବିଜୟ କୁମାର ନାୟକ, ଅଧିକାରୀ ନିତ୍ୟାନନ୍ଦ ଦାସ, ଅନୁପମା ମିଶ୍ର, ଶୁକାନ୍ତି ମଲ୍ଲ, ସୁଧାଂଶୁଶେଖର ସାମଲ, ଶୁକାନ୍ତିଲତା ଜେନା, ସ୍ୱର୍ଣ୍ଣଲତା ନାୟକ ପ୍ରମୁଖଙ୍କୁ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀ ମନ୍ତ୍ରୀ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ପେନସନ ମଞ୍ଜୁରୀ ପତ୍ର ପ୍ରଦାନ କରି ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

## କନିଷ୍ଠ କିରାଣିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଫୁଲବାଣୀ, ୧।୬ (ସଂଚାର ବ୍ୟୁରୋ):କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦଳପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର କନିଷ୍ଠ କିରାଣୀ ଶ୍ରୀଯୁକ୍ତ ଶଙ୍କର୍ଷଣ ଜାନିଙ୍କୁ ତା -୩୧/୫/୨୦୨୬ ରିଖ ରବିବାର ଦିନ ପୂର୍ବାହ୍ନରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧିତ କରାଯାଇଛି । ବିଦ୍ୟାଳୟ ସଭାଗୃହରେ ଆୟୋଜିତ ଅବସର କାଳୀନ ସଭାଟିକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବାଷ ଚନ୍ଦ୍ର ପ୍ରଧାନ ଓ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି ଜାନି ୨୦୦୨ ମସିହାରୁ ବିଦ୍ୟାଳୟରେ କନିଷ୍ଠ କିରାଣୀ ଭାବେ ନିଯୁକ୍ତି ପାଇ ଉକ୍ତ ବିଦ୍ୟାଳୟରେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ ସମ୍ପାଦନ କରିଆସୁ ଥିଲେ ଦୀର୍ଘ ସେବାକାଳ ମଧ୍ୟରେ ସେ ନିଷ୍ଠା, ସତ୍ୟତା ଓ କର୍ତ୍ତବ୍ୟପରାୟଣତାର ସହିତ ନିଜ ଦାୟିତ୍ୱ ପାଳନ କରିଥିବାରୁ ବିଦ୍ୟାଳୟରେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସରକାରୀ କାର୍ଯ୍ୟରୁ ଭାରମୁକ୍ତ କରିବା ପତ୍ର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ତରଫରୁ ଜାନି ଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

# ନିମ୍ନମାନର ଛତୁଆ ଯୋଗାଣ ଅଭିଯୋଗ

### ବିଭାଗ ବେଫିକର



ବାଲିଆପାଳ,୧।୬ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅଧୀନରେ ଥିବା ୧୫ ସିଡିପିଓ ଅଧୀନରେ ଗର୍ଭବତୀ ପ୍ରସୂତି ଓ ଶିଶୁଙ୍କୁ ପୁଷ୍ଟିକର ଛତୁଆ ଯୋଗାଣ ହେଉଛି ଛତୁଆ ଯୋଗାଣରେ ବାର୍ଷିକ ପ୍ରାୟ ୧୫ କୋଟିରୁ ଅଧିକ ଅନୁଦାନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୈଠ ହେଉଛି ହେଲେ ଦୁଃଖ ଓ ପରିତାପର ବିଷୟ ଅଧିକାଂଶ ସ୍ଥାନରେ ଛତୁଆର ମାନ ଠିକ୍ ରହୁନାହିଁ। ନିର୍ଦ୍ଦିଷ୍ଟ ମାତ୍ରାରେ ଗହମ, ବୁଟ, ବାଦାମ ସହ ଅନ୍ୟାନ୍ୟ ଜିନିଷ ମିଶାଇ ଛତୁଆ ପ୍ରସ୍ତୁତ ହେଉନାହିଁ।

ପ୍ରତି ମାସର ୨୩ ତାରିଖ ଛତୁଆ ପ୍ରସ୍ତୁତ ନିମନ୍ତେ ସାମଗ୍ରୀ ମିଶ୍ରଣ ହେବାର ବ୍ୟବସ୍ଥା ରହିଛି। ମିଶ୍ରଣ ସମୟରେ ସୁପରଭାଇଜର କିମ୍ବା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିବାର ନିୟମ ରହିଛି। ପ୍ରସ୍ତୁତି ମିଶ୍ରଣ ସମୟର ଭିଡିଓଗ୍ରାଫି କରାଯାଇ ସମାଜ ମଙ୍ଗଳ ମଙ୍ଗଳଅଧିକାରୀଙ୍କୁ ଦାଖଲ କରାଯିବା କଥା। କିନ୍ତୁ କୌଣସି ୟୁନିଟ୍ ପକ୍ଷରୁ ପ୍ରାୟତଃ ଭିଡିଓଗ୍ରାଫି ହେଉନାହିଁ। କେଉଁଠି ଛତୁଆ ପ୍ୟାକେଟରେ କମ୍ ରହୁଛି ତ ଆଉ କେଉଁଠି ସ୍ୱାଦ ଠିକ୍ ରହୁନାହିଁ ମିଶ୍ରଣ ବେଳେ ସୁପରଭାଇଜର କିମ୍ବା ଅଧିକାରୀଙ୍କ ଆଖି ସାମ୍ନାରେ ଗୋଟିଏ ଦୁଇଟି ବସ୍ତା ମିଶ୍ରଣ କରାଯାଇ ତାହାକୁ ଗୁଣ୍ଡ କରାଯାଉଛି। କିନ୍ତୁ ପରବର୍ତ୍ତୀ ସମୟରେ ଛତୁଆ ପ୍ରସ୍ତୁତ କରୁଥିବା ୟୁନିଟ୍ ଆଖିବୁଜା ଛତୁଆ ପ୍ରସ୍ତୁତିରେ ହେରଫେର କରିବା ଅଭିଯୋଗ ଉଠୁଛି । ଏପରିକି ଛତୁଆ ପ୍ରସ୍ତୁତି ଲାଗି ବିବନ୍ଧ ଭିତ୍ତିଭୂମି ନଥିବା ସଂସ୍ଥାକୁ ମଧ୍ୟ ଛତୁଆ ପ୍ରସ୍ତୁତି ନିମନ୍ତେ ଆଦେଶ ହେଉଛି ଅଧିକାଂଶ ଛତୁଆ ପ୍ରସ୍ତୁତ ୟୁନିଟ୍‌ରେ କାଁଭାଁ ଛତୁଆ ପ୍ରସ୍ତୁତ ହେଉଥିବାବେଳେ ଖୋଲା ବଜାରରୁ କିଣାଯାଇ ଛତୁଆ ପ୍ୟାକିଂ ହୋଇ ଅଙ୍ଗନବାଡ଼ି କେନ୍ଦ୍ରକୁ ଦିଆଯାଉଛି ଛତୁଆ ପ୍ରସ୍ତୁତି ବଣ୍ଟନରେ ବ୍ୟାପକ ଅନିୟମିତତା ହେଉଛି ସବୁ ଜାଣିଶୁଣି ବିଭାଗ ବେଫିକର ରହୁଛି।

ବର୍ଷବର୍ଷ ଧରି ପୁଷ୍ଟିକର ଛତୁଆ ଯୋଗାଯାଉଥିଲେ ମଧ୍ୟ ଅପପୁଷ୍ଟି ଥମୁନାହିଁ। ୟୁଲୋ ଜୋନ୍‌ରେ ଶିଶୁଙ୍କ ସଂଖ୍ୟା କାଁଭାଁ ହ୍ରାସ ପାଉଛି। ପ୍ରତି ସିଡିପିଓ ଅଧୀନରେ ସଂଖ୍ୟାକ ସୁପରଭାଇଜର ସତ୍ତ୍ୱେ ଅଙ୍ଗନୱାଡ଼ି କେନ୍ଦ୍ରକୁ ବିବନ୍ଧ ଗସ୍ତ କରୁନଥିବାରୁ କର୍ମୀମାନେ ମଧ୍ୟ କେତେକ ସ୍ଥାନରେ ଆଖିବୁଜା ଖାଦ୍ୟ ଯୋଗାଉଛନ୍ତି। ଅଙ୍ଗନୱାଡ଼ିରେ ଶିଶୁଙ୍କ ଯାଉଥିବା ସଂଖ୍ୟା ତୁଳନାରେ ମାତ୍ରାଧିକ ଶିଶୁଙ୍କୁ ଦେଖାଯାଇ ଖାଦ୍ୟ ଲୁଟ୍ ହେଉଛି। ଛତୁଆ ଯୋଗାଣ, ଶିଶୁଙ୍କ ଖାଦ୍ୟ, ଖେଳନା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ କ୍ରୟରେ ବ୍ୟାପକ ହେରାଫେରି ହେଉଛି। ତୁରନ୍ତ ଏଥିପ୍ରତି ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜନସାଧାରଣ ମହଲରୁ ଦାବି ହେଉଛି।

## ସାଇଁକୁଲରେ ସଚେତନତା କାର୍ଯ୍ୟକ୍ରମ



ଆନନ୍ଦପୁର,୧।୬ (ସଂଚାର ବ୍ୟୁରୋ): ଘସିପୁରା ବ୍ଲକ ସାଇଁକୁଲ ଗ୍ରାମରେ ରାମଚନ୍ଦ୍ରପୁର ପୋଲିସ ତରଫରୁ ସାଇଁକୁଲ ଠାରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ରାମଚନ୍ଦ୍ରପୁର ଥାନାର ଭାରପ୍ରାପ୍ତ ଅଧିକାରୀ ମନୋଜ ସ୍ୱାଇଁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଛି। ଗ୍ରାମର ମୁରବି ତଥା ବରିଷ୍ଠ ସମାଜସେବୀ ଅନନ୍ତ ଚରଣ ସ୍ୱାଇଁ, ଓ ଅବସରପ୍ରାପ୍ତ ଶିକ୍ଷକ ସୁଦେବାନନ୍ଦ ସେଠୀ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଇଁକୁଲ ଫାଣ୍ଡି ଅଧିକାରୀ ସୁରେଶ ମାଝୀ କାର୍ଯ୍ୟକ୍ରମ ର ବିବରଣୀ ଦର୍ଶାଇ ଥିବା ବେଳେ ଥାନା ଅଧିକାରୀ ଆଜିର ଦିନରେ ଘଟୁଥିବା ଅପରାଧ ଠାରୁ କେମିତି ଦୂରରେ ରହିବା ସହିତ ଛୋଟ ପିଲାମାନଙ୍କ ଠାରୁ କେମିତି ମୋବାଇଲ ର ଅପବେବହାର ନହେଉ, ଏବଂ ମହିଳା ମାନେ ଘରେ ଏକାକୀ ଥିଲା ବେଳେ କିପରି ସତର୍କ ରହିବା ସହିତ କିଛି ଅଘଟଣ କିପରି ସାମ୍ନା କରିପାରିବେ ସେ ବିଷୟରେ ସଂପୂର୍ଣ୍ଣ ବିବରଣୀ ଦେଇଥିଲେ। କାର୍ଯ୍ୟକ୍ରମ ରେ ପଂଚାୟତ ର ସମିତି ସଭ୍ୟ ଆନନ୍ଦ ସେଠି, ଅଜୟ ସ୍ୱାଇଁ, ସୁଶାନ୍ତ ସ୍ୱାଇଁ, ରୀନା ରାଣୀ ସାମଲ ଆଦି ଉପସ୍ଥିତ ରହି ସହଯୋଗ କରିଥିଲେ।

### ବିରଜା କ୍ଷେତ୍ର ବିକାଶ ପରିଷଦର ବାର୍ଷିକୋତ୍ସବ ପାଳିତ

## ଯାଜପୁର-ଧାମରା ରେଳ ପ୍ରକଳ୍ପ ଜିଲ୍ଲାର ବିକାଶରେ ମାଇଲଖୁଣ୍ଟ



ଯାଜପୁର ଟାଉନ,୧।୬ (ସଂଚାର ବ୍ୟୁରୋ): ବିରଜା କ୍ଷେତ୍ର ବିକାଶ ପରିଷଦର ୩୩ତମ ବାର୍ଷିକୋତ୍ସବ ଓ ଯାଜପୁର-ଧାମରା ରେଳ ସଂଯୋଗ ପ୍ରକଳ୍ପ ପାରିତ ହେବା ଅବସରରେ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଅର୍ପଣ କାର୍ଯ୍ୟକ୍ରମ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଡମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଛି। ଆୟୋଜିତ ଏହି ସମାରୋହରେ ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ। ସାଂସଦ ଡଃ ବେହେରା ନିଜ ବକ୍ତବ୍ୟରେ କହିଥିଲେ ଯେ, ଯାଜପୁର-ଧାମରା ରେଳ ପ୍ରକଳ୍ପ କେବଳ ଏକ ଯାତାୟାତ ବ୍ୟବସ୍ଥା ନୁହେଁ, ବରଂ ଯାଜପୁର ଜିଲ୍ଲାର ଆର୍ଥିକ, ପର୍ଯ୍ୟଟନ ଓ ଶିଳ୍ପ ବିକାଶର ନୂଆ ଦ୍ୱାର ଖୋଲିବ। ସେ ବିରଜା କ୍ଷେତ୍ର ବିକାଶ ପରିଷଦର ଦୀର୍ଘ ଦିନର ସଂଗ୍ରାମ ଓ ଅବଦାନକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତଙ୍କୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ କେନ୍ଦ୍ର ସରକାର ଏହି ବହୁ ପ୍ରତୀକ୍ଷିତ ରେଳ ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିବାରୁ କୃତଜ୍ଞତା ଜଣାଇବା ସହ ଏହାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଦାବି କରିଥିଲେ। ପୂର୍ବତନ ସାଂସଦ ଅଞ୍ଚଳ ଦାସ ଯାଜପୁରକୁ ରେଳ ସଂଯୋଗ ପାଇଁ ହୋଇଥିବା ଦୀର୍ଘ ସଂଗ୍ରାମର ଇତିହାସ ଉପରେ ଆଲୋକପାତ କରିଥିଲେ। ବକ୍ତାମାନେ କହିଥିଲେ ଯେ, ଏହି ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ମା' ବିରଜା ପୀଠ, ନାଭିଗୟା, ବୈତରଣୀ ତୀର୍ଥ, ଅସ୍ଥି ବିସର୍ଜନ କେନ୍ଦ୍ର, ଆଖଣ୍ଡଳମଣି ପୀଠ ଓ ଭିତରକନିକା ପର୍ଯ୍ୟଟନ କ୍ଷେତ୍ରକୁ ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ସୁଗମ ହେବ। ସେହିପରି କଳିଙ୍ଗନଗର ଶିଳ୍ପାଞ୍ଚଳରୁ ଧାମରା ବନ୍ଦରକୁ ଖଣିଜ ଓ ଅନ୍ୟାନ୍ୟ ସାମଗ୍ରୀ ପରିବହନ କ୍ଷେତ୍ରରେ ମଧ୍ୟ ଏହା ଏକ ବୃହତ୍ ଭୂମିକା ନିଭାଇବ।

ଏହି ଅବସରରେ ପରିଷଦ ପକ୍ଷରୁ ପ୍ରକାଶିତ 'ଯାଜପୁରକୁ ରେଳ ସଂଯୋଗ : ଏକ ଐତିହାସିକ ସଫଳତା' ଶୀର୍ଷକ ପୁସ୍ତିକାକୁ ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା ଉନ୍ମୋଚନ କରିଥିଲେ।

# ଗ୍ରାମାଞ୍ଚଳର ବିକାଶ ପାଇଁ ହେଉନାହିଁ ବ୍ଲକରେ ବୈଠକ

### ବଢୁଛି ଜନପ୍ରତିନିଧିଙ୍କ ଅସନ୍ତୋଷ

### ବିଡ଼ିଓଙ୍କ କାର୍ଯ୍ୟଶୈଳୀକୁ ନେଇ ଉଠିଲା ପ୍ରଶ୍ନ




ଆନନ୍ଦପୁର,୧।୬ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକରେ ବର୍ଷେ ପାଖା ପାଖି ହେବ ସରପଞ୍ଚ ଓ ସମିତିସଭ୍ୟଙ୍କ ବୈଠକ ଅନୁଷ୍ଠିତ ହୋଇନଥିବା ଅଭିଯୋଗ ଉଠିଛି। ଗ୍ରାମାଞ୍ଚଳର ବିକାଶ ଓ ଜନସମସ୍ୟା ସମାଧାନ ପାଇଁ ଏହି ବୈଠକ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହା ନିୟମିତ ଭାବେ ହେଉନଥିବାରୁ ଜନପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି।

ମିଳିଥିବା ସୂଚନା ଅନୁଯାୟୀ ପ୍ରତ୍ୟୋକ ୪ମାସ ରେ ଥରେ ଏହି ବୈଠକ ହେବାକୁ ଥିବା ବେଳେ ବର୍ଷେ ପୁରିବାକୁ ବସିଲାଣି କାହିଁକି ହୋଇନାହିଁ ବୋଲି ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏବଂ ବିଡିଓଙ୍କ କାର୍ଯ୍ୟଶୈଳୀକୁ ନେଇ ମଧ୍ୟ ଉଠିଛି ପ୍ରଶ୍ନ। ଆନନ୍ଦପୁର ବ୍ଲକରେ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ନେଇ ଆୟୋଜିତ ହେଉଥିବା ବ୍ଲକସ୍ତରୀୟ ବୈଠକ ଦୀର୍ଘ ଦିନ ଧରି ବନ୍ଦ ରହିଥିବା ଅଭିଯୋଗ ଏବେ ସବୁଠି ଚର୍ଚ୍ଚା ବିଷୟ ପାଲଟିଛି। ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଜନପ୍ରତିନିଧିଙ୍କ ସମସ୍ୟା ଶୁଣିବା ସହ ଗ୍ରାମାଞ୍ଚଳର ବିକାଶ ଯୋଜନା ଉପରେ ଆଲୋଚନା କରିଥାନ୍ତି । ମାତ୍ର ଗତ ବର୍ଷ ଜୁଲାଇ ୧୮ ତାରିଖ ପରେ ଆଉ କୌଣସି ବୈଠକ ହୋଇନଥିବା ଜଣାପଡ଼ିଛି। ବୈଠକ ନ ହେବା ଫଳରେ ପଞ୍ଚାୟତ ସ୍ତରର ବିଭିନ୍ନ ସମସ୍ୟା ଓ ବିକାଶମୂଳକ ପ୍ରସଙ୍ଗ ଆଲୋଚନାର ସୁଯୋଗ ପାଉନଥିବା ନେଇ ସରପଞ୍ଚ ଓ ସମିତିସଭ୍ୟମାନେ ଅଭିଯୋଗ କରିଛନ୍ତି। ଏଥିସହ ବିଭିନ୍ନ ବିଭାଗର କାର୍ଯ୍ୟକଳାପ ଉପରେ ସମନ୍ୱୟ ମଧ୍ୟ ବାଧାପ୍ରାପ୍ତ ହେଉଥିବା କୁହାଯାଉଛି। ଏହି ଘଟଣାକୁ ନେଇ ବ୍ଲକ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି ଜନପ୍ରତିନିଧି।

## ରେଙ୍ଗାଲି ଦକ୍ଷିଣ କେନାଲ ଜଳ ସେଚନର ଅବ୍ୟବସ୍ଥାକୁ ନେଇ ଚାଷୀ ଅସନ୍ତୋଷ



ଢେଙ୍କାନାଳ,୧।୬ (ସଂଚାର ବ୍ୟୁରୋ): ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ଶଙ୍କରପୁର ମୌଜାର ଚାଷୀମାନେ ରେଙ୍ଗାଲି ଦକ୍ଷିଣ କେନାଲ ଜଳ ସେଚନ କାର୍ଯ୍ୟ ଲ୍ୟାନ୍‌ଟ୍ ସଠିକ୍ ଭାବରେ କରି ନଥିବାରୁ ଅହେତୁକ ଅସନ୍ତୋଷ ପ୍ରକାଶ କରି ଆଜି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଏକ ଲିଖି଼ତ ଅଭିଯୋଗ ଜଣାଇଛନ୍ତି। ଗ୍ରାମବାସୀ ଏଥରେ ପ୍ରକାଶ କରିଛନ୍ତି ଯେ, ରେଙ୍ଗାଲି କେନାଲର କାର୍ଯ୍ୟ ସଠିକ୍ ଭାବେ ହେଉନାହିଁ । ବଡ ବଡ ହୁଡା ପ୍ରାୟ ୨୦ ରୁ ୨୫ଫୁଟ ଉପରେ ପାଇପ୍ ସଂଯୋଗ କରି କୁଣ୍ଡ ବସାଇ ଥିବାରୁ ପାଣି ଦ୍ୱାରା ହୁଡା ଗୁଡିକ ଭୁଷୁଡି ଯାଉଛି । ବିଗତ ୩ବର୍ଷ ହେବ ମରୁଡି ସମୟରେ ରେଙ୍ଗାଲିର ଜଳ ଉପଲବ୍ଧ ହେଉନାହିଁ, ଯାହାଫଳରେ ଚାଷ ଜମି କ୍ଷତିଗ୍ରସ୍ତ ହେଉଅଛି । ଯେଉଁ ଜାଗାରେ କୁଣ୍ଡ ବସିବା ଦରକାର ସେଠାରେ ନ ବସି ଅନ୍ୟତ୍ର ବସି ଥିବାରୁ ଏପରି ଅଘଟଣ ଘଟୁଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଚାଷ ଜମିରେ କିପରି ସଠିକ୍ ଭାବେ ଜଳ ସେଚନ ହେବ ସେଥିପ୍ରତି ଧ୍ୟାନ ଦେବାକୁ ଶଙ୍କରପୁର ମୌଜାର ଚାଷୀମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।

## ପ୍ରମାଣ ଅଭାବରୁ ୯ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ସଜନାଗଡ଼,୧।୬ (ସଂଚାର ବ୍ୟୁରୋ): ଜୈନିକ ଦୋକାନୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ରାତିରେ ପେଟ୍ରୋଲ ଆଣି ଦୋକାନକୁ ପୋଡି ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ୯ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଆଜି ମାନ୍ୟବର ନୀଳଗିରି ଏଡିଜେ ପ୍ରମାଣ ଅଭାବରୁ ୯ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ ନୀଳଗିରି ଥାନା ଅନ୍ତର୍ଗତ କାଂଶ ବଜାରରେ ସନ୍ତୋଷ ବେହେରାଙ୍କ ପୁତ୍ର ପଦ୍ମଲୋଚନ(୪୪) ଦୋକାନ କରି ବ୍ୟବସାୟ କରନ୍ତି।୨୭/୧/୨୨ ରାତିରେ ୮ଟା ସମୟରେ ଚିତ୍ତରଂଜନ ରାଉତ, ଶରତ ବାରିକ, କାଂଶ ଗ୍ରାମର ବନ ଦାସ, ରାଜେଶ ଖୁଣ୍ଟିଆ, ଶୁଶାନ୍ତ ମହାଳିକ, ବପୁନ ଖମାରୀ, ଜୀବନ ଖମାରୀ, ମୂଳା ଖମାରୀ,ଓ କିରଣଖମାରୀ ପ୍ରମୁଖ ନିକଟସ୍ଥ ବେଲଗାଡ଼ିଆ ପେଟ୍ରୋଲପମ୍ପ ରୁ ତେଲ ଆଣି ଦୋକାନ କୁ ପୋଡି ଦେବାକୁ ଉଦ୍ୟମ କରୁଥିବା ନେଇ ପଦ୍ମଲୋଚନ ନିଳଗିରି ଥାନାରେ ଅଭିଯୋଗ କରିଥିଲେ।

## ଗୁରୁଜୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ହିଞ୍ଜିଳିକାଟୁ, ୧।୬ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୌରାଞ୍ଚଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବରିଷ୍ଠ ଗୁରୁଜୀ ଅରୁଣ କୁମାର ସାମନ୍ତରାୟଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ପରିଚାଳନା କମିଟିର ଉପସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି | ଦୀର୍ଘ ଦିନ ଧରି ଶିକ୍ଷା, ଶିଷ୍ଟାଚାର ଓ ସଂସ୍କାର ଦାନ ମାଧ୍ୟମରେ ଅନେକ ଛାତ୍ରଛାତ୍ରୀଙ୍କ ଜୀବନ ଗଢ଼ି ତୋଳିଥିବା ଗୁରୁଜୀଙ୍କୁ ସମ୍ମାନ ଜଣାଇବା ପାଇଁ ବିଦ୍ୟାଳୟ ପରିସରରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପରିଚାଳନା କମିଟି ପକ୍ଷରୁ ଦଶ ହଜାର ଟଙ୍କା ସହ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଚଣ୍ଡୀ ପ୍ରସାଦ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ, ଗୁରୁମା ଉପସ୍ଥିତ ଥିଲେ।

## ଗ୍ରୀଷ୍ମକାଳୀନ କଳା ଶିବିର ଉଦ୍‌ଯାପିତ




ବାରିପଦା, ୧।୬ (ସଂଚାର ବ୍ୟୁରୋ): ବାରିପଦା ଷ୍ଟାଡିୟମ୍ ସମ୍ମିଳନୀ କକ୍ଷରେ ସାଇ କଳା ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଗ୍ରୀଷ୍ମକାଳୀନ କଳା ଶିବିର ଉଦଯାପିତ ହୋଇଯାଇଛି। ଚଳିତ ମାସ ୧୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ପନ୍ଦର ଦିନ ଧରି ଏହି ଶିବିରରେ କଳା, ଚିତ୍ର ବାଲୁକା କଳା, ପେପର କ୍ରାଫ୍ଟ, ବୋତଲ ପ୍ରିଣ୍ଟ, କାନଭାସ ପେଣ୍ଟିଂ ଏବଂ ଗ୍ଲାସ୍ ପେଣ୍ଟିଂ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଥିଲା । ଏହି ଶିବିରରେ ୧୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବିଶେଷ ଭାବରେ ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଦଶରଥ ମହାନ୍ତ ମଧ୍ୟ ଦୁଇ ଦିନ ବାଲୁକା କଳା ଉପରେ ପ୍ରଶିକ୍ଷଣ ଦେଇଥିଲେ ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ବାଲୁକା ଶିଳ୍ପୀ ଦଶରଥ ମହାନ୍ତ ଯୋଗଦେଇ କଳା କେବଳ ଏକ ଅଭ୍ୟାସ ନୁହଁ ବରଂ ଏହା ପିଲାଙ୍କ ସୁସ୍ଥ ମାନସିକତା ତିଆରି କରିବା ପାଇଁ ଏକ ମାଧ୍ୟମ ଏବଂ ମୋବାଇଲର ଅଧିକ ବ୍ୟବାହରରୁ ପିଲାଙ୍କୁ ଦୁରେଇ ରଖିବାର ଏକ ବିକଳ୍ପ ବୋଲି ପ୍ରକାଶ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସମାଜସେବୀ ସୋମନାଥ ସିଂହ ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଆନ୍ତର୍ଜାତୀୟ ରଗବୀ ରେଫରୀ ଦିବ୍ୟରଞ୍ଜନ ଦାସ ଏବଂ ଅନ୍ତର୍ଜାତୀୟ ରଗବି ଖେଳାଳୀ ପାର୍ବତୀ ହାଁସଦା ଉପସ୍ଥିତ ଥିଲେ । ନିକଟ ଅତୀତରେ ପାର୍ବତୀ ହାଁସଦା ଭାରତୀୟ ରଗବି ଦଳର ଅଧିନାୟିକା ଭାବରେ ଦାୟିତ୍ୱ ତୁଲାଇ ଆମ ଓଡିଶା ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ସାଇ କଳା ଏକାଡେମୀ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷୟତ୍ରୀ ସୁଶ୍ରୀ ଅପର୍ଣ୍ଣା ପାତ୍ର, ଐଶର୍ଯ୍ୟା ବୁଲବୁଲ, ସୁଭ୍ରା ମହାନ୍ତି ଏବଂ ଅନୁଷ୍ଠାନର ସଦସ୍ୟ ରବୀନ୍ଦ୍ରନାଥ ଦାସ, ବିନୋଦ ପଲେଇ, ସତ୍ୟବ୍ରତ ରାଉତ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ସ୍ୱାଭିମାନ ଅଞ୍ଚଳର ରୂପାନ୍ତରଣ ପାଇଁ 'ସେତୁ' ଯୋଜନା ଓ 'ମଡେଲ ଭିଲେଜ ମିଶନ'ର ମିଳିତ ସମୀକ୍ଷା

# ଭିତ୍ତିଭୂମି ବିକାଶ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ



ମାଲକାନଗିରି,୧।୬ (ସଂଚାର ବ୍ୟୁରୋ): ବିକଶିତ ଓଡ଼ିଶା ଭିଜନ ୨୦୩୬-୪୭ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରାଜ୍ୟରେ 'ମଡେଲ ଭିଲେଜ ମିଶନ' ଏବଂ ସ୍ୱାଭିମାନ ଅଞ୍ଚଳର ବିକାଶ ପାଇଁ ଚାଲୁଥିବା 'ସେତୁ' ଯୋଜନାର ଏକ ମିଳିତ ତଥା ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ପ୍ରସିଦ୍ଧ ସ୍ୱାଭିମାନ ଅଞ୍ଚଳ ସମେତ ସମଗ୍ର ଜିଲ୍ଲାର ସାମଗ୍ରିକ ବିକାଶ ଓ ରୂପାନ୍ତରଣ ନେଇ ବିସ୍ତୃତ ରୂପରେଖ ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ମଡେଲ ଭିଲେଜ ମିଶନର ରୂପାୟନ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଓଡ଼ିଶାର ଗ୍ରାମଗୁଡ଼ିକୁ ମୌଳିକ ସୁବିଧା ଏବଂ ସାର୍ବଜନୀନ ସ୍ଥାନ ସହିତ ପରିପୂର୍ଣ୍ଣ କରିବା ପାଇଁ ଆଦର୍ଶ ଗ୍ରାମ ମିଶନକୁ ଏକ ପ୍ରମୁଖ ପଦକ୍ଷେପ ଭାବରେ ପରିକଳ୍ପନା କରାଯାଇଛି, ଯାହା ଗ୍ରାମାଞ୍ଚଳଗୁଡ଼ିକୁ ସହରାଞ୍ଚଳ ସ୍ତରର ସୁବିଧା ପ୍ରଦାନ କରି ସେଗୁଡ଼ିକୁ ଆତ୍ମନିର୍ଭରଶୀଳ ଓ ସ୍ୱୟଂଶାସିତ ସମୃଦ୍ଧିର କେନ୍ଦ୍ରରେ ପରିଣତ କରିବ। ଜିଲ୍ଲାର ୧୧୧ ଟି ଗ୍ରାମ ପଞ୍ଚାୟତରେ ଏହି ମଡେଲ ଭିଲେଜ ଗଠନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଥିରେ ବିଶେଷ ଭାବେ ଚିତ୍ରକୋଣ୍ଡା ବ୍ଲକର ୧୮ଟି ଗ୍ରାମ ପଞ୍ଚାୟତ ଏବଂ କୋରକୁଣ୍ଡା ବ୍ଲକର ନାକାମାମୁଡ଼ି ଗ୍ରାମ ପଞ୍ଚାୟତ ସାମିଲ ରହିଛି।

ଗ୍ରାମ ପଞ୍ଚାୟତଗୁଡ଼ିକର ବିକାଶ ଲାଗି ଏହି ସମସ୍ତ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବା ସହ କାର୍ଯ୍ୟର ସ୍ୱଚ୍ଛତା ବଜାୟ ରଖିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

## ରତ୍ନେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ ପାଳିତ

ଯାଜପୁର ରୋଡ଼,୧।୬(ସଂଚାର ବ୍ୟୁରୋ): ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ-୧୬ ସ୍ଥିତ ଉମାପଦା ଗ୍ରାମର ଓଁ ଶ୍ରୀ ଶ୍ରୀ ରତ୍ନେଶ୍ୱର ମହାଦେବ ମନ୍ଦିର ପରିସରରେ ଥିବା ରତ୍ନେଶ୍ୱର ମହାଦେବ ଠାକୁରଙ୍କର ବାର୍ଷିକ ଉତ୍ସବ ବଡ଼ ଧୁମଧାମରେ ପାଳନ ହୋଇ ଆଜି ସମାପନ ହୋଇଯାଇଅଛି । ଅଂଚଳର ସୁନାମଧନ୍ୟ ଜ୍ଞାନି ପଣ୍ଡିତ ବ୍ରାହ୍ମଣ ମାନଙ୍କ ଦ୍ୱାରା ରିତିନିତି ଅନୁସାରେ ଠାକୁରଙ୍କ ପୂଜାବିଧି ଏବଂ ହୋମ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ସମୟରେ ହଜାର ହଜାର ଶ୍ରଦ୍ଧାଳୁ ମାନଙ୍କ ଲାଗି ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଏହି ମନ୍ଦିରର ପ୍ରତିଷ୍ଠାତା ଗୋରାଙ୍ଗ ଚରଣ ଧିର, ଉମାପଦା ଗ୍ରାମ୍ୟ କମିଟିର ସଭାପତି ଶ୍ରୀ ତପନ କୁମାର ନାୟକ, ସମ୍ପାଦକ ପ୍ରଦୀପ୍ତ ରାଉତ ସମେତ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଗ୍ରାମବାସୀ ସାମିଲ ହୋଇଥିଲେ।

## ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବାରିପଦା,୧।୬ (ସଂଚାର ବ୍ୟୁରୋ): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡା ବିଭାଗ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ୩୦ ଦିନିଆ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।

ଏହି ଶିବିରରେ ୮ରୁ ୧୬ ବର୍ଷ ବୟସର ୩୭ ଜଣ ବାଳକ ଓ ୫ ଜଣ ବାଳିକା ଯୋଗଦେଇଥିଲେ । ଫୁଟବଲ କୋଚ ଅବନୀ ମୋହନ ମହାନ୍ତି ଓ ଯବାମଣୀ ସୋରେନ ଏବଂ ଶାରୀରିକ ଦୃଢ଼ତା ପ୍ରଶିକ୍ଷକ ରବୀନ୍ଦ୍ର ହାଁସଦା, ଶାରୀରିକ ଶିକ୍ଷା କୋଚ ଶୁଭକାନ୍ତ ଦଳେଇ ଓ ନରେନ୍ଦ୍ର ମହାନ୍ତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସ୍ପୋର୍ଟସ ହଷ୍ଟେଲ ମେନେଜର ପ୍ରତାପ କୁମାର ସାହୁ ଓ ୱାର୍ଡେନ ମନୋଜ କୁମାର ମହାନ୍ତି, ଓ ସମସ୍ତ କର୍ମଚାରୀ ତଥା ଷ୍ଟାଡିୟମ ପଡିଆ ରକ୍ଷକ କ୍ଷେତ୍ର ମୋହନ ଧଳ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ଅଶୋକ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ବିଶିଷ୍ଟ ଫୁଟବଲ ଖେଳାଳି ନନ୍ଦଲାଲ ମହାପାତ୍ର ଓ ଉତ୍ତମ ସାହୁ ତଥା ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।






# ଟେଷ୍ଟୋଷ୍ଟେରୋନ୍ ହରମୋନ୍ ସ୍ତର କିପରି ଠିକ୍ ରହିବ ?

ଆମ ଶରୀର ଦ୍ୱାରା ସଂପନ୍ନ ଯୌନ କ୍ରିୟା, ଅସ୍ଥି ସ୍ୱାସ୍ଥ୍ୟ, ମାନସିକ ସ୍ଥିରତା, ମାଂସପେଶୀ ବୃଦ୍ଧି ଏବଂ ଲୋହିତ ରକ୍ତକଣିକା ସୃଷ୍ଟି ପରି ବହୁବିଧ କାର୍ଯ୍ୟ ପାଇଁ ଟେଷ୍ଟୋଷ୍ଟେରୋନ୍ ହରମୋନ୍ ସ୍ତର ସନ୍ତୁଳିତ ରହିବା ଦରକାର। ମାତ୍ର ତ୍ରୁଟିପୂର୍ଣ୍ଣ ଜୀବନଚର୍ଯ୍ୟା ଓ ଅସ୍ୱାସ୍ଥ୍ୟକର ଖାଦ୍ୟଶୈଳୀ ଆପଣେଇବା ଆଦି କାରଣରୁ ଏହି ସ୍ତର ବଜାୟ ରହିପାରେନାହିଁ। ସୁତରାଂ ଯେଉଁ ସବୁ କାର୍ଯ୍ୟରେ ଟେଷ୍ଟୋଷ୍ଟେରୋନ୍‌ର ଭୂମିକା ରହିଛି, ସେସବୁରେ ଅହେତୁକ ବ୍ୟତିକ୍ରମ ଦେଖାଦେବା ସହ ଜୀବନ ନିରସ ହୋଇପଡ଼େ। ତେଣୁ ଶରୀରର ଟେଷ୍ଟୋଷ୍ଟେରୋନ୍ ସ୍ତର ବଜାୟ ରଖିବା ପାଇଁ କିଛି ସହଜ ଉପାୟ ସମ୍ପର୍କରେ ଜାଣିବା। ଅତି ମାତ୍ରାରେ ପ୍ରକ୍ରିୟାକୃତ ଖାଦ୍ୟ, ଅଧିକ ଶର୍କରାଯୁକ୍ତ ଖାଦ୍ୟ, ସୋୟା, ଫ୍ଲାକ୍ସସିଡ୍, ମଦ୍ୟ, ମିଣ୍ଟ ପରି କିଛି ଖାଦ୍ୟ ଶରୀରର ଟେଷ୍ଟୋଷ୍ଟେରୋନ୍ ସ୍ତର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ସୁତରାଂ ସେହି ସବୁ ଖାଦ୍ୟର ଯଥାସମ୍ଭବ କମ୍ ବ୍ୟବହାର କରିବା ଉଚିତ। ନାନା ସ୍ୱାସ୍ଥ୍ୟ ସମସ୍ୟା ଆଣୁଥିବା ମୋଟାପଣ ବା ମେଦବହୁଳତାର ଟେଷ୍ଟୋଷ୍ଟେରୋନ୍ ସ୍ତର ହ୍ରାସ କରିଦେଇଥାଏ। ତେଣୁ ସ୍ୱାସ୍ଥ୍ୟପ୍ରଦ ଉପାୟରେ ଓଜନ କମାଇପାରିଲେ ଟେଷ୍ଟୋଷ୍ଟେରୋନ୍ ସ୍ତର ସ୍ୱାଭାବିକ ସ୍ତରକୁ ଆଣିହେବ। ଦୈନିକ ଆବଶ୍ୟକ ସମୟ ନିଦ୍ରା ନଗଲେ ଆମର ମନୋଭାବରେ ପରିବର୍ତ୍ତନ, ଓଜନବୃଦ୍ଧି, ଉଚ୍ଚ ରକ୍ତଚାପ ପରି ସମସ୍ୟା ଦେଖାଦେଇଥାଏ। ପରୋକ୍ଷରେ ଏହା ଟେଷ୍ଟୋଷ୍ଟେରୋନ୍ ସ୍ତରକୁ ମଧ୍ୟ ପ୍ରଭାବିତ କରିଥାଏ। ତେଣୁ ଯେତେ ବ୍ୟସ୍ତବହୁଳ ଜୀବନ କଟାଇଲେ ମଧ୍ୟ ଦୈନିକ ସାତରୁ ଆଠ ଘଣ୍ଟା ଗାଢ଼ ନିଦ୍ରା ଯିବା ଦରକାର। ରକ୍ତଶର୍କରା ଓ ଉଚ୍ଚ ରକ୍ତଚାପ ଅନିୟନ୍ତ୍ରିତ ହୋଇଗଲେ ଟେଷ୍ଟୋଷ୍ଟେରୋନ୍ ସ୍ତର କମିଯିବାର ଯଥେଷ୍ଟ ଆଶଙ୍କା ରହିଛି। ସେହିପରି ରକ୍ତରେ କୋଲେଷ୍ଟ୍ରୋଲ୍ ସ୍ତର ବଢ଼ିଗଲେ ମଧ୍ୟ ଅନୁରୂପ ଭାବେ ଟେଷ୍ଟୋଷ୍ଟେରୋନ୍ ସ୍ତର କମିଯାଏ। ତେଣୁ ତନ୍ତୁଯୁକ୍ତ ତଥା ସବୁଜ ପନିପରିବା ଓ ଫଳମୂଳ ପରି ସନ୍ତୁଳିତ ଖାଦ୍ୟ ଖାଇଲେ କୋଲେଷ୍ଟ୍ରଲ୍ ସ୍ତର କମିବା ସହ ଟେଷ୍ଟୋଷ୍ଟେରୋନ୍ ସ୍ତର ବଢ଼ିପାରିବ।




# ଅର୍ଗାନିକ୍ କାଜଲ ଆଖି ପାଇଁ ଉପକାରୀ

କଜଳ ତିଆରି ଏକ ପାରମ୍ପରିକ କଳା। ଆଗରୁ ଜେଜେମା, ଆଈମାନେ ନବଜାତକ ପାଇଁ ଅତି ଯତ୍ନରେ ଘରେ ଏହାକୁ ତିଆରି କରୁଥିଲେ। ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥାଏ। ତେବେ ବଜାର ତିଆରି କଜଳ ଲଗାଇବାରେ ଆମେ ଅଭ୍ୟସ୍ତ ହୋଇ ଏହାକୁ ଧୀରେ ଧୀରେ ପାସୋରି ଗଲୁଣି। ଆସନ୍ତୁ ଏଥର ଟିକେ ସମୟ ଦେଇ ଘରେ ଥିବା ସାମଗ୍ରୀରେ କଜଳ ତିଆରି କରି ବ୍ୟବହାର କରିବା। ଏଥିପାଇଁ ପ୍ରଥମେ କିଛି ଷ୍ଟେରିଲାଇଜ୍‌ଡ ତୁଳାକୁ ନେଇ ତାକୁ ହାତରେ ଭିଣି ପତଳା ସିଟ୍‌ଟିଏ ତିଆରି କରିବା। ପାଖାପାଖି ୪/୬ ଆଙ୍ଗୁଳି ଅନ୍ଦାଜରେ ତିଆରି କରି ପାପୁଲିରେ ରଖି ତା'ଉପରେ କିଛି ଜୁଆଣି ନେଇ ସିଧା ରଖି ତୁଳାକୁ ଦୁଇ ହାତରେ ବଳି ଗୋଟିଏ ଲମ୍ବା ବତିର ଆକାର ଦେବା। ଏପରି ଦୁଇଟି ବତି ତିଆରି କରିବା। ଏଥର ଗୋଟିଏ ସଫା ମାଟି ବା ପିତ୍ତଳ ଦୀପ ଆଣି ସେଥିରେ ଖାଣ୍ଟି ସୋରିଷ ତେଲ ବା ଯଦି ଚାହାନ୍ତି ଘର ତିଆରି ଗୁଆଘିଅରେ ଭର୍ତ୍ତି କରିବା। ଏଥର ପ୍ରଥମେ ପ୍ରସ୍ତୁତ କରିଥିବା ବତି ଦୁଇଟିକୁ ଏମିତି ରଖିବା ଯାହା ଫଳରେ ଚାରିଟି ଧାର ଦୀପର ଚାରିପଟକୁ ରହିବ। ଏଥର ଚାରିଟି ଆଲ୍‌ମଣ୍ଡ ନେଇ ତେଲ/ଘିଅରେ ବୁଡ଼େଇ ଦିଅନ୍ତୁ। ଦରକାର ପଡ଼ିଲେ ତେଲ ବା ଘିଅ ଭର୍ତ୍ତି କରନ୍ତୁ। ଏଥର ଦୀପଟିକୁ ଗୋଟିଏ ପାତ୍ର ଉପରେ ରଖନ୍ତୁ। ସେଇ ସମାନ ଉଚ୍ଚତାରେ ୩/୪ଟି ଗ୍ଲାସ୍ ବା ଯେକୌଣସି ପାତ୍ର ରଖନ୍ତୁ। ଏଥର ଦୀପଟିର ୪ଟି ବତିକୁ ଜଳାନ୍ତୁ ଏବଂ ଗୋଟିଏ ସଫା ଷ୍ଟିଲ୍/ପିତ୍ତଳ ଥାଳିରେ ଦୀପଟିକୁ ଢାଙ୍କି ଦିଅନ୍ତୁ। ଶିଖାର ନିଆଁ ଥାଳିରେ ବାଜି ଏଥିରେ କଜଳ ସଂଗ୍ରହ ହେବ। ପାଖାପାଖି ଅଧଘଣ୍ଟା ବା ଘଣ୍ଟାଏ ଭିତରେ ଦୀପର ତେଲ ସରି ଥାଳିରେ ଶୁଖିଲା କଜଳତକ ସଂଗ୍ରହ ହୋଇଥିବ। ଏହାକୁ ଗୋଟିଏ ସଫା କାଗଜରେ କୋରି ଦିଅନ୍ତୁ। ତା'ପରେ ଏକତ୍ର କରି ଛୋଟ କାଚ ବୋତଲରେ ପୂରେଇ ସେଥିରେ ଗୋଟେ ଭିଟାମିନ୍-ଇ କ୍ୟାପ୍‌ସୁଲ୍ ଓ ଗାଈଘିଅ ଆବଶ୍ୟକ ପରିମାଣରେ ମିଶେଇ ଭଲକରି ଘାଣ୍ଟି କାଜଲ୍ ପ୍ରସ୍ତୁତ କରନ୍ତୁ। ଏହା ଆଖିକୁ ଥଣ୍ଡା ରଖିବା ସହ ୱାଟରପ୍ରୁଫ୍ ମଧ୍ୟ ହୋଇଥାଏ।

# ମୋଜା ପିନ୍ଧି ଶୋଇବା ଶରୀର ପାଇଁ କ୍ଷତିକାରକ

ରାତିରେ ଉଲ୍ କପଡ଼ା ପିନ୍ଧି ଶୋଇଲେ ଶରୀରକୁ ଅନେକ କ୍ଷତି ପହଞ୍ଚିଥାଏ। ଯଦି ଆପଣ ସ୍ୱେଟର ପିନ୍ଧି ଶୋଇବାକୁ ଚାହୁଁଛନ୍ତି, ତ ପ୍ରଥମେ କଟନ ବସ୍ତ୍ର ପିନ୍ଧି ତା' ଉପରେ ସ୍ୱେଟର ପିନ୍ଧିପାରିବେ। କିଛି ଲୋକ ରାତିରେ ମୋଜା ପିନ୍ଧି ଶୋଇଥାନ୍ତି। ଏହାଛଡା ମୋଜା ପିନ୍ଧିବା ଦ୍ୱାରା ଗୋଡ ପାଟିବା କମ୍ ହୋଇଥାଏ। ପାଦ ଗରମ ରହିଥାଏ। ଝାଳରୁ ଛୁଟକାରା ମିଳିଥାଏ। ହେଲେ ମୋଜା ପିନ୍ଧି ଶୋଇବା ଦ୍ୱାରା ଅନେକ କ୍ଷତି ମଧ୍ୟ ହୋଇଥାଏ। ଯଦି ଆପଣ ଏମିତି କରୁଛନ୍ତି, ତେବେ ତୁରନ୍ତ ଆପଣଙ୍କ ଅଭ୍ୟାସ ବଦଳାଇଦିଅନ୍ତୁ। ରାତିରେ ଶୋଇବା ସମୟରେ ଆପଣ ଯଦି ମୋଜା ପିନ୍ଧି ଶୋଉଛନ୍ତି, ତେବେ ଏହା ଆପଣଙ୍କ ଶରୀର ଉପରେ ଖରାପ ପ୍ରଭାବ ପକାଇବ। ତେବେ ଜାଣନ୍ତୁ କ'ଣ ପ୍ରଭାବ ପଡିବ। ଯଦି ଆପଣ ଅଧିକ ସମୟ ପର୍ଯ୍ୟନ୍ତ ମୋଜା ପିନ୍ଧୁଛନ୍ତି ତାହେଲେ ଏହାଦ୍ୱାରା ପାଦ ଷ୍ଟିଫ ହୋଇଯାଇଥାଏ ଏବଂ ପାଦ ଝିମଝିମ ହେବା ଭଳି ସମସ୍ୟା ଦେଖାଦେଇଥାଏ। ପାଦରୁ ଝାଳ ବାହାରିବା ସହିତ ଏହା ପାଦରେ ଫଙ୍ଗଲ ଇନଫେକ୍ସନ ଭଳି ସମସ୍ୟା ସୃଷ୍ଟି କରିଥାଏ। ଯାହାଦ୍ୱାରା ପାଦର ତ୍ୱଚା ଖରାପ ହୋଇଯାଇଥାଏ। ଟାଇଟ ମୋଜା ପିନ୍ଧିବାର ଅଭ୍ୟାସ ଆପଣଙ୍କୁ ଭ୍ୟାରିକୋଜ ଭେନସ(ପାଦର ଶିରାପ୍ରଶିରା ନୀଳ ପଡିଯିବା)ଭଳି ରୋଗର ଶିକାର ବନାଇଥାଏ। କେବଳ ସେତିକି ନୁହେଁ ଯଦି ଏହି ରୋଗ ଆପଣଙ୍କୁ ପୂର୍ବରୁ ଅଛି ତାହେଲେ ପରିସ୍ଥିତି ସଙ୍କଟାପର୍ଣ୍ଣ ହେବାର ଆଶଙ୍କା ରହିଥାଏ।

**ରକ୍ତ ସଞ୍ଚାଳନରେ ସମସ୍ୟା:** ଶୋଇବା ସମୟରେ ମୋଜା ପିନ୍ଧି ଶୋଇବା ଦ୍ୱାରା ରକ୍ତ ସଂଚାଳନରେ ସମସ୍ୟା ଆସିଥାଏ। ଶୋଇବା ସମୟରେ ଅଧିକ ଟାଇଟ ମୋଜା ପିନ୍ଧିବା ଦ୍ୱାରା ବ୍ଲଡ ଫ୍ଲୋ କମ୍ ହୋଇଯାଏ।

**ଓଭର ହିଟିଂ ସମସ୍ୟା:** ରାତିରେ ମୋଜା ପିନ୍ଧି ଶୋଇବା ଦ୍ୱାରା ବ୍ୟକ୍ତିକୁ ଓଭରଯିଟିଂ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ଯାହାଦ୍ୱାରା ଶରୀରର ତାପମାତ୍ରା ହଠାତ୍ ବଢ଼ିଯିବା ସହିତ ବିଚଳିତ ଏବଂ ଅସହଜ ଅନୁଭବ ଲାଗିଥାଏ।

**ସ୍କିନ ଆଲର୍ଜି:** ଦିନଯାକ ମୋଜା ପିନ୍ଧି ବୁଲିବା ଯୋଗୁଁ ଧୂଳି ମଳି ଜମି ରହିଥାଏ। ଆଉ ଯଦି ରାତିରେ ମୋଜା ପିନ୍ଧି ଶୋଇବେ, ତେବେ ପାଦରେ ସଂକ୍ରମଣ ବଢ଼ିଯାଏ।

**ହୃଦୟ ପାଇଁ କ୍ଷତିକାରକ:** ଶୀତଦିନରେ ଟାଇଟ ମୋଜା ପିନ୍ଧିବା ଦ୍ୱାରା ପାଦର ଶିରା ଉପରେ ପ୍ରଭାବ ପଡିଥାଏ। ଯାହା ଦ୍ୱାରା ହୃଦୟରେ ରକ୍ତ ସଂଚାଳନ ହେବାରେ ସମସ୍ୟା ଆସିଥାଏ। ଏଥିଯୋଗୁଁ ହୃଦୟ ଉପରେ ପ୍ରଭାବ ପଡେ।



# ଅତ୍ୟଧିକ ବାଦାମ ଖାଉଛନ୍ତି କି ? ସାବଧାନ!



ଆପଣମାନେ ଜାଣିଥିବେ ସମସ୍ତେ ବାଦାମି ଖାଇବାକୁ ବହୁତ ପସନ୍ଦ କରନ୍ତି। ଏହା ଏତେ ସ୍ୱାଦିଷ୍ଟ ହେଇଥାଏ ଯେ ପିଲା, ଯୁବକ ଏବଂ ବୟସ୍କମାନେ ମଧ୍ୟ ଖାଇବା ପାଇଁ ଭାରି ଭଲ ପାଇଥାନ୍ତି। ବାଦାମକୁ ପୁଷ୍ଟିକର ଭଣ୍ଡାର ମଧ୍ୟ କୁହାଯାଏ। ବାଦାମ ସ୍ୱାଦିଷ୍ଟ ହେବା ସହ ଏହା ଶରୀର ପାଇଁ ମଧ୍ୟ ଲାଭଦାୟକ, କିନ୍ତୁ ଏହାର ଅତ୍ୟଧିକ ସେବନ ଆପଣଙ୍କ ସ୍ୱାସ୍ଥ୍ୟକୁ ଖରାପ କରିପାରେ। କିଛି ଲୋକ ବିଶ୍ୱାସ କରନ୍ତି ଯେ ଅତ୍ୟଧିକ ବାଦାମ ଖାଇବା ଦ୍ୱାରା ଲିଭର, ବ୍ଲଡ଼ ପ୍ରେସର ଏବଂ କ୍ୟାନ୍ସର ରୋଗର ଆଶଙ୍କା ବଢ଼ିପାରେ। ତେବେ ଆସନ୍ତୁ ଜାଣିବା ବିଶେଷଜ୍ଞମାନେ ଏ ବିଷୟରେ କ'ଣ କୁହନ୍ତି। ସୂଚନା ମୁତାବକ ଚିନାବାଦାମରେ ପ୍ରୋଟିନ୍, ଭିଟାମିନ୍, ଖଣିଜ ପଦାର୍ଥ ଭଳି ପୋଷକ ତତ୍ତ୍ୱ ମିଳିଥାଏ। କିନ୍ତୁ ଏହାର ଅତ୍ୟଧିକ ସେବନ ଶରୀର ପାଇଁ କ୍ଷତିକାରକ ହୋଇପାରେ।

**ଲିଭର ପ୍ରଭାବିତ ହୋଇପାରେ:** ବାଦାମରେ ବିଭିନ୍ନ ପ୍ରକାରର ଫ୍ୟାଟ୍ ଥାଏ, ଯାହା ହାର୍ଟ ପାଇଁ ଭଲ, କିନ୍ତୁ ଅତ୍ୟଧିକ ସେବନ ଲିଭର ଏବଂ ହାର୍ଟକୁ କ୍ଷତି ପହଞ୍ଚାଇପାରେ। କାରଣ ଚିନାବାଦାମରେ ଅଧିକ ପରିମାଣର ଯୌଗିକ ପଦାର୍ଥ ଥାଏ। ଏପରି ପରିସ୍ଥିତିରେ, ଲିଭର୍ କ୍ୟାନ୍ସର ରୋଗର ଆଶଙ୍କା ବଢ଼ିପାରେ। ଏପରି ପରିସ୍ଥିତିରେ, ଆପଣ ଅଧିକ ପରିମାଣରେ ବାଦାମ ଖାଇବା ଉଚିତ୍ ନୁହେଁ।

**କ୍ୟାଲୋରୀ ବୃଦ୍ଧି ହେତୁ ଫ୍ୟାଟି ଲିଭର ସମସ୍ୟା ହୋଇପାରେ:** ବାଦାମରେ ଅଧିକ ପରିମାଣର କ୍ୟାଲୋରୀ ଥାଏ। ଏଗୁଡ଼ିକର ଅତ୍ୟଧିକ ସେବନ ଯୋଗୁଁ ଓଜନ ବୃଦ୍ଧି ହେବାର ଆଶଙ୍କା ରହିଛି। ଓଜନ ବୃଦ୍ଧି ଲିଭର ରୋଗର ଆଶଙ୍କା ବଢ଼ାଇଥାଏ। କାରଣ ବାଦାମରେ ଅଧିକ ପରିମାଣର ଫ୍ୟାଟ ଥାଏ ଏବଂ ଏହା ଲିଭରରେ ଜମା ହୋଇଯାଏ। ଏପରି ପରିସ୍ଥିତିରେ, ଫ୍ୟାଟି ଲିଭର ଏବଂ ଲିଭର ଫୁଲିବା ସମସ୍ୟା ବୃଦ୍ଧି ପାଏ।

**କିଡନି ଷ୍ଟୋନ ହେବାର ଆଶଙ୍କା:** ଯଦିଓ ବାଦାମ ଖାଇବା ଶରୀର ପାଇଁ ଭଲ ବୋଲି ବିବେଚନା କରାଯାଏ, କିନ୍ତୁ ବାଦାମରେ ଅକ୍ସାଲେଟର ପରିମାଣ ଅଧିକ ଥାଏ। ଯାହା କିଡନି ଷ୍ଟୋନ କରିବାରେ କାମ କରେ। ଏହି କାରଣରୁ, କିଡନି ଷ୍ଟୋନ ଯୋଗୁଁ ଲିଭର କ୍ଷତି ହେବାର ସମ୍ଭାବନା ରହିଛି।

ଆଲର୍ଜି ସମସ୍ୟା: ବାଦାମ ଗରମ ଏବଂ ଯଦି ଆପଣ ଅତ୍ୟଧିକ ବାଦାମ ସେବନ କରନ୍ତି ତେବେ ଏହା ଆଲର୍ଜି ସମସ୍ୟା ସୃଷ୍ଟି କରିପାରେ। ତେଣୁ, ବାଦାମି ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ଯଦି ଆପଣ ବାଦାମ୍ ପସନ୍ଦ କରନ୍ତି, ତେବେ ଆପଣ ଦୈନିକ ୫୦ ଗ୍ରାମରୁ କମ୍ ସେବନ କରିବା ଉଚିତ। ଯେତେବେଳେ ଆପଣ ବାଦାମ ଖାଆନ୍ତି, ତାକୁ ଲୁଣ ବିନା ଖାଆନ୍ତୁ। କାରଣ ଏହାକୁ ଲୁଣ ସହିତ ଖାଇବା ଦ୍ୱାରା ହାର୍ଟ ଆଟାକର ଆଶଙ୍କା ବଢ଼ିପାରେ ଏବଂ ଲିଭରକୁ ମଧ୍ୟ କ୍ଷତି ପହଞ୍ଚାଇପାରେ। ସେଥିପାଇଁ ଏହି ସବୁ ସମସ୍ୟା ଥିଲେ ଆପଣ ବାଦାମ ସଠିକ ପରିମାଣରେ ଖାଇବା ଉଚିତ। ଯାହାଫଳରେ ଆପଣ ଫିଟ ଏବଂ ହେଲଦି ରହିବେ।

# ବିଟ୍ ଜୁସ୍ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରେ ସ୍ମରଣ ଶକ୍ତି ବଢ଼ାଏ



ଶୀତଦିନେ ସୁସ୍ଥ ରହିବା ପାଇଁ ଲୋକମାନେ ନିଜ ଡାଏଟରେ ପରିବର୍ତ୍ତନ ଆଣିଥାନ୍ତି। ଡାଏଟରେ ପରିବର୍ତ୍ତନ ଆଣିବା ସହ ବିଟ୍‌କୁ ସାମିଲ୍ କରିବା ଆବଶ୍ୟକ। ଆଣ୍ଟିଅକ୍ସିଡାଣ୍ଟରେ ଭରା ବିଟ୍ ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିଥାଏ। ଅନେକ ଲୋକ ଏହାରା ଉପକାରିତା ବିଷୟରେ ଜାଣନ୍ତି ନାହିଁ। ବିଟ୍ ଜୁସ୍ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବା ସହ ସ୍ମରଣ ଶକ୍ତିକୁ ବଢ଼ାଇଥାଏ। ବିଟ୍ ଜୁସରେ ଆଣ୍ଟିଇନଫ୍ଲାମେଟୋରୀ ଗୁଣ ରହିଥାଏ। ଫାଇବରରେ ଭରା ବିଟ୍ ଜୁସ୍ ପାଚନ ତନ୍ତ୍ର ପାଇଁ ଖୁବ୍ ଉପକାରୀ। ଏପରିକି ଏହାକୁ ସୁପରଫୁଡ୍ ଭାବେ ମଧ୍ୟ ଗ୍ରହଣ କରାଯାଇଛି। ବିଟ୍ ଭିଟାମିନ୍, ଖଣିଜ ପଦାର୍ଥ ଓ ଆଣ୍ଟି-ଅକ୍ସିଡାଣ୍ଟରେ ଭରା, ଯାହାକୁ ଶୀତ ଋତୁରେ ଡାଏଟରେ ସାମିଲ୍ କରିବା ଖୁବ୍ ଲାଭଦାୟକ ହୋଇଥାଏ। ଏହି ଜୁସରେ ଆଣ୍ଟି-ଅକ୍ସିଡାଣ୍ଟ ସହ ଇଲୋକ୍ଟ୍ରୋଲାଇଟ୍ସ ପରି ତତ୍ତ୍ୱ ରହିଛି, ଯାହା ମସ୍ତିଷ୍କ ଓ ହୃଦୟକୁ ସୁସ୍ଥ ରଖିଥାଏ। ଫାଇବରରେ ଭରପୂର ବିଟ୍ ପାଚନତନ୍ତ୍ର ପାଇଁ ବେଶ୍ ଲାଭଦାୟକ। ଯେଉଁମାନଙ୍କର କଫ ସମସ୍ୟା ରହିଛି, ସେମାନେ ଡାଏଟ୍ରେ ବିଟ୍ ଜୁସ୍ ସାମିଲ୍ କରିବା ଉଚିତ୍। ଫଳରେ ମଳତ୍ୟାଗ ଜନିତ ସମସ୍ୟା ଦୂର ହୋଇପାରିବ। ସ୍ମରଣଶକ୍ତି ବଢ଼ାଏ ନିୟମିତ ବିଟ୍ ଜୁସ୍ ପିଇବା ଦ୍ୱାରା ସ୍ମରଣଶକ୍ତି ବଢ଼ିଥାଏ। ଏଥିରେ ଥିବା ନାଇଟ୍ରେଟ୍ ରକ୍ତବାହିକା ନଳୀକୁ ସଂପ୍ରସାରିତ କରି ମସ୍ତିଷ୍କକୁ ରକ୍ତ ପ୍ରବାହ ବଢ଼ାଇଥାଏ। ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତି ବିଟ୍ ଜୁସ୍ ଭିଟାମିନ୍-ସି ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣରେ ଭରା। ସେହିପରି ପୋଷକ ତତ୍ତ୍ୱରେ ଭରା। ଏହି ଜୁସ୍ ପିଇବା ରୋଗ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଫଳରେ ଅନେକ ରୋଗ ସଂକ୍ରମଣରୁ ରକ୍ଷା ମିଳିପାରିବ। ବିଟ୍ ଜୁସରେ ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ରହିଥାଏ, ଯାହା ଶରୀରର ଅନେକ ଗମ୍ଭୀର ସମସ୍ୟାକୁ କମ୍ କରିବାରେ ସାହାଯ୍ୟ କରିଥାଏ। ଏହି ଜୁସ୍ ପିଇବା ଦ୍ୱାରା ମୋଟାପଣ, ହୃଦ୍ଘାତ, ଯକୃତ ରୋଗ ପରି ଅନେକ ଘାତକ ରୋଗରୁ ରକ୍ଷା ମିଳିଥାଏ।

## ପ୍ରକଳ୍ପ ବଦଳାଇବ ଭାଗ୍ୟ

# ହେଲେ କାନ୍ଦୁଛି ବିସ୍ଥାପିତଙ୍କ ଜୀବନ!



ବଲାଙ୍ଗିର,୧।୬(ସଂଚାର ବ୍ୟୁରୋ)ଃ ଅପର ଲାନ୍ଥ ବିସ୍ଥାପିତ ଓ ଆଂଶିକ ବିସ୍ଥାପିତ ପାଞ୍ଚଟି ଗ୍ରାମବାସୀ ଆଡି ବନ୍ଧ କାମ ବନ୍ଦ କଲେ । ୧୮ ଦଫା ଦାବି ପୂରଣ ନ ହେବା ଯାଏ କାମ ସମ୍ପୂର୍ଣ୍ଣ ବନ୍ଦ ରହିବ ନେଇ ଅଞ୍ଚଳ ବାସୀ ଏକଜୁଟ । ସ୍ଥାନୀୟ ପୁଲିସ ତଥା ପ୍ରକଳ୍ପ ଅଧିକାରୀ ଆସି ଲୋକ ମାନଙ୍କୁ ମନାଇବାକୁ ଚେଷ୍ଟା ଜାରି ରଖିଥିବା ବେଳେ ଉଚ୍ଚ ପଦସ୍ଥ ଅଧିକାରୀ ଆସି ଆମକୁ ପ୍ରତିଶ୍ରୁତି ଦିଅନ୍ତୁ ନଚେତ୍ ଆନ୍ଦୋଳନରୁ ନାହିଁ ବୋଲି ଜିଦ୍‌ରେ ଅଟଳ ଅଛନ୍ତି ଗ୍ରାମବାସୀ । ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ୍ ଜାମ୍‌ଜୁରୀ ଗାଁରେ ଚାଲିଥିବା ବହୁ ପ୍ରତୀକ୍ଷିତ 'ଅପର ଲାନ୍ଥ ପ୍ରକଳ୍ପ'କୁ ନେଇ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ପ୍ରକଳ୍ପ ଦ୍ୱାରା ଅଞ୍ଚଳର ପ୍ରଗତି ହେବ ଏବଂ ଚାଷୀଙ୍କ ଭାଗ୍ୟ ଉଦୟ ହେବ ବୋଲି କୁହାଗଲା। ହେଲେ ବାସ୍ତବରେ ଭିଟାମାଟି ହରାଉଥିବା ଲୋକେ ଏବେ ଅତି ଅସହାୟ। ଉଚିତ୍ କ୍ଷତିପୂରଣ ଏବଂ ଥଇଥାନ ସହ ୧୮ ଦଫା ଦାବି ନେଇ ୫ଟି ଗାଁର ଶତାଧିକ ମହିଳା ଓ ପୁରୁଷ ଏକଜୁଟ୍ ହୋଇ ପ୍ରକଳ୍ପର ଆଡ଼ିବନ୍ଧ କାମକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ତ୍ରିପକ୍ଷ ଖରାରେ ବିସ୍ଥାପିତମାନେ ଜିଦ୍‌ରେ ଅଟଳ ଥିବା ବେଳେ ପ୍ରଶାସନର ମନେଇବା ପ୍ରୟାସ ଏପର୍ଯ୍ୟନ୍ତ ଫେଲ୍ ମାରିଛି । ବଲାଙ୍ଗୀର ଜିଲ୍ଲାର ଏହି ଚିତ୍ର ପ୍ରମାଣ କରୁଛି, ବିକାଶର ବଡ଼ ପ୍ରକଳ୍ପ ପଛରେ ଲୁଚି ରହିଥାଏ ବିସ୍ଥାପିତଙ୍କ ଲୁହ। ବେଲପଡ଼ା ବ୍ଲକ୍‌ର ଜାମ୍‌ଜୁରୀ ଗାଁ ରେ ହେଉଥିବା ଅପର ଲାନ୍ଥ ପ୍ରକଳ୍ପ ପାଇଁ ପଣ୍ଡକିମାଳ ଓ ଜାମ୍‌ଜୁରୀ ଗାଁ ସମ୍ପୂର୍ଣ୍ଣ ବିସ୍ଥାପିତ ହେଉଥିବା ବେଳେ, ଆଉ ୩ ଖଣ୍ଡ ଗାଁର ଲୋକ ଆଂଶିକ ବିସ୍ଥାପିତ ହେଉଛନ୍ତି। ଏପରିକି ଡୁମେରବାହାଲ ଗାଁରେ ଆଡ଼ିବନ୍ଧ ନିର୍ମାଣ ହେଉଥିଲେ ବି ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯାଇନାହିଁ। ତେଣୁ ଆଡ଼ିବନ୍ଧ କାମକୁ ସମ୍ପୂର୍ଣ୍ଣ ଠପ୍ କରିଦେଇଛନ୍ତି ଆନ୍ଦୋଳନକାରୀ।

## ସୋନପୁର -୬୫ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଘରକୁ ଘର ବୁଲି ପଞ୍ଜିକୃତ କଲେ



ସୁବର୍ଣ୍ଣପୁର,୧।୬(ସଂଚାର ବ୍ୟୁରୋ)ଃ ସୋନପୁର-୬୫ ନିର୍ବାଚନ ମଣ୍ଡଳୀର ନିର୍ବାଚକ ପଂଜୀକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ଡଃ ସୌମ୍ୟ ରୂପା ରଥ, ଗଣନା ଫର୍ମ (ଇଏଫ) ବଣ୍ଟନ ସହିତ ଜଡିତ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର)-୨୦୨୬ କାର୍ଯ୍ୟକଳାପ ଗୁଡ଼ିକ ବିଭିନ୍ନ ବୁଥ ଗୁଡ଼ିକ ବୁଲି ତଦାରଖ କରିଥିଲେ। କ୍ଷେତ୍ର ତଦାରଖ ଇଏଫ ବଣ୍ଟନର ପ୍ରଗତି ତଦାରଖ କରିବା, ନିର୍ଦ୍ଧାରିତ ପ୍ରକ୍ରିୟାର ପାଳନ ସୁନିଶ୍ଚିତ କରିବା ଏବଂ ଏସ୍‌ଆଇଆର କାର୍ଯ୍ୟକଳାପର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ନିର୍ବାଚନ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇଥିଲା। ଏହିପରି ତଦାରଖ ଭୋଟରଙ୍କ ନିକଟରେ ସମୟୋଚିତ ପହଞ୍ଚ ସୁନିଶ୍ଚିତ କରିବାରେ ସାହାଯ୍ୟ କରେ ଏବଂ ଏକ ସୁଗମ, ଅନ୍ତର୍ଭୁକ୍ତ ଏବଂ ସଠିକ୍ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସମର୍ଥନ କରେ। ଏହି କାର୍ଯ୍ୟକ୍ରମ ସମୟ ରେ ଯେପରି ସମସ୍ତ ବୁଥ ଏଜେଣ୍ଟ ଓ ସ୍ୱେଚ୍ଛାସେବୀ ଙ୍କୁ ସାମିଲ କରି କାର୍ଯ୍ୟକ୍ରମ ଆଗେଇ ନେବା ନିମନ୍ତେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ସୋନପୁର ନିର୍ବାଚନ ମଣ୍ଡଳୀର ମୋଟ ଭୋଟର ସଂଖ୍ୟା ୨, ୫୩, ୭୨୪ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୮୦୦୦ ରୁ ଉର୍ଦ୍ଧ୍ୱ ଇଏଫ ଫର୍ମ ବଣ୍ଟନ ସରିଲାଣି। ଏହି ତଦାରଖ କାର୍ଯ୍ୟ ସମୟରେ ନିଳାମ୍ବର ଶତପଥୀ, ବରିଷ୍ଠ ରାଜସ୍ୱ ସହାୟକ, ଦେୱାନ ପୁଟଲିଆ, କନିଷ୍ଠ ରାଜସ୍ୱ ସହାୟକ, ତ୍ରିଲୋଚନ ନାୟକ, ବୁଦ୍ଧଦେବ ସା, ଗୀତାଞ୍ଜଳି ଦରୁୱାନ, ବୁଥ ସ୍ତରୀୟ ନିରୀକ୍ଷକ ପ୍ରମୁଖ ସହାୟତା କରିଥିଲେ।

## ଜିଲ୍ଲା କୃଷକ ମୋର୍ଚ୍ଚା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ଭବାନୀପାଟଣା,୧।୬(ସଂଚାର ବ୍ୟୁରୋ)ଃ ଆଜି ସର୍କିଟ ହାଉସ, ଭବାନିପାଟଣା ରେ ଜିଲ୍ଲା କୃଷକ ମୋର୍ଚ୍ଚା ଭାରତୀୟ ଜନତା ପାର୍ଟି ପକ୍ଷ ରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ଭାରତୀୟ ଜନତା ପାର୍ଟିର କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଙ୍କ ଦୁଇଦିନିଆ କଳାହାଣ୍ଡି ଗସ୍ତ ରେ ଆସି ପହଞ୍ଚିବା ପରେ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଧର୍ମଗଡ ବିଧାୟକ ଶ୍ରୀ ସୁଧିର ରଞ୍ଜନ ପଟ୍ଟଯୋଶୀ, ଜିଲ୍ଲା ସଭାପତି ଶ୍ରୀ ଯୁଗଳ କିଶୋର ପୋଡ଼, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଶ୍ରୀ ସୁଧିର କୁମାର ମୁଣ୍ଡ, ସାଧାରଣ ସମ୍ପାଦକ ତଥା ବୃନ୍ଦବହାଲ ସରପଞ୍ଚ ମଣ୍ଟୁ ରାଉତ, ଜଗବନ୍ଧୁ ସାହୁ ଓ ଅନ୍ୟ ପଦାଧିକାରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ, ଜିଲ୍ଲା ରେ ମୋର୍ଚ୍ଚା ସଂଗଠନ କାର୍ଯ୍ୟ ର ସମୀକ୍ଷା କରିବା ସହିତ ସାମ୍ବାଦିକ ସମ୍ମିଳନୀ ରେ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ଦ୍ୱାରା ସମଗ୍ର କୃଷକ ଙ୍କ କଲ୍ୟାଣ ପାଇଁ ବିଭିନ୍ନ ପଦକ୍ଷପ ବିଷୟ ରେ ନିଜ ମତ ରଖିଥିଲେ ଓ କଳାହାଣ୍ଡି ଜିଲ୍ଲା ରେ ଧାନ ସଂଗ୍ରହ କୁ ତ୍ୱରାନ୍ୱିତ କରିବା ବିଷୟ କୁ ନେଇ ଜିଲ୍ଲାପାଳ ଙ୍କୁ ସାକ୍ଷାତ କରି ଜିଲ୍ଲା ର ସମସ୍ୟା ଉପରେ ଆଲୋଚନା କରିଥିବା ଓ ତାହାର ସମାଧାନ ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ସୂଚନା ପ୍ରଦାନ କରିଛନ୍ତି ରାଜ୍ୟ ସଭାପତି ସୁଧାଂଶୁ ପାଢ଼ୀ, ଏହି ସାମ୍ବାଦିକ ସମ୍ମିଳନୀ ରେ ଜିଲ୍ଲା ର ବରିଷ୍ଠ ନେତା କେଶରୀ ଦୁର୍ଗା, ପ୍ରାଣନାଥ ପଣ୍ଡା, ଜିଲ୍ଲା ମିଡ଼ିଆ ସଂଯୋଜକ ନରହରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଶିକ୍ଷକ ରାଜୀବ ପୂଜାରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



ମ.ରାମପୁର,୧।୬ (ସଂଚାର ବ୍ୟୁରୋ)ଃ ମ.ରାମପୁର ବ୍ଲକର ଡମ କର୍ଲାଖୁଣ୍ଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବରିଷ୍ଠ ଶିକ୍ଷକ ଶ୍ରୀ ରାଜୀବ ପୂଝାରୀ ଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ସାହୁ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନେକ ଶିକ୍ଷକ, ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ର ଏବଂ ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଅତିଥିମାନେ ଶ୍ରୀ ପୂଝାରୀ ଦୀର୍ଘ ୧୮ ବର୍ଷର ଶିକ୍ଷକତା ଜୀବନର ଅବଦାନ ବିଷୟରେ ଆଲୋକପାତ କରିଥିଲେ। ସେ ଜଣେ ନିଷ୍ଠାପର, କର୍ତ୍ତବ୍ୟନିଷ୍ଠ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ସର୍ବଦା ପରିଚିତ ଥିଲେ। ତାଙ୍କ ଶିକ୍ଷାଦାନ ଦ୍ୱାରା ଅନେକ ଛାତ୍ରଛାତ୍ରୀ ଆଜି ସମାଜରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଏହି ଅବସରରେ ତାଙ୍କୁ ଉପଢୌକନ, ମାନପତ୍ର ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

# ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ




ବଲାଙ୍ଗିର,୧।୬(ସଂଚାର ବ୍ୟୁରୋ)ଃ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ସାଧାରଣ ଲୋକମାନେ ନିଜ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ସିଧାସଳଖ ଭାବରେ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ। ଏଥିରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହିମାଂଶୁ ବେହେରା ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ଶୁଣିଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅଭିଯୋଗ ଗୁଡିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବଲାଙ୍ଗିରରେ ଜାରି ରହିଥିବା ପ୍ରଚଣ୍ଡ ଖରା ଓ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଏହି ସ୍ଥିତିକୁ ବିଚାର କରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜନଶୁଣାଣୀ ଶିବିରକୁ ଆସୁଥିବା ଅଭିଯୋଗକାରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଅନୁକୂଳ ପରିବେଶ ସୃଷ୍ଟି କରାଯାଇଛି। ସେମାନଙ୍କ ପାଇଁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଏବଂ ଦହି-ଚଳା ବଣ୍ଟନ ସହ ବସିବା ପାଇଁ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ କକ୍ଷର ସୁବ୍ୟବସ୍ଥା କରାଯାଇଛି। ଦୂରଦୂରାନ୍ତରୁ ଆସିଥିବା ଅଭିଯୋଗକାରୀଙ୍କୁ ଗ୍ରୀଷ୍ମ ଲହରୀରୁ ରକ୍ଷା କରିବା ପାଇଁ ପ୍ରଶାସନର ଏହି ଜନହିତକର ପଦକ୍ଷେପକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ଆଜିର ଶିବିରରେ ମୋଟ ୭୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା।

## କୃତୀ ଦିବ୍ୟାଙ୍ଗ ତୀରନ୍ଦାଜ ସୁଶ୍ରୀଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା




ବଲାଙ୍ଗୀର,୧।୬(ସଂଚାର ବ୍ୟୁରୋ)ଃ ବ୍ୟାଙ୍କକରେ ଆୟୋଜିତ ବିଶ୍ୱ ପାରା-ତୀରନ୍ଦାଜ ସିରିଜ୍-୨୦୨୬ରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ଦେଶ ଓ ଓଡ଼ିଶା ମାଟିକୁ ଗୌରବାନ୍ୱିତ କରିଥିବା ଆନ୍ତର୍ଜାତୀୟ କୀର୍ତ୍ତିସମ୍ପନ୍ନ କୃତୀ ଦିବ୍ୟାଙ୍ଗ ତୀରନ୍ଦାଜ ସୁଶ୍ରୀ ପାୟଲ୍ ନାଗଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ଏହି ବିଶେଷ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିଓ୍ୱାଜୀ ଇସଲଓ୍ୱାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତ୍ୟନ୍ତ ଗରିବ ପରିବାରରୁ ଆସିଥିବା ଏବଂ ଶୈଶବରେ ଏକ ଦୁର୍ଘଟଣାରେ ନିଜର ଦୁଇ ହାତ ଓ ଦୁଇ ଗୋଡ଼ ହରାଇଥିବା ସତ୍ତ୍ୱେ ପାୟଲ୍ ନିଜର ଅଦମ୍ୟ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ବଳରେ ବିଶ୍ୱ ମଞ୍ଚରେ ୧ ନମ୍ବର ଖେଳାଳିଙ୍କୁ ପରାସ୍ତ କରି ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାଙ୍କର ଏହି ଅସାଧାରଣ ସଫଳତା ସମଗ୍ର ଜିଲ୍ଲା ତଥା ରାଜ୍ୟ ପାଇଁ ଗର୍ବର ବିଷୟ ପାଲଟିଛି। ତାଙ୍କର ଏହି ପ୍ରତିଭାକୁ ପ୍ରଶଂସା କରି ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ବିଶ୍ୱ ଚାମ୍ପିୟନ ପାୟଲ୍‌ଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଥିଲେ।

## ବିକାଶ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା



ବୈଶିଙ୍ଗା,୧।୬ (ସଂଚାର ବ୍ୟୁରୋ)ଃ ବୈଶିଙ୍ଗା ଥାନା ଅନ୍ତର୍ଗତ ଆମ୍ବଗଡ଼ିଆ ବିକାଶ ପରିଷଦ, ମୟୂରଭଞ୍ଜ ପକ୍ଷରୁ ରବିବାର ଦିନ ରାଜ୍ୟ ସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା ବିକାଶ ପରିଷଦର ସଭାପତି ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଭଗବାନପୁର ବୈଠକ ବଙ୍ଗଳାରେ ଆୟୋଜିତ ହୋଇଯାଇଚି। ପଣ୍ଡିତ ଚକ୍ରଧର ଆଚାର୍ଯ୍ୟଙ୍କ ବେଦମନ୍ତ୍ର ପାଠରେ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ, ଧୂପ ଓ ପ୍ରଦୀପ ପ୍ରଜ୍ୱଳନ ଅତିଥି ମାନେ କରିଥିଲେ ପରେ ଶିକ୍ଷକ ଭିକାରୀ ଚରଣ ନାୟକଙ୍କ ଦ୍ୱାରା ଅତିଥି ମାନଙ୍କର ପରିଚୟ ପ୍ରଦାନ କରାଯାଇଥିଲା ଏବଂ ଭଗବାନପୁର ଗ୍ରାମର ପ୍ରତିଷ୍ଠାତା ସ୍ୱର୍ଗତ ଭଗବାନ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା ପରେ ବିକାଶ ପରିଷଦର ସଂପାଦକ କୁଳ ମହାନ୍ତଙ୍କ ଦ୍ୱାରା ଅଥିତିଙ୍କୁ ସମ୍ବର୍ଧନା ଜ୍ଞାପନ କରାଯାଇଥିଲା। ସଭାକାର୍ଯ୍ୟ ଆରମ୍ଭ ରେ ସ୍ୱାଗତ ନୃତ୍ୟ ସୁଶ୍ରୀ ସାଇଶ୍ରୀ ମହାପାତ୍ର, ତପସ୍ୱିନୀ ପତ୍ରୀ, ପ୍ରାନଭି କୁଣ୍ଡୁ, ଇପ୍ସା ମହାନ୍ତି ଓ ଶୁଭଶ୍ରୀ ମଲ୍ଲିକଙ୍କ ଦ୍ୱାରା ଉତ୍କଳ ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। ଏହି ରାଜ୍ୟ ସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ସି.ଆର୍, ସି.ସି ତଥା ଆଧ୍ୟାତ୍ମିକ ପ୍ରବକ୍ତା ବିରଞ୍ଚୀ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ରାଜ୍ୟ ସଭା ସାଂସଦ ଶ୍ରୀମତି ମମତା ମହାନ୍ତ ଯୋଗଦାନ ପୂର୍ବକ ଅନେକ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟବକ୍ତା ଭାବରେ ଯୁବ ସମାଜସେବୀ ଓ ପରିବେଶବିତ୍ ଡ଼ ରମାକାନ୍ତ ମହାନ୍ତ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ସହ ପରିବେଶର ଗୁରୁତ୍ୱ ସମ୍ପର୍କ ରେ କହିଥିଲେ।

## କଂଗ୍ରେସ ଓ ବିଜେଡିକୁ ଶକ୍ତ ଧକ୍କା, ୫୦ରୁ ଉର୍ଦ୍ଧ୍ୱ କର୍ମୀ ବିଜେପିରେ ସାମିଲ



ଭବାନୀପାଟଣା,୧।୬(ସଂଚାର ବ୍ୟୁରୋ)ଃ କଳାହାଣ୍ଡି ଜିଲ୍ଲାର ଥୁଆମୁଳ ରାମପୁର ବ୍ଲକରେ ରାଜନୈତିକ ସମୀକରଣ ବଦଳିବାରେ ଲାଗିଛି। ଦୀର୍ଘ ଦିନ ଧରି ଅବହେଳିତ ହୋଇ ରହିଥିବା ଦୁର୍ଗମ ପୋଡାପଦର ଅଞ୍ଚଳରୁ କଂଗ୍ରେସ ଓ ବିଜେଡିର ୫୦ରୁ ଉର୍ଦ୍ଧ୍ୱ ଛାମୁଆ କର୍ମୀ, ଆଦିବାସୀ ମୋର୍ଚ୍ଚା ଉପସଭାପତି ରମେଶ ମାଝୀ ଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟି (ବିଜେପି) ରେ ଯୋଗ ଦେଇଛନ୍ତି।ଭବାନୀପାଟଣା ସର୍କିଟ ହାଉସ୍‌ଠାରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ରାଜ୍ୟ ବିଜେପି ଆଦିବାସୀ ମୋର୍ଚ୍ଚା ଉପସଭାପତି ରମେଶ ମାଝୀ ଏବଂ ଥୁଆମୁଳ ରାମପୁର ବ୍ଲକ ଅଧ୍ୟକ୍ଷ ଦୟା ମାଝୀ, ଜିଲ୍ଲା ଅନୁସୁଚିତଜାତି ମୋର୍ଚ୍ଚା ସଭାପତି ବିଷ୍ଣୁ ନାଏକ ଙ୍କ ଉପସ୍ଥିତିରେ ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ।ମୁଖ୍ୟସ୍ରୋତରେ ସାମିଲ ହେବାର ଆଶା ପୋଡାପଦର ଅଞ୍ଚଳର ଏହି କର୍ମୀମାନେ ଦୀର୍ଘ ଦଶନ୍ଧି ଧରି ବିକାଶରୁ ବଞ୍ଚିତ ହୋଇ 'ଜଳବନ୍ଦୀ' ଜୀବନ କାଟୁଥିବା ଅଭିଯୋଗ କରିଛନ୍ତି। ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଅବହେଳିତ ହୋଇ ରହିଥିବା ଏହି ଅଞ୍ଚଳବାସୀ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବିଜେପିରେ ସାମିଲ ହୋଇଥିବା କହିଛନ୍ତି। ଏହି ମିଶ୍ରଣ ଫଳରେ ଆଗାମୀ ଦିନରେ ଉକ୍ତ ଅଞ୍ଚଳରେ ବିଜେପି ସଂଗଠନ ଆହୁରି ମଜବୁତ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ଟେଲିଫୋନ ଏକ୍ସଚେଞ୍ଜରୁ ବ୍ୟାଟେରୀ ଚୋରି

ଭଞ୍ଜନଗର,୧।୬(ସଂଚାର ବ୍ୟୁରୋ)ଃ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ କୁଲାଡ ଟେଲିଫୋନ ଏକ୍ସଚେଞ୍ଜରୁ ଗତ ଶୁକ୍ରବାର ମୂଲ୍ୟବାନ ସବୁ ବ୍ୟାଟେରୀ ଚୋରି ହୋଇଯାଇଛି । ଏହାପୂର୍ବରୁ ଏହି ଥାନା ଅଞ୍ଚଳର ଆଉ ଦୁଇଟି ଏକ୍ସଚେଞ୍ଜରୁ ମଧ୍ୟ ବ୍ୟାଟେରୀ ଚୋରି ହୋଇଛି। ବ୍ୟାଟେରୀ ଚୋରି କରିଥିବା ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୁରାକ ପାଇ ପାରୁନାହିଁ। ଅନ୍ୟପଟେ ବ୍ୟାଟେରୀ ଚୋରି ଯୋଗୁ ପାଓ୍ୱାର କଟ ସମୟରେ ହଜାର ହଜାର ଉପଭୋକ୍ତା ସେବା ପାଇ ନ ପାରି ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ଲୋକେ ରାଜରାସ୍ତାକୁ ଓହ୍ଲାଇବା ସମ୍ଭାବନା ରହିଛି।

## ଉତ୍କଳ ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ



ଧାମନଗର,୧।୬ (ସଂଚାର ବ୍ୟୁରୋ)ଃ ଉତ୍କଳ ସାମ୍ବାଦିକ ସଂଘ ଧାମନଗର ତରଫରୁ ବ୍ଲକସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଯାଇଛି। ରବିବାର ସନ୍ଧ୍ୟାରେ ଧାମନଗର ଜଳସେଚନ ଡାକ ବଙ୍ଗଳା ପରିସରରେ ବ୍ଲକ ସଭାପତି ସୁଶାନ୍ତ କୁମାର ରାଉତଙ୍କ ସଭାପତିତ୍ୱରେ ସମ୍ପାଦକ ବିବେକାନନ୍ଦ ପଣ୍ଡା ବାର୍ଷିକ ବିବରଣୀ ପାଠ ପ୍ରଦାନ କରିଥିଲେ। ଏହି ବୈଠକରେ ଜିଲ୍ଲା ସଭାପତି ରବିନାରାୟଣ ଖିଲାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା, ସାମ୍ବାଦିକ ପ୍ରଦୀପ ମହାପାତ୍ର, ଦୀପ୍ତି ରଞ୍ଜନ ନାୟକ, ସେକ ଜାଫର ଅଲ୍ଲୀ, ଦୁର୍ଗାପ୍ରସାଦ ମହାପାତ୍ର, ଦୀନକୃଷ୍ଣ ମହାପାତ୍ର, ସିଦ୍ଧାର୍ଥ ଶଙ୍କର ମିଶ୍ର, ଦେବାଶିଷ ରଥ, ସନ୍ତୋଷ କୁମାର ସାହୁ, ସନ୍ତୋଷ ଦାସ ପ୍ରଦ୍ୟୁମ୍ନ ନାୟକ, ମାନସ ପରିଡା, ପ୍ରକାଶ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଉତ୍କଳ ସାମ୍ବାଦିକ ରାଜ୍ୟର ସର୍ବ ପୁରାତନ ସଂଘ ହୋଇଥିବାରୁ ଏହାର ନେତୃତ୍ୱ ନେଉଥବା ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ କାର୍ଯ୍ୟକୁ ପ୍ରଥମେ ସ୍ୱାଗତ କରାଯାଇଥିଲା। ପରେ ଜୁନ ମାସ ଦିତୀୟ ସପ୍ତାହରେ ଭଦ୍ରକ ଠାରେ ହେବାକୁ ଥିବା ସଂଘର ରାଜ୍ୟ ସମ୍ମିଳନୀ କେମିତି ସଫଳ ସହ ବ୍ୟାପକ ହେବ ସେଦିଗରେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଶେଷରେ ସଦସ୍ୟ ସେକ୍ ଜାଫର ଅଲ୍ଲୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବାଲିଖମାର ଗ୍ରାମରେ ଯୁଗ୍ମ ଅଭିଯୋଗ ଶୁଣାଣି

ସୁବର୍ଣ୍ଣପୁର,୧।୬(ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକର ବାଲିଖମାର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୪୮ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥିମଧ୍ୟରୁ ୨୯ ଗୋଟି ବ୍ୟକ୍ତିଗତ ଏବଂ ୧୯ ଗୋଟି ସାମୂହିକ ଦରଖାସ୍ତ ଥିଲା। ଅନ୍ୟାନ୍ୟ ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ତରଭା ତହସିଲଦାର ସୁଶ୍ରୀ ଶ୍ୱେତାଲିନା ମାହାନା ଓ ସରପଞ୍ଚ ସୁଦାମ ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତରଭା ଶିବାନନ୍ଦ କର୍ମୀଙ୍କ ଦ୍ୱାରା ଆୟୋଜିତ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣୀ ଦାସ, ସହକାରୀ କଲେକ୍ଟର (ଅଭିଯୋଗ) ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଦ୍ୟୁତ ଓ ପାନୀୟ ଜଳ ସମସ୍ୟାକୁ ନେଇ ରାସ୍ତା ଅବରୋଧ କଲେ ମହିଳା



ଲାଞ୍ଜିଗଡ଼,୧।୬(ସଂଚାର ବ୍ୟୁରୋ)ଃ ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ହରିହରପୁର ଗ୍ରାମର ହରିଜନ ପଡାରେ ଜଳସଙ୍କଟ ଦେଖାଦେଇଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ୪୫ ଡିଗ୍ରୀ ତାପମାତ୍ରା ରହୁଥିବା ବେଳେ ପାଣିସମସ୍ୟା ହନ୍ତସନ୍ତ କରୁଛି ପଡ଼ାବାସୀଙ୍କୁ।ପଡ଼ାର ମହିଳା ମାନେ ବିଦ୍ୟୁତ ଓ ପାନୀୟ ଜଳ ସମସ୍ୟାକୁ ନେଇ ସୋମବାର ବିଶ୍ୱନାଥପୁର ଠାରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ମୂଖ୍ୟ ରାସ୍ତାରେ ହାଣ୍ଡି, ଗରା, ବାଲ୍ଟି, ମାଠିଆ ଧରି ରାସ୍ତା ଅବରୋଧ କରିଥିଲେ।ଯାହା ଫଳରେ ମୁଖ୍ୟ ରାସ୍ତାରେ ପ୍ରାୟ ୩ଘଣ୍ଟା କାଳ ଯାତାୟାତ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଥିଲା।ଖବର ପାଇ ଚମ୍ପାଦେଇପୁର ପଞ୍ଚାୟତ ସରପଞ୍ଚ ନରେନ୍ଦ୍ର ମାଝୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଣେଶ ସାହୁ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ସୂଚନା ଅନୁସାରେ ଚମ୍ପାଦେଇପୁର ପଞ୍ଚାୟତ ଅଧୀନରେ ଥିବା ହରିହରପୁର ଗ୍ରାମରେ ତିନିଗୋଟି ପଡ଼ାରେ ୧୪୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ହରିଜନ ପଡ଼ାରେ ୪୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ହରିହରପୁର ଗ୍ରାମରେ ଆଜିକୁ ୪ଦିନ ହେଲା ବିଦ୍ୟୁତ ନଥିବା ହେତୁ ପାନୀୟ ଜଳ ସମସ୍ୟା ଦେଖା ଦେଇଥିବା ବେଳେ ପାଣି ଦୋକାନରୁ କିଣି ପିଉଥିବା କହୁଛନ୍ତି ପଡ଼ାବାସୀ। ପଡ଼ାରେ ଦୁଇଟି ନଳକୂପ ରହିଥିବା ବେଳେ ଗ୍ରୀଷ୍ମ ଋତୁରେ ପାଣି ନିଅଣ୍ଟ ହେଉଥିବା ବେଳେ ଦୁଇମାସ ହେବ ଅଚଳ ହୋଇ ପଡ଼ିଛି। ପଞ୍ଚାୟତ ପକ୍ଷରୁ ପାଣି ଟ୍ୟାଙ୍କର ଦ୍ୱାରା ଜଳ ଯୋଗାଣ ପାଇଁ ବ୍ୟବସ୍ଥା ରହିଥିଲେ ମଧ୍ୟ ତାହାର ବ୍ୟବସ୍ଥା କରାଯାଇନଥିବା ଯୋଗୁଁ ପଡ଼ାରେ ଘୋର ଜଳ ସଙ୍କଟ ଦେଖା ଦେଇଛି। ପଞ୍ଚାୟତ ଠାରୁ ବ୍ଲକ୍ ପର୍ଯ୍ୟନ୍ତ ଯାଇ ବାରମ୍ବାର ଗୁହାରୀ ଜଣାଇବା ସତ୍ତ୍ୱେ ଏହାକୁ ନେଇ ବିଭିନ୍ନ ତ୍ରୁଟି ଦେଖାଉଛନ୍ତି। ବିଦ୍ୟୁତ ବିଭାଗ କିମ୍ବା ପଞ୍ଚାୟତ ଓ ବ୍ଲକର କୌଣସି ଅଧିକାରୀ ଅଭିଯୋଗ ପାଇଁ ଫୋନ କଲେ ଫୋନ କଲ ଗ୍ରହଣ କରୁନାହାନ୍ତି।

### ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା ବୈଠକ ଏକ ପ୍ରହସନ

## ବିନା ବିକଳ୍ପ ବ୍ୟବସ୍ଥାରେ ବନ୍ଧକଟାର ପାଣି ନିଷ୍କାସନ ହେଲା କାହିଁକି- ନରସିଂହ



ବଲାଙ୍ଗିର,୧।୬(ସଂଚାର ବ୍ୟୁରୋ)ଃ ନିକଟରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକ ଜିଲ୍ଲାର ସ୍ୱାର୍ଥ ଦୃଷ୍ଟିରୁ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହି ବୈଠକ ରେ ଜିଲ୍ଲାବାସୀ ପ୍ରାକୃତିକ ବିପର୍ଯ୍ୟୟ ରୁ କିପରି ଠିକ୍ ଠିକ୍ ରକ୍ଷା ପାଇପାରିବେ ସେହିପରି ନିଷ୍ପତ୍ତି ହୋଇଥାଏ। କିନ୍ତୁ ଦେଖାଯାଉଛି ଜିଲ୍ଲାର ଲୋକଙ୍କର ପକ୍ଷ ଯେଉଁମାନେ ରଖିବା କଥା ସେମାନେ ବୈଠକରେ କ୍ରମାଗତ ଅନୁପସ୍ଥିତ ରହୁଛନ୍ତି। ଜିଲ୍ଲାର ବିଧାୟକ ତଥା ରାଜ୍ୟସରକାର ରେ ମନ୍ତ୍ରୀ ଥିବା ଜନପ୍ରତିନିଧିମାନେ ଏହି ବୈଠକମାନଙ୍କୁ ବହୁତ ଗୌଣ ମନେ କରି ନିଜ ନିଜର ପ୍ରତିନିଧିମାନଙ୍କୁ ପଠାଉଛନ୍ତି। ଯେଉଁମାନେ କି କେବଳ ଚୁପ ରହି ଅଧିକାରୀମାନଙ୍କର କଥା ଶୁଣୁଛନ୍ତି। ଏଥିରେ ଜିଲ୍ଲା ବାସୀ ଭୋଗୁଥିବା ପ୍ରାକୃତିକ ବିପର୍ଯ୍ୟୟ ରୁ କେମିତି ରକ୍ଷା ପାଇପାରିବେ। ତେଣୁ ଦୁଇ ଦିନ ତଳେ ଅନୁଷ୍ଠିତ ହୋଇଥିବା ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା ବୈଠକ ସାଧାରଣରେ ଏକ ପ୍ରହସନ ପାଲଟି ଗଲାଣି ବୋଲି ଆଜି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ପ୍ରେସ ବିବୃତି ମାଧ୍ୟମରେ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଏହି ମର୍ମରେ କହିଛନ୍ତି ଯେ ଲୋକେ ଭୋଟ ଦେଇ ବିଧାୟକ, ସାଂସଦ କରିଛନ୍ତି କିନ୍ତୁ ଦୁଃଖର କଥା ଲୋକଙ୍କ ସ୍ୱାର୍ଥ ସମ୍ବନ୍ଧରେ ଅନୁଷ୍ଠିତ କୌଣସି ବୈଠକରେ ଏମାନେ ଯୋଗ ଦେଉନାହାନ୍ତି। ତେବେ ଲୋକଙ୍କ ସ୍ୱର ଅଧିକାରୀ କିମ୍ବା ସରକାରଙ୍କ ପାଖକୁ କେମିତି ପହଞ୍ଚିବ ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ପ୍ରାକୃତିକ ବିପର୍ଯ୍ୟୟ ଅର୍ଥ ନୁହେଁ କେବଳ ବର୍ଷା, ବାତ୍ୟା କିମ୍ବା ବନ୍ୟା। ଆମ ଅଧିକାରୀ ତଥା ଜନ ପ୍ରତିନିଧି ଭୁଲି ଯାଉଛନ୍ତି ଯେ ଆମ ଅଞ୍ଚଳ ରେ ନିଶ୍ଚିତ ଜଳସେଚନ ଅତି ନଗନ୍ୟ। ଏ ବର୍ଷ ପୁଣି ଏଲ୍‌ନିନୋ ର ପ୍ରଭାବ ରୁ ସ୍ୱଳ୍ପ ବୃଷ୍ଟି ର ଆଶଂକା ପାଣିପାଗ ବିଭାଗ ଆଗରୁ ସତର୍କ କରିଦେଇଛି।